ମାଟିର ତୋଷାକ

ଶ୍ରୀ [illegible] ନାୟକ

Digitized by srujanika@gmail.com

ମାଟିର କୋଣାର୍କ

ଶ୍ରୀ ସୋମନାଥ ନାୟକ

Digitized by srujanika@gmail.com

ରଶ୍ମି ସାହିତ୍ୟ ମନ୍ଦିର
ପ୍ରକାଶକ
ଶ୍ରୀ ସୋମନାଥ ନାୟକ
ଯାମସେଦପୁର

ଲେଖକଙ୍କର ପ୍ରଥମ ଅବଦାନ—**ରକ୍ତଟିକା** (ଉପନ୍ୟାସ)
,, ୨ୟ ଅବଦାନ—**ମହାସତୀ ବୃନ୍ଦା** (ନାଟକ)
,, ୩ୟ ଅବଦାନ—**ଝଡ଼ର ସ୍ୱାକ୍ଷର** (ଉପନ୍ୟାସ)
,, ୪ର୍ଥ ଅବଦାନ—**ମାଟିର କୋଣାର୍କ** (ଉପନ୍ୟାସ)

ପ୍ରଥମ ସଂସ୍କରଣ—ଏକହଜାର
ଲେଖକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ
୧୯୫୬

ମୂଲ୍ୟ—ଏକଟଙ୍କା ଆଠଅଣା ମାତ୍ର

Digitized by srujanika@gmail.com

ନଜକଥା

କଲ୍ୟାଣୀୟ ସଂଗ୍ରାମ,

ସାହିତ୍ୟ ବିଷୟରେ ତୁମେ ଯେଉଁ କେତୋଟି ପ୍ରଶ୍ନକର ପଠାଇଛ ସେ ଅମ "ସମାଜ ତାଈରେ ସମାଜତନ୍ତ୍ର ବିକ୍ଷ" ଗଠନର ଅର୍ଥ ବୁଝି ନ ବୁଝିଲା ପରି ଜଟିଳ । ତଥାପି ମୁଁ ଉତ୍ତର ଦେବାକୁ ଚେଷ୍ଟା କରୁଛି । ତୁମେ ଯଦି ତା ଭିତରୁ କିଛି ଖୋଜି ପାଅ ତେବେ ଭଲ ।

ତୁମ ପ୍ରଥମ ପ୍ରଶ୍ନ—"ଅପଣଙ୍କ ବହିର ସମ୍ୟକ ସମାଲୋଚନା ହୋଇନାହିଁ କାହିଁକି ?" ମୁଁ ଏ ପ୍ରଶ୍ନର କି ଉତ୍ତର ତୁମଙ୍କୁ ଦେବି ? ସେଇଟା ସମାଲୋଚକଙ୍କ ଉପରେ ନିର୍ଭର କରେ । ମାତ୍ର ମୁଁ ତୁମକୁ ଏତିକି କହିବି—ପ୍ରତିଭାଶାଳୀ ସମାଲୋଚକ ଅମଦେଶରେ ଖୁବ ବିରଳ । ବେଳେ ବେଳେ ଯେଉଁ କେତୋଟି ସମାଲୋଚନା ଦେଖିବାକୁ ମିଳେ ସେ ସବୁ ଚଳୁଳି ନଖାଇ ବିଦ ଗଣିଲା ପରି । ତଥାପି (ଅଗ ବହି ବାଦ ଦେଇ) ଦୁଇଖଣ୍ଡି କରି ଅଠଖଣ୍ଡି ବହି (ଝଡ଼ର ସ୍ୱାକ୍ଷର) ସମାଲୋଚନା ପାଇଁ ଗୃହେଷଟି ପୀଠକୁ ପଠାଇଥିଲି । କିନ୍ତୁ କହିପାରିବି ନାହିଁ ସେ ବହିଟି କାହିଁକି ସମାଲୋଚିତ ହେଲା ନାହିଁ । ସେ ଯାହାହେଉ ମୁଁ ସେଥିପାଇଁ ଦୁଃଖିତ ନୁହେ । ତୁମେ ବୋଧହୁଏ ପଢ଼ିଥିବ ଥରେ ଷ୍ଟକହୋମରେ Dagneyର ସଂପାଦିକା ବ୍ୟାରନେସ୍‌ଙ୍କ ସହିତ ଲେଖିକା ମିସ୍ ଲ୍ୟାଗାର୍‌ଲଫ୍ ତାଙ୍କ ରଚିତ ସନେଟ୍ ବିଷୟରେ ଚର୍ଚ୍ଚା କରୁ କରୁ ବ୍ୟାରନେସ୍‌ଙ୍କୁ କୃତଜ୍ଞତା ଜଣାଇ ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ—"ମୋ ଲେଖା ପଢ଼ି ଅପଣ ଯେତେଦିନ ଖୁସି ହେଉଥିବେ ସେତେଦିନ ଯାଏ ଅନ୍ୟ ସମାଲୋଚନାର କୌଣସି

Digitized by srujanika@gmail.com

ମୂଲ୍ୟ ମୋ ପାଖରେ ନାହିଁ...।" ସେହିପରି ଶିକ୍ଷିତ ପାଠକ ମହଲ ମୋ ବହି ପଢ଼ି ଯେତେଦିନ ସନ୍ତୁଷ୍ଟ ରହିବେ ସେହି ହେବ ମୋ ସୃଷ୍ଟିର ଚରମ ସାର୍ଥକତା ।

ତୁମ ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦେବା ମୋ ପକ୍ଷରେ ସମ୍ଭବ ନୁହେଁ । ତାର ଉତ୍ତର ଓଡ଼ିଶାର କୌଣସି ପ୍ରତିଭାବାନ ସାହିତ୍ୟିକ ଦେଇ ପାରନ୍ତି । "ଆଧୁନିକ ସାହିତ୍ୟର ଦିଗଦର୍ଶନ" କମ ବଡ଼ ବିଷୟ ନୁହେଁ । ଏ ବିଷୟରେ ଭଲଭାବରେ ଗବେଷଣା ନକରି ଅନ୍ୟାନ୍ୟ ଲେଖକଙ୍କର ଲେଖାମାନଙ୍କରୁ ଗୁଡ଼ିଏ ଉଦ୍ଧୃତ ସଂଗ୍ରହ କରି ଆଣି ସାହିତ୍ୟ ସଭାରେ ଗାଇଗଲେ "ଯାହା ଦେଖିଲି ତାହା କହିଲି" ହେବ । କିନ୍ତୁ ସାହିତ୍ୟର ଦିଗ ଦର୍ଶନ କରେଇ ହେବନାହିଁ । ଥରେ ଜଣେ ସାହିତ୍ୟିକ-ଅଧ୍ୟାପକ ଏଠାରେ ଏକ ସାହିତ୍ୟ ସଭାରେ ଆଧୁନିକ ସାହିତ୍ୟର ଦିଗଦର୍ଶନ କରାଇବାକୁ ଯାଇ ବହୁ ସାହିତ୍ୟିକଙ୍କର ନାନା କଥା ଆଣି ଅସ୍ଥାନରେ ପରିବେଷଣ କରି ଶ୍ରୋତାମାନଙ୍କୁ ଏପରି ବ୍ୟତିବ୍ୟସ୍ତ କରିଥିଲେ ଯେ ଶ୍ରୋତାମାନେ ସାହିତ୍ୟର ଦିଗଦର୍ଶନ ଛାଡ଼ି ସଭାସ୍ଥଳରେ ଭୌଗଳିକ ଦିଗ ଖୋଜିଥିଲେ ।

ଓଡ଼ିଆ ସାହିତ୍ୟକୁ କେତୋଟି ଯୁଗ-ଭାଗରେ ବାଣ୍ଟି କୁଣ୍ଟି ଅଧ୍ୟାପକ ମହାଶୟ ଯେତେବେଳେ ପଞ୍ଚଶଖା ଯୁଗରୁ (ଓଡ଼ିଆ ସାହିତ୍ୟର 'ଯୁଗ' ଆରମ୍ଭ କେଉଁଠାରୁ ତାହା ପଣ୍ଡିତମାନଙ୍କ ବିଚାର୍ଯ୍ୟ) ଅଭିଯାନ ଚଳେଇଲେ, ଭାବିଲି—"ପଞ୍ଚଶଖାଙ୍କର ଅଁଳା, ପିଅଳା, ଶିଶୁମୁନା ନାଡ଼ି ଭିତରେ ରୁଷିଆର ଖ୍ୟାତନାମା ସର୍ଜ୍ଜନ ଡାକ୍ତର ରଡ଼ମିର ଡେମିକୋଭଙ୍କ ପରି କିଛି ଗୋଟାଏ ନୂତନ ସରଞ୍ଜାର ଚଳେଇ ଓଡ଼ିଆ ସାହିତ୍ୟିକଙ୍କ ଅନ୍ତ୍ରବୁଜୁଳା ଭିତରେ

Digitized by srujanika@gmail.com

କ୍ଷିପ୍ର-ରକ୍ତ-ପ୍ରବାହୀ ନାଡ଼ି କାଟି ଥୋଇବେ କିମ୍ବା ଓଡ଼ିଆ ସାହିତ୍ୟର ପୋଷ୍ଟମର୍ଟମ୍ କରି ତା ଆତ୍ମହତ୍ୟାର କାରଣ ଦେଖାଇବେ ଅଥବା ସେ ଯୁଗର ଗୌଡ଼ୀୟ ବୈଷ୍ଣବ ଗ୍ରନ୍ଥରେ ଚଳେଇ ହୋଇଥିବା ଓଡ଼ିଶୀ ବୈଷ୍ଣବଙ୍କର କୃଷ୍ଣ ଗୋପାଙ୍ଗନାଙ୍କ ପ୍ରେମ ଯୁଅର ବୁଝାଇବେ...।" କିନ୍ତୁ ସେ ମହାଶୟ 'ପଞ୍ଚସଖାଯୁଗ' ନାମ ମାତ୍ର ଉଚ୍ଚାରଣ କରି ସିଧା ଆସି ପହଞ୍ଚିଲେ "ରାଧାନାଥ ଯୁଗ"ରେ ଯେଉଁ ଯୁଗର କଷଟି ପଥର ଦେହରେ ଭଞ୍ଜଯୁଗ, ସତ୍ୟବାଦୀଯୁଗ, ସବୁଜସାହିତ୍ୟ ଯୁଗ ଏବଂ ଯୁଗହୀନ ସାହିତ୍ୟିକ ଫକୀରମୋହନ ଗଙ୍ଗାଧର, ନନ୍ଦକିଶୋରଙ୍କୁ ଘଷିମାଜି ପରୀକ୍ଷା ନିରୀକ୍ଷା କରିଗଲେ । କିନ୍ତୁ ସେ ପରୀକ୍ଷାରୁ ଅଧ୍ୟାପକ ମହାଶୟ କି ତୁଳନାତ୍ମକ ଭଲଭେଲ ଦେଖିଲେ ତାହା ଶୁଣାଇଲେ ନାହିଁ । କେବଳ ଚିଲିକାଠାରୁ ଆରମ୍ଭକରି କୌଶଲ୍ୟାଗଙ୍ଗ ପର୍ଯ୍ୟନ୍ତ ବହୁ ଲଳିତ ଛନ୍ଦ ଆବୃତ୍ତି କରିଗଲେ । କହିବାକୁ ଗଲେ "ଆଧୁନିକ ସାହିତ୍ୟର ଦିଗଦର୍ଶନ" ପାଇଁ ରାଧାନାଥ ଯୁଗକୁ ସେ ମହାଶୟ ବଣୀଖଣ୍ଡ ଧରି ନେଇଥିଲେ । କିନ୍ତୁ ଏହା ସତ୍ତ୍ୱେ ରାଧାନାଥ ସାହିତ୍ୟ ପୂର୍ବବର୍ତ୍ତୀ ସାହିତ୍ୟ ଅପେକ୍ଷା କେଉଁ ମହାତ୍ମ୍ୟରେ ମହାନ ଏବଂ ପରବର୍ତ୍ତୀ ସାହିତ୍ୟ ଉପରେ କି ଅପରିହାର୍ଯ୍ୟ ପ୍ରଭାବ ପକାଉଛି ଏବଂ ନିଜଯୁଗ ସାହିତ୍ୟକୁ କିପରି ମାର୍ଜିତ କରିଛି ଏସବୁ ତଥ୍ୟ ଜାଣିବାରୁ ଅଧ୍ୟାପକ ଆପଣେ ଆମଙ୍କୁ ବଞ୍ଚିତ କରି ପୁଣି ଖସି ଆସିଲେ 'ସବୁଜଯୁଗ'କୁ ଯେଉଁ ଯୁଗର ଓଡ଼ିଆ ସାହିତ୍ୟ କୁଞ୍ଜରେ କାଳନ୍ଦିଚରଣ, ହରିଶ୍ଚନ୍ଦ୍ର, ଅନ୍ନଦାଶଙ୍କର ବଙ୍ଗକୁସୁମ ସମ ଫୁଟି ଉଠିଥିଲେ !! କିନ୍ତୁ ସେ କୁସୁମ ଗୁଡ଼ିକ ଓଡ଼ିଆ ବାଣୀ ମନ୍ଦିରକୁ ସୌରଭିତ କରିଥିଲା କିମ୍ବା ଅକାଳ ପତନ ଲାଭ କରିଥିଲା ସେ ସବୁ କିଛି ନ ଦେଖାଇ ବକ୍ତା ମହାଶୟ ସବୁଜ ଯୁଗର ଜନୈକ

Digitized by srujanika@gmail.com

ସାହିତ୍ୟ ରଥୀ ଶ୍ରୀ କାଳିନ୍ଦୀଚରଣଙ୍କ ଉପନ୍ୟାସ ଗୁଡ଼ିକର ବଗୃବ କରି ବସିଲେ । ତାଙ୍କ ମତରେ ଶ୍ରୀ କାଳିନ୍ଦୀଚରଣଙ୍କ ଉପନ୍ୟାସ ଆଦର୍ଶ, ବାସ୍ତବ । ସେଥିରେ ଓଡ଼ିଆ ସମାଜରେ ମଣିଷର ବଞ୍ଚିବା, ହସିବା, କାନ୍ଦିବା, ବାଟଭୁଲିବା. ଦିଗଦର୍ଶନ କରିବା, ଜୀବନ ଯୁଦ୍ଧ ଚଳାଇବା ଇତ୍ୟାଦିର ସମସ୍ତ ତତ୍ତ୍ୱ ନିହିତ । ତେଣୁ ବକ୍ତା ମହାଶୟ ମୁକ୍ତ କଣ୍ଠରେ ଘୋଷଣା କଲେ—"ଚଳନ୍ତି ଯୁଗର ଅନ୍ୟସବୁ ଉପନ୍ୟାସ ଗୁଡ଼ିକୁ ସାହିତ୍ୟ ତଳେ ନିଆଯାଇ ନପାରେ ।" [ଅବଶ୍ୟ ଔପନ୍ୟାସିକ କାହ୍ନୁବାବୁଙ୍କୁ ବକ୍ତା ମହାଶୟ ତାଙ୍କ ଉଦାର ସ୍ୱୀକୃତି ଦେଇଛନ୍ତି] କିନ୍ତୁ ଦୃପ୍ତ ଘୋଷଣା ସଙ୍ଗେ ଅଧ୍ୟାପକ ମହାଶୟ କାଳିନ୍ଦୀବାବୁ ଏବଂ କାହ୍ନୁବାବୁଙ୍କୁ ଛାଡ଼ି ଓଡ଼ିଶାର ଅନ୍ୟାନ୍ୟ ଔପନ୍ୟାସିକମାନଙ୍କୁ ସାହିତ୍ୟିକ ହେବାପାଇଁ ଆଧୁନିକ ସାହିତ୍ୟର ଦିଗଦର୍ଶନ କରେଇ ଦେଇଥାନ୍ତେ ତେବେ ଓଡ଼ିଶାର ଅସାହିତ୍ୟିକ-- ଔପନ୍ୟାସିକ ଗୁଡ଼ିକ ଦିଗଦ୍ରଷ୍ଟା ଅଧ୍ୟାପକଙ୍କ ପାଖେ ଚିରକୃତଜ୍ଞ ରହିଥାନ୍ତେ । ମାତ୍ର ତାହା ନକରି ହଠାତ୍ ମୁହଁ ଫେରେଇ ନେଲେ ପାଶ୍ଚାତ୍ୟ ସାହିତ୍ୟିକଙ୍କ ପାଖକୁ । ମିଲ୍‌ଟନ୍ କିପରି ବିଶ୍ୱସାହିତ୍ୟକୁ ଅମିତ୍ରାକ୍ଷର ଛନ୍ଦ ଦାନ କଲେ, କିଟ୍‌ସ୍ କିପରି ନିଜର କବିତ୍ୱ ପ୍ରତିଭାରେ ବିଶ୍ୱକୁ ଚମତ୍କୃତ କରିଥିଲେ, ଗୋଲ୍‌ଡସ୍ମିଥ୍ କିପରି 'ଆଇ କନସିଭ୍' 'ଆଇ କନସିଭ୍' ହୋଇ-ଥିଲେ ଇତ୍ୟାଦିର ଲମ୍ବା ଭୂମିକା ଦେଇ ଶେଷରେ ନାକ ଛିଟିକାଇ କହିଲେ—"ଆମ ଓଡ଼ିଆ ଲେଖକ ମାନେ ବଡ଼ ବଡ଼ ଲେଖକଙ୍କର ବହି ନପଢି କଲମ ଧରନ୍ତି...।" କିନ୍ତୁ ମୁଁ ବୁଝିପାରିଲି ନାହିଁ ଓଡ଼ିଆ ଲେଖକମାନଙ୍କୁ ଏପରି ଭାବରେ ଅଣ୍ଡର ଏଷ୍ଟିମେଟ୍ କରି ଦେଖାଇବାରେ ଦୁଃସାହାସ ଅଧ୍ୟାପକ ମହାଶୟଙ୍କର କେଉଁଠାରୁ ହେଲା । ସେତିକିରେ ମଧ୍ୟ ଶାନ୍ତ ନହୋଇ ସେ ଓଡ଼ିଆ

Digitized by srujanika@gmail.com

ଉପଦେଶ ଦେଇ କହିଛନ୍ତି—"ସାହିତ୍ୟରେ ରାଜନୀତିର ସ୍ଥାନ ନାହିଁ । ଆମ ଲେଖକମାନେ ଏଥିପ୍ରତି ଯେପରି ଉପଯୁକ୍ତ ଧ୍ୟାନ ଦିଅନ୍ତି ।" ଏ ଯୁଗରେ ଜଣେ ଅଧ୍ୟାପକ "ସାହିତ୍ୟରେ ରାଜନୀତିର ସ୍ଥାନ ନାହିଁ" ବୋଲି ସାହିତ୍ୟ ସଭାରେ କହିପାରନ୍ତି ଏ ଧାରଣା ମୋର ନଥିଲା । ମୋର ମନେହୁଏ ଅଧ୍ୟାପକ ମହାଶୟ ଫରାସୀ ଲେଖକ ଆଦ୍ରେଙ୍କ "ବ୍ୟାକ୍ ଫ୍ରମ ଇଉ. ଏସ. ଏସ. ଆର." କିମ୍ବା ହଙ୍ଗେରୀ ଉପରେ ଚୂଡ଼ାନ୍ତ କଟାରିତା ଚାଲିବା ଦେଖି ରୁଷିଆର ସଂପର୍କ ତୁଟାଇ ଫେରି ଆସିଥିବା ଫରାସୀର ବିଖ୍ୟାତ ଦାର୍ଶନିକ ଓ ସାହିତ୍ୟିକ ମଁସିୟେ ସାର୍ତ୍ତ୍ରିଙ୍କ "ଡାଟିହ୍ୱାଣ୍ଡ୍" ବହି ଦୁଇଖଣ୍ଡି ଦେଖିଥିବେ କିମ୍ବା ଚୈନିକ ସାହିତ୍ୟିକ ଲୁଓଶେ, ସୋଭିଏଟ ସାହିତ୍ୟିକ ସମ୍ମିଳନୀରେ, ଆମ ପ୍ରଧାନମନ୍ତ୍ରୀ ନେହେରୁ, ଉପ-ରାଷ୍ଟ୍ରପତି ରାଧାକୃଷ୍ଣନ୍ ଏ ବିଷୟରେ କଣ କହିଛନ୍ତି ଦେଖିଥିବେ । ଯେଉଁ ଯୁଗର ମହାପଥରେ ଯୁକ୍ତି ଆଜ ବୁଦ୍ଧି ହାତ ମିଳାଇ ଜନତା ଭାବପର ପଦକ୍ଷେପ କରି ଚାଲିଛନ୍ତି ସେ ଯୁଗରେ ରହି ଅଧ୍ୟାପକ ମହାଶୟ କପଟର ଟ୍ରିବ୍ୟୁଟେଶ୍ୱ ମାହାଲସ୍‌ର ମତବାଦ ଆଣି ଏ ଯୁଗର ଲେଖକମାନଙ୍କୁ ଉପଦେଶ ଦେବାକୁ ଦୁଃସାହସ କଲେ ତାହା ବିସ୍ମୟର କଥା ।

ଏହିପରି ନାନା କଥାର ଅବତାରଣା ଭିତରେ ଅଧ୍ୟାପକ ମହାଶୟ ନିଜ ବକ୍ତବ୍ୟ ବିଷୟଟିକୁ ସଂପୂର୍ଣ୍ଣ ଛାଡ଼ି ଦେଇ ବେଡ଼ାବୁଲା କରିଥିଲେ ମାତ୍ର । କିନ୍ତୁ କେଉଁ ଯୁଗ ସାହିତ୍ୟର ମହାତ୍ମ୍ୟ କଣ ଏବଂ ଜାତି ଜୀବନର ବିବର୍ତ୍ତନ ଭିତରେ ତା'ର ପ୍ରଭାବ ଜାତି ଉପରେ କିପରି ଭାବରେ ପଡ଼ିଥିଲା, ତା'ର ସୃଜନୀ ପ୍ରତିଭାର ମୌଳିକ ନିଦର୍ଶନ ପରବର୍ତ୍ତୀ ଯୁଗ ସାହିତ୍ୟକୁ କେତେଦୂର ପ୍ରଭାବିତ କରି ପାରିଥିଲା ଏବଂ ବର୍ତ୍ତମାନର ଏ ବସ୍ତୁବାଦୀ ଦୁନିଆରେ ମନର

Digitized by srujanika@gmail.com

ବୈପ୍ଳବିକ ଚିନ୍ତାଧାରା ଏ ଯୁଗ ସାହିତ୍ୟ ସଙ୍ଗେ କେତେଦୂର ସାମଂଜସ୍ୟରକ୍ଷି ଗତି କରି ଚାଲିଛି ଏ ସବୁର ଉଲ୍ଲେଖ ସୁଦ୍ଧା ମାନନୀୟ ବକ୍ତା କରିନଥିଲେ । କାହିଁକି କରିନଥିଲେ ସେ ମହାଶୟ ଜାଣନ୍ତି ।

ଛାଡ଼ ସେ ସବୁ । ଅଧ୍ୟାପକ ମହାଶୟଙ୍କ ଦିଗଦର୍ଶନରେ ଆମେ ଦିଗ ଖୋଜି ପାଇ ନଥିଲୁ । ସେ ଦିନ ତୁମେ ସେଠାରେ ଥିଲେ ଦିଗ ପାଇଥାନ୍ତ କି ନାହିଁ କହି ହେଉନାହିଁ । ତେବେ ମୋ ଛୋଟିଆ ବୁଦ୍ଧିରେ ତୁମଙ୍କୁ ଏତିକି କହିବି—"ସାହିତ୍ୟ କୌଣସି ଯୁଗରେ ନିଜର ଦିଗଦର୍ଶନ ପାଇଁ ଦିଗ ଖୋଜି ପୋତି ନାହିଁ କିମ୍ବା ପରବର୍ତ୍ତି ଯୁଗପାଇଁ ପଥ ତିଆରି କରି ଯାଇନାହିଁ । ପ୍ରତିଯୁଗର ପ୍ରଗତିଶୀଳ ସାହିତ୍ୟିକଙ୍କ ପଦଯାତ୍ରାରେ ସାହିତ୍ୟ ପଥ ରଚିତ ହୋଇ ଥାଏ…।"

ତୁମ ପ୍ରଶ୍ନର ଉତ୍ତର ଏହି ବହିରେ (ମାଟିର କୋଣାର୍କ) ଗତବର୍ଷ ଅକ୍ଟୋବର କିମ୍ବା ନଭେମ୍ବର ମାସରୁ ପାଇ ସାରନ୍ତିଣି । କିନ୍ତୁ ମୁଦ୍ରଣ ପ୍ରେସର କେତେକ ଅସୁବିଧା ହେତୁ ସେମାନେ ବହିଟିକୁ ଠିକ୍ ସମୟରେ ମୁଦ୍ରଣ କରିପାରିଲେ ନାହିଁ । ତେଣୁ ବିଳମ୍ବ ହୋଇଗଲା ।

ଅନ୍ୟ ପ୍ରଶ୍ନର ଉତ୍ତର ଆଜି କେବେ ଦେବାକୁ ଚେଷ୍ଟା କରିବି । ଆଜି ଏତିକି । ଇତି ।

ତୁମ—ବଡ଼ଦାଦା

Digitized by srujanika@gmail.com

"ପରେଶ !"

"କଏ, ସୌମ୍ୟ ?"

"ଜାଣିନ୍ତ ? ଖୋଲ ଦ୍ୱାର ।"

"ନ ଖୋଲିବି ଯେବେ ?"

"ପାରନ୍ତୁ ଯେ ଖୋଲି ତବ ହୃଦୟ ମନ୍ଦିର,
କଠିଣ ହେବକି ଏହୁ......?"

"ଦୁରନ୍ତ ! କରନ୍ତୁ । (ଦୁଆର ଖୋଲିଯାଏ, ପରେଶ ସୌମ୍ୟ ପାଖକୁ ଆସି ନୟନର ସ୍ନିଗ୍ଧ ଇଙ୍ଗିତ ଦେଇ କହେ) କି କହିବେ ପଡ଼ୋଶୀ ଶୁଣିଲେ ଏସବୁ ?"

"କହିବେ ବା କଅ, ବରଂ ହୋଇବେ ପବିତ୍ର ..!"

"ଏକି ବେଦ ସୂକ୍ତ ?"

"ଅବୋଧ ସ୍ୱକ୍ତିର ବାକ୍ୟ

Digitized by srujanika@gmail.com

ଆଣିକି ପାରଇ କେବେ
ଜୀବନରେ ପ୍ରଣୟର ଆନ୍ଦୋଳନ ?"
"ପୁରୁଷର ଅପୃସ-ନିର୍ମିତ-ବୁକୁ
ବୁଝିକି ପାରଇ ତେବେ ପ୍ରଣୟ-ବେଦନା ?"
"କୁସୁମ-କୋମଳା-ନାରୀ ବୁଝେ ଖାଲି ତେବେ ?"
"ନିଶ୍ଚେ ! ତେଣୁ କହିବାକୁ ପଡ଼ୁଥାଏ ତାକୁ—
ଶତ ଜୀବଜନା ପୁରୁଷର ପଦେ···।'
"ଧେନା କି କବେନା ପୁରୁଷ ?"
"ଜାଣେ ତୁମ ଜାତି···।'
"ଜାଣେ—ଉତାପ ଅସଙ୍ଗେ ତରଳଇ ଲୌହ···।"
"ନପାରବ ତର୍କେ···(ଲଜ୍ଜ୍ୟାରେ ମୁହଁପୋତି ଗୁଳିଯାଉଥାଏ ପରେଶା, ଗଭି ସ୍ୱେଧକରେ ସୌମ୍ୟ ଅଭ ପଗୁରେ—)
"ଯାଅ କାହିଁ ?"
"ସାଂଧ୍ୟ ପ୍ରକୃତିର କୋଳେ···।"
"ଫେନିଲ ଆବେଶ ଛଡ଼ା ପାଇବକି ଅଭକଛି ତହିଁ···?"
(ଲଜ୍ଜ୍ୟାରେ ରକ୍ତାଭ ହୋଇ ଉଠେ ପରେଶାର ମୁଖମଣ୍ଡଳ—ସୌମ୍ୟପାଖରୁ ଦୂରକୁ ଗୁଳିଯାଇ କହେ—)
"ନପାଇଲେ କିଛି,
ପାଇବତ ମୁକ୍ତି ତୁମର ବନ୍ଧୁ···?"
"ଏ ବନ୍ଧନେ ମୁକ୍ତିକି ଅବଛି ହୁଏ···?"
"ତେବେ···?"
"···ଯ୍ୱାର ପରଶନେ
ବଧାତା ନହଛି—ଜୀବନର ପରମ ଅସ୍ୱାଦ···।।"
"ତୁଷ୍ଟ ! ହୋଇଛତ ବେଶ ମୁଖର !"

Digitized by srujanika@gmail.com

"ଜାଣେନା ତାହିଁକି, କିନ୍ତୁ······"

"ରହିଲ ଯେ ?"

"ତବ ସୌନ୍ଦର୍ଯ୍ୟର ନିଖିଳ ସୃଜନେ
କବି ଯଦି ଗାଏ ଗୀତ,
ଶିଳ୍ପୀ ଆଙ୍କେ ରେଖା,
ମୂକ ହୁଅଇ ମୁଖର
ତେବେ ସେ କି ହେବ ଅପରାଧ ?"

"ଥାଉ ଥାଉ, ଦୁଷ୍ଟାମିର ଶେଷ ସୀମା······।"

"ତୁମ ପାଖେ ଅଭିନୟ ଭାବ କରିବାକୁ ଭଲଲାଗେ ମୋତେ···

(ପରେଶ ଶିର ନତ କରେ, ସୌମ୍ୟ ଉଠାଇନିଏ ତାର ଗୋଟିଏ ହାତ, ମୁଗ୍ଧକଣ୍ଠେ ଡାକେ—)

"ପରେଶ !"

(ଆବେଶଭରା ନୟନ ଦୁଇଟି ଈଷତ ଉଠାଇ ପରେଶ ଚାହେଁ ସୌମ୍ୟକୁ ଆଉ ଜଡ଼ିତ କଣ୍ଠରେ କହେ—)

"ଛାଡ଼ ଯାଏଁ ।" (ପୁଣି ନଇଁଯାଏ ମୁହଁ)

"ବିପୁଳ ରୋମାଂଚ ଆଜି
ଜ୍ୟୋତ୍ସ୍ନାସିକ୍ତା ପ୍ରକୃତିର କୋଳେ ।
ଅସାର୍ଥକ କରନା ତାହାରେ···।"

"ବୁଝି ନ ପାରଇ ତବ କାମନାର ବାଣୀ······।"

"ଏଇତ କାମନା ଚାହେ—ତବ ବାହୁ ପରଶନ,
ପାଇଥିଲା ଯଥା
ତରୁଣ କବିର କଣ୍ଠ—
କବି ପ୍ରେୟସୀର୍—

Digitized by srujanika@gmail.com

କଙ୍କଣ-ଶିଞ୍ଜିତ-ବାହୁ-
ଘନ ଅଶ୍ଳେଷଣ···!!”
(ଅନମନା ହୋଇ ଉଠେ ପରେଶ, କହେ—)
“ଛାଡ଼, ଯାଏଁ।”
“କାହିଁକି ?”
“ସହି ନ ପାରୁଛି ଆଜି
ଗୃହର ଏ କସ୍ତୁରୀ ସୌରଭ···।”
“କସ୍ତୁରୀ ? ପାରୁଥିଲେ, ଦିଅନ୍ତି ଲିଭାଇ ତୋ ଗାତ୍ରର—
ଅଳଙ୍କାର ଏହି ଦୀପଟିକୁ
ଲିଭାଏ ଯେସନେ
ସଲଜ୍ଜା-ବଧୂର ହାତ
ବାସର ପ୍ରଦୀପ··· !!”

ସେଦିନ ଏହି ପର୍ଯ୍ୟନ୍ତ ପଢ଼ି ବିଭ୍ରାନ୍ତ ହୋଇଥିଲା ତରୁଣୀ ଫୁଲଶିରର ମନ । ତେଣିକି ଆଉ ସେ ପଢ଼ି ପାରିଲା ନାହିଁ । ଆସିଲା ଅଭିମାନ । ଆଖି ଫାଟି ଗଡ଼ି ପଡ଼ିଲା ଦୁଇଟି ଅଶ୍ରୁ ବିନ୍ଦୁ । ଅବିଶ୍ୱାସୀ ମନ ତାର ନିଜକୁ ପ୍ରଶ୍ନ କଲା—“ସୌମ୍ୟ କି ତେବେ ମୋତେ ଭଲ ପାଏନା ?”

ଦୁଇ ଚାରି ଦିନ ପର କଥା । ସୌମ୍ୟ ଖଡ଼ି ପାହାଡ଼ ଉପରକୁ ଉଠୁଛି, ବାଟରେ ଦେଖିଲା ପ୍ରଭୁ ବୁଦାର ମୁଣ୍ଡ ଉପରେ ଖଣ୍ଡିଏ ଲେଖା କାଗଜ ଡାଳ ଦେହରେ ଗୁଞ୍ଜା ହୋଇଛି । ତା'ର କୁତୁହଳ ହେଲା । ସେଥିରୁ ଖଣ୍ଡିଏ ଉଠାଇ ନେଇ ଦେଖିଲା ଲେଖା ହୋଇଛି— “ମୋତେ ଭୁଲିବ ନାହିଁ ।” ମନେ ମନେ ସେ ଟିକିଏ ହସିଲା, ପୁଣି ଆଗେଇ ଚାଲିଲା । ସେ ଜାଣିପାରିଲା—“ଫୁଲଶିର

Digitized by srujanika@gmail.com

ଛଡ଼ା ଯୂାକୁ ଅଉ କେହି ଲେଖି ନାହିଁ । କିନ୍ତୁ କାହିଁକି ସିଏ ଏଇଥା ଲେଖିଲା ? ତେବେ ତା ମନରେ ମୋ ପ୍ରତି କଣ ସନ୍ଦେହ ହୋଇଛି ? ଯିଏ ସବୁଜ ଲତାର ସୁନ୍ଦର ଫୁଲପରି ଅତି କଅଁଳ, ଅତି ମନୋରମ, ହାଲୁକା, କଳାଭଅଁରିଆ ଆଖିଦୁଇଟିରେ ଯାହାର ମନବାସନାର ରେଖାପାତ ହୋଇଥାଏ ସେକି ସନ୍ଦେହର ବିଷ ମନରେ ପୋଷିପାରେ ? ଅଉ କଣ କିଶୋରୀ ମନର ଏ ଗୋଟେ ଖିଆଲ ? ତା' ବା କିପରି କହିବ ? ଷୋଳଟି ବସନ୍ତ ଯାହା ଦେହ ଛୁଇଁ ଚାଲିଗଲାଣି, ଗଛ ଲତାରେ କପୋତ କପୋତୀ ଥଣ୍ଟକୁ ଥଣ୍ଟ ଲଗାଇ ବସିଥିଲେ ଯିଏ ତାଙ୍କୁ ଅନମନାହୋଇ ଚାହିଁ ରହେ, ଗ୍ରୀବାକୁ ଗ୍ରୀବା ଲଗାଇ ହରିଣ ହରିଣୀ ପ୍ରେମାଳାପ କରୁଥିଲେ ଯିଏ ମୁଗ୍ଧ ନେତ୍ରରେ ଚାହିଁ କେତେ କଣ ଭାବି ଯାଉଥାଏ ମୁଁ କିପରି ଭାବିବି ଏଇଟା ତାର ଗୋଟେ ଚପଳତା ବୋଲି ? ହୁଏତ କୌଣସି କାରଣରୁ ତା ମନରେ କିଛି ଗୋଟେ 'କିନ୍ତୁ' ଲାଗିଛି ।" ଏହାପରି ଭାବି ଭାବି ପାହାଡ଼ ଉପରକୁ ଉଠୁଥାଏ ସୌମ୍ୟ । ଯ୍ୱା ମନରେ କି ଖଟକା ଲାଗିଲା । ସେ ଆଜି ଅଉ କବିତା ଲେଖିପାରିବ ନାହିଁ । ଛନ୍ଦମୟୀ ଫୁଲରାଣୀକୁ ନପାଇଲା ଯାଏଁ ।

ଦୋଳାୟମାନ ମନନେଇ ଉପରକୁ ଉଠୁଁ ଉଠୁଁ ଦେଖିଲା ଅଉ ଗୋଟିଏ ବୁଦା ଉପରେ ଅଉଖଣ୍ଡିଏ କାଗଜ ଝୁଲୁଛି ଉଠାଇ ନେଲା ତାକୁ । ଦେଖିଲା ସେଥିରେ ଲେଖାଅଛି—"ତୁମେ ଭୁଲିଗଲେ ଏହି ଖଣ୍ଡପାହାଡ଼ ତଳ କାନ୍ଦୁରୀ ନଈପରି ହୋଇଯିବ ।" ଏହି ଖଣ୍ଡି ପଢ଼ି ସୌମ୍ୟର ଚିନ୍ତାଧାରା ଓଲଟ ପାଲଟ ହୋଇଗଲା । ଫୁଲରାଣୀ ବେଳେବେଳେ ଏହି ପାହାଡ଼ ଉପରକୁ ତାଙ୍କ ଛେଳି ମେଣ୍ଢାପଲ ଚରାଉଥିବା ଝିଅଟି ସାଥିରେ ଆସେ । ସୌମ୍ୟକୁ ପାଇଲେ ତା ସାଥିରେ ଗପ ବଢ଼େଇ ବସେ କିମ୍ବା ସୌମ୍ୟ ତାକୁ

Digitized by srujanika@gmail.com

କବିତା ପଢ଼ି ଶୁଣାଏ । ସୌମ୍ୟ ଠିକ କରିନେଲା—"ଫୁଲରାଣୀ ଆଜି ପାହାଡ଼ ଉପରକୁ ଆସିଛି ।" ମନରେ ସୌମ୍ୟର ସନ୍ଦେହ, କାରଣ ଦିନେ ଏହି ପାହାଡ଼ ଉପରେ ଫୁଲରାଣୀ ସୌମ୍ୟକୁ ଏକାନ୍ତରେ ପାଇ ଏହି କାନ୍ଦୁରୀ ନଦୀର କିମ୍ବଦନ୍ତୀ ତାକୁ କହିଥିଲା । କାଗଜରେ ଆଜି ସେହି କାନ୍ଦୁରୀ ନଦୀ ତଥା ଫୁଲରାଣୀ ଲେଖିଥିବା ଦେଖି ତା ମନକୁ କେତେ ଆଶଙ୍କା ଛୁଇଁଲା । ତରତର ହୋଇ ଗୋଡ଼ ଚଲାଇ ନେଲା ଉପରକୁ । ଛେଳି ମେଣ୍ଢା ଯେଉଁଠି ଚରୁଥିଲେ ସୌମ୍ୟ ଯାଇଁ ଦେଖିଲା ସେଠାରେ ଫୁଲରାଣୀ ନାହିଁ । ଏଣେ ତେଣେ ଟିକିଏ ଖୋଜିଲା । ଫୁଲରାଣୀ ଯେଉଁ ଉଚ୍ଚ ପଥର ଉପରେ ବସେ, ଯେଉଁ ବୃଦାବନ୍ତରେ ଲୁଚିରହି ସୌମ୍ୟକୁ ବେଳେବେଳେ ଦେଖା ଦିଏ ନାହିଁ ସେ ସବୁ ଯାଗା ସୌମ୍ୟ ଖୋଜିଲା । କିନ୍ତୁ କେଉଁଠି ଫୁଲରାଣୀକୁ ପାଇଲା ନାହିଁ । ତେଣୁ ଭାବିଲା—"ଫୁଲରାଣୀ ଆଜି ଏସବୁ ଲେଖିଛି ବୋଲି ବୋଧହୁଏ ଲାଜକରି କେଉଁଠି ଲୁଚିଛି ।" ସୌମ୍ୟ ଏଣେ ତେଣେ ଖୋଜି ଖୋଜି କାନ୍ଦୁରୀ ନଦୀ ଯେଉଁଠୁ ବହି ଆସୁଥିଲା ସେହି ଝରଣା ପାଖକୁ ଚାଲିଲା । ଖଣ୍ଡ ପାହାଡ଼ର ଏକ ବନସ୍ପତୀ ମୂଳରୁ ଏହି ଝରଣାଟି ବାହାରିଛି । ଆଖିପରି ଦୁଇଟି ଗାତ ମଝିରେ ପଟ୍ଟ ପଥରଟିଏ ନାକପରି ରହିଛି । ଏହି ଗାତ ଦୁଇଟିରୁ କୁଆଁ ଆଖିପରି ସଫା ପାଣି ଅନବରତ ବହି ଚାଲିଛି ତଳକୁ । ଏହି ପାଣିକୁ ନେଇ ପାହାଡ଼ଟିର ପାଦତଳେ ବହି ଯାଉଛି କାନ୍ଦୁରୀ ନଈ । କିମ୍ବଦନ୍ତୀ ଅଛି ଶବର ଝିଅ ସପନା ଶବର ପୁଅ ଚେତୁଆକୁ ଭଲ ପାଇଥିଲା । ଦୁହେଁ ପଡ଼ୋଶୀ ଥିଲେ । ପିଲାଦିନରୁ ବାଲିଘର ଖେଳ ଭିତରେ ଦୁହେଁ ଦୁହିଁଙ୍କ ଅଜଣାରେ ଭବିଷ୍ୟ ପାଇଁ ଗଢ଼ି ରଖିଥିଲେ ଗୋଟିଏ ଅଦୃଶ୍ୟ ସୁନାର ନୀଡ଼ !! ବୟସର ଫଗୁଣ ପରଶ ଦୁହିଁଙ୍କୁ ଯେତେବେଳେ ଛୁଇଁ ଦେଇଗଲା ସେତେବେଳେ ଦୁହିଙ୍କ ଠେଇଁ ଚେଇଁ ଉଠିଲା

Digitized by srujanika@gmail.com

ପ୍ରୀତର ଚଞ୍ଚଳ କାମନା । ଦୁହେଁ ଦୁହିଁଙ୍କୁ ଆପଣା ଆପଣାର ଖୁବ୍ ପାଖରେ ପାଇବାକୁ ଇଚ୍ଛାକଲେ । କିନ୍ତୁ ଦୁହିଁଙ୍କ ଭିତରେ ସ୍ନେହ ପ୍ରୀତି ବଢ଼ି ପୂର୍ଣ୍ଣାଙ୍ଗ ହେଲାବେଳକୁ ଜୀବ ଜଗତର ନିର୍ମମ ପରଶ ନେଇ ଆସିଲା ବିଚ୍ଛେଦ । ପ୍ରଣୟର ପୁଷ୍ପିତ-ପଥକୁ ଛାଡ଼ି ଗେରୁଆ ବରନେଲା ପଲଟଣର ନିର୍ମମ କଣ୍ଟକିତ-ପଥ । ସେତେବେଳେ ଡଙ୍କା ପକାଇଥିଲା ବିପ୍ଳବୀ ଜଗବନ୍ଧୁର ବିଦ୍ରୋହୀ ଡାକ ଓଡ଼ିଶାର ସ୍ୱାଧୀନତା ରକ୍ତଲୋଲୁପୀ ଇଂରେଜ ହାତରୁ ଛଡ଼ାଇ ଆଣିବା ପାଇଁ ଏହି ଡାକ ଶୁଣି ସେଦିନ ଓଡ଼ିଶାର ପାଣି ପବନ ଉତପ୍ତ ହୋଇ ଉଠିଥିଲା ଆଉ ଚଞ୍ଚଳ ହୋଇ ଉଠିଥିଲା ଓଡ଼ିଶାର ସ୍ୱାଧୀନତା—ରକ୍ଷକ-ପାଇକ ଜାତିର ସୁପ୍ତ ଖଣ୍ଡା, ବଲ୍ଲମ, କଟିଅସ୍ତ୍ର । ମୁକ୍ତିଯାଚୁ ଓଡ଼ିଆପୁଅ ସଗର୍ବେ ଯାଇ ଯୁକ୍ତ ହେଲେ ବିଦ୍ରୋହୀ ଜଗବନ୍ଧୁର ବିଦ୍ରୋହ-ପତାକା ତଳେ, ଶବର ପୁଅ ଗେରୁଆ ସେ ଡାକଶୁଣି ଧୈର୍ଯ୍ୟଧରି ରହିପାରିଲା ନାହିଁ । ଛିନ୍ନକଲା ପ୍ରଣୟିନୀର ପ୍ରଣୟ ବନ୍ଧନ । ସ୍ଫୀତ ହସ୍ତ ଉତ୍ତୋଳନ କରି ଚିତ୍କାର କରିଉଠିଲା—

“ଚଳିଲି ବିଦ୍ରୋହୀ ତବ—
ବିଦ୍ରୋହ-ନିର୍ଦ୍ଦିଷ୍ଟ-ପଥେ—
ଯହିଁ ମହାକାଳ
କରଇ ବନ୍ଦନା
ମରଣର ପୀଠେ ଯହିଁ
ଜୀବନର ହୁଅଇ ଅର୍ଚ୍ଚନା···।।”

ସେତେବେଳକୁ ଫଗୁଣର ଦଶମୀ ଚନ୍ଦ୍ର ଆକାଶରେ , ଝରିପଡୁଥାଏ ତା'ର ଶୁଭ୍ର ଜ୍ୟୋସ୍ନା । ସପନା ନିଜ ଘରର ଅଗଣାରେ ବସି ଗୁନ୍ଥୁଥିଲା ଧୋବ ଫୁଲର ଗୋଟିଏ ମୋଟାହାର । ଫୁଲ ଗୁନ୍ଥୁଥାଏ ଏଣେ ଭାବୁଥାଏ—“ଆଜି ସେ ଫୁଲହାରଟି ତା ଜୁଡ଼ାରେ

Digitized by srujanika@gmail.com

ବାନ୍ଧ ଠିଆହେବ ଗେରୁଆ ପାଖରେ । ଗେରୁଆ କେଡ଼େ ଖୁସି ହୋଇଯିବ । ତାକୁ ପାଖକୁ ଟାଣିନେଇ ସବୁ ଦିନପରି ଆଦର କରି କହିବ "ସପନା ମୋ ସପନର ରାଣୀ । ଏକଥା ଶୁଣି ସପନା ଲାଜରେ ମୁହଁ ଲୁଚାଇବ । ଗେରୁଆ କିନ୍ତୁ ଛାଡ଼ିବ ନାହିଁ । ସପନାର ସନତ ମୁଖଟିକୁ ଉଠାଇ ଧରି ଅଧଫୁଟା ହସ ହସି କହିବ—ଦୁଷ୍ଟାମିର କେତେ କଥା, ଅଳସଭରା ଦେହ ଆଉ ପ୍ରଲୁବ୍ଧ ଆଖି ଦୁଇଟି ନେଇ ସପନା କେବଳ ଚାହିଁ ରହିବ ଗେରୁଆର ମୁହଁକୁ, କିଛି ସମୟ ପରେ ନଇଁ ଆସିବ ଗେରୁଆର ମୁହଁ । ଚଞ୍ଚଳ ହୋଇ-ଉଠିବ ସପନାର ନାରୀ ଚିତ୍ତ । ଚକିତା ହରିଣୀପରି ସେ ଖୋଜିବ ପଳାପଥ । ଗେରୁଆ ବୁଝିପାରିବ ତା ଚିତ୍ତ-ଚଞ୍ଚଳା-ଆଦରିଣୀର ସେତେବେଳର ଅବସ୍ଥା । ସପନାର ପୁଷ୍ପିତ ଜୁଡ଼ାରେ ଆଜି ଗୋଟିଏ ମାନ ଅଘ୍ରାଣଦେଇ ସେ ଚାଲିଯିବ । କିନ୍ତୁ ଦୁହେଁ ଅନେଇ ରହିବେ ସେହି ରାତିକୁ—ପ୍ରାସାଦ, କୁଟିରରେ ଯେଉଁ ରାତିର ସ୍ୱାଦ ଏକ ଅଭିରୂପଅଭି ନ ।" ସପନା ଏହିପରି ଭାବି ଚାଲିଥିବା ବେଳେ ଗେରୁଆ ଆ[illegible]ଖରେ ଠିଆହେଲା । ସପନା ଚମକି ଉଠିଚାହିଁ ଦେଖିଲା—'ଗେରୁଆ ପଳାଇଣ ବେଶରେ ତା ଆଗରେ ଠିଆ ହୋଇଛି । ମୁହଁରେ ହସ ହସ ଭାବ ।' ସପନା କିଛି ବୁଝି ପାରିଲା ନାହିଁ । ମୁରୁକି ହସି କହିଲା—"ଆଜି ଏ ପାଇକ ବେଶ କାହିଁକି ?" ଗେରୁଆ ସେହିପରି ହସି ହସି କହିଲା—"ମୁଁ ଆଜି ପାଇକ ପୁଅ ବେଶ ସାଜି ନାହିଁ । ବାସ୍ତବରେ ମୁଁ ଆଜି ପାଇକପୁଅ, ମନରେ ବଡ଼ ବାସନା ଥିଲା ପାଇକ ପୁଅ ହୋଇ ଦିନେ ଖେଳିବି ବୋଲି । ଆଜି ସେଦିନ ମୋ ପାଖକୁ ଆସିଛି । ଜୀବନର ସେହି ଆଶା ମେଣ୍ଟାଇବାକୁ ତୁମେ ଆଜି ଅନୁମତି ଦେବ । ତେଣୁ ସେହି ଭିକ୍ଷାଟିକ ମାଗିନେବା ପାଇଁ ତୁମ ପାଖକୁ ଆସିଛି ।" ଏତିକି କହି ଗେରୁଆ

Digitized by srujanika@gmail.com

ସପନା ମୁହଁକୁ ଉତ୍ତର ପାଇବା ଆଶାରେ ଚାହିଁ ରହିଲା । ସପନା କିନ୍ତୁ ଗେରୁଆ କଥାର ତାତ୍ପର୍ଯ୍ୟ କିଛି ବୁଝି ପାରିଲା ନାହିଁ । ତେଣୁ ତାକୁ ପଚାରିଲା—"ତୁମେ ଏସବୁ କ'ଣ କହୁଛ ମୁଁ କିଛି ବୁଝିପାରୁନି ।" ଗେରୁଆ ଆଦର କରି ସପନାର ଗୋଟିଏ ହାତ ଉଠାଇ ଧରି କହିଲା—"ତୁମେ ବୁଝିପାରିଲେ ମୋତେ ବିଦାୟ ଦେଇ ପାରିବତ ?" 'ବିଦାୟ' କଥାଟା ଶୁଣିବା ମାତ୍ରେ ସପନାର ନାରୀହୃଦୟ ଚମକି ଉଠିଲା । ସକାତର କଣ୍ଠରେ ପଚାରିଲା—"ବିଦାୟ ? ଏ କଣ କହୁଛ ?" ଗେରୁଆ ଅବିଚଳିତ କଣ୍ଠରେ କହିଲା "ହଁ ସପନା ! ତୁମକୁ ମୋତେ ବିଦାୟ ଦେବାକୁ ହେବ ।" ଏକଥାରେ ସପନାର ଜୀବନ ଭିତ୍ତି ଯେପରି କମ୍ପି ଉଠିଲା । ସରଳ ଆଖି ଦୁଇଟିରେ ତାର ଫୁଟି ଉଠିଲା ଅଶ୍ରୁର ଆବେଗ । ସେ ଥରି ଥରି କହିଲା—"କାହାକୁ ବିଦାୟ ଦେବି ? ତୁମକୁ ? ନା—ସେକଥା କୁହ ନାହିଁ ।" ଗେରୁଆ ଭୀତସନ୍ତ୍ରସ୍ତା ହରିଣୀଟିକୁ ତାର ବୁକୁ ଉପରକୁ ଆଉଜାଇ ନେଇ ଶିରପା କାନରେ ଆଖି ପୋଛିଦେଇ ଆଉ ଆଦର କରି ବୁଝାଇ କହିଲା—"ଏ ବିଦାୟ ତୁମ ପାଖରେ କଠୋର ହୋଇପାରେ, ଅତି ମର୍ମାନ୍ତିକ ହୋଇପାରେ । କିନ୍ତୁ ତୁମକୁ ହସି ହସି ମୋତେ ବିଦାୟ ଦେବାକୁ ହେବ । ଛାତିକୁ ପଥର କରି ମୋତେ ବିଦାୟ ଅର୍ଘ୍ୟ ଟେକି ଦେବାକୁ ହେବ । ମୋର କେବଳ ଅଳ୍ପ ରହିଛି । ଆଜି ଏ ମିନତିଟିକ ରଖ, ସପନା···!" ଉଚ୍ଛ୍ୱସିତ ଅଶ୍ରୁ ସପନାର ଦୁଇ ଆଖିଦେଇ ଗଡ଼ିଗଲା । ଭଙ୍ଗା ଗଳାରେ ସେ ପଚାରିଲା—"କୁଆଡ଼େ ଯିବ ?" ସପନାର ଲୁହ ପୋଛିଦେଇ ଗେରୁଆ କହିଲା—"ଯିବି ଜୀବନର ସୀମାନ୍ତକୁ । ଶେଷ ହେବ ମୋର ମୃତ୍ୟୁ ଅତୀତ···। ମୋ ସଙ୍ଗେ ସଙ୍ଗୀ ହେବେ ଶତ ବଞ୍ଚିତଦେହୀ ଅନାହାରକ୍ଲିଷ୍ଟ ତରୁଣଦଳ ଯେଉଁମାନେ ଦୁର୍ଗମ ପଥବାହି ଚାଲିବାର

Digitized by srujanika@gmail.com

ବ୍ୟର୍ଥତା ନେଇ, ପୀଡ଼ନର କଷାଘାତ ଖାଇ, ଆତ୍ମୀୟ ସ୍ୱଜନର ବିଚ୍ଛେଦ ସହି ହସି ହସି ଅନିଦ୍ରା, ନିଶା ଜାଗରଣରେ ଚାଲିବେ ମହାକାଳର ଉପକଣ୍ଠକୁ ଯେଉଁଠି ସ୍ୱାଗତ କରିନେବା ପାଇଁ ଅପେକ୍ଷା କରିଥିବ—ଆତ୍ମସମ୍ମାନ ଓ ବୀରର ମୃତ୍ୟୁ······!! ମୋତେ ଏତେବଡ଼ ସମ୍ମାନ ପାଇବାରୁ ବଞ୍ଚିତ କରନାହିଁ, ସପନା !" ଏତିକ କହି ସପନାର ମୁହଁକୁ ଚାହିଁରହିଲା । ସପନା ଅତି କରୁଣ କଣ୍ଠରେ ପଚାରିଲା—"ଜୀବନରେ ଏହି ପଥଟି କଣ ବାଛିନେଲ ? ତୁମ ପଛରେ ରହିବ କଏ ?" ଗେନ୍ଦୁଅ ଅତି ଗର୍ବରେ ଉତ୍ତର ଦେଲା—"ମୋ ପଛରେ ? ମୋ ପଛରେ ରହିବ ତୁମର ସ୍ମୃତି । ମୋ ପଛରେ ରହିବ ମୋ ଜାତିର କଲ୍ୟାଣ । ମୋ ପଛରେ ରହିବ ଜାତି-ସ୍ୱାଧୀନତାର ଆଦର୍ଶ······!! ଅନ୍ୟାୟ ବିରୁଦ୍ଧରେ କ୍ଷମାହୀନ ବିଦ୍ରୋହ ରଚନା କରି ଯଦି ମୃତ୍ୟୁକୁ ଜୟ କରିପାରେ ତେବେ ଏହାଠାରୁ ବଳି ଏ ଜଗତରୁ ମୋର ଅଉ କ'ଣ ପ୍ରାପ୍ୟ ଥାଇପାରେ, ସପନା ? ମୋ ଜାତି ଆଜି ମୁକ୍ତି ପାଇଁ କାନ୍ଦି ଉଠିଛି । ଆମଙ୍କୁ ଆଜି ଇଂରେଜ କବଳରୁ ମୁକ୍ତ ହେବାକୁ ହେବ । ରାଜବାଟୀ ଉପରୁ ବିଜାତିର ପତାକା କାଢ଼ି ଫିଙ୍ଗି ଦେବାକୁ ହେବ । ଏଇଥିପାଇଁ ଆଜି ବିଦ୍ରୋହୀ ସେନାପତି ଜଗବନ୍ଧୁର ଡାକରେ ପାଇକ ଜାତିର ବିରାଟ ଅଭିଯାନ !! ଜୀବନର ମାୟା ଭୁଲି ରଣୋନ୍ମାଦ ଆଜି ଓଡ଼ିଆ ପୁଅ । ସମବେତ ମାତୃପୂଜାର ମହା-ପୀଠରେ । ମୁଁ କିପରି ତେବେ ଭୀରୁ ସମ ଜୀବନର ମମତା ନେଇ ଲୁଚି ରହିବି······?" ଅଶ୍ରୁଭରା ଉଠିଲା ସପନାର ଆଖି ଦୁଇଟିରେ,ମୁହଁ ଉଠାଇ ଗେନ୍ଦୁଅକୁ କହିଲା—"ଯାଅ, ମୁଁ ତୁମଙ୍କୁ ମନା କରି ପାରିବି ନାହିଁ । କେବଳ ବରିନେବା ପାଇଁ ଅନାଇ ରହିବି ବରଣ ମାଳନେଇ ତୁମର ଆଗମନ ପଥକୁ·····।" ସପନା ଆଉକିଛି କହିପାରିଲା ନାହିଁ । ବୁକୁଫାଟି

Digitized by srujanika@gmail.com

କୋହ ଉଠିଲା । ଅବାଧ ଅଶ୍ରୁ ବହିଗଲା । ଗେରୁଅ ସପନାକୁ ଛାତି ଉପରକୁ ଆଉଜାଇ ନେଇ ଲୁହପୋଛି ଦେଇ କହିଲା "ତୁମ ଆଲିଙ୍ଗନ ପରଶ ପାଇବାକୁ ତୁମ ପାଖକୁ ଆଉ ନଫେରି ପାରେ, ସପନା ! ହୁଏତ ମରଣକୁ ଆଲିଙ୍ଗନ କରିବାକୁ ପଡିବ । ସୈନିକର ଜୀବନ ମାତୃଭୂମିର ପୂଜାରେ ଉତ୍ସର୍ଗିକୃତ । ଯଦି ନଫେରେ ତେବେ ତୁମର ସେହି ବରଣ ମାଳାଟିକୁ ମୋ ସମାଧି-ଉପରେ ରଖିଦେଇ କେବଳ ମାତ୍ର ଦୁଇଟି ବିନ୍ଦୁ ଅଶ୍ରୁ ଢାଳିବ । ମୋ ପକ୍ଷରେ ସେହି ହେବ—"ତୁମଠାରୁ ପାଇବାର ଚରମ ଓ ଶ୍ରେଷ୍ଠ ଅର୍ଘ୍ୟ......।।"

ସପନା ଗେରୁଅ ବୁକୁରେ ମୁହଁ ଲୁଚେଇ କାନ୍ଦିଲା । ଗେରୁଅ କେତେ ପ୍ରକାର ସାନ୍ତ୍ୱନା ଦେଇ ବୁଝାଇଲା । କିନ୍ତୁ ସପନାର ନାରୀ ହୃଦୟ ସେ ସବୁ ବୁଝୁଛି କେତେବେଳେ ? ପିଲାଙ୍କ ପରି କୋହ ଉଠାଇ କାନ୍ଦି ଉଠିଲା । ଗେରୁଅ ଅତି ଆଦରରେ ବୁଝାଇ ବୁଝାଇ କହିଲା—"ତୁମେ ଆଜି ଏପରି କାନ୍ଦୁ ନଥାନ୍ତ, ସପନା ! ଖାର, କପିଳେନ୍ଦ୍ରର ଔଦ୍ଧତ୍ୟ ଚଢ଼ି ଆସୁଥିଲେ ତୁମେ ଆଜି ହସି ହସି ବଦାଏନା କରି ତୁମର ପ୍ରିୟ ଏହି ଗେରୁଅକୁ ମରଣ ମୁହଁକୁ ପଠାଇ ଦେଇଥାନ୍ତ । କିନ୍ତୁ ସେ ଗର୍ବସ୍ପର୍ଶୀ ଔଦ୍ଧତ୍ୟକୁ, ବୀରତ୍ୱର ସେ ମହାନ ପରମ୍ପରାକୁ ଏକ ସନ୍ନ୍ୟାସୀର ପାଦତଳେ ଲୋଟିଯାଇଛି ପ୍ରତାପରୁଦ୍ର ଲାଗିଦେଇଛନ୍ତି ।। ହାତରୁ ଖଣ୍ଡା ଢାଲ କାଢ଼ି ନେଇ ଓଡ଼ିଆ ପୁଅ ହାତରେ ଧରେଇ ଦେଇଛନ୍ତି ଝାଞ୍ଜ କରତାଳି । ମୁଣ୍ଡରୁ ବିଜୟ ଟିକା ପୋଛି ଦେଇ ପିନ୍ଧେଇ ଦେଇଛନ୍ତି ରାମାନନ୍ଦୀ ତିଳକ ! ଯେଉଁ ସିଂହାସନରେ ଖାର, ପୁରୁଷୋତ୍ତମ, କପିଳେନ୍ଦ୍ର ବସି ଏକାଧିକ ସ୍ୱର୍ଣ୍ଣ ଇତିହାସ ରଚନା କରି ଯାଇଥିଲେ ତା ଉପରେ ମସୀ ବୋଳି ଦେଇଗଲେ ଏହି ପ୍ରତାପ । ଏ ବୀର

Digitized by srujanika@gmail.com

ଓଡ଼ିଆ ଜାତି ଦିନକୁ ଦିନ ହୀନ ବୀର୍ଯ୍ୟ ହୋଇ ପଡ଼ିଲା । ଜାତପୂତାର ଶୁଭମନ୍ତ୍ର ଭୁଲିଯାଇ ଗାଇ ଉଠିଲା—"ପ୍ରଭୁ ଚଇତନ" । ଐତିହ୍ୟ ଭୁଲିଗଲା । ଖୋଳଝାଞ୍ଜ, ଚଉଁରୀ, ନାମାବଳୀରେ ଆଣିଲା ନୂତନ ସଂସ୍କାର । ତଥାପି ତା'ର ସେ ରକ୍ତ ପାଣି ହୋଇ ଯାଇନାହିଁ । ସେ ହୀନ-ବୀର୍ଯ୍ୟ କଳଙ୍କ ଧୋଇଦେଇ ନୂତନ ଇତିହାସ ଗଢ଼ିବାପାଇଁ ତା'ର ସେ ଉନ୍ମାଦନା ଅଛି । ଏଥିପାଇଁ ସେ ଗୃହୁଥିଲା ଏକ ଅଖଣ୍ଡ ବିପ୍ଳବ । ସେ ବିପ୍ଳବ ଆଜି ଆସିଛି । ତା'ର ନେତୃତ୍ୱ ଆଜି ଭ୍ରମରବର ଚମ୍ପତି ସିଂହ ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ହାତରେ । ଅଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ପରାକ୍ରମୀ ଇଂରେଜ ସେନା ନିକଟରେ ଓଡ଼ିଆ ସେନା ହାରି ଯାଇପାରେ କିନ୍ତୁ ବିଦେଶି ଶାସକ ବିପକ୍ଷରେ ଏ ରଚିଯିବ—" **ଭାରତର ପ୍ରଥମ ମୁକ୍ତି ସଂଗ୍ରାମ**" ।। ଜାତୀୟ ଇତିହାସ ରଚନା କରିବାର ଏ ମହାନବ୍ରତରୁ ମୋତେ ବଞ୍ଚିତ କରନାହିଁ, ସପନା ! ହସି ହସି ତୁମର ଏ ପ୍ରିୟ ସୈନିକକୁ ବିଦାୟ ଦିଅ ।"

ଗେରୁଅର ଏକଥା ଉପରେ ସପନା କିଣ କହିବ କିଛି ଖୋଜି ପାଇଲା ନାହିଁ । କେବଳ ତାର ଲୋତକ ଭରି ଅଖି ଦୁଇଟି ନେଇ ବଡ଼ କରୁଣ ଭାବରେ ଗୃହିଁଲା ଗେରୁଅକୁ । ଗେରୁଅକୁ ବାନ୍ଧି ବାଧିଲା ସପନାର ଏ କରୁଣାତ୍ମକ ଦୃଶ୍ୟ । ଉଠାଇ ନେଲା ବୁକୁର ଅତି ନିକଟକୁ ସପନାର ମୁଖଟିକୁ । ଝରି ପଡ଼ିଲା ଗେରୁଅ ଆଖିରୁ ଦୁଇଟି ବିନ୍ଦୁ ଅଶ୍ରୁ । କମ୍ପିତ ହାତରେ ପଣତ ନେଇ ସପନା ପୋଛିଦେଲା ଗେରୁଅର ଲୋତକ । ଗେରୁଅ ଅତି ନିବିଡ଼ ଭାବରେ ବୁକୁରେ ଜଡ଼େଇ ଧରିଲା ସପନାକୁ । ସେ ଜାଣେ ଏହିତାର ହେବ ଶେଷ ଅଲିଙ୍ଗନ, ଏହି ହେବ ତା ପ୍ରଣୟ ଜୀବନର ଶେଷ ଅଭିନୟ...! ଅଦମ୍ଯିତ ତରୁଣ ବିଦ୍ରୋହୀର କଣ୍ଠ ଅବରିଗଲା ।

Digitized by srujanika@gmail.com

ସପନାକୁ ଗୋଟିଏ ନିବିଡ଼ ଚୁମ୍ବନ ଦେଇ କହିଲା—"ନିଅ ପ୍ରିୟେ, ତବ ଦୁଃଖୀ ସୈନିକର ମର୍ମାନ୍ତ ଅର୍ଘ୍ୟ ତା ଶରବଦାୟର ପବିତ୍ର ମୁହୂର୍ତ୍ତରେ । ଏହି ରହିଲା ଆମ ପ୍ରଣୟ ଜୀବନର ଶେଷ ସ୍ୱାକ୍ଷର ସ୍ୱରୂପ...।।"

ତାପରେ ଚଞ୍ଚଳ ହୋଇ ଉଠିଲା ଘୋଡ଼ାର ଗତି । ଗେରୁଆ ନେଲା ସପନାଠାରୁ ଶରବଦାୟ । ତରୁଣ ସୈନିକ ଘୋଡ଼ାର ପ୍ରତି କଦମ କୁଦ ଗୁଞ୍ଜିଲା ସଂସାରର ମାୟା । ଉନ୍ମାଦ ସେ ନୂତନତାରା ଅନୁସନ୍ଧାନରେ । ନିମିଷେ ଆଉ ଚାହିଁଲା ନାହିଁ ପଛକୁ । ପ୍ରିୟ ସୈନିକର ଗତି ପଥକୁ ସାଶ୍ରୁନୟନରେ ଚାହିଁ ଚାହିଁ ସପନା ଶେଷକୁ ଧରିଲା ଭୂଇଁ । ସେଇ ତାର ଶେଷ ଶଯ୍ୟା !!

ଧରଣୀ ବୁକୁରୁ ଶରବଦାୟ ନେବା ପୂର୍ବରୁ ସପନା କହି ଯାଇଥିଲା ତା ସଙ୍ଗିନୀଗଣଙ୍କୁ ଆଉ ତା ଆତ୍ମୀୟଙ୍କୁ ତାକୁ ନେଇ ଖଣ୍ଡପହାଡ଼ ଉପରେ ଅଶୋକବନ ତଳେ ସମାଧି ଦେବାପାଇଁ ସେହିଠି ହୋଇଥିଲା ଗେରୁଆ ସଙ୍ଗରେ ତାର ପ୍ରଥମ ମିଳନ । ଜୀବନର ପ୍ରଥମ ବସନ୍ତରେ ପ୍ରଥମ କରି ସପନା ସେଇଠି ପାଇଥିଲା ଗେରୁଆର ଅକୁଣ୍ଠ ଆଲିଙ୍ଗନ । ସେହି ଅଶୋକ ଗଛର ଘନ ଛାୟା ତଳେ ସେଦିନ ଦୁହେଁ ବସି କରିଥିଲେ ପ୍ରଣୟର ପ୍ରଥମ ରୋମାନ୍ସ । ଅମଳିନ ଫଗୁଣ ସନ୍ଧ୍ୟା ସେ ଦିନ ସେ ଦୁହିଁଙ୍କୁ ବୁକୁରେ ଧରି ହୋଇ ଉଠିଥିଲା ଜୀବନ୍ତ... । ତେଣୁ ସେହି ପବିତ୍ର ସ୍ମୃତି ପୀଠରେ ତା'ର ଶେଷ ସମାଧି ରଚନା କରିବା ପାଇଁ ସପନା ଅନୁରୋଧ କରି ଯାଇଥିଲା ତାର ପ୍ରିୟଜନଙ୍କୁ । ସେମାନେ ମଧ୍ୟ ସପନାର ଶେଷ ଅନୁରୋଧ ରଖିଥିଲେ । ରଚିତ ହୋଇ

Digitized by srujanika@gmail.com

ଉଠିଲା ସପନାର ସମାଧି ସେଇ ଅଶୋକ ବନ ତଳ ପାଷାଣ ଶଯ୍ୟାର ଏକପାର୍ଶ୍ୱରେ...।

କିଛିଦିନ ପରେ ଦେଖାଗଲା ସେହି ସମାଧିରୁ ଦୁଇଟି ଅଶ୍ରୁଧାର ପରି ଈଷତ ଜଳଧାର ଦୁଇଟି ବହି ଆସୁଛି । ସେ ବଢ଼ି ବଢ଼ି ବର୍ତ୍ତମାନର ଆକାର ନେଇ କାନ୍ଦୁରି ନଈରେ ପରିଣତ ହୋଇଛି । ସମସ୍ତେ କହନ୍ତି—"ସପନା ମରିନାହିଁ । ଶେଖରକୁ ଝୁରି ଝୁରି ଆଜିଯାଏ କାନ୍ଦୁଛି ...!!" ଏହି ହେଉଛି ତାର କିମ୍ବଦନ୍ତୀ ।

ଏହି କିମ୍ବଦନ୍ତୀଟି ସୌମ୍ୟକୁ ସେଦିନ କହି କହି କାନ୍ଦି ପକାଇଥିଲା ଫୁଲରି । ସୌମ୍ୟ ପୋଛି ଦେଉଥିଲା ତାର ଅଶ୍ରୁ ଚଞ୍ଚଳା ବନ ହରିଣୀ ବନର ମର୍ମର ଶୁଣି ପ୍ରିୟ ହରିଣ ଗ୍ରୀବା ତଳେ ମୁହଁ ଲୁଚାଇଲା ପରି ଫୁଲରି ତା କୁଙ୍କୁମିତ ମୁଖଟିକୁ ସୌମ୍ୟର ପ୍ରଶାନ୍ତ ବୁକୁ ଉପରେ ଢାଳି ଦେଇଥିଲା—ଆଦରି କରି ଧରି ନେଇଥିଲା ସୌମ୍ୟ । ଦୁହିଁଙ୍କର ଚାରିଆଡ଼େ ଘେରି ରହିଥିଲା ଶୀତଳ ସଂଧ୍ୟାର ନିଃସୀମ ମୌନତା ...।।

କାଗଜ ଉପରେ ଫୁଲରିର ସେ ଲେଖା ଦେଖି ଆଜି ସୌମ୍ୟର ମନେ ପଡ଼ୁଛି ସେ କିମ୍ବଦନ୍ତୀ । ତାର ମନେ ହେଉଛି ସତେ ଯେପରି ଫୁଲରି ଆଜି ତା ପାଖରେ ବସି ନୂଆକରି ସେ କିମ୍ବଦନ୍ତୀଟିକୁ ନାଟକୀୟ ଢଙ୍ଗରେ ତାକୁ କହିଯାଉଛି ଆଉ ସେ ଅନ୍ତରର ଦୃଷ୍ଟି ଦେଇ ଦେଖିଯାଉଛି ସେ ମହନୀୟ ଦୃଶ୍ୟର ପ୍ରତି ଛବି ।

ସୌମ୍ୟ ସେ ସବୁ ଆଉ ବେଶୀ ଭାବି ପାରିଲା ନାହିଁ । ସେ ସେତେବେଳେ ଅଶୋକବନକୁ ଯାଇଁ ଫୁଲରିକୁ ଦେଖିଲା ନାହିଁ ତା ମନରେ ଟିକିଏ ସନ୍ଦେହ ହେଲା । ଅଶୋକ ଗଛ ଉପରକୁ

Digitized by srujanika@gmail.com

ଉଠିଯାଇ ଝରଣାର ତଳ ଆଡ଼କୁ ଚାହିଁଲା । ଦେଖିଲା "କିଛି ଦୂରରେ ଝରଣା କୂଳ ଗୋଟିଏ ପଥର ଉପରେ ବେପରୱେଇ ପଡ଼ି ଫୁଲରୀ ପଥର ଟୋଲି ଭସାଉଛି ।" ତଳକୁ ଓହ୍ଲାଇ ଆସି ସେ ଲୁଚି ଲୁଚି ଚାଲିଲା ଫୁଲରୀ ପାଖକୁ । କିଛି ଦୂର ଯିବା ପରେ ତା' କାନରେ ବାଜିଲା ଫୁଲରୀର ଗୀତ । ତାର ବଡ଼ କୁତୁହଳ ହେଲା । ଗୋଟିଏ ବୁଦାମୂଳେ ଲୁଚିରହି ଶୁଣିଲା ଫୁଲରୀ ଗାଉଛି—

"ସପନ-ନାଏରେ
ମୋର ତରଣୀ ବାହି
ଚାଲିଛି ମୁଁ ଯେ
କେଉଁ ସୁଦୂର ପାରେ
ଜାଣେ ନାହିଁ, ଜାଣେ ନାହିଁ
ସତେକି ତରଣୀ ମୋର ଲାଗିବ କୂଳେ
ସତ୍ୱରେ ଆସି ପ୍ରିୟ ନେବେ ଆଦରେ
କହିବେ କଥା
ତାଙ୍କ ନିଃସଙ୍ଗ ବ୍ୟଥା
ଲୁଚାଇ ଆଖି କୋଣେ
ଚାହିଁବ ମୁହିଁ…।।"

ଫୁଲରୀର ଗୀତ ଶୁଣି ହସି ଉଠିଲା ସୌମ୍ୟର ଅନ୍ତର । ସେ ଆଜି ସେଠାରୁ ଆଗେଇ ନଯାଇ ବୁଦା ଉପରୁ ଅଣିଥିବା କାଗଜରେ ନାହା ତିଆରି କରି ଟୋଟିକ ପରେ ଗୋଟିଏ ଭସାଇବାକୁ ଲାଗିଲା । କାଗଜ ନାହା କିଏ ଭସାଉଛି ଦେଖିବା ପାଇଁ ଉଠି ଠିଆ ହେଲା । ଫୁଲରୀ ଝରଣାର ଉପର ଅଡ଼କୁ ଚାହିଁ ଦେଖିଲା "ବୁଦାମୂଳେ ଠିଆ ହୋଇ ସୌମ୍ୟକୁ ହସୁଛି ।" ଫୁଲରୀ ଲାଜ ଲାଗିଲା । ଝରଣାକୂଳ ଓସହ

Digitized by srujanika@gmail.com

ପଥର ଉପରେ ବସିପଡ଼ି କାଗଜ ନାହାକୁ ଟିକି ଟିକି କରି ଚିରି ପାଣିକୁ ଫିଙ୍ଗି ଦେଲା । ହସି ହସି ଆଗେଇ ଗଲା ସୌମ୍ୟ । ଠିଆ ହେଲା ଯାଇ ଫୁଲରି ପାଖରେ । ଫୁଲରି ସୌମ୍ୟକୁ ନ ଚାହିଁ ଅଭିମାନରେ ଘୂରି ବସିଲା । ସୌମ୍ୟ ନିଜ ପାଇଁ ଯାଗା କରିନେଲା । ଘଷିହୋଇ ବସିଲା ଫୁଲରି ପାଖରେ । ଫୁଲରି କିନ୍ତୁ ଘର ମାନିନୀର ମାନ ଭଙ୍ଗ କରିବାକୁ ହେଲେ ପୁରୁଷକୁ ଜୟ ପରାଜୟର ବିଚାର ନକରି ଆଗେଇ ଆସି ବିନା ସର୍ତ୍ତରେ ଆତ୍ମସମର୍ପଣ କରିବାକୁ ହୁଏ । ପ୍ରଣୟର ଏହି ପରଂପରା ନଭୁଲି ଆଗେ କଥା କହିବାକୁ ହେଲା ସୌମ୍ୟକୁ । ସେ ଟିକିଏ ଛଳେଇ କହିଲା—"ନୟନ ଅଞ୍ଜନେ ଲେଖା, ଗୋପନ ଲିପିକା, ଫିଙ୍ଗିଲ ଆପଣା ହାତେ...?" ଏଥିରେ ଫୁଲରିର ଅଭିମାନ ଆହୁରି ଟିକିଏ ବଢ଼ି ଉଠିଲା । ଗୋଟେ ଗୋଟେ ପଥର ପାଣିକୁ ଫିଙ୍ଗୁ ଫିଙ୍ଗୁ କହିଲା—"ଭଲ ହେଲା । ତୁମର ସେଥିରେ କଣ ଅଛି ? କଣ ଗୋଇନ୍ଦା ଗିରି କରିବାକୁ ଏଠାକୁ ଆସିଥିଲ ?" ସୌମ୍ୟ ଟିକିଏ ହସି ଦେଇ କହିଲା—"ତୁମେ ମୋତେ କେତେଦୂର ବୁଝିଛ ଏଇଟା ଜାଣିବା ପାଇଁ ମୁଁ ଯେ ହାତ ଦନ ଗୋଇନ୍ଦାଗିରି କରି ଚାଲିଛି କିନ୍ତୁ ଆଜି...।" ସୌମ୍ୟ ମୁହଁକୁ ଟିକିଏ ବଙ୍କେଇ ଚାହିଁ ଫୁଲରି କହିଲା—"ରହିଗଲ ଯେ ? ଆଜି କଣ ହୋଇଛି କହୁନ ?" ସୌମ୍ୟ କହିଲା—"ବାକୀଟା ତୁମେ ପୂରଣ କଲେ ଭଲ ହୁଅନ୍ତା ।" ଫୁଲରି ମୁହଁ ବୁଲେଇ ନେଇ ନେଇ କହିଲା—"ସେ କଳା ମୋତେ ଆସେ ନାହିଁ ।" ପାଖରେ ଥିବା ଗୋଟିଏ ବଣ ଫୁଲ ବୁଦାରୁ ଫୁଲ ପେନ୍ଥାଟିଏ ତୋଳି ଆଣି ସୌମ୍ୟ ଫୁଲରି ଜୁଡ଼ାରେ ଗିଞ୍ଜାଇ ଦେଇ ଦେଇ କହିଲା—"ତୁମେ ଜାଣି ନାହିଁ କହିଲେ ଚଳିବ କିପରି ? କେବଳ କଳା ନୁହେ । କଳାର ସୌନ୍ଦର୍ଯ୍ୟ ସୃଜନ କାରିଣୀ ଯେ ତୁମ ନାରୀ ଜାତି ।"

Digitized by srujanika@gmail.com

ସେହିପରି ଅଭିମାନ କରି ଫୁଲରା କହିଲା—"କିଏ ହୋଇପାରି ଥାଏ କିନ୍ତୁ ମୁଁ ନୁହେଁ ।" ଛଇଳୀ ଫୁଲରାକୁ ବେଳେ ବେଳେ ଚିଡ଼ାଇବାକୁ ଭଲ ପାଏ ସୌମ୍ୟ । ତେଣୁ ସେ ଫୁଲରାର ଗୋଟିଏ ହାତ ଉଠାଇ ନେଇ ତା କଳି କୋମଳ ଅଙ୍ଗୁଠି ଗୁଡ଼ିକ ଦେଖି ଦେଖି କହିଲା—"ସାହିତ୍ୟରେ, ନୃତ୍ୟରେ, ଚିତ୍ରଶିଳ୍ପରେ ମଣିଷ କଳା ଫୁଟାଇବାକୁ ଅପ୍ରାଣ ଚେଷ୍ଟା କରେ । କିନ୍ତୁ ନାରୀ ଯେ କଳାର ଅଚିନ୍ତନୀୟ ବିକାଶ···। ବିଶ୍ୱର ପରମ ବିସ୍ମୟ । ସେହି ବିସ୍ମୟତାକୁ ମଣିଷ ଯେତେବେଳେ ଭେଦ କରିପାରେ ନାହିଁ ସେତେବେଳେ ସେ ତାକୁ ପୂଜା କରେ······।" ଏଇଠି ବାଧା ପାଇଲା ସୌମ୍ୟ କଥା । ଫୁଲରା କହିଲା—"ପୁରୁଷ କଥାରେ ସୁନ୍ଦର ଅଧ୍ୟାୟ ସୃଷ୍ଟି କରିପାରେ । ସିଦ୍ଧି ପାଇବାପାଇଁ ସ୍ତୁତି କରିପାରେ । ଏଇତ ?" ସୌମ୍ୟ କିନ୍ତୁ ସହଜ ଭାବରେ ଉତ୍ତର ଦେଲା—"ମଣିଷ ନଥିଲେ ଦେବତାର ପରିଚୟ ଯେପରି ନଥାନ୍ତା ପୁରୁଷ ନଥିଲେ ନାରୀର ନାରୀତ୍ୱର ମୂଲ୍ୟ ସେପରି କିଛି ନଥାନ୍ତା । ସ୍ତ୍ରୀ ପ୍ରତି ପୁରୁଷର ଏ ଗୋଟାଏ ସହ ଅବସ୍ଥାନର ପଞ୍ଚଶୀଳ ନୀତି···। ଉଦାର ଭାବ । ହୋଇ ଦେଖନ୍ତୁ ମୁଖ୍ୟପୀଠ ଗୁଡ଼ିକୁ କଳା ହୀନ (ନାରୀହୀନ) ନ କରିବା ପାଇଁ କି ଦାନଯଜ୍ଞରେ, ମର୍ତ୍ତ୍ୟ ମଣ୍ଡଳରେ, ଆଶ୍ରମରେ, ମଠରେ ସବୁଠେଇଁ କିପରି ତୁମମାନଙ୍କର ପୂଜା ଚାଲିଛି । ଟି ପାର୍ଟିରେ ହେଉ, ଆଳାପ ମିଳାପରେ ହେଉ କିମ୍ବା ଆଜିକାଲିର କୌଣସି ସାଂସ୍କୃତିକ ଅନୁଷ୍ଠାନରେ ହେଉ ତୁମ କଳା-ବିକାଶିକାଙ୍କ ଭିତରୁ କେହି ନଥିଲେ ସେ ସବୁ ସୁରହୀନ ପିଆଲ ପରି ହୋଇଯାଏ ।"

ଫୁଲରା ମୁହଁ ବୁଲେଇ ନେଇ ଟିକିଏ ହସିଲା । ତାପରେ ଉଠି ଚାଲିଲା । ସୌମ୍ୟକୁ ତା ସାଥିରେ ନିବାପାଇଁ କୌଣସି

Digitized by srujanika@gmail.com

ଇଙ୍ଗିତ ଦେଲା ନାହିଁ କିମ୍ବା କିଛି କହିଲା ନାହିଁ । ମାତ୍ର ସୌମ୍ୟ ଚାଲିଲା ତା ପଛରେ । ଦୁହେଁ ଆଗପଛ ହୋଇ ଯାଇଁ ବସିଲେ ପାହାଡ଼ ଉପର ଏକ ପଥର ଚଟାଣ ଉପରେ । ଚାରିପାଖେ ଚରୁଥାନ୍ତି ଛେଳି, ମେଣ୍ଢା, ଗୋରୁ । ଆଉ ସେହି ପଥର ଚଟାଣକୁ ଲଗି ଠିଆ ହୋଇଥାଏ ଗୋଟିଏ ଅଚହ୍ନା ବଣ ଫୁଲଗଛ । ଗଛଟି ବେଶ ଝାଙ୍କଳ । ସୌମ୍ୟ ଆଉ ଫୁଲରା ବେଳେ ବେଳେ ଆସି ଏଇଠି ବସନ୍ତି । ଏହି ଯାଗାଟିର ଏକାନ୍ତ ନିରୋଳତା ଏ ସ୍ୱପ୍ନଚାରୀ ତରୁଣ ତରୁଣୀ ଦୁଇଟିକୁ ବେଶ ଭଲ ଲାଗେ । ଦିହକୁ ଦିହଲାଗି ବସି କେତେ ଅର୍ଥହୀନ ଅଧା କୁହା ଅଧା ଚୋରା କଥାବାର୍ତ୍ତା ହୁଅନ୍ତି । ତାର କୌଣସି ସମାପ୍ତି ନଥାଏ । ପୁଣି ମିଳନ ହେଲେ ତାର ପୁନରାବୃତ୍ତି ଚାଲେ । ସେମାନଙ୍କ ନିରୋଳା ଜୀବନର ଗୋପନ ଇତିହାସ ସେହି ଝାଙ୍କଳ ଫୁଲଗଛରେ ବସା ବାନ୍ଧି ରହିଥିବା ବାୟାଚଢ଼େଇ ଦଂପତ୍ତି ଛଡ଼ା ଅନ୍ୟ କିଏ ଦେଇ ପାରିବନି ।

ସେଇଠି ଦୁହିଁଙ୍କର ମିଳନ ହେଲେ ଫୁଲରା ଆଗେ କଥାକୁହେ ସୌମ୍ୟକୁ । କିନ୍ତୁ ସେ ଦିନ ନୀରବ ରହିଲା ବହୁକ୍ଷଣ । ସୌମ୍ୟ ଏ ନୀରବତା ସହ୍ୟକରି ପାରିଲା ନାହିଁ । ସେତେବେଳକୁ ହେମନ୍ତର ମିଠା ସୂର୍ଯ୍ୟ କିରଣ ଝରିପଡ଼ୁଥାଏ ଦୁହିଁଙ୍କ ଦେହରେ । ସୌମ୍ୟ ସେ ଅଚହ୍ନା ଫୁଲଗଛର ଫୁଲ ପେନ୍ଥାଟିଏ ଛିଣ୍ଡେଇ ଆଣି ପିନ୍ଧାଇ ଦେଲା ଫୁଲରାକୁ । ଫୁଲରା ଅଭିମାନରେ ଟିକିଏ ଧୂଁଇଗଲା କିନ୍ତୁ ଅପତ୍ତି କଲାନାହିଁ । ସୌମ୍ୟ ହାତରେ ଫୁଲ ପିନ୍ଧିବାକୁ ସେ ଭଲପାଏ । କେତେ ଗୋପନ ମୁହୂର୍ତ୍ତରେ ଫୁଲରାକୁ ଫୁଲ ପିନ୍ଧାଇ ଦେଇ ଆଦରକରି ସୌମ୍ୟ କହିଛି—"ସୌନ୍ଦର୍ଯ୍ୟ—କୁସୁମେ ଯେ ପାରିଛି ନିଜକୁ ବିମଣ୍ଡିତ କରି ଏ ପୃଥ୍ୱୀ ମଣ୍ଡଳେ ସେ କି ପାଇବ

Digitized by srujanika@gmail.com

ଆନନ୍ଦ······?" ଫୁଲରୀ ଏକଥା ଶୁଣି ଲାଜରେ ଝାଉଁଳି ପଡ଼େ କିନ୍ତୁ ମନେ ମନେ ଗୋଟାଏ ଗର୍ବ ଅନୁଭବ କରେ ।

କିନ୍ତୁ ଆଜିର ଏ ଫୁଲ ପିନ୍ଧାରେ ଫୁଲରୀର ସେ ମଧୁର ତୃପ୍ତି ଆମୋଦ ନାହିଁ । ଯେଉଁ ବାଂଛିତ ପ୍ରିୟର ସ୍ପର୍ଶ ତା ତନୁମନରେ ପୁଲକ ଜଗାଉଥିଲା ଆଜି ତାଙ୍କର ସେହି ସ୍ନେହ ହାତର ପିନ୍ଧା ଫୁଲ ତା ଆଖିରେ ଆଣି ଦେଇଛି ଅଶ୍ରୁର ବନ୍ୟା । ଫୁଲରୀର ଅଭିମାନ ଭାଙ୍ଗିବା ପାଇଁ ସୌମ୍ୟ ଯେତେ ଚେଷ୍ଟା କଲା ସବୁ ହେଲା ବ୍ୟର୍ଥ । ଏଇଟା ଯେ ଫୁଲରୀର ଅଭିମାନ ନୁହେ—ଆଘାତ ! କିନ୍ତୁ ସେ ଆଘାତଟା କ'ଣ ସେ ବୁଝି ପାରିଲା ନାହିଁ । ତେଣୁ ସେ ଫୁଲରୀକୁ ଖୁବ ପାଖକୁ ଟାଣିନେଇ ତା ମୁହଁ ଉଠେଇ ଧରିଲା । ଦେଖିଲା ଫୁଲରୀ ଆଖିରେ ଅଶ୍ରୁର ଉଜାଣି । ପୋଛି ଦେଲା ତା'ର ଆଖି । ସୌମ୍ୟର ଏ ଆଦର ପରଶରେ ଫୁଲରୀର ଉଚ୍ଛୁଳି ଉଠିଲା ଅନ୍ତରର ଫଲ୍‌ଗୁ । କଂପି ଉଠିଲା ପତଳା ଓଠ ଦିଓଟି । ବ୍ୟସ୍ତ ଚଞ୍ଚଳ ହୋଇ ଉଠିଲା ସୌମ୍ୟ । ଧୀର ଅଥଚ ଦରଦଭରା ଗଳାରେ କହିଲା—"ତୁମର ଆଜି କଣ ହୋଇଛି, ଫୁଲରୀ ? କଥା କହୁନାହଁ କାହିଁକି ? ଏଠାରେ ମୋ ରହିବାଟାକୁ କ'ଣ ତୁମେ ଆଉ ଚାହୁଁନାହଁ ? ତା ଯଦି ହୋଇଥାଏ ତେବେ କୁହ ଏହି ମୁହୂର୍ତ୍ତରେ ବିଦାୟ ନେଇ ଚାଲିଯିବି··· ।" ବିଦାୟ କଥା ପଦକ ଶୁଣୁ ଶୁଣୁ ଫୁଲରୀର ବୁକୁ ଥରି ଉଠିଲା । ତାର ମନେ ପଡ଼ିଗଲା ଗେଲୁଅ ସପନା କଥା । ଅଶ୍ରୁ କାତର ଆଖି ଦୁଇଟି ସୌମ୍ୟ ଆଖି ଆଗରେ ରଖି କଂପିତ କଣ୍ଠରେ ମିନତି କଲା—"ସେ କଥା କୁହନା ।" ଫୁଲରୀ ଆଉ କହି ପାରିଲା ନାହିଁ । ଜଡ଼ିଗଲା କଣ୍ଠ । ମୁହଁ ତଳକୁ କରି ଅଖିରେ ପଣନ୍ତ କାନି ଦେଇ ବସିଲା । ସୌମ୍ୟ ଫୁଲରୀର ଗୋଟିଏ ହାତ ଟାଣି ଅଣ୍ଟା ଅଣ୍ଡ କହିଲା-"କହିବ ନାହିଁ କାହିଁକି, ଫୁଲରୀ ? ମରଣ ମୁହଁରୁ ଟାଣି

Digitized by srujanika@gmail.com

ଅଣି ତୁମେ ଯେ ଚଖାଇଲ ଜୀବନର ସ୍ୱାଦ । ଆଦର ଆପ୍ୟାୟନରେ ଏ ନୀରସ ଜୀବନରେ ଫୁଟେଇ ଉଠେଇଲ ବଞ୍ଚିବାର ମୋହ । ଶିଖେଇ ଦେଲ ଜୀବନ ଥିଲେ ଜୀବନ କ'ଣ ହୁଏ କିନ୍ତୁ ଆଜ ସେ ସବୁ ଗୋଟାଏ ଛଳନା ପରି ମନେ ହେଉଛି । ମୋର ଭୁଲ କେଉଁଠି ମୁଁ ଜାଣି ପାରୁନି କିମ୍ବା ତୁମେ ଦେଖାଇ ଦେଉନ ଅଥଚ ଶାସ୍ତି ପାଇବାକୁ ହେଉଛି ! ଏ ଜୀବନଟା ଯେତେବେଳେ ଦୁଃଖରେ ଢ଼ି ହୋଇ ଅସିଛି ସେତେବେଳେ ଦୁଃଖକୁ ଆଉ ଭୟନାହିଁ । ସମସ୍ତ ଯାତନା ସହିବା ପାଇଁ ଏ ବୁକୁଟା ଗଢ଼ି ହୋଇ ଅଛି । ସେ ସବୁ ସହି ପାରିବ କିନ୍ତୁ ତୁମଠାରୁ ପଦେ ଅନାଦର କଥା ସେ ସହି ପାରିବ ନାହିଁ । ମରଣ ଯନ୍ତ୍ରଣାଠାରୁ ବଳି ପ୍ରିୟଜନର ପଦେ ଅନାଦର କଥା କିମ୍ବା ତାଚ୍ଛଲ୍ୟ ଭାବ ବଡ଼ ବାଧେ । ତୁମେ ଯେ ଆଜି ମୋ ପ୍ରତି ଏପରି ବ୍ୟବହାର କରିବ ଏଇଟା ମୁଁ କଳ୍ପ-ନାରେ ସୁଦ୍ଧା ଅଣି ପାରି ନଥିଲି । ମୋର କେଉଁଠି ଭୁଲ···।” ବାଧା ଦେଇ ଫୁଲ୍‌ରି କହିଲା—“ ଏତେ ସନ୍ଦେହ ତୁମେ କାହିଁକି କରୁଛ ? ଆଜ ସକାଳେ ତୁମ ଖଟିଆ ଉପରେ ତୁମର ଗୋଟେ ଲେଖା ଦେଖିଲି । ସେତିକିବେଳୁ ମନକୁ ପାପ ଛୁଇଁଛି । ” ଫୁଲ୍‌ରି ଆଉ କିଛି ନ କହି ଆଖି ପୋଛୁଛି । ସୌମ୍ୟ ବୁଝି ପାରିଲା ସରଳା ଫୁଲ୍‌ରିର କେଉଁଠି ଆଘାତ ଲାଗିଛି । ସେ ଭାବିଲା—'ଛିଅ ଗୁଡ଼ିକ ଏହିପରି ସରଳ ସୂତାକୁ ଅଡ଼ୁଆ କରି ବସନ୍ତି । ଅର୍ଥକୁ କଦର୍ଥ କରି ଅଶାନ୍ତିକୁ ନିଜ ଉପରକୁ ଟାଣି ନିଅନ୍ତି । ସମୟ ନିଅନ୍ତି ନାହିଁ ଭାବିବାକୁ କିମ୍ବା ସମୟ ଦିଅନ୍ତି ନାହିଁ କଥାଟାକୁ ଭଲକରି ବୁଝି-ବାକୁ । ସେମାନଙ୍କର ସହଜାତ ନାରୀ ଅଭିମାନ ତାଙ୍କୁ ଏସବୁ ଏଡ଼େଇବାକୁ ଦିଏ ନାହିଁ । ଭୁଲ ବୁଝିବାଟା ତାଙ୍କ ପକ୍ଷେ ଯେଡ଼େ ସହଜ ଭୁଲ ଭାଙ୍ଗିବାଟା ସେପରି ନୁହେଁ । ଏହି ଭୁଲ ବୁଝିବା ଦ୍ୱାରା

Digitized by srujanika@gmail.com

କେତେ ସୁନାର ଜୀବନ ଅକାଳେ ମଉଳି ଯାଉଛି ସେମାନେ ଏକଥା ଜାଣିଲେ ମଧ୍ୟ ସେହି ଭୁଲଟି କରି ବସନ୍ତି । ଫୁଲରାଣୀ ଏହି ଅଭିମାନ ସେହିଏବି ଏକ ଭୁଲ ଉପରେ । ମୁଁ ଏଠାରେ ସଫାନହେଲେ ହୁଏତ କିଛି ଗୋଟାଏ ଅପ୍ରିତୀକର ଘଟଣା ଘଟିଯିବ ଯେଉଁଟା ଆମ ଦୁହିଁଙ୍କ ଜୀବନରେ ଗୋଟାଏ ଅ-ମୋଚ୍ୟ କଳଙ୍କ ପରି ରହିବ ।" ତେଣୁ ସେ ଫୁଲରାକୁ ବୁଝେଇ କହିଲା— "ଦେଖ, ଫୁଲରା ! ତୁମେ କେବଳ ଅଭିମାନ କରି ମୋତେ ଭୁଲ ବୁଝିଛ ! ସରଳ ଭାବରେ କଥାଟାକୁ ନେଇ ମୋତେ ପଚାରିଥିଲେ ହୋଇ ପାରିଥାନ୍ତା । ତୁମେ ତାହା ନ କରି ହଠାତ୍ ଅଭିମାନର ଆଶ୍ରୟ ନେଲ । ଯାହାହେଉ ମଙ୍ଗଳ ଏତିକି ସେ ଅଭିମାନକୁ ଭିତରେ ଭିତରେ ଜଳି ରହିବାକୁ ସମୟ ଦିଆ ହୋଇନାହିଁ । କିନ୍ତୁ ଦୁଃଖ ଏତିକି ତୁମେ ଯେଉଁ ଟିକେତେଦିନ ସହରରେ ରହି କଦର୍ଯ୍ୟ ହାଉଆକୁ ନିଶ୍ୱାସ କରି ନେଇଥିଲ ସେ ବର୍ତ୍ତମାନ ବିଷ ପବନ ହୋଇ ପ୍ରଶ୍ୱାସରେ ବାହାରୁଛି । । ଆମ ଦେଶର ବହୁତ ଶିକ୍ଷିତା ଝିଅ ପରୀକ୍ଷାରେ ଭଲ ରଚନାଟିଏ ଲେଖି ନ ପାରିଲେ ମଧ୍ୟ ଦରକାର ପଡ଼ିଲେ ଭଲ ଗୋପନ ପ୍ରଣୟ ପତ୍ର ଲେଖିପାରନ୍ତି ! ଆଖିରେ କଥାକହି ଶିଖନ୍ତି, ପୁରୁଷ ପିଲାଙ୍କ ସାଥିରେ ଘନିଷ୍ଠତା ଟିକିଏ ଜମିଗଲେ ନାଟକୀୟ ଭଙ୍ଗୀ ଦେଖାନ୍ତି, ବାପମାଙ୍କ ଦୋଷରୁ ହେଉ ଅବା ନିଜ ଦୁର୍ଭାଗ୍ୟରୁ ହେଉ ସେ ଘନିଷ୍ଠତା ଆଉ ଟିକିଏ ପାକଳ ହୋଇଗଲେ ଦିନେ କୌଣସି ଶୁଭଲଗ୍ନରେ ବାପମାଙ୍କ ମୁଣ୍ଡରେ କଳଙ୍କ ଟିକା ପିନ୍ଧାଇ ଦେଇ କେଉଁଆଡେ ଉଭେଇ ଯାନ୍ତି ! ପ୍ରେମ ସଉଦାରେ ତାଙ୍କର ଦୁଇଟି ଓଜନ । ଗୋଟିଏ ଅଭିମାନ ଆଉ ଗୋଟିଏ ଅବିଶ୍ୱାସ ।। ଦୁଇଟିଯାକ ଭସ୍ମାସୁର ବର ପରି । ସେ ସବୁ ତୁମେ କାହିଁକି ମୁଣ୍ଡରେ ପୁରାଇଲ ? ସରଳ ପ୍ରାଣରେ କୁଟିଳତାର ବିଷ ବଢ଼ ମାରାତ୍ମକ । ଏହି ଭଲ ପଲ୍ଲୀର ଖୋଲା

Digitized by srujanika@gmail.com

ଆକାଶ ତଳେ ତୁମ ଜୀବନଟି ଯେ ଚଇତୀ ସଞ୍ଜର ମୁକୁଳା ମଲ୍ଲିଫୁଲ ପରି ସରସ ଓ ସୁରଭିତ ଥିଲା । ତୁମର ଏହି ଅନାସ୍ୱାଦିତ ଗନ୍ଧର ପହିଲି ତର୍ପଣ ମୁଁ ପାଇଥିଲି ଯେଉଁଦିନ ସୋନୁଆ ତନ୍ତ୍ର ତୁମ ସୁଠାମ ବାହୁ ଦୁଇଟି ମୋ ଅଚେତନ ଶରୀରଟିକୁ ଉଠାଇ ନେଇ ବୁକୁରେ ଜଡ଼େଇ ଧରିଥିଲା । ସେ ଦିନର ସେ ସ୍ୱର୍ଣ୍ଣମୁହୂର୍ତ୍ତି ସେ ଅବିସ୍ମରଣୀୟ ସ୍ମୃତି ମୁଁ କପରି ଆଜି ଭୁଲିଯିବି ? ହଜି ଯାଉଥିବା ପ୍ରାଣକୁ କିଏ ରଖିଲା ? ସୋନୁଆ ଜଙ୍ଗଲ ଭିତରେ ପଡ଼ି ରହିଥିଲେ ଯାହାକୁ କୁଆ ଶାଗୁଣା ଖାଇ ନିଶ୍ଚିହ୍ନ କରିସାରନ୍ତେଣି ତାକୁ ଗୋଟାଇ ଆଣି ଦେବତ୍ୱର ସିଂହାସନରେ କିଏ ପ୍ରତିଷ୍ଠିତ କଲା ? ମୁଁ ଅତତାୟୀ କିମ୍ବା ଭ୍ରଷ୍ଟନେତା, କିମ୍ବା ଜାତିଦ୍ରୋହୀ କିମ୍ବା ମୁଖା-ପିନ୍ଧା ଅପରିଶ୍ରମ ଶାସକ ସେ ସବୁ କିଛି ବିଚାର ନ କରି ମାନବତା ଦୃଷ୍ଟିରୁ ଏ ସରଳ ଭିଲପଲ୍ଲୀରେ ଆଶ୍ରୟ ଦେଇଥିଲ ତୁମେ । କିନ୍ତୁ ତାକୁ ଆଜି ଭୁଲି ଦିଅଛି । କିନ୍ତୁ ତୁମର ଏହି ଭୁଲ ବୁଝିବାଟା ତା ଜୀବନରେ ଯେଉଁ ଚରମ ବିପର୍ଯ୍ୟୟ ଆଣିଦେବ ହୁଏତ ତୁମେ ସେଇଟା କଳ୍ପନାକୁ ଆଣି ପାରନାହିଁ...! ସେଇ ବିପର୍ଯ୍ୟୟଟାକୁ ଦେଖିବାକୁ ତୁମେ ଯଦି ଚାହିଁ ତେବେ ତା ଦେଖି ପାରିବ । କିନ୍ତୁ ତୁମ ଦେଖିବାର ସେ ଆନନ୍ଦ ଠିକ ଭିତରେ ଯେପରି ଅଶ୍ରୁ ଫୁଟି ନ ଉଠେ । କାରଣ ସେ ବିପର୍ଯ୍ୟୟ ଜୀବନର ଶେଷ ଶିଖାଟିକି ଦିଗନ୍ତ ତଳେ ସୂର୍ଯ୍ୟର ଶେଷ ରଶ୍ମିଟିକି ପରି ଧ'ପ କିନା ଲିଭି ଯାଇଥିବ...।।।"

ସୌମ୍ୟ ଅଜିକାଲି ନକହି ଚାହିଁଲା ଫୁଲକୁ । ଫୁଲର ଆଖିରୁ ସେତେବେଳକୁ ଝରିପଡ଼ୁଥାଏ ଅଶ୍ରୁଧାରା । ସୌମ୍ୟ ତା କଥା ବନ୍ଦକରି ତାକୁ ଚାହିଁବାରୁ ସେ ଦୁଇହାତରେ ମୁହଁ ଘୋଡ଼େଇ କାନ୍ଦିବାକୁ ଲାଗିଲା । ସୌମ୍ୟ ତାକୁ ବୋଧ ଦେଲା । କିନ୍ତୁ ସମସ୍ତ

Digitized by srujanika@gmail.com

ପରେ ଫୁଲର୍ ନିଜକୁ ଶାନ୍ତକରି ଚାହିଁଲା ସୌମ୍ୟକୁ । କେଜାଣି କାହିଁକି ସୌମ୍ୟ ଆଖି ଦୁଇଟି ସେତେବେଳକୁ ଛଳ ଛଳ । ଫୁଲର୍ ଉଠାଇନେଲା ଆପଣାର ପଣନ୍ତକାନି । ଧୀରେ ପୋଛିନେଲା ସୌମ୍ୟ ଅଖିଦୁଇଟି । ଦୁହେଁ ଚାହିଁ ରହିଲେ ଦୁହିଁଙ୍କୁ କିଛିକ୍ଷଣ । କିନ୍ତୁ ସେ ଚାହାଣିରେ ଅନ୍ତର ପିପାସାର କୌଣସି ଚିହ୍ନ ନଥିଲା ଅଥଚ ସାନ୍ନିଧ୍ୟ ଉପଭୋଗ ଥିଲା ଦୁହିଁଙ୍କର ଅଭିଳାଷ...।

ଦୁହେଁ ବସିଲେ କିଛିକ୍ଷଣ । କାହାମୁହଁରେ କଥାନାହିଁ । କାହା ଅଙ୍ଗରେ କମ୍ପନ ନାହିଁ । ଥିଲା କେବଳ ପଲକ ସଂଚାଳନ ନଚେତ ଦୁହେଁଥିବେ ସ୍ଥାପତ୍ୟର ଏକ ଯୁଗଳ ମୂକ ସାକ୍ଷୀପରି ।। ମୂକ ପ୍ରଣୟୀ ପ୍ରଣୟିନୀର ବୁକୁତଳେ ମନଭାଷାର ସହସ୍ର ଛନ୍ଦ ବ୍ୟକ୍ତ ହୋଇ ନପାରି ଫୁଟିଉଠୁଥିଲା ପରି କେତେକଥା ସେ ଦୁହିଁଙ୍କ ମନରେ ଉଙ୍କିମାରି ଲୁଚି ଯାଉଥିଲା । ସେ ପରିସ୍ଥିତିର କିଛିଗୋଟେ ସମାଧାନ କରିବାକୁ ଦୁହେଁ ଚାହୁଁଥିଲେ । କାରଣ ଦୀର୍ଘ ନୀରବତା ସେ ଦୁହିଁଙ୍କ ପାଖେ ଥିଲା ବଡ଼ ମର୍ମାନ୍ତିକ । କିନ୍ତୁ କିଏ କାହାକୁ ଆଗେ କଥା କହି ସମାଧାନର ସର୍ତ୍ତ ବାଢ଼ିବ ସେଇଟା ଥିଲା ଦୁହିଁଙ୍କ ପାଖେ ବଡ଼ ସମସ୍ୟା । ମାତ୍ର ସେ ସମସ୍ୟାରୁ ସେ ଦୁହିଁଙ୍କୁ ରକ୍ଷା କରିଥିଲା ଅଚିହ୍ନା ପକ୍ଷୀ ଦୁଇଟିର ଦାଂପତ୍ୟ କଳହ । ଗଛ ଉପରକୁ ଦୁହେଁ ଚାହିଁଲେ । ପକ୍ଷୀ ଦୁଇଟି ଡେଣାକୁ ଡେଣା ଲଗାଇ କଚମିଚ କରୁଥାନ୍ତି । ଫୁଲର୍ ଓଠଚିପି ହସି ଠିଆହେଲା । ଗଛ ଡାଳଟିକୁ ହଲାଇ ଦେବାରୁ ପକ୍ଷୀ ଦୁଇଟି ଉଡ଼ିଗଲେ । ସେ ପକ୍ଷୀ ଦୁଇଟି ଆକାଶର ଯେଉଁଠିକି ବୁକୁ ଦୋହଲାଇ ଉଡ଼ି ଚାଲିଥାନ୍ତି ଫୁଲର୍ ସେଇଆଡ଼େ ଚାହିଁଥାଏ । ସୌମ୍ୟ ଉଠି ଠିଆହେଲା । ହସି ହସି କହିଲା—"ଆଜି କ'ଣ ଦେଖିଛ ? ଦାଂପତ୍ୟ କଳହ

Digitized by srujanika@gmail.com

ସେହି ମୂହୂର୍ତ୍ତିରେ ଶେଷହୋଇ ଯାଇଛି ଯେତେବେଳେ ସେ ଦୁହେଁ ଏ ଗଛ ଛାଡ଼ିଲେ । ହେଇ ଦେଖୁନ, ବର୍ତ୍ତମାନ କାପର ଡେଣାରେ ଡେଣାଲଗାଇ କାକଳି କରି ଉଡ଼ିଗଲେଛନ୍ତି ତାଙ୍କ ଜୀବନର ସୁଖପୀଠ କେଉଁ ଛୋଟିଆ ନୀଡ଼କୁ !!"

ଫୁଲରୀ ଚୃହିଁଲା ସୌମ୍ୟକୁ । କିନ୍ତୁ ଆଖି ଦୁଇଟି ତାର ଲାଜରେ ନଇଁ ପଡ଼ିଲା । ହୁଗୁଲା ଜୁଡ଼ାରେ ଘୂରିମଇ ପଡ଼ିଥିବା ପୁଷ୍ପ ସ୍ତବକଟିକୁ ସଜାଡ଼ି ଦେଇ ଦେଇ ସୌମ୍ୟ କହିଲା—"ଆଜି ତେବେ ଏ ପକ୍ଷୀ ଦଂପତ୍ତିଟି ଆମ ଦୁହିଁଙ୍କ ଏ ଦୁଃସହ ନୀରବତାରୁ ବଞ୍ଚେଇ ଦେଲା ?" ଫୁଲରୀ ତାର ସଲଜ୍ଜ ଆଖି ଦୁଇଟି ଉଠାଇ ସୌମ୍ୟକୁ ଚୃହିଁ ଟିକିଏ ହସିଲା । ସୌମ୍ୟ ମଧ୍ୟ । ତାପରେ ଦୁହେଁ ସେ ପକ୍ଷୀ ଦଂପତ୍ତି ପରି ଡେଣାକୁ ଡେଣା ଲଗାଇ ତଳକୁ ଓହ୍ଲାଇ ଆସିଲେ···।

ସେହିଦିନ । ସଂଜନଇଁ ଆସୁଥାଏ । ଭଲ ବସ୍ତିରୁ ବାଜଉଠିଲା ଢୋଲବାଜା—ଦିନସାରା କର୍ମକ୍ଳାନ୍ତି ଅପନୋଦନର ବାର୍ତ୍ତା । କେଉଁଠି ଅବାହମାନକାଳରୁ ଚଳି ଆସୁଥିବା ଶବର ନାଚ । କେଉଁଠି ଅଣ୍ଟାରେ ଗୋଡ଼ରେ ଘୁଙ୍ଗୁର ବାନ୍ଧି ମୁହଁରେ ମୁଖାପିନ୍ଧି ପିଲାଙ୍କ ନାଚ । ଏହିପରି ପ୍ରତିଦିନ ସଂଧ୍ୟାରେ ଶବରପଲ୍ଲୀଟି ଜୀବନ୍ତ ହୋଇ ଉଠେ । ସ୍ତ୍ରୀ ପୁରୁଷ, ଯୁବକ ଯୁବତୀ, ବାଳକ ବାଳିକାଙ୍କ ଏକାନ୍ତ ମିଳାମିଶାରେ ହସିଉଠେ କ୍ରୀଡ଼ାଅଭରା ଗାଁର ଧୂଳି ଧୂସର ଦାଣ୍ଡ । ଗାଁ ଭିତର ଗୋଟିଏ ଗଛମୂଳେ ବସି ଏ ସରଳ ଜୀବନ ଯାତ୍ରାର ମହୋତ୍ସବ ଦେଖେ ସୌମ୍ୟ । ତାକୁ ଏସବୁ ବଡ଼ ଭଲ ଲାଗେ । ସେ ସେମାନଙ୍କ ପାରଂପାରିକ ନୃତ୍ୟ ଶୈଳୀ

Digitized by srujanika@gmail.com

ଉପରେ ସାମାନ୍ୟ କିଛି ସଂସ୍କାର ଆଣିବା ଛଡ଼ା ମୌଳିକ ପଦ୍ଧତି ଉପରେ କୌଣସି ଆଞ୍ଚ ଆଣି ନଥିଲ ।

ସେଦିନ କିନ୍ତୁ ଫୁଲର୍ ଏ ମହୋତ୍ସବରେ ଯୋଗଦେଇ ପାରିନଥିଲା । ସେ ଠିଆ ହୋଇ ରହିଥିଲା ନିଜ ଅଗଣାର ବଉଳଗଛ ମୂଳେ । ସେତେବେଳକୁ ଶୀତଳ ଜ୍ୟୋସ୍ନା ବଉଳଗଛର ଫାଙ୍କ ଦେଇ ଝରିପଡୁଥିଲା ତା ସାରା ଶରୀରଟିରେ । ତା ସୁଠାମ ଅଙ୍ଗକୁ ଜଡ଼େଇ ରଖିଥିଲା ନୀଳ ଶାଢ଼ୀଟିଏ । ଅଣ୍ଟାକୁ ବେଢ଼େଇ ରଖିଥିଲା ପଣତ । ଖୋଷା ଉପର ଓହଳା ଜୁଡ଼ାରେ ଶୋଭା ପାଉଥିଲା ସବୁଜପତ୍ର ସହ ସଜଫୁଟା ଫୁଲପେଣ୍ଡା । ନଇଁ ଆସିଥିବା ବଉଳ ଗଛର ଗୋଟିଏ ଡାଳ ଉପରେ ବାଁ ହାତଟି ନ୍ୟସ୍ତ । ଡାହାଣ ହାତରେ ଧରିଥିଲା ତା ମୁଣ୍ଡ ଉପରକୁ ଓହଳି ପଡ଼ିଥିବା ଗୋଟିଏ ସରୁଡାଳ । ଆଖି ଦୁଇଟି ହଜିଯାଇଥିଲା ଗଛ ଗଣ୍ଡିରେ ଝୁଙ୍ଗା ହୋଇଥିବା ମୁଣ୍ଡଲଗା ବାଘଚମଡ଼ା ଆଉ ତା ତୀର ଧନୁରେ । କେତେକଥା ତା'ର ମନେ ପଡ଼ିଗଲା । ସେହି ତୀରଧନୁ ସେହି ବାଘ ଚମଡ଼ା ତାକୁ ଆଜି ଫେରେଇ ନେଲା ସେହି ଅଦୂର ଅତୀତକୁ ଯେଉଁଠି ସେ ଦିନେ ରଚନା କରିଥିଲା ଶିକାରୀର ଅଭିଯାନ ।

ମନେପଡ଼ିଗଲା ତାର—ସେଦିନର ସେହି ଶୁଭ ଉଷାର ଶିକାର ଯାତ୍ରା । ଶିକାରୀ ଭିଲଗଣ ସହ ସେ କିପରି ବାହାରି ଥିଲା ଧନୁ ଧାରିଣୀ ବାନ୍ଧବୀମାନଙ୍କ ସହ । ସେଦିନ କି ଅପୂର୍ବ ଉଲ୍ଲାସ । ମନରେ ଥିଲା ଶିକାର କରିବାର ଗଭୀର ଆବେଗ । ବାହୁରେ ଥିଲା ଧନୁଟଙ୍କାରର ମୁହୁର୍ମୁହୁ ସ୍ପନ୍ଦନ । ପାଦତଳେ ଫୁଟି ଉଠୁଥିଲା ଶିକାରୀର ଉନ୍ମାଦ ଛନ୍ଦ ।। ବାଜି ଉଠିଲା ଶିକାର ବାଜା । କମ୍ପି ଉଠିଲା ସୋନୁଆ ଜଙ୍ଗଲର ଶାଳ ବୃକ୍ଷ । ନାଚି ଉଠିଲା ଶିକାରୀର

Digitized by srujanika@gmail.com

ପାଦତଳମାଟି । ସାଇଁ ସାଇଁ ତୀର ଗୁଳିଲା ଭୟାକୁଳ ପଶୁର ପଛେ ପଛେ । ଶିକାରୀ ଦଳର ତୀକ୍ଷ୍ଣ ଶାୟକ ଯନ୍ତ୍ରଣା ସହିନପାରି କେତେ ମୃଗ, ସମ୍ବର କେତେ ବରାହ, କୁଟୁରୁ ଲୋଟି ପଡ଼ିଲେ ବନଭୂଇଁର ସବୁଜ ବୁକୁଉପରେ । କିନ୍ତୁ ତାର କିପର ପଡ଼ିଲା ନିଶାଣ ଥିଲା ଗୋଟାଏ ବାଘ ଉପରେ । ତୁଣୀରରୁ ଟାଣିନେଲା ବିଷାକ୍ତ ଶାୟକ । ଅଟେଇ ଗଲା ବାଘ ପାଖକୁ । ଦୁହେଁ ଶିକାରୀ । କିଏ କାହାକୁ ଶିକାର କରୁଛି ଗୁଳିଲା ତାର ପ୍ରତିଦ୍ୱନ୍ଦ୍ୱତା । ବାଘ ଶିକାର କରିବାକୁ ପ୍ରଥମରୁ ମନା କରିଥିଲେ ତା ସଙ୍ଗୀଗଣ ଓ ଶିକାରୀଦଳ । କିନ୍ତୁ ଶୁଣି ନଥିଲା ସେ ନିରୀହ ଜନ୍ତୁମାନ ତା ଅଭିଜ୍ଞ ଶାୟକର ଶାୟକରୁ ନଷ୍ଟ କରିବାକୁ । ତେଣୁ ସେ ବାଛି ନେଇଥିଲା ଶିକାରୀର ଶିକାର । ତେଣୁ ମାନବ ଓ ପଶୁ ଶିକାରୀ ମଧ୍ୟରେ ଗୁଳିଲା ଶିକାରର ତୀବ୍ର ପ୍ରତିଯୋଗିତା । ମାଟିଫାଡ଼ି; ଗର୍ଜ୍ଜନକରି, କୁଦାମାରି ବାଘ ଭୟ ଦେଖାଉ ଥାଏ ତାର ପ୍ରତିଦ୍ୱନ୍ଦ୍ୱୀକୁ । କିନ୍ତୁ ତା'ର ତୀକ୍ଷ୍ଣ ସଜାଗ ଆଖିଥାଏ ବାଘର ଗତିବିଧି ଉପରେ । ପଛରେ ଥାନ୍ତି କେତେଜଣ ଶିକାରୀ । ସମସ୍ତେ ଥାନ୍ତି ସଜାଗ । କିନ୍ତୁ ତୀର ଚଳାଇବାକୁ ସେ ସୁବିଧା ପାଉନଥାଏ କିମ୍ବା ତାକୁ ଧରିବାକୁ ବାଘ ସୁବିଧା ପାଉନଥାଏ । ଏହିପରି କିଛି ସମୟ ଯିବାପରେ ଗୋଟାଏ ଭୟଙ୍କର ଗର୍ଜ୍ଜନ କରି ବାଘ ପଛକୁ ନେଉଟିଲା । ଏହି ସୁଯୋଗରେ ସେ ଛାଡ଼ିଲା ଗୋଟାକପରେ ଗୋଟାଏ ଅଭିଜ୍ଞ ବିଷାକ୍ତ ଶାୟକ । କ୍ଷତ ବିକ୍ଷତ ହୋଇ ଲୋଟି ପଡ଼ିଲା ବନ୍ୟ ଶିକାରୀ । ବିଜୟୀ ସିଂଘା ଫୁଙ୍କିଲା ସେ । ରୁଣ୍ଡ ହୋଇଗଲେ ଶିକାରୀ ଦଳ । ବିଜୟୀକୁ ଘେରିଯାଇ ବାଜାବଜାଇ ନାଚି ଉଠିଲେ ଶିକାରୀଦଳ । ସମସ୍ତ ଶିକାର ଠୁଳକରି ଖାଇବା ପିଇବାର ଆୟୋଜନ ହେଲା । ତାପରେ ଆରମ୍ଭ ହେଲା ବିଜୟ ଯାତ୍ରା ।।

Digitized by srujanika@gmail.com

ରାଜପ୍ରାସାଦର ଅନ୍ଦେଇଆ ବାଜାପରି ଚେପଚିତଦେବଲେ ଶିକାର ବାହୁଡ଼ା ବାଜା ବାଜି ଉଠିଲା ଥରେ ଥର ହୋଇ କଂପିଗଲା ସୋନୁଅଜଙ୍ଗଲ୍ ଆଉ ନାଚି ଉଠିଲା ତାର ବାମ ନୟନ ଓ ବାମଅଙ୍ଗ•••॥ ହସି ହସି ସଙ୍ଗୀସାଥୀଙ୍କୁ କହିବାରୁ ସେମାନେ ଥଟ୍ଟାକରି କହିଲେ—"ଏଥର ମିତାଲାଭ, (ମିତା—ସାଥି) ।" ଲଜ୍ଜାରେନଇଁ ପଡ଼ିଥିଲା ତାର ମୁଣ୍ଡ ।

ବାଟରେ ପଡ଼ିଲା କେନ୍ଦୁଅନଦୀ । ସୋନୁଅଜଙ୍ଗଲ ଭିତର ଦେଇ ବହି ଯାଉଛି ଏହି ନଦୀଟି । ସମସ୍ତେ ତା କୂଳରେ ପହଞ୍ଚି ଦେଖିଲେ—ନଈ ଆରପାଖରେ ଗୋଟାଏ ମଣିଷ ପଡ଼ିଛି । ପ୍ରଥମ ଦୃଷ୍ଟି ପଡ଼ିଥିଲା ତା'ର । ସେ ଚମକି ପଡ଼ି ସମସ୍ତଙ୍କୁ ଦେଖାଇଲା । ସଙ୍ଗେ ସଙ୍ଗେ ଖୋଲିଗଲା ଗୋଟି ଗୋଟି ଡଙ୍ଗା ଗୁଡ଼ିକ । ଆସିଲା-ବେଳେ ସେମାନେ ନଦୀପାର ହୋଇ ଏହି ଡଙ୍ଗା ଗୁଡ଼ିକ ସେହି ନଈକୂଳରେ ଗଛରେ ବାନ୍ଧିଦେଇ ଯାଇଥିଲେ । ସମସ୍ତେ ନଈ ପାରିହୋଇ ଯାଇଁ ଦେଖିଲେ—ଲୋକଟି ଅଚେତନ । ମୁଣ୍ଡରୁ ବହି ଗଳୁଥାଏ ରକ୍ତ । ସମସ୍ତେ ଦେଖୁଥାନ୍ତି । କିନ୍ତୁ ସେ ଲୋକଟିକୁ ଛୁଇଁ କିଛି କରିବାକୁ କେହି ସାହାସ କରୁନଥାନ୍ତି । ଏ ଦୃଶ୍ୟଦେଖି ତା ପ୍ରାଣ କାନ୍ଦି ଉଠିଲା । ସେ ଉଠାଇ ନେଲା ସେ ଲୋକଟିକୁ । ତା କୋଳଉପରେ ଆଉଜାଇ ପୋଛିଦେଲା ତା ମୁଣ୍ଡର ରକ୍ତ । ନିଜ ପଣନ୍ତ ଚିରି ବାନ୍ଧିଦେଲା ମୁଣ୍ଡରେ ପଟି । ପତ୍ର ଦାନାରେ ପାଣିଆଣି ମୁହଁ ଧୋଇ ଦେଇ ପିଆଇ ଦେଲା ପାଣି । କିଛି ସମୟ ପରେ ଚେତା ଆସିଲା ସେ ଲୋକଟିର । କିଛି ସମୟ ତା ମୁହଁକୁ ବଡ଼ କରୁଣ ନୟନରେ ଚାହିଁ ଆଖି ବୁଜିଲା । ସେ ତାକୁ ନେଇ ଦଳସହ ଘରକୁ ଫେରିଲା ।

Digitized by srujanika@gmail.com

"ଏହି ସେହି ଲୋକ ଯାହାର ପରଶରେ ଆଜି ହସି ଉଠିଛି ଏହି ଅବହେଳିତ ଶବର ପଲ୍ଲୀ—ଯାହାର ସାଧନାରେ ଆଜି ଆସିଛି ଏ ଜାତିର ସଂସ୍କାର—ଯାହାର କଠୋର ଉଦ୍ୟମରେ ଆଜି ସମ୍ଭବ ହୋଇ ପାରିଛି ନିରକ୍ଷର ଏ ଜାତିର ଭିତରେ ଶିକ୍ଷାର ପ୍ରଚାର—ଯାହାର ଜାତୀୟତା—ମନ୍ତ୍ର ଧ୍ୱନି ଆଜି ପ୍ରତିଧ୍ୱନିତ କରିଛି ଅରଣ୍ୟବାସୀ ଶବର ଜାତିର ପ୍ରାଣ—ଯାହାର ଶିକ୍ଷାରେ ଆଜି ଏ ଜାତି ଏ ମାଟିକୁ 'ମା' ବୋଲି ଡାକି ଶିଖିଛି···!! କି ବିରାଟ ଦାନ ଏହି ଲୋକଟିର ? ମୁଁ ଆଜି ତାଙ୍କର ମହତ ସ୍ପର୍ଶରେ ପବିତ୍ର ହୋଇ-ପାରିଛି । କିନ୍ତୁ···"

ଆଉ ତେଣିକି ଭାବିବାକୁ ସୁଯୋଗ ପାଇଲା ନାହିଁ ଫୁଲ୍ସୀ । ସୌମ୍ୟ ଆସି ପଛରୁ କହିଲା—"କି ଏ ଆଜି ତୁମଙ୍କୁ ଚେତନାରୁ ଚିନ୍ତାକୁ ନେଇ ଭୁଲେଇ ରଖି ପାରିଛି, ଫୁଲ୍ସୀ ?" ଫୁଲ୍ସୀ ଚମକି ପଡ଼ିଲା । ପଛକୁ ଚାହିଁ ଦେଖିଲା—'ତା ଭାବନାର ବସ୍ତୁ ପ୍ରିୟ ସୌମ୍ୟ ।' ଲାଜରେ ନଇଁ ପଡ଼ିଲା । ସୌମ୍ୟକୁ କେବଳ ସଲ୍ଲଜ ହସରେ ଅଭିନନ୍ଦନ ଜଣାଇ ମୁହଁ ତଳକୁ କରି ଠିଆହୋଇ ରହିଲା । ସୌମ୍ୟ ବଉଳ ଗଛକୁ ହାତ ବଢ଼େଇ ତୋଳି ଆଣିଲା କେତେ ଗୁଚ୍ଛ ଏ ଫୁଲ । ତା ଜୁଡ଼ାରେ ପିନ୍ଧିଥିବା ପୁଷ୍ପଗୁଚ୍ଛ ପାଖେ ସୌମ୍ୟ ଖଞ୍ଜି ଦେଲା ବଉଳ ଫୁଲ । ସୁରଭିତ ହୋଇ ଉଠିଲା ଫୁଲ୍ସୀର କୃଷ୍ଣାଭ କେଶଦାମ । ସୁରଭିତ ହୋଇ ଉଠିଲା ସୌମ୍ୟର ନାଶାପଥ । ଫୁଲ ପିନ୍ଧାଇ ସାରି ସୌମ୍ୟ ଧୀର ଗଳାରେ କହିଲା—"ବିକଶିତ ଫୁଲ ଗୁଚ୍ଛକ ଆଜି ଲଭିକରି ପାରିଛି ତା ବିକାଶର ସାର୍ଥକତା ! ବାସ୍ତବିକ ଫୁଲ୍ସୀ, ଆଜି ତୁମକୁ ଦେଖିଲେ ମନେହୁଏ ସତେ ଯେପରି ତୁମରି ଏ ଅନବଦ୍ୟ ଅଙ୍ଗଯଷ୍ଟି ଉପରେ ପ୍ରକୃତି ଆଜି ଗଢ଼ି ଉଠେଇଛି ଏକ ସ୍ୱର୍ଣ୍ଣପୀଠ ଯେଉଁଠି ରୂପର ଆକର୍ଷଣ ଏବଂ ସଂଯମର କଠୋରତା

Digitized by srujanika@gmail.com

ଭିତରେ ଲାଗିଛି ତୀବ୍ର ଦ୍ୱନ୍ଦ···।। ମୋତେ କିନ୍ତୁ ଏ ଦ୍ୱନ୍ଦର ମିମାଂଶାର ରୂପଟାର କେଉଁ ଯଦି ଠିକ୍ କରାଏ ତେବେ ଅକୁଣ୍ଠ ଭାବରେ କହିପାରିବା ଏଠାରେ ହେବ ସଂଯମର ପରାଜୟ ଏବଂ ଦୁର୍ବାର ହୋଇ ଉଠିବ ତୁମ ରୂପର ଆକର୍ଷଣ···। କିଛି ଭୁଲ କହୁଛି ଫୁଲରା ?"

ଲଜ୍ୟାରେ ଫୁଲରାର ମୁଖ ରକ୍ତାଭ ହୋଇ ଉଠିଲା । ସଲ୍ଲଜ ଆଖି ଦୁଇଟି ଉଠାଇ ସୌମ୍ୟକୁ ଶୁହିଁ ଟିକିଏ ଓଠଚେପା ହସ ହସିଲା । ମୃଦୁ ପବନରେ ଲାଲ୍ ଗୋଲାପ ଦଳ ହଲିଗଲା ପରି ଥରିଗଲା ଫୁଲରାର ରକ୍ତାଭ ଓଠ ପାଖୁଡ଼ା ଦୁଇଟି । ତା ପରେ ବାହାରିଲା ପଦେମାତ୍ର ମୃଦୁ ଭର୍ତ୍ସନା—"ତୁମେ ଆଜି ଏପରି ମୁଖର ହୋଇ ପାରିଛ ?" ସୌମ୍ୟକୁ ଏହି ମିଠା ଶାସନଟିକ ଭଲ ଲାଗିଲା । ଫୁଲରା ପାଖକୁ ଆଉ ଟିକିଏ ଆଗେଇ ଯାଇ କହିଲା—"ଜାଣେନାହିଁ ଆଜି ତୁମପାଖେ କାହିଁକି ଏ ମୁଖରତା କରୁଛି । କିନ୍ତୁ ଏତିକି ଜାଣେ ତୁମପାଖେ ମୋ ସ୍ୱପ୍ନ କେବେହେଁ ବିବର୍ଣ୍ଣ ଧୂସର ହେବନାହିଁ···।।" ମୁହଁ ତଳକୁ କରିନେଲା ଫୁଲରା ।

ତାପରେ ଅଜନ୍ତାର ଦୁଇଟି ମୁଗ୍ଧ ପ୍ରସ୍ତର ମୂର୍ତ୍ତିପରି ଦୁହେଁ ଠିଆହୋଇ ରହିଲେ କିଛିକ୍ଷଣ । ଘେରିଗଲା ଅଥୟ ନୈଃଶବ୍ଦ ନିସ୍ତବ୍ଧତା । ଶୀତଳ ପବନ ପରଶରେ ବଉଳ ଗଛରେ କଂପନ ଜାଗିଲେ ପଡ଼ିଲା ପତ୍ରର ମର୍ମର ଶବ୍ଦ ଶୁଣାଯାଉଥାଏ । ଦୁହେଁ ଲୁପ୍ତ ଚେତନ । କିନ୍ତୁ ଫୁଲରା ମା'ର ଡାକ ଦୁହିଁଙ୍କୁ କରେଇ ଦେଇଥିଲା ସଜାଗ । ଅପ୍ରସ୍ତୁତ ହୋଇ ଦୁହେଁ ଗଲେ ଭିତରକୁ ଯେଉଁଠି ଖାଦ୍ୟର ଯୋଗାଣ ନେଇ ଅପେକ୍ଷା କରି ବସିଥିଲା ଫୁଲରାର ସ୍ନେହମୟୀ ମା ।

Digitized by srujanika@gmail.com

ଖାଇସାରି ଦୁହେଁ ଚାଲିଗଲେ ନିଶାର ଦୁଇଟି ନିଃସଙ୍ଗ ଶେଯକୁ । ରାତି ଆସିଲେ ଚନ୍ଦ୍ରୁଆ ଚକୋରର ବିଚ୍ଛେଦ ହେଲାପରି ଏ ଦୁହିଁଙ୍କର ହୁଏ ବିଚ୍ଛେଦ । ସୌମ୍ୟ ବିଦାୟ ନେଇ ଚାଲିଯାଏ ତା କୁଡ଼ିଆକୁ । ଫୁଲିଆ ରହିଯାଏ ନିଜ ମା ପାଖେ । ଏହିପରି ଚାଲିଥାଏ କିନ୍ତୁ ଆଜି କାହିଁକି ସେ ଦୁହିଙ୍କ ନିକଟରେ ଏ ନିଃସଙ୍ଗତା ବଡ଼ ଅସହ୍ୟ ହୋଇ ଉଠିଲା । ନିଦ ନାହିଁ ଦୁହିଙ୍କ ଆଖିରେ । ଅନ୍ତନାହିଁ ଦୁହିଙ୍କ ଭାବନାର ସୀମା ।।

ସୌମ୍ୟ ପଡ଼ିରହିଥାଏ ତା ଶେଯ ଉପରେ । ଭାବୁଥାଏ ତା ଅତୀତ ସମାଧିର ଗହିରିଆ ବୁକୁର ମଲ୍ଲଦନ ଗୁଡ଼ିକୁ ଉଠେଇଆଣି ସେ ଦେଖିବାକୁ ଲାଗିଲା ତା ଜୀବନର ବିଗତ ଦୃଶ୍ୟ । ବାପମାଙ୍କ ସ୍ନେହ କୋଳ ସେ ପାଇବାକୁ ଗଲାବେଳକୁ ବାପା ମା ନ ଥିଲେ । ମାମୁଁଥିଲେ କେବଳ ଆଶ୍ରୟର ସ୍ଥଳ । ଯେଉଁ ବର୍ଷ କଲେଜକୁ ଆସେ ସେହିବର୍ଷ ମାମୁଁ ମଧ୍ୟ ନେଲେ ଚିର ବିଦାୟ । ବୁକୁରେ ସାହାସ ନେଇ ସେ ଚେଷ୍ଟାକଲା ଏ ଧନିକ ଧରଣୀରେ ଟିକିଏ ଠିଆ ହେବା ପାଇଁ । ଏ ଦୌଲତ ବୁଭୁକ୍ଷୁ ଧରଣୀରେ ନିଃସ୍ୱତାନେଇ ଠିଆହୋଇ ପାରିବାରେ ଭାରିଥିଲା ଗୋଟିଏ ଆତ୍ମପ୍ରସାଦ କିନ୍ତୁ ଭିତରେ ତା'ର ମୂର୍ଚ୍ଛାହୋଇ ରହିଥିବା ନିଃଶୋଷକ ବିପକ୍ଷରେ ବିଦ୍ରୋହ କରିବାର ପ୍ରବଳ ଇଚ୍ଛା । ସେହି ଅନୁସାରେ ସେ ତିଆରି କରି ଆଣୁଥିଲା ନିଜକୁ । ମାତ୍ର ତା'ର ସେ ସତ୍ତାକୁ ବିଲୋପ କରି ଦେବାପାଇଁ ଆସିଲା ଗୁରୁକ କୋଠି ଅଭିଜ୍ଞ ମହଲର ପ୍ରବଳ ଝଡ଼ ...।। ସେ ଉଡ଼ିଆସି ପଡ଼ିଲା ସୋନୁଆ ଜଙ୍ଗଲରେ...। ତା ଠାରୁ ଦୂରରେ ରହିଲେ ନିରାଶ୍ରୟ ବୁଢ଼ୀ ଆଉ ନିସ୍ୱହା ସେବତୀ ।

ସୌମ୍ୟ ଆଉ ସେବତୀ କଥା ଭାବି ପାରିଲା ନାହିଁ, ତା ଆଖିରେ ଉଚ୍ଛୁଳି ଆସିଲା ଲୁହ । ସେହି ଲୁହ ଭିତ ନେତକ ନେଇ

Digitized by srujanika@gmail.com

ସେ ପୁଣି ଭାବିବାକୁ ଲାଗିଲା—"ଭଲ୍ଲୀର ଅଶ୍ରୁ । ଫୁଲସିର ଅନାସକ୍ତ ସ୍ନେହ ପ୍ରୀତି । କିନ୍ତୁ ଆଜି ତା ମନରେ ଏ ପରିବର୍ତ୍ତନ ଆସିଲା କାହିଁକି ? ଏତେ ନିବିଡ଼ ଭାବରେ ଫୁଲସିକୁ ପାଇବାର ଆସକ୍ତି ତା ଜୀବନରେ ଏପରି ଆକସ୍ମିକ ଭାବରେ ଆସିଲା କାହିଁକି ? କେତେଥର ଭାବିଛି ଫୁଲସିକୁ ବନ୍ଧନର ଦୂରରେ ରଖି ତା'ର ନାରୀତ୍ୱର ଐଶ୍ୱର୍ଯ୍ୟକୁ ପୂଜାକରିବାକୁ । ଦେହ ନଦେଇ ମନଦେଇ ତାକୁ ଉପଭୋଗ କରିବାକୁ । କିନ୍ତୁ ପାରିନାହିଁ । ଦିନ ଯେତିକି ଯାଉଛି ସେତିକି ସେ ନିବିଡ଼ ହୋଇ ଆସୁଛି ମୋ ପାଖକୁ... । ଇଚ୍ଛାକଲେ ଅନେକ ସମୟରେ ଅନେକ ବନ୍ଧନ ଖୋଲି ଫିଙ୍ଗି ଦେଇହୁଏ । କିନ୍ତୁ ଫୁଲସି ମୋତେ ଏପରି କି ବନ୍ଧନରେ ବାନ୍ଧିଛି ଯେ ମୁଁ ତାକୁ ଖୋଲି ଫିଙ୍ଗିଦେଇ ପାରୁନି ? ଯେତିକି ତାକୁ ଦୂରରେ ରଖିବାକୁ ଚାହୁଁଛି ସେତିକି ସେ ପାଖକୁ ଲାଗିଆସୁଛି ! ଭଲ୍ଲ ସଭ୍ୟତାର ଅକପଟ ପରିବେଶ ଭିତରେ ଦୁହେଁ ଆଜିଯାଏଁ ଖେଳି ଆସିଥିଲୁ ହାଲୁକା ପ୍ରଜାପତି ପରି । ଏହି ଖଣ୍ଡପାହାଡ଼ ଉପରେ, ଝରଣା ଧାରରେ ବହୁଥର ଫୁଲସିକୁ ନିରୋଳାରେ ପାଇଥିଲି ଅସୀମ ଆନନ୍ଦ । କିନ୍ତୁ ପାଇନଥିଲି ଦେହର ଗନ୍ଧ କାମନା ଚାହିଁନଥିଲି କୌଣସି ବିନିମୟ । ମାତ୍ର ଆଜି କେଉଁ ଦୁର୍ବଳ ମୁହୂର୍ତ୍ତରେ ତା ସଙ୍ଗେ ଦେଖାହେଲା ସନ୍ଧ୍ୟାର ସ୍ନେହ ନୀରବ ଲଗନରେ ସେତିକିବେଳୁଁ ପ୍ରାଣରେ ରେଇଁ ଉଠିଛି ଗୋଟାଏ ଅସଂଲଗ୍ନ ବାସନା !! ତାକୁ ବୁକୁର ଏତେ ପାଖରେ ପାଇବାର ବାସନାତ ମୋର କାମ୍ୟ ନଥିଲା । ଇଚ୍ଛାଥିଲା ତା'ର ସ୍ନେହସୋହାଗ ଭିତରେ ଜୀବନଟିକୁ ବିତେଇ ଦେବା । କୌଣସି ବନ୍ଧନ ଭିତରେ ବାନ୍ଧି ନ ହୋଇ ଏହି ଅବହେଳିତ ଭଲ୍ଲଜାତିର ସେବାକରି ଯିବା । ଫୁଲସିକୁ ମୋ ବନ୍ଧନ ଭିତରକୁ ଆଣିଲେ ମୋ ଅନୁସନ୍ଧିତ୍ସୁ ପ୍ରାଣ

Digitized by srujanika@gmail.com

ଆଜି ପାଇବ କିଏ ? ବନ୍ଧନ ଭିତରେ କିଏ ସନ୍ଧାନ ପାଇ ପାରିବ ? ମୁକ୍ତ—ଆକାଶ—ଗଛଡ଼ାଳ—ଫୁଲବଗିଚା କୁଳାୟ ବନ୍ଧନ କରିନେଲେ ମୋ ସମସ୍ତ ବାସନାର କଣ ପରିସମାପ୍ତି ଘଟିବ ? ଏ କ୍ଷୁଦ୍ର କୁଳାୟର ପରିସର ଭିତରେ ଏ ଅନନ୍ତ ପ୍ରାଣର କି ଅବା ସଂଧାନ ପାଇବି···?"

ସୌମ୍ୟର ଭାବନା ସେତିକି ଆଜି ଅଗେଇ ପାରିଲା ନାହିଁ । ବାଧା ଦେଲେ ପାଖଘରେ ଥିବା ହଂସ ଦଂପତି ଆଜି ତାଙ୍କ ଛୁଆ ଗୁଡ଼ିକ । କୌଣସି କାରଣରୁ ହଂସ ହଂସୀ ଦୁଇଟି କେଁ କେଁ କରି ଉଠିଲେ ଏବଂ ଶାବକ ଗୁଡ଼ିକ କଚ କଚ ପାଟିକଲେ । ସତେ ଯେପରି ସୌମ୍ୟର ଶେଷପ୍ରଶ୍ନର ଉତ୍ତର ଦେଇ କହୁଲେ—"ମଣିଷ ତୁ । ଭାବୁଚୁ କଣ ? ଜୀବନଟା କେବଳ ଯୌବନର ଗନ୍ଧନେଇ ଛଟପିବା ପାଇଁ ନୁହେଁ । ନୀଡ଼ ବାନ୍ଧ । ସେ ଛୋଟିଆ ପରିଧି ଭିତରେ ସବୁ ଅଛି । ସେଠେଇଁ ଅଘାତ ଅଛି, ବେଦନା ଅଛି, ବ୍ୟର୍ଥତା ଅଛି, ସୁଖ ଅଛି ଏବଂ ବଞ୍ଚିବା ପାଇଁ ସଂଗ୍ରାମକରି ଯିବାର ଆନନ୍ଦ ମଧ୍ୟ ଅଛି···।। ସେଇଥିପାଇଁ ଜୀବନରେ ଏ ନୀଡ଼ବଂଧାର ଶାସ୍ୱତଧାରା ଚାଲି ଆସିଛି ଆଜି ମଧ୍ୟ ଚାଲିଥିବ । ଶୃଙ୍ଖଳିତ ଜୀବନର ଏଇଟା ଗୋଟାଏ ସାର୍ଥକ ଆହ୍ୱାନ···।।" ଓଲଟି ଗଲା ସୌମ୍ୟର ଭାବନା । ପ୍ରାଣେ ପ୍ରାଣେ ସେ ଅନୁଭବ କଲା—'ଫୁଲରିକୁ ନେଇ କୁଳାୟ ରଚନା କରିବାର ସାର୍ଥକତା ।' ଅଖଣ୍ଡ କବିତାର ଏକ ଧ୍ୱନି ସ୍ୱପ୍ନରଚନା କରିନେଲା ସୌମ୍ୟ କଳ୍ପନାର ଅନ୍ତହୀନ ଦିଗବଳୟ ତଳେ···। ସେ ଅପେକ୍ଷା କରି ରହିଲା ଫୁଲରିକୁ ।

ଏଣେ ଫୁଲରୀର ସମଦଶା । ସେ ମଧ୍ୟ ଶେଯଉପରେ ପଡ଼ିରହି ଭାବୁଛି···"ଏକଣ ହେଲା ? କାହିଁକି ମୁଁ ଆଜି ତାଙ୍କୁ ଏତେ

Digitized by srujanika@gmail.com

ପାଖରେ ପାଇବାକୁ ଚାହିଁଲି ? ସେ ଏଠାକୁ ଆସିଲା ଦିନଠାରୁ ମୁଁ ତ ତାଙ୍କ ସଙ୍ଗଲାଭ କରି ଆସିଛି । ତାଙ୍କ ସ୍ନେହ ସୋହାଗ ପାଇ ଆସିଛି । ଆଉ ଅଧିକ ତାଙ୍କଠାରୁ କଣ ପାଇବାକୁ ଅବା ଥିଲା ? ସେ ଅକୁଣ୍ଠିତ ଭାବରେ ସବୁ ମୋତେ ଦେଇ ଆସିଛନ୍ତି । ହେଲେ ସେଦିନ ଫୋନରେ କହିଥିଲେ—'ତୁମଙ୍କୁ ଦେବାଲାଗି ମୋର ଯଦି କିଛିଥାଇ ମୁଁ ତୁମଙ୍କୁ ଦେଇ ପାରିନି ତେବେ ତାକୁ ମାଗିନେବ, ଫୁଲରି । ଏତିକି ମୁଁ ଜାଣେ ତୁମକୁ ଅଦେୟ ହୋଇ ମୋର କିଛି ନାହିଁ···।' ତେବେ ଏଇଠା କଣ ଆଉ ବାକିଥିଲା—'ତାଙ୍କୁ ପାଖରେ ପାଇବା ?' ତାଙ୍କୁ କଣ ବା ମୁଁ ପାଖରେ ନ ପାଇଛି ? ତେବେ ମନରେ କାହିଁକି ଏ ଦରିଦ୍ର ଭାବ ଆସିଲା ? ଏ ଚାହିଁବା ଭିତରେ ଆଉ କଣ ଥାଇପାରେ ? ଏ ଦେହଟାକୁତ ନେଇ ତାଙ୍କ ଦେହକୁ ଲଗାଇ କେତେଥର ବସିଛି । କିନ୍ତୁ ଆଜି ସଂଜରେ ତାଙ୍କ ହାତ ପରଶରେ କାହିଁକି ଏପରି ଶିତେଇ ଗଲି ? କାହିଁକି ଶଂକୋଚ ଆସିଲା ମନରେ ? ତାଙ୍କୁ ଖୁବ୍ ପାଖରେ ପାଇବାକୁ ମନରେ ଏ ଗଭୀର ଆବେଗ ଆସିଲା ବା କାହିଁକି ? କଣ ଦେହ ଭୋଗ ପାଇଁ···? ଏଇଠା ତେବେକଣ ତାଙ୍କଠାରୁ ପାଇବାକୁ ମୋର ବାକିଥିଲା ? ଏହାକୁହିଁ ମାଗିନେବାକୁ ଅର୍ଥକଣ ସେ କହିଥିଲେ ? ତାହା ଯଦି ହୋଇଥାଏ ତେବେ ମୁଁ ତା ମାଗିନେଇ ପାରିବି ନାହିଁ । ଦୁର୍ଲଭ ଯାହାନୁହେଁ ତା'ପାଇଁ କିଏ କେବେ ସାଧନା କରି ନଥାଏ କିମ୍ବା ପାଇବା ପାଇଁ ଲାଳାୟିତ ହୋଇନଥାଏ । ମନ ଯେତେବେଳେ ପାଇଛି ସେତେବେଳେ ପ୍ରାଣ ପାଇଛି । ପାଇବାକୁ ଆଉତ କିଛି ବାକି ନାହିଁ । ତେବେ···? ତେବେ ସେତିକି ବେକୁ ତାଙ୍କଠାରୁ ଆଉକଣ ଅଧିକ ପାଇବି ବୋଲି ମନଭିତରେ ଖୋଜି ଚାଲିଛି ? ସେଇ କଣ······ତାଙ୍କ

Digitized by srujanika@gmail.com

ଦେହର ସେହି ଅତୁଳ ଦାନ ମୋ ନିକଟରେ ଆଜ ଅନିର୍ବାର୍ଯ୍ୟ ହୋଇ ଉଠିଛି ଯାହାର ଅଭାବରେ ମୁଁ ଆଜ ପୂର୍ଣ୍ଣପ୍ରାଣ ନେଇ ବଞ୍ଚିପାରିବି ନାହିଁ ? ସେହିପରିତ ଆଜ ମନେହୁଏ—ତାଙ୍କ ମନର ସାଶ୍ୱତ ନୀଡ଼ ଭିତରେ ନପାଇଲେ ବଣ ମାଳତୀ ପରି ଜୀବନଟା ଝଡ଼ି ପଡ଼ିବ···।। ନା, ମୁଁ ସେଇଟା ମାଗି ନେବି । ମାଗିନେବାରେ ତ କିଛି ଭୁଲ ହେବନାହିଁ । ଯାଚନା ଆଗରୁ ଥାଳଭରି ଭିକ୍ଷାପାଇଛି ! କିନ୍ତୁ ଏଇଟା ମାଗିନେବି କେବଳ ଭୋଗପାଇଁ ନୁହେ ଯୋଗପାଇଁ ମଧ୍ୟ ।। ଦୂର ଦୂରାନ୍ତର ପକ୍ଷୀ ଖାଦ୍ୟର ମାୟାଭୁଲି ଯେଉଁ ମାୟା ବନ୍ଧନ ଲାଗି ନୀଡ଼କୁ ଫେରିଆସେ ମୁଁ ସେହିଥିରୁ ଗୋଟିଏ ସୁନାର ନୀଡ଼ ରଚନା କରିବି । ସଂସାର ଧର୍ମ ପାଇଁ ସେହି ହେବ ମୋ ନାରୀ ଜୀବନର ଚରମ ଯୋଗପୀଠ···।। ତାଙ୍କ ସ୍ନେହ, ସାନିଧ୍ୟ ପାଇବା ମୋର ଏକାନ୍ତ ବାଞ୍ଛନୀୟ । ସେହି ହେବେ—ମୋ କଳ୍ପିତ ନୀଡ଼ରଚନାର ପରମ ଓ ଚରମ ଭାସ୍କର···।।" ଏହିପରି ଏଣୁ ତେଣୁ ଗୁଡ଼େ ଭାବି ଭାବି ବିନିଦ୍ର ରଜନୀ ତା'ର କଟିଯାଉଥିଲା ।

କିନ୍ତୁ ଏହି ଫୁଲବାର ସ୍ୱପ୍ନରେ ଦିନେ ରଙ୍ଗ ଦେଇଥିଲା ଇନ୍ଦ୍ରଧନୁର ସାତରଙ୍ଗ । ମହାନଗରୀର କୋଳରେ ବୟସର ସ୍ୱର୍ଣ୍ଣଲଗ୍ନ ଯେତେବେଳେ ତାର ଅଙ୍ଗଛୁଇଁଥିଲା ସେତେବେଳେ ସେ ଭୁଲିଯାଇ ଥିଲା—"ଭିଲ୍ଲର ନିଭୃତ ସରଳ ପଲ୍ଲୀ ।" ସେଟମେଣ୍ଟ—କଂକ୍ରିଟ—ମୋହ ଯୁକ୍ତ ସହର ସଭ୍ୟତାରେ ସେ ଦେଖିଲା—"ଅଳକାର ସ୍ୱପ୍ନ ।" ମୌସୁମୀ ଫୁଲ ଦିହରେ ସେ ଦେଖିଲା—'ପ୍ରକୃତିର ଶାଶ୍ୱତ ସୌନ୍ଦର୍ଯ୍ୟ ।।" ତା ଜନ୍ମପୀଠ, ତା ଶୈଶବର ଲୀଳାଭୂମି ଭିଲ୍ଲ ପଲ୍ଲୀ ତା ଆଖି ଆଗରେ ଦେଖାଦେଲା କୁସୁମିତ ଏକ

Digitized by srujanika@gmail.com

ନଗ୍ନ ରୂପନେଇ । ସେ ମୁହଁ ଫେରାଇ ନେଲା ପଲ୍ଲୀ ଚନ୍ଦନୁ । ହାତ ବଢ଼େଇ ସ୍ୱାଗତ କରିନେଲା ନଗରୀ ସଭ୍ୟତା । କଙ୍କର-କ୍ଷତ-ପାଦ ତଳେ ତା'ର ଚେଇଁ ଉଠିଲା କାର୍ଶ୍ମୀରୀ ଘାସର ଚପଲ । ଶବର ଝିଅର ସୁଠାମ ଶରୀରକୁ ଜଡ଼େଇ ବନ୍ଧାଥିବା ମୋଟାଶାଢ଼ୀ କୁଅଢ଼େଇ ଲୁଚିଗଲା । ଅନ୍ତର୍ବାସୀ ଉପରେ ଅଶ୍ରୁ ନେଲା—"ମେଘଦୂତ ଶାଢ଼ୀ ।" ପ୍ରକୃତ-ପରଶିତ-ନାତ୍ୟ ଉନ୍ମୁକ୍ତ-ବକ୍ଷକୁ ଘୋଡ଼ାଇ ରଖିଲା—"ହାତକଟା କାଞ୍ଚୁଳି ।" ଜୁଡ଼ାଗଲା ଭାଙ୍ଗି । ସେଠାରେ ଦେଖାଦେଲା—"ଅଗ୍ରଚୂର୍ଣ୍ଣିକୃତ କେଶ ଗୁଚ୍ଛର ଦୁଇଟି ସର୍ପିଳ ବେଣୀ ।" ଯେଉଁ ମେଘାଭ କେଶ ଦାମରେ ଶୋଭା ପାଉଥିଲା ପତ୍ରଯୁକ୍ତ ପୁଷ୍ପସ୍ତବକ ସେଠାରେ ଫୁଟି ଉଠିଲା—ଗନ୍ଧହୀନ ମୌସୁମୀ ଫୁଲର ଶ୍ୱେତଦଳ । ବାଁ ହାତରେ କେବଳ ଅଶ୍ରୁ ନେଲା ପଟେ ମାତ୍ର ସରୁ ସୁନାଚୁଡ଼ି । ଦୁଧ ଅଳତା ମିଶା ରଙ୍ଗର ହାତକୁ ସେ ମାନୁଥିଲା ସୁନ୍ଦର । ସେ ନିଜକୁ ନେଇ ଠିଆ କରାଇଲା ଯକ୍ଷବଧୂର ବିରହ ପୂର୍ବ ଭୂମିକାରେ । ସେ ଠିକ କରିନେଲା—"ତା ଫୁଟନ୍ତା ଅଙ୍ଗନେଇ କୌଣସି ଅମର୍ଷିତ ହାତରେ ସେ ନିଜକୁ ସଂପି ଦେବନାହିଁ । ନିଃସଙ୍ଗର ପୀଡ଼ା ଏ ବୟସରେ ମର୍ମାନ୍ତିକ ହେଲେ ମଧ୍ୟ ସେ ଅପେକ୍ଷା କରିବ ଅଚହ୍ନା ଦଇତକୁ । ଅଚିହ୍ନାକୁ ଚହ୍ନି ନେଇ ପାଖରେ ପାଇଲା ପର୍ଯ୍ୟନ୍ତ ସେ କରିବ ନୀରବ ସାଧନା । ଆଖି ପାଣିରେ ଫୁଟାଇବ ଗୁଲ୍‌ମେଲ୍ । ପିନ୍ଧାଇ ଦେବ ତା ନୂତନ ଅତିଥିକୁ ବ୍ୟାକୁଳତା ଦର୍ପିତାର ପ୍ରଥମ ପ୍ରୀତିହାର ରୂପେ..... ।। କିନ୍ତୁ ଶବ ଭୂଇଁର ନକଲି ପ୍ରେମିକା ସାଜି ସେ ତା ଜୀବନଟାକୁ ବାଜେଖର୍ଚ୍ଚ କରି ଦେବନାହିଁ ।।"

ଶିଳ୍ପାୟିତ ଅଙ୍ଗ ଖଣ୍ଡିକ ନେଇ ସେ ଯେଉଁଦିନ ନୂଆକରି ମହାନଗରୀର କୋଳାହଳ ପୂର୍ଣ୍ଣ ରାଜପଥ ଉପରେ ଆସି ଠିଆହେଲା

Digitized by srujanika@gmail.com

ସେ ଦିନ ବର୍ଷିଗଲା ସହସ୍ର କେଳଭ୍ରୁତର ଅଗ୍ନି । ସେ ସହି ପାରିଲା ନାହିଁ ସେ ସବୁ ଜିତପୃ ଶୃଙ୍ଖାଣି । ଲଜ୍ୟା ଓ କ୍ଷୋଭରେ ତାମୁହଁ ତଳକୁ ହୋଇଗଲା । ସେ ଦେଖିଲା—" ତା ଚପଲ ତଳେ ଗାଁ ଭୂଇଁର ମାଟିନାହିଁ; ଅଛି ପିଚ୍‌ର ରାଜପଥ ଯାହାକୁ ନେଇ ଆଜ ତିଆର ହୋଇଛି ରାଜପଥ ସଭ୍ୟତାର ନୂଆ ଇତିହାସ ଆଜ ଯାହା ଉପରେ ଠିଆ ହୋଇ ବିନା ଶଂକୋଚରେ ଆଜ ନବଯୁଗର ସଭ୍ୟ ମାନବ ଭୋକିଲା ଆଖି ନେଇ ନିର୍ଲଜ ଭାବରେ ଗୃହିଁରହେ ଭଦ୍ର ଘରର ଝିଅ ବୋହୂଙ୍କୁ । । "

ଏହାପରେ ପ୍ରତିଦିନ ସହସ୍ର ଭୋକିଲା ଆଖି ଏଡ଼ି ସେ ଗୁଲିଯାଏ ତା ବିଦ୍ୟାପୀଠକୁ । କ୍ରମେ କ୍ରମେ ଫୁଲିରାର ସୌନ୍ଦର୍ଯ୍ୟ କାହାଣୀ ଗୁରିଆଡ଼େ ଶୁଣାଗଲା । ଅଫିସ ଘରେ, ଗୁ-ଦୋକାନରେ ପ୍ରେକ୍ଷାଘରେ, ପାର୍କରେ, ବାଟରେ ଘାଟରେ ତା ସୌନ୍ଦର୍ଯ୍ୟ ସୃଷ୍ଟିକଲା ଗୋଟାଏ ସୌଖୀନ ଚର୍ଚ୍ଚା । ତା ସହପାଠିମାଙ୍କ ମଧ୍ୟରେ ବଢ଼ିଲା ତା'ର ଆଦର । କିଏ କହିଲା—" ସୌନ୍ଦର୍ଯ୍ୟର ଛିଂପନ । " କିଏ କହିଲା—"ଅରୂପର ରୂପାୟନ । " ଏହାପରେ ଅଛା କରି ତା ସଙ୍ଗିନୀମାନେ ତାକୁ ହାଇରାଣ କରି ଦିଅନ୍ତି । କିନ୍ତୁ କଣ୍ଠିତ ରୂପସୀ ଦଳ ଫୁଲିରାର ସୌନ୍ଦର୍ଯ୍ୟ ପ୍ରଶଂସା ସହିନପାରି ବ୍ୟଙ୍ଗୋକ୍ତି କରି କହନ୍ତି—" ଶବର ଝିଅଟେତ । " ମାତ୍ର ସେମାନେ ପଦ୍ମ ନ ଦେଖି ଦେଖନ୍ତି ପଙ୍କ । ।

ଏଣିକି ବନ୍ଧୁ ସଂଖ୍ୟା ବଢ଼ି ଗୁଲିଲା ଶରଣାର । ଶରଣା ଫୁଲିରାର ବଡ଼ଭାଇ । କାମ କରେ ଗୁରୁବି କୋଠିର ଏକ ଦାୟିତ୍ୱ-ପୂର୍ଣ୍ଣ ଅଫିସରେ । ସହକର୍ମୀ ବନ୍ଧୁ ମାନଙ୍କଠାରୁ ଆରମ୍ଭ କରି ତା ଭାଗ୍ୟର କୁ-ଗ୍ରହ ସ୍ୱରୂପ ପେଣ୍ଡି ଅଫିସର ମାନେଥିଲେ

Digitized by srujanika@gmail.com

ସେମାନଙ୍କ ପର୍ଯ୍ୟନ୍ତ ଆଜ ତା ଆଦରର ସୀମାରେଖା ବ୍ୟାପିଗଲା । ଶରଣୀ ଯେ ଏହାର କାରଣ କଣ ନ ବୁଝିଥିଲା ତାହା ନୁହେ ।

ଫୁଲରଙ୍କୁ କିନ୍ତୁ ଏଣିକି ଆଉ ଭଲଲାଗିଲା ନାହିଁ ସହରର ସେ ଜ୍ୱଳନ । ବାହାରକୁ ଟିକିଏ ବାହାରିଲେ ସହସ୍ର ଜ୍ୱଳନ୍ତ ନଜର । ଘର ଭିତରେ ରହିବାକୁ ଗଲେ ପୁରା କାରାବାସ । ଦୁଆର ଝରକା ଟିକିଏ ଖୋଲି ବସିଲେ ଅନାମଧେୟ, ଅନାହୂତ ଗୁଡ଼ାଙ୍କର "ଶରଣୀ ବାବୁ" "ଶରଣୀ ବାବୁ" ଡ଼ାକିବାର ଚିତ୍କାର । ସେମାନେ ଜାଣନ୍ତି ସେ ସମୟରେ ଶରଣୀ ଘରେ ନ ଥାଏ । ସେଇଟା ଅଫିସ ବେଳ । ତଥାପି ଡାକି ଯା'ନ୍ତି । ତାର କାରଣ ଫୁଲରଙ୍କୁ ଅଛପା ନଥିଲା । କିନ୍ତୁ ସେ କିଛି କହିପାରୁ ନ ଥିଲା । ସେମାନଙ୍କୁ ମୁହଁ ଫିଟେଇ କିଛି କହିବାକୁ ସେ ଘୃଣାବୋଧ କରୁଥିଲା । କାରଣ ସେ ଧରି ନେଇଥିଲା—"ଏ ଅପଗଣ୍ଡ ଗୁଡ଼ାକ ଯେଉଁ ନାନା ବେଶ ପାଜି, ଆଖିରେ ଫ୍ୟାସିନେଟ୍ ରିମ୍‌ଲେସ୍ ଚସମା ଦେଇ, କମିଜର କଲର ଟେକି, ଓଠରେ ସିଗାରେଟ ଝୁଲେଇ, ମୁହଁରେ ସ୍ନୋ ଲେପି ଶରଣୀ ଭାଇକୁ ଖୋଜିବାକୁ ଆସନ୍ତି ସେ ଗୁଡ଼ାକ ମୋ'ଠି ଉପରେ ଭଦ୍ର ତ ନୁହନ୍ତି ଉପରନ୍ତୁ ଅଜବ ବେକୁବ୍ ! ସେମାନେ ଚାହାଣିରେ କାହାଣୀ ରଚନା କରିବାକୁ ଚାହାନ୍ତି । ସେଇଠିକିକରେ ତାଙ୍କର ତୃପ୍ତି, ବାହାଦୁରୀ...।!" ଏହିସବୁ ଦେଖିଶୁଣି ଫୁଲରଙ୍କୁ ଭଲ ଲାଗିଲା ନାହିଁ । ସେ ଚାହିଁଲା ଏହିପରିଇଁ ନଗରୀ ଜୀବନରେ ସମାପ୍ତି ରେଖାଟାଣି ଦେଇ ଫେରିଯିବ ତା ସରଳ ପଲ୍ଲୀଜୀବନକୁ ଯେଉଁଠି ସରଳ ଜୀବନ କଟେଇବାକୁ ସମସ୍ତ ପାଥେୟ ସଞ୍ଚିତ ରହିଛି ।।

କିନ୍ତୁ ଶରଣୀ ଚାହିଁଥିଲା ଅନ୍ୟ ପ୍ରକାର । ସେ ଚାହିଁଥିଲା—"ଫୁଲରଙ୍କୁ ପାଖରେ ରଖି ତା ସୌନ୍ଦର୍ଯ୍ୟ ଆଲୋକରେ ଯାହା କିଛି

Digitized by srujanika@gmail.com

ଖୋଜି ନେବାର ଖୋଜନେବ ।" ଶରଣା ଶବର ପୁଅ ହେଲେ ବି ଶିକ୍ଷିତ ହେଲା ଏ ହରବକ୍ରଭିନିଆଙ୍କ ଯୁଗର ନଗରୀ ସଭ୍ୟତାରେ ନିଃସଂକୋଚ ଭାବରେ ଚଳିପାରିଲା ଭଳି ନିଜକୁ ସେ ତିଆରି କରି ନେଇଥିଲା । ତେଣୁ ଏକଥା ଭାବିବାକୁ ତା ମନରେ ଘୃଣା ଆସି ନଥିଲା ।

ଅନାହାରୀ ଅତିଥିଙ୍କ ପାଇଁ ଶରଣା ଦୁଆର ବନ୍ଦ ହୋଇଗଲା ସତ କିନ୍ତୁ ସବୁବେଳପାଇଁ ଖୋଲିରହିଲା—"ମଧୁପାୟୀ ଅତିଥିଙ୍କ ଆଗମନ ପାଇଁ ।" ଏହି ବରିଷ୍ଠ ଅତିଥି ହେଲେ ଶରଣାର ଭାଗ୍ୟ ନିୟନ୍ତା । ଗୃହକ କୋଠେର ଜଣେକ ଅଫିସର । ଫୁଲରାର ଓ ପାରୁଲାର (ଶରଣା ସ୍ତ୍ରୀ) ବହୁ ଆପତ୍ତି ସତ୍ତ୍ୱେ ଶରଣା ବନ୍ଦକରି ପାରିନଥିଲା ଏ ମହାନ ଅତିଥିଙ୍କର ଶୁଭ ଆଗମନକୁ । ସେ ଶୁଣି ନ ଶୁଣିଲା ପରି ରହି ଯାଇଥିଲା । କିନ୍ତୁ ତା ସ୍ତ୍ରୀକୁ ଏକାନ୍ତରେ ଥରେ କହିଥିଲା " ସେ ଏତେବଡ଼ ଲୋକ । ସେ ଯଦି ବେଳେ ବେଳେ ଆସି ଫୁଲରା ସାଥିରେ ପଦେ ଅଧେ କଥା ହୋଇ ଆନନ୍ଦ ପାଉଛନ୍ତି ସେଥିରେ ଆମର ଆପତ୍ତି କରିବାର କଣ ଅଛି ?" ସ୍ୱାମୀଙ୍କ ଠାରୁ ଏପରି କଥାଶୁଣି ପାରୁଲା ଉତ୍ତର ଦେଇଥିଲା— "ସେ ଯଦି ଫୁଲରା ସାଥିରେ କଥାବାର୍ତ୍ତା କରିବାକୁ ଏତେ ସୁଖ ପାଉଛନ୍ତି ତେବେ ତୁମେ ଥିଲାବେଳେ ଆସୁନାହାନ୍ତି କାହିଁକି ? ତୁମେ ଅଫିସରେ ଥିଲାବେଳେ କିମ୍ବା ବାହାରକୁ ଯାଇଥିଲା ବେଳେ ଆସି ଯାଉଛନ୍ତି ! ସାଥିରେ ଟଫିରେ ଗୁଡ଼ାଏ ଉପହାର ନେଇ । ଏସବୁ କଣ ? ସାହି ପଡ଼ିଶା କଣ କହିବେ ? ତାଙ୍କର ଲଙ୍ଗଳା ସମାଜ ବୋଲି କଣ ସମସ୍ତଙ୍କର ସେଇୟା ? ସେ ବଡ଼ଲୋକ । ତାଙ୍କ ଘରେ ଦିନ ଦିପହରେ ଗୋପଲୀଳା ହେଲେ ମଧ୍ୟ କେହି କିଛି କହିବେ ନାହିଁ । କିନ୍ତୁ ତୁମକୁ ଯେ ବାଛନ୍ଦ କରିବେ । ଗରିବ ଘର ହାଣ୍ଡିରେ ଶୋଉଷ

Digitized by srujanika@gmail.com

ଫୁଟିଲେ ସଭିଙ୍କ କାନକୁ ଶୁଣାଯାଏ । ମୁଁ ଏସବୁ ପସନ୍ଦ କରେ-ନାହିଁ । ତୁମେ ତାଙ୍କୁ ଆମ ଘରକୁ ଆସିବାକୁ ମନା କରିଦଅ···।" କିନ୍ତୁ ପାରୁଲା କଥାରେ ବିରକ୍ତ ହୋଇ ଶରଣା ସେଦିନ ଗୃହ ଯାଇଥିଲା ।

ଶରମାର କ୍ଷୁଦ୍ର ସଂସାର ଭିତରେ ତା ମା ବୁଢ଼ୀ, ଭଉଣୀ ଫୁଲରି ଏବଂ ସ୍ତ୍ରୀ ପାରୁଲା । ମା ବୁଢ଼ୀ ଗାଁରେ ଥାଏ, ଛେଳି, ମେଣ୍ଢା, ଗାଈ ଗୋରୁ, ଜମିବାଡ଼ ଯାହାକିଛି ଥିଲା ତାକୁ ଦେଖାଶୁଣା କରୁଥାଏ । ଫୁଲରିର ପିଲଟି ଦିନରୁ ପାଠ ପଢ଼ିବା ପାଇଁ ଗୋଟାଏ ଝୁଙ୍କ ଥିଲା । ବୁଢ଼ୀ ତେଣୁ ତାକୁ ପଢ଼ିବାକୁ ଛାଡ଼ିଥିଲା ଗାଁ ଦୂରରେ ଥିବା ପାଠଶାଳାକୁ । କାରଣ ଭିଲ୍ଲପଲ୍ଲୀ ଭିତରେ କମ୍ପା ଭିଲ୍ଲ ବସ୍ତି ଆଖ ପାଖରେ କୌଣସି ପାଠଶାଳା ନ ଥିଲା । ଫୁଲରିର ରୂପ ଯେପରି ଥିଲା ଗୁଣ ମଧ୍ୟ ସେପରି ସୁନ୍ଦର ଥିଲା । ତାକୁ ଶବର ଝିଅ ବୋଲି କେହି କହୁନଥିଲେ । ମାଟ୍ରିକ ପାସ କରି ଯିବାପରେ ଶରଣା ତାକୁ ନେଇଗଲା ସହରକୁ । ସହରରେ ରହିଲେ ଶରଣା, ପାରୁଲା ଏବଂ ଫୁଲରି । ରୂପର ରସାଣିଆ ମାଧୁରୀ ପାରୁଲାଠାରେ ନ ଥିଲେ ମଧ୍ୟ ଶରଣାକୁ ମୁଗ୍ଧ କରିଥିଲା ତା'ର କର୍ମଠତା ଆଉ ନିଖୁଣ ସ୍ୱାସ୍ଥ୍ୟ, ତେଣୁ ଶିକ୍ଷିତ ଶବର ପୁଅ ଶରଣା ଅଶିକ୍ଷିତା ଶବର ଝିଅ ପାରୁଲାକୁ ଧର୍ମପତ୍ନୀ ରୂପରେ ବରଣ କରିନେଇଥିଲା । ନୂଆ ସଂସାରଟିଏ ତିଆରି କରିବାକୁ, ଶରଣାର ସୁଖ ଦୁଃଖରେ ସମଭାଗିନୀ ହୋଇ ପାରୁଲା ତା ପତ୍ନୀଧର୍ମ ପାଳନ କରି ଆସିଅଛି ସେହି ଦିନଠୁଁ ଯେଉଁଦିନ ସେ ବଧୂରୂପରେ ଗୋଡ଼ ଦେଇଥିଲା ଶରଣାର କୁଟୀରରେ । କିନ୍ତୁ ଆଜି କାହିଁକି ଅଶିକ୍ଷିତା ପାରୁଲା ଶିକ୍ଷିତ ସ୍ୱାମୀର ଏ କାର୍ଯ୍ୟଟିକୁ ପସନ୍ଦ କରିପାରି ନ ଥିଲା । ତା ମନର କେଉଁ ନିଭୃତ କୋଣରେ ଓଡ଼ିଶାମାଟିର ନାରୀସଂସ୍କାର ଅଧାର ହୋଇଥିଲା । ସେ ଶବର ଝିଅ

Digitized by srujanika@gmail.com

ହେଲେ ମଧ୍ୟ ଏହି ଓଡ଼ିଶା ମାଟିର ଦୁଲାଳୀ । ବୟସ୍କା ଝିଅ ଫୁଲରାଙ୍କୁ ପୁରୁଷ ଲୋକପାଖରେ ଅବାଧରେ ମିଳାମିଶା କରିବାକୁ ସେ ପସନ୍ଦ କରୁନଥିଲା । ତେଣୁ ସେ ଶରଣା ପାଖରେ ଆପତ୍ତି କରୁଥିଲା ଏବଂ ଶରଣାର ଯେତେକଥାରେ ପ୍ରତିବାଦ କରୁଥିଲା ।

ସେ ଦିନର ଫୁଲ ସଂଜ ଗୁରିଆଡ଼େ ମାଡ଼ି ଆସୁଥିଲା । କିନ୍ତୁ ଫୁଲରି ମନରେ ନ ଥିଲା ହରଷ । ଭାଇର ବୈଠକ କାମରାଟିରେ ଏକୁଲା ବସିଥାଏ । ଭାବୁଥାଏ—"ଏ ସହର ସଭ୍ୟତାର ଜଳବାୟୁ ମଣ୍ଡଳରେ ସେ ଆଉ ବଞ୍ଚି ପାରିବ ନାହିଁ । ଝାଉଁଳି ପଡ଼ିବ । ତାକୁ ଫେରିଯିବାକୁ ହେବ ତା'ର ସେହି ସରଳ ସୁନ୍ଦର ଗ୍ରାମ୍ୟ ଜୀବନକୁ ଯେଉଁଠି ସେ ପାଇଥିଲା ମୁକ୍ତପକ୍ଷୀର ଜୀବନ······। କିନ୍ତୁ ଆଜି ସେ ଏଠି ରହିପାରିବ ନାହିଁ । ଏ ନଗ୍ନ ସଭ୍ୟତାର ଅବର୍ଜନାରେ ତା ମନ ଗନ୍ଧେଇ ଗଲାଣି !! ଯେତେ ଶୀଘ୍ର ପାରେ ସେ ଏଠାରୁ ଗୁଲିଗଲେ ବଞ୍ଚେ । ସେ ଏ ମହାନଗରୀରେ ପାଞ୍ଚବର୍ଷ ଉପରେ କଟେଇ ଦେଇଥିଲେ ମଧ୍ୟ ସେ ଏ ନଗରୀ ଜୀବନଉପରେ ଏପରି ଦିନେ ବିତଶ୍ରଦ୍ଧ ହୋଇନଥିଲା । କିନ୍ତୁ ଯେଉଁ ଦିନ ସେ ଅଙ୍ଗର ପୂର୍ଣ୍ଣ ବିକାଶ ନେଇ ଜୀବନ ବିକାଶ ଲାଗି କଲେଜ ପଥରେ ଗୋଡ଼ ଦେଲା ସେହି ଦିନଠାରୁ ଆସିଲା ତା ଭାଗ୍ୟର ବିପର୍ଯ୍ୟୟ !! କିନ୍ତୁ କାହିଁକି ? ଏହାର କାରଣ କଣ ସେ କିଛି ବୁଝିପାରିଲା ନାହିଁ । ସେ ଜାଣିପାରିଲା ନାହିଁ କେଉଁଠି ସେ ଅପରାଧ କରିଛି । କଲେଜକୁ ଯିବାରେ ସେ ତା'ର ପଢ଼ାପାଠିର ସଂସ୍କାର ଆଣିବା ଛଡ଼ା ଆଉ କିଛି ସେପରି କିଛି କରି ନାହିଁ । ନିର୍ଲଜ୍ଜ ଭାବରେ କାହାପାଖରେ ପ୍ରେମ ଯାଚନା କରିନାହିଁ । ପ୍ରଣୟିନୀର ଅଭିନୟ କେଉଁଠାରେ ହେଲେ କରିନାହିଁ । ଏ ଚଳଚିତ୍ର ଯୁଗରେ ଦିନେ ହେଲେବି ସେ ପ୍ରେକ୍ଷାଗୃହ ଅଙ୍ଗବିନ୍ୟାସର ଚିତ୍ରାଳି ମନରେ ସ୍ଥାନ ଦେଇନି !!

Digitized by srujanika@gmail.com

ଦିନେ ହେଲେତ ସେ କୌଣସି ପୁରୁଷର ବାହୁରେ ବାହୁଲଗାଇ ପଥଘାଟରେ ବୁଲିନି କିମ୍ବା ସିନେମା, ପାର୍କରେ ଦେହକୁ ଦେହ-ଘଷି ବସି କାହାକୁ ଓଠ ମଧ୍ୟ ଚଖାଇ ନାହିଁ । କିମ୍ବା କାହାରି ବୁକୁରେ ଅସମ୍ଭାଳ ତନୁଟିକୁ ଢାଳିଦେଇନି······!! କେତେତ ନିର୍ଲ୍ଲଜତା ବା ଏ ସଭ୍ୟ ଜଗତରେ ନ ହେଉଛି ? ସେ ତା ସାଙ୍ଗସାଥିଙ୍କର ନବ୍ୟ ଭବ୍ୟ କେତେ ହେସାମି ସେ ଅବା ନ ଦେଖୁଛି ? କିନ୍ତୁ ସେତ ନିଜକୁ ଠିକ ଏ ହେଲେ ଶୀଳତା ସୀମାରୁ ଟଳେଇ ନାହିଁ । ତେବେ ଏ ଅଯଥା ଜ୍ୱଳନ କାହିଁକି ? ବଡ଼ଘର ଝିଅ ନୁହେ ବୋଲି ଅଭିଜଙ୍କ'ଣ ତା ପ୍ରତି ଏ ତାଚ୍ଛଲ୍ୟ ? ବାହାରକୁ ବାହାରିଲେ ଗିଳି ଖାଇଗଲା ପରି ହେଉଛନ୍ତି । କି ଅଭଦ୍ର ଏ ଶିକ୍ଷିତ ସଭ୍ୟ ଯୁଗର ଲୋକ ? ଏମାନଙ୍କର ଏ ଅସଭ୍ୟତା ଦେଖି ବୋଧହୁଏ ମହାତ୍ମା ଗାନ୍ଧୀ କହିଥିଲେ—'ଯେଉଁଦିନ ଷୋହଳ ବର୍ଷର ଝିଅ ଅବାଧରେ ରାତି ଅଧରେ ବୁଲିବାଲି ଘରକୁ ଫେରିଆସିବ ସେହି ଦିନ ରାମରାଜ୍ୟ ହେଲାବୋଲି ଜାଣିବ······!!' କେବେ ସେ ଦିନ ଭାରତକୁ ଆସିବ ? ଝିଅ ମାନେ କଣ ନିରୁପଦ୍ରବ ଭାବରେ ଚଲା ବୁଲା କରିବାର ଅଧିକାର ପାଇବେ ନାହିଁ ?"

ଆଜି ତେଣିକି ସେ ଭାବନା ନେଇ ଆଗେଇ ପାରିଲା ନାହିଁ । ଦୁଆରେ ଖଡ଼ ଖଡ଼ ଶବ୍ଦହେଲା । "ଭାଇ ଆସିଲେ" ଭାବି ସେ ଦୌଡ଼ିଗଲା ଦୁଆର ଖୋଲିବାକୁ । କିନ୍ତୁ ଦୁଆର ଖୋଲି ଦେଖିଲା—" ଅପକର୍ଣ୍ଣି ବାବୁ ।" ତା ଛାତି ଗୁଜୁଁକିନା ହୋଇଗଲା । "ଭାଇ ଘରେ ନାହାନ୍ତି" ଏ କଥାଟି କହିବାକୁ ପାଟି ଫିଟିଲା ନାହିଁ । ମୁହଁ ପୋତି ଚାଲିଗଲା ଭାଉଜ ପାଖକୁ । ଅପକର୍ଣ୍ଣି ଆସିବା କଥା କହିଲା । ପାରୁଲା ସେତେବେଳକୁ ରନ୍ଧାବାଢ଼ରେ ବ୍ୟସ୍ତଥିଲା ।

Digitized by srujanika@gmail.com

କହିଲା—"ତୁମେ କହିଦିଅ ଭାଇ ଫେର ନାହାନ୍ତି ।" ଅନାସ୍ଥା-ଚଳିତ ପାଦଦୁଇଟି ଟାଣିନେଇ ଫୁଲବି ଯାଇ ସେଇକଥା ଜଣାଇ ଦେଲା । କିନ୍ତୁ ଅପକାର୍ତ୍ତି ସେ କଥା ନ ଶୁଣିଲା ପରି ହୋଇ ଫୁଲବିକୁ ପଚାରିଲା—'ବୋଧହୁଏ ଆପଣ କିଛି ଗଭୀର ଭାବରେ ଚିନ୍ତା କରୁଥିଲେ ? ମୁହଁ ଦେଖିଲେ ଜଣାପଡ଼େ······।" ଫୁଲବି କିନ୍ତୁ କୌଣସି ଉତ୍ତର ନଦେଇ ମୁହଁ ପୋତି ଠିଆହୋଇ ରହିଲା । ଏହି ସୁଯୋଗରେ ଅପକାର୍ତ୍ତୀର ଲୋଭାତୁର ଆଖି ଦୁଇଟି ବୁଲିଗଲା ଫୁଲବିର ଲବଣୀତ ଅଙ୍ଗଯଷ୍ଟି ଉପରେ···।।

ଏହି ଅପକାର୍ତ୍ତୀ ହେଉଛନ୍ତି ଗୃହୁକ କୋଠିର ଅପଗଣ୍ଡ ଅଫିସରଙ୍କ ଭିତରୁ ଅନ୍ୟତମ । ଚଉ୍ ଗୈରିକବାରେ ମାର୍କାମରା ଏ । ଅଷାଢ଼ ମାସ ପ୍ରୁଚ୍ଛିଧାରି ପଥବୁଲାଙ୍କ ପରି ସେ ଯେତିକି ହିଂସ୍ର ସେତିକି ପ୍ରବଣ ମଧ୍ୟ । ଏଥିରେ ପୁଣି ତାଙ୍କର ଗର୍ବ । ଅଶୁଧାରିଙ୍କ ଇସାରେ ଅବୈଧ ବିଳାସରେ ସେ ଯେତେଦୂର ବୁଡ଼ିରହି ଥାଆନ୍ତି ତାହା କହିବାକୁ ସେ ଆଜି ତାଙ୍କ ଗୋଷ୍ଠୀ କୁଣ୍ଠାବୋଧ କରନ୍ତି ନାହିଁ । କାମିନୀ କାଞ୍ଚନ ହେଲା ତାଙ୍କର ଜୀବନ ତତ୍ତ୍ୱ । ତାଙ୍କର ନିର୍ବୋଧତା ପାଇଁ କିମ୍ବା ଅକ୍ଷମତା ପାଇଁ ସେମାନେ ଅନୁତପ୍ତ ହୁଅନ୍ତି ନାହିଁ । ଏମାନେ (ଅପକାର୍ତ୍ତୀଙ୍କ ଗୋଷ୍ଠୀ) ଚମଡ଼ା ଅଳି ପାଦୁକାକୁ ଯେତେ ଭକ୍ତି କରନ୍ତି ଦେଶକୁ କିମ୍ବା ଦେବତାକୁ ସେତେ ଭକ୍ତି କରନ୍ତି ନାହିଁ । ତେଣୁ ଅନାହୂତ ଭାବରେ ବେଳ ନାହିଁ ଅବେଳ ନାହିଁ ଶରଣୀ ଘରକୁ ଅପକାର୍ତ୍ତୀର ଦୌଡ଼ ।

ଅପକାର୍ତ୍ତୀ ଫୁଲବିର ସୌନ୍ଦର୍ଯ୍ୟରେ ଏକ ପ୍ରକାର ଉନ୍ମାଦ ହୋଇ ଉଠିଥିଲା । ଭିତରର ଚଞ୍ଚଳତାକୁ ସେ ଦାବି ରଖି ପାରିଲା ନାହିଁ । ଭଦ୍ରତାର କୃତ୍ରିମ ପରିବେଶ ନିଜରୂପ ନେଇ ଫୁଟି ଉଠିଲା ।

Digitized by srujanika@gmail.com

ସେ ନିଜକୁ ଆଉ ସଂଯତ କରି ନ ପାରି ଧରିନେଲା ଫୁଲଶ୍ରୀର ହାତ । ଚମକି ଉଠିଲା ଫୁଲଶ୍ରୀ । ଚାହିଁ ଦେଖିଲା—"ଅପକଣ୍ଠୀ ତା ହାତଧରି ତାକୁ ଚାହିଁ ରହିଛି ।" ସେ ଚାହାଣି ସହ୍ୟ କରି ପାରିଲା ନାହିଁ ଫୁଲଶ୍ରୀ । ଗର୍ଜି ଉଠିଲା । କହିଲା—"ଏକି ଅଭଦ୍ରାମି ? ମୋ ହାତ ଧରିଛନ୍ତି କାହିଁକି ? ଛାଡ଼ନ୍ତୁ ।" ଅପକଣ୍ଠୀ ଫୁଲଶ୍ରୀର ହାତ ଛାଡ଼ିଦେଇ ଠିଆହୋଇ ରହିଲା । ଆହତ ନାଗୁଣୀ ପରି ଫୁଲଶ୍ରୀ ସେତେବେଳକୁ ଫୁଲିଉଠିଲାଣି । ନିର୍ବିକାର ଭାବରେ ଠିଆ ହୋଇଥାଏ ଅପକଣ୍ଠୀ । ଫୁଲଶ୍ରୀ ତାଚ୍ଛଲ୍ୟ ଭାବରେ ପାଟିକରି କହିଲା—"ଆପଣ ଏଡ଼େ ନୀଚ ? ଭଦ୍ର ଘରକୁ ଆସି ଅଭଦ୍ର ବ୍ୟବହାର ? ଚାଲିଯାନ୍ତୁ ଏଠୁଁ ।" ନିର୍ଲ୍ଲଜ ଅପକଣ୍ଠୀ କିନ୍ତୁ ଉତ୍ତର ଦେଲା—"ମୁଁ ନୀଚ ହୋଇପାରେ । କିନ୍ତୁ ମୁଁ ତୁମକୁ ଭଲପାଏ । ଏ ଭଲ ପାଇବାର ମୂଲ୍ୟ କଣ କିଛି ନାହିଁ ?" ଏ କଥାଶୁଣି ଫୁଲଶ୍ରୀ ଅସ୍ଥିର ହୋଇ ଉଠିଲା । କହିଲା —"ଏ ଭଲପାଇବାର ଅଭିନୟ ଆପଣ ରଙ୍ଗମଞ୍ଚରେ କରି ପାରନ୍ତି । ଆପଣଙ୍କ ସମଧର୍ମୀ ଘରେ ଦେଖାଇ ପାରନ୍ତି କିନ୍ତୁ ଏଠାରେ ନୁହେଁ, ଗରିବ କୁଡ଼ିଆ ସେ ଅଭିନୟକୁ ନରକ ତୁଲ୍ୟ ଘୃଣା କରେ । ସେ ମୂଲ୍ୟଦିଏ ତା ଇଜ୍ଜତକୁ ସର୍ବାପେକ୍ଷା ବେଶୀ ।" ଅପକଣ୍ଠୀ ଫୁଲଶ୍ରୀର ତିରସ୍କାରରେ ବିଚଳିତ ନ ହୋଇ କହିଲା—"ଭଲ ପାଇବା ପାଖେ ସ୍ଥାନ, ପାତ୍ରର ବିଚାର କିଛି ନ ଥାଏ । ତୁମ କୁଡ଼ିଆର ଇଜ୍ଜତ ଏ ନଷ୍ଟକରୁ ନାହିଁ ।" "ଆପଣ ଆଉ ବେଶୀ କିଛି କହିବେ ନାହିଁ, ଅପକଣ୍ଠୀ ବାବୁ । ଲଜ୍ଜିତ ହୁଅନ୍ତୁ । ସ୍ଥାନ ପାତ୍ରର ବିଚାର ଆପଣଙ୍କର କିମ୍ବା ଆପଣଙ୍କ ପଛକଥା ସଭ୍ୟ ସମାଜରେ ନଥାଇ ପାରେ । କିନ୍ତୁ ଆମର ଅଛି । ଆପଣଙ୍କ ସମାଜରେ କୁମାରୀ 'ମା' ହୋଇପାରେ । ଶିକ୍ଷକ ଛାତ୍ରୀର ପ୍ରଣୟୀ ହୋଇପାରେ । ପ୍ରେମ

Digitized by srujanika@gmail.com

ରଙ୍ଗାରେ ଭାଇପାଖେ ଭଉଣୀ ପ୍ରଗଲ୍‌ଭା ହୋଇପାରେ । କିନ୍ତୁ ଆମର ଏ ଅସଭ୍ୟ (?) ସମାଜରେ ତାହା ହୋଇପାରେ ନା ।”

ଫୁଲରା ଠଉଁ ଏସବୁ ଶୁଣି ଅପକ୍ଷିତୀ ନିର୍ଲଜ୍ଜ ହସ ହସି କହିଲା—“ତୁମେ ମସ୍ତବଡ଼ ଭୁଲ କରୁଛ, ଫୁଲରା । ଆମେ ପୁଞ୍ଜିକଟା ସମାଜର ହୋଇପାରୁ । ଆମ ସମାଜରେ ସବୁକିଛି ଅପକର୍ମ ଚଳିଥାଇ ପାରେ । କିନ୍ତୁ ତୁମର ଏ ସବୁ ମୁହଁକଥା । ଗୋଟାଏ ଫମ୍ପା ଅସ୍ଫାଳନ । କିନ୍ତୁ ଅନ୍ତର କଥା ନୁହେ । ନୀତିବାକ୍ୟ ଆପଣଙ୍କ ସମାଜ ମୁହଁରେ ଆଜି ଏଣିକି ଶୋଭା ପାଇବ ନାହିଁ । ତୁମ ସମାଜ ଯେ ଏହି ପୁଞ୍ଜିକଟା ସମାଜ ପାଖେ ସବୁ କଥାରେ କୃପାଭିକ୍ଷାର୍ଥୀ । କୃପା ଯାଚନା ନେଇ ଏହି ପୁଞ୍ଜିକଟାଙ୍କ ପାଖେ ନାଟିଭଙ୍ଗି ଠିଆ-ହେଲ ବେଳେ ସେମାନେ ଭୁଲିଯାଇଥାନ୍ତି ତାଙ୍କ କୁଣ୍ଡିଆର ମହତ୍ତ୍ୱ । ଚାହୁଁଥାନ୍ତି ପୁଞ୍ଜିକଟାଙ୍କ ହାତଟେକା କୃପାଟିକି ନେଇ ସେହି କୁଣ୍ଡିଆ ଉପରେ କୋଠା ଠିଆ କରାଇବାକୁ । ଇଜ୍ଜତ ଉପରେ ସଂପଦର ଖୋଷଣୀ ସଜାଇବାକୁ…।। ଯାଚକ ସମାଜର ମାନମହତ ଅସିଲା କୁଆଡ଼ୁ…?”ଅପକ୍ଷିତୀର ଏ ବିଦ୍ରୂପ କଥା ସହି ପାରିଲାନି ଫୁଲରା । ସେହିପରି ସେ ମଧ୍ୟ ତାଚ୍ଛଲ୍ୟ କରି କହିଲା - “ଏଇଠା ଆପଣଙ୍କର ବଡ଼େଇ । ହାତ ଟେକାର ମୁନାଫା ଆଜି ସହଜରେ ଆପଣମାନେ ଉଠାଇ ପାରୁଥିବାରୁ ଅପରକୁ ନିଃସ୍ୱକରି କୃପାଭିକ୍ଷାର୍ଥୀ ସଜେଇଛନ୍ତି । ନଚେତ୍ ସାହାସ ନଥିଲା ଏକଥା କହିବାକୁ । ସାହାସ ନଥାନ୍ତା ଜଣେ ଭଦ୍ରଘରେ ତସ୍କର ପରି ପ୍ରବେଶ କରି ତା ଝିଅ ବୋହୂଙ୍କ ପାଖେ ପ୍ରେମର ଅଭିନୟ କରିବାକୁ । ଆଗରେ ପଛରେ ସଜାଗ ପିସ୍ତଲ ରଖି, ହାତରେ ହଣ୍ଟର୍ ଲଗା ଚାବୁକ ଧରି ଆପଣମାନେ ମନେକରିଛନ୍ତି ଦୁନିଆଟାକୁ ପାଦତଳେ ଦାବିରଖି, ଅନ୍ୟର ମାନ ମହତକୁ କଡ଼ାଏ ମୂଲ୍ୟ ନ ଦେଇ ନିଜ ଭୋଗପାଇଁ ସବୁକିଛୁ

Digitized by srujanika@gmail.com

କରିପିବେ । ଜନତା ଆଗରେ ବଡ଼ହେବା ପାଇଁ କଣା ଫୁଲରେ ନିଜକୁ ସଜେଇ ନିଜ ଢଅର ଗୀତରେ ଅଭିନନ୍ଦିତ ହେବେ—ନେତୃତ୍ୱର ବେଦୀ ଉପରେ ଅଖିର' ଲୁହରେ ତୁଚ୍ଛ ଶା'ଣ କରି ଭାଇର ବେକ କାଟିବେ—ସର୍ବଜାତୀୟ ଚିନ୍ତା ଦେଖାଇ ଦେଶଦ୍ରୋହିତା କରି ପାରିବେ···। କିନ୍ତୁ ପାରନ୍ତି ନାହିଁ ଜାତିର ମାନରକ୍ଷା କରି । ପାରନ୍ତି ନାହିଁ ଜାଗ୍ରତ କରି ଜାଗ୍ରତ ଜାତିର ଅଧିନାୟକତ୍ୱ କରି !! ପାରନ୍ତି ନାହିଁ ଜନତାର ପ୍ରକୃତସିଦ୍ଧି ଶାସନ ଉପରେ ଦେଶର ନିରାପତ୍ତା ପ୍ରତିଷ୍ଠିତ କରି । କାରଣ ସେଥିରେ କୃତିତ୍ୱ ଆଉ ଦକ୍ଷତାର ପ୍ରୟୋଜନ···।" ଫୁଲରକୁ ଆଉ କହିବାକୁ ନ ଦେଇଁ ରାଗରେ ଗର୍ଜି ଉଠି ଅପକ୍ରାନ୍ତୀ କହିଲା— "ତୁମେ ବହୁତ ଦୂରକୁ ଆଗେଇ ଗଲଣି, ଫୁଲର୍ । ଆଜି ଯିଏ ଦାହରେ କନାଖଣ୍ଡେ ଗୁଡ଼େଇ ବଣ ପାହାଡରେ ବୁଲୁଥା'ନ୍ତି ସିଏ ଆଜି ଦାହରେ ରୂପଖଣ୍ଡେ ପାଉଛନ୍ତି ବୋଲି, ଷ୍ପପଦ ପଢ଼ୁଛନ୍ତି ବୋଲି ଟାହାଟାହା କହି ଯାଉଛ ।" ଏଥିରେ ଫୁଲର୍ କିନ୍ତୁ ଦବି ଯାଇନଥିଲା । ସେ ମଧ୍ୟ ନିର୍ଭିକ କଣ୍ଠରେ କହିଲା—"ଆଜି ଯିଏ ପର ଗୋଡ଼ାଣିଆ ହୋଇ କିମ୍ବା ରଙ୍ଗ ବଦଳେଇ ବିଭିନ୍ନ ଶିବିରରେ ପଶି ଅନୁକମ୍ପା ଭିକ୍ଷା କରୁଥାନ୍ତି ସେ ଆଜି ଟୁଙ୍ଗ କୋଠିରେ ବସି ପାରୁଛନ୍ତି ବୋଲି ବଡ଼େଇର ଅସ୍ଫାଳନ କରୁଛନ୍ତି···!!" ଗୋଟାଏ ଝିଅର ଏ ତାଚ୍ଛଲ୍ୟ ସହନପାରି ଅପକ୍ରାନ୍ତୀ ଫୁଲର ପାଖକୁ ଆଗେଇ ଯାଇ କହିଲା— "ଜାଣ ? ତୁମେ ବର୍ତ୍ତମାନ ଯାହାକୁ ବର୍ଣ୍ଣନା କରିଗଲ ସେ ତୁମର କଣ କରିପାରେ ? ମୁଖର ଆହାର କାଢ଼ିନେଇ ପଥର ଭିକାରୀ କରି ଛାଡ଼ିଦେଇ ପାରେ···।" ଅପକ୍ରାନ୍ତୀର ଏ ଗର୍ବରଞ୍ଜିତ କଥାଶୁଣି ଫୁଲରର ଲଜ୍ଜାସ୍ମିତ ସୁନ୍ଦର ଭ୍ରୂଯୁଗଳଟି କୁଞ୍ଚିତ ହୋଇ ଉଠିଲା । ସେ

Digitized by srujanika@gmail.com

କହିଲା—"ଜାଣେ । ତୁମର ଜାତିଦ୍ରୋହିତା ଯୋଗୁଁ ଏ ମାଟିର ଚିଲେ ପର ବୁଅରେ ମୁଣ୍ଡ ଗୁଞ୍ଜନ୍ତି । ଏ ମାଟିର ସୁନାଫସଲ ପଙ୍ଗପାଳ ଖାଇଯାଏ । ଏ ମାଟିର ଶିଶୁ ମା'ର ଲୋଳିତ-ଶୁଷ୍କସ୍ତନରେ ମୁହଁ ରଖି ମରିଥାଏ । ଏ ମାଟିର ଶୋଭନା କୁମାରୀ କୁମାର ଦଳ କଂକାଳସାର ହୋଇ ଠିଆହୋଇ ଥାନ୍ତି । ଦୁର୍ଭିକ୍ଷ, ବନ୍ୟାରେ ସାହାଯ୍ୟ ନପାଇ ଏ ଦେଶର ଲୋକେ ପୋକମାଛିପରି ସଢ଼ି ମରିଥାନ୍ତି···।। ସେହିପରି ଆମକୁ ଯଦି ମରିବାକୁ ହୁଏ ତେବେ ମରିବୁ । କିନ୍ତୁ ମନେରଖ—ଏହି ବୁଭୁକ୍ଷୁର ଭୁଖା ଅଭିଯାନର ପଦଧ୍ୱନି ଦିନେ ନା ଦିନେ ତୁମେ ଶୁଣିବାକୁ ପାଇବ ।। ସେତେବେଳେ କାହାର ବାହୁସ୍ଥସ୍ତା ତୁମକୁ ଆଶ୍ରୟ ଦେଇ ପାରିବ ନାହିଁ···। ଶିରସ୍ତ୍ରାଣ ସେତେବେଳେ ଖସି ପଡ଼ିବ ସେହି ଭୁଖା ଦଳର ପାଦତଳେ···।।" ଫୁଲରର ଏ ତୀବ୍ରବାଣୀ ଅସହ୍ୟ ହେଲା ଅପକର୍ତ୍ତୀଙ୍କୁ । ଫୁଲରର ଦୁଇବାହାକୁ ସଜୋରରେ ଧରି ହଲେଇ ଦେଇ ଦେଇ କହିଲା—"କେହି ଆଶ୍ରୟ ନଦେଲେ ତୁମର ଏହି ପୁଷ୍ପିତ ବୁକୁଟିକକ ଆଶ୍ରୟ ଦେବ···।" ଅପକର୍ତ୍ତୀର ଏ ବର୍ବର ବନ୍ଧନରୁ ମୁକୁଳିବାର କୌଣସି ଉପାୟ ନଦେଖି ଭୟରେ ଚିତ୍କାର କରି ଉଠିଲା ଫୁଲର । ଭିତରେ ଥାଇ ଏ ପର୍ଯ୍ୟନ୍ତ ସବୁ ଶୁଣିଯାଉ ଥିଲା ପାରୁଲା । କିନ୍ତୁ ଫୁଲରର ଏ ଭୀତ ଚିତ୍କାର ଶୁଣି ଦୌଡ଼ିଆସି ଦେଖିଲା—'ଫୁଲର ଅପକର୍ତ୍ତୀର ବର୍ବରୁ ବନ୍ଧନରୁ ନିଜକୁ ମୁକ୍ତ କରିବା ପାଇଁ ଅପ୍ରାଣ ଚେଷ୍ଟାକରି ଚାଲିଛି ।' ପାରୁଲା ହଠାତ କରି ଆଗେଇ ଆସି ଦୁଇହାତରେ ଅପକର୍ତ୍ତୀର ବେକଟାକୁ ଚିପି ଧରିଲା । ଗଁ ଗଁ ହୋଇ ଅପକର୍ତ୍ତୀ ଫୁଲରକୁ ଛାଡ଼ିଦେଲା । କିନ୍ତୁ ପାରୁଲା ହାତରୁ ନିଜକୁ ମୁକୁଳେଇ ପାରିଲା ନାହିଁ । ପାରୁଳା ସ୍ତ୍ରୀ ହେଲେ କଣ ହେଲା ତା ଦୈହିକ ଶକ୍ତି ଅପକର୍ତ୍ତୀଙ୍କ ...

Digitized by srujanika@gmail.com

ଏହି ସୁଯୋଗରେ ଫୁଲବ୍ ତା ଚଟିନେଇ ଅପର୍କଣ୍ଡୀର ଦାମୀ ପୋଷାକ ଝାଡ଼ିଦେଲେ । ଏତିକିବେଳେ ମଧ୍ୟ ଶରଣା ଅସି ସେଠାରେ ପହଞ୍ଚି ଗଲା । ସେ ଏ ଅବସ୍ଥା ଦେଖି ଅବାକ । କିନ୍ତୁ ସ୍ୱାମୀଙ୍କୁ ଦେଖି ପାରୁଲା ରାଗରେ ଫାଟି ପଡ଼ିଲା । ଅପର୍କଣ୍ଡୀକୁ ଠେଲିଦେଇ ଶରଣାକୁ କହିଲା— "ଭଉଣୀର ଚମଡ଼ା ଲକ୍ଷ କ'ଣ ଶବର ଜାତିର ନୂତନ ଅଭିଜାତ୍ୟ କିଣିବାକୁ ଯାଉଥିଲ ନା ପଦୋନ୍ନତି କରିବାକୁ ଚାହୁଁଥିଲ ? ତାହା ଯଦି ଚାହୁଁଥାଅ ତେବେ ତୁମଠୁଁ ବଳି ଧୃଷ୍ଟ ନରାଧମ ଏ ଦୁନିଆରେ ଆଉ କେହି ନାହିଁ ? ଚମଡ଼ାର ଇନାମ ଦେଇ କେହି ଯଦି ତାହା ଚାହିଁଥାଏ କାମନା କରିଥାଏ ତେବେ ସେ ମଣିଷ ନୁହେଁ—ପଦଲେହୀ ଚମଚଟା ଶ୍ୱାନ•••।" ଧୀରସ୍ଥିର ହୋଇ କହିବାକୁ ଇଙ୍ଗିତ କରି କଣ ଘଟିଛି ଜାଣିବା ପାଇଁ ଶରଣା ପାରୁଲାକୁ ପଚାରିଲା । ପାରୁଲା ରାଗରେ କହିଲା— "ପଚାର ତୁମର ଏ ବର୍ବର ମୁନିବକୁ ।" କିନ୍ତୁ ଶରଣା କିଛି ପଚାରିବା ଆଗରୁ ଅପର୍କଣ୍ଡୀ ଅପରାଧୀ ସ୍ୱରରେ କହିଲେ— "ଗୋଟାଏ ଆକସ୍ମିକ ଭୁଲ ହୋଇ ଯାଇଛି, ଶରଣା ବାବୁ । ଏଥିପାଇଁ ମୁଁ ବଡ଼ ଅନୁତପ୍ତ ।" ଦୁର୍ଦ୍ଦାନ୍ତ ଅଫିସରଙ୍କଠାରୁ ଏ କ୍ଷମାମଗା କଥା ଶୁଣି ଶରଣା ନୀରବ ରହିଲା । କିନ୍ତୁ ଆଗେଇ ଆସିଲା ଫୁଲବ୍ । ଅପର୍କଣ୍ଡୀକୁ ଚାହିଁ ତାଚ୍ଛଲ୍ୟଭାବରେ କହିଲା— "ଏ ଆକସ୍ମିକ ଭୁଲନୁହେଁ ଯେ ଅର୍ଥ ଆଉ କ୍ଷମତା ଗର୍ବରେ ଜାଣିଶୁଣି ମଦାନ୍ଧତା । ଆପଣମାନଙ୍କ ପାଖକୁ 'ଭୁଲ' ଆସି ପାରେ ଯେ ଆପଣ ଭୁଲ କରିବେ । ଭୁଲକଲେ ଯେଉଁଠି କ୍ଷମା ନଥାଏ, ପାପକଲେ ଯେଉଁଠି ପ୍ରାୟଶ୍ଚିତ ନଥାଏ ସେହିଟା ଏପରି କି ଗର୍ହିତ କାର୍ଯ୍ୟ ଯେ ଆପଣଙ୍କ ଗର୍ବିତ ମସ୍ତକ ସେଠି ନତସ୍ୱୀକାର କରିବ ? ସେଇଟା ଭୁଲନୁହେଁ । ମାର୍ଜ୍ଜନାର ଅପଭ୍ରଂଶ । ତା'ର ଲାଗି ନିରୀହ ଜନତା ଉପରେ

Digitized by srujanika@gmail.com

ମୃତ୍ୟୁର ବାଭିଷିକା ନେଇ ବନ୍ୟା ଖେଳଯାଏ, ନିଜ ମାଟିଖଣ୍ଡିକ ମଧ୍ୟ ଅଣମାଟି ହୋଇଯାଏ, ଅଶ୍ରମ ବାସୀମା ଅଙ୍କ ବାସୀମା ହୁଏ···।। ଏଥିପାଇଁ ; ଆପଣ କଣ ସେଇଠାକୁ ଭୁଲବୋଲି କହିବେ ? ଆପଣଙ୍କର ଯେଉଁଧର୍ମ୍ମ ଚଶ୍ମଥିରେ 'ଅନୁତାପ' 'ମାନମହତ' 'ଜାତପ୍ରୀତା' ଏସବୁ କିଛି ନଥାଏ । ଥାଏ କେବଳ—'ଅର୍ଥ ଆଉ ଭୋଗ···।।' ତେବେ କେଉଁଥିପାଇଁ ଅଉ ଅନୁତାପ କରିବେ···?"

ଫୁଲଗ୍ରର ଏ କଥାଗୁଡ଼ାକ ଅପକ୍କଭିଙ୍କୁ ବଡ଼ ବାଧିଲା । ସେ ଫୁଲଗ୍ରକୁ ଗୁହିଁ କହିଲା—"କ୍ଷମାଗୃହେ ଫୁଲଗ୍ରଦେବୀ !" ଫୁଲଗ୍ର ଅପକ୍କଭିର କ୍ଷମା ଗୃହିବା ଦେଖି ଟିକିଏ ଶ୍ଲେଷଭରା ଗଳାରେ କହିଲା—"ଜାଣିଶୁଣି କ୍ଷମତା ଗର୍ବରେ ଅପରାଧ କରି କ୍ଷମା ଗୃହିଁଲେ କି ତାର ପ୍ରାୟଶ୍ଚିତ ହୋଇଗଲା ? କୁହନ୍ତୁ ଦେଖି ଆପଣ ଏଠି ଯେଉଁ ବର୍ବରତା ଦେଖେଇ ଗଲେ ଆପଣଙ୍କ ଘରେ ତାହା ଯଦି ହୋଇଥାନ୍ତା ତେବେ ଆପଣ କଣ କରିଥାନ୍ତେ ? ପିସ୍ତଲ ଗର୍ଜି ଉଠି ନଥାନ୍ତା କି ? ତାହିଁକନା ଆପଣଙ୍କୁ ଆଉ ଆପଣଙ୍କ ଗୋଷ୍ଠୀକୁ ସର୍ବତୋଭାବେ ରକ୍ଷାକରିବା ପାଇଁ ରାଷ୍ଟ୍ରର ତତ୍ପରତା ଅଛି । କିନ୍ତୁ ଅପକ୍କଭି ବାବୁ ! ଏ ଗରିବ କୁଡ଼ିଆରୁ ଏହି ନିର୍ଦ୍ଦେଶ ଟିକି ନେଇଯାନ୍ତୁ—ଭବିଷ୍ୟତରେ ଯେପରି ଏ ଜଘନ୍ୟତାର ପୁନରାବୃତ୍ତି କରିବାକୁ କେଉଁଠିକୁ ନଯାନ୍ତୁ, ନିଜ ଇଙ୍ଗିତରେ ଦୁନିଅଁା ଚଳାଇବାକୁ ଚେଷ୍ଟାନକରନ୍ତୁ, ନିଜପଦ ଛନ୍ଦରେ ପଥ ସଙ୍ଗୀତ ରଚନା କରିବକୁ ଚେଷ୍ଟିତ ନହୁଅନ୍ତୁ ।। ଏ ବାଦସାହି ଭାରତ ନୁହେଁ । ୧ ବୁଲେର୍, ଫ୍ଲେଚରର ଓଡ଼ିଶା ନୁହେଁ···।। ଅଢ଼େଇ ହଜାର ବର୍ଷତଳର ଐତିହାସିକ ବୁଦ୍ଧଙ୍କୁ ଆଣି ଅଜି ଆମ ଆଖିଆଗରେ ରଖି ତା ପଛପଟୁ ଛୁରୀ ଚଳାଇବାର କାରସାଦି ଆଉ ଚଳିବ ନାହିଁ । ସାବଧାନ । କେବଳ କ୍ଷମତାକୁ ମୂଳଧନ କରି ଏ ଦୁନିଅରେ ଠିଆ ହୋଇ ପାରିବେ ନାହିଁ···।।"

Digitized by srujanika@gmail.com

ଏତକ କହି ଫୁଲର୍ ଋଗରେ ସେଠାରୁ ଚାଲିଗଲା । ତର ତର ହୋଇ ଅପକ୍ରାନ୍ତି ଚାଲିଗଲା ବାହାରକୁ-ପଛେ ପଛେ ଗଲା ଶରଣା, ମଣ୍ଡରେ ପାଖେ ଠିଆ ହୋଇ ଶରଣା ଅପକ୍ରାନ୍ତିକୁ କଣ କହିଲା ତା ପରେ ଅପକ୍ରାନ୍ତିର ଇଙ୍ଗିତରେ ଶରଣା ଉଠିଲା କା'ରକୁ—ବୁଲେଭାର୍ଡ଼ର ପିଚ୍ ପଥ ଉପରେ ଗାଡ଼ୀ ଦୌଡ଼ିଲା କାଣ୍ଟନମେଣ୍ଟର ସୁରମ୍ୟ ଅଟ୍ଟାଳିକାକୁ ।

ଅପକ୍ରାନ୍ତିର ମଣ୍ଡର ଛାଡ଼ିବା ଶବ୍ଦଶୁଣି ପାରୁଲା ଆସି ଦେଖିଲା ଶରଣା ସେଠାରେ ନାହିଁ । ସେ ବୁଝି ପାରିଲା ମୁନିବଙ୍କୁ ସନ୍ତୁଷ୍ଟ କରିବାପାଇଁ ଶରଣା ତା ସାଥିରେ ଯାଇଛି । ପଦଲେହୀଙ୍କର କୃତଜ୍ଞ ସେଠାରେ କିଛି ଦେଖାଇ ଆସିବ କିମ୍ବା ଉଜଣୀ ବିଷୟରେ ତାକୁ କିଛି ଭବିଷ୍ୟ ଆଶାଦେଇ ଆସିବ । ତେଣିକି ସେ ଆଉ କିଛି ଭାବି ପାରିଲା ନାହିଁ । ସ୍ୱାମୀ ହେଲେ କଣ ହେବ ଶରଣା ପ୍ରତି ତାର ବଡ଼ ଘୃଣା ଆସିଲା । ସେ ଦୁଆର ବନ୍ଦ କରିଦେଇ ଭିତରକୁ ଚାଲିଲା । ଯାଉ ଯାଉ ଟେବୁଲ ତଳେ ଖଣ୍ଡେ ଚିଠି ପଡ଼ିଥିବା ଦେଖିଲା । ସେ ଖଣ୍ଡ ଉଠାଇ ନେଇ ଫୁଲରକୁ ଡାକିଲା । ଫୁଲର୍ ସେତେବେଳକୁ ତା ଶୋଇବା ଘରେ ବସି ଭାବୁଥିଲା—"ସେ ଦିନର ଘଟଣା ଆଉ ଭାଇ ଶରଣାର ନୀରବତା ।" ଭାଇ ପ୍ରତି ତାର ଟୋପାଏ ଘୃଣା ଆସିଲା । ସେ ଠିକ କଲା—"ପଢ଼ା ଇତି କରି ଗାଁକୁ ଚାଲିଯିବ ।"

ଭାଉଜ ଡାକ ଶୁଣି ଫୁଲର୍ ଆସିଲା । ପାରୁଲା ଚିଠିଖଣ୍ଡି କାହାର ପଢ଼ି ଦେଖିବା ପାଇଁ ଫୁଲର୍ ହାତକୁ ବଢ଼ାଇ ଦେଲା । ଫୁଲର୍ ଦେଖିଲା—"ସୁନ୍ଦର ନୀଳ ବର୍ଣ୍ଣର ଫୁଲଦାନିଟିଏ । ଉପରେ ସୁନ୍ଦର ହାତ ଅକ୍ଷରରେ ଲେଖା ଅଛି—

Digitized by srujanika@gmail.com

'ନିଖିଳ ମାଧୁରୀ ଯାର
ମୋ ଅନ୍ତର ରହିଅଛି ଘେର
ଏ କ୍ଷୁଦ୍ର ଲିପିକା ମୋର
ଦେଲି ମୁହିଁ ହାତରେ ତାହାର ।"

ତାକୁ ପଢ଼ି ଫୁଲରାଙ୍କୁ ହସ ଲାଗିଲା । ସେ କହିପାରିଲା—''ପାଗୁଳୀ ପ୍ରେମିକ ଅପଙ୍କାଭୀର ଏ ଚିଠି । ଆଣିଥିଲା ଦେବାପାଇଁ । କିନ୍ତୁ ଅବସ୍ଥା ଦୃଷ୍ଟିରୁ ତା କରିପାରି ନଥିଲା । ଘରଛାଡ଼ି ପଳାଇ ଗଲା ବେଳକୁ ଜାମା ଉପରୁ ସେ ଚିଠିଖଣ୍ଡି ଖସି ପଡ଼ି ଯାଇଛି ।" ହସି ହସି ସେ ଚିଠିଖଣ୍ଡି ଖୋଲି ଫୁଲରା ତା ଭାଉଜଙ୍କୁ ପଢ଼ି ଶୁଣାଇଲା । ଲେଖାଥିଲା—

ଗୁରୁକ କୋଠି
ଖୋସଦପୁର
ତା୬-୧-୫୨

ପ୍ରାଣର ଫୁଲରା !

ଦୁଃସାହସ କରୁଛି ଉପର ସମ୍ବୋଧନଟିରେ ତୁମଙ୍କୁ ଆଜି ଡାକିବ ବୋଲି । ଭୁଲ କରିଥିଲେ କ୍ଷମାଦେବ । କିନ୍ତୁ ମୁଁ ଜାଣେ ଏପରି ଡାକିବାରେ ମୁଁ କିଛି ଭୁଲ କରିନାହିଁ । କାରଣ ଏଇଟି ମୋର ପ୍ରାଣର ଡାକ । ଏଠି ଶିଷ୍ଟାଚାର ଖୋଜି ବସିଲେ କେବଳ ଆତ୍ମ ପ୍ରତାରଣା ହେବ । ଦୂର ଜିନିଷକୁ ପାଖରେ ପାଇବାରେ ଗୋଟାଏ ଆତ୍ମତୃପ୍ତି ଥାଏ । ଆଜି ମୁଁ ସେହିଟିକିକ ଚାହେଁ । ତୁମଙ୍କୁ 'ଫୁଲରାଦେବୀ' ଡାକି ମୁଁ ଆଉ ଆତ୍ମ ପ୍ରବଂଚନା କରି ପାରୁନି । ସେଥିରେ ତୁମେ ମୋ ପାଖରୁ ଦୂରେଇ ଯାଉଛ । କିନ୍ତୁ ଆଜି ଚାହୁଁଛି ତୁମଙ୍କୁ ମୋର ଅତିପାଖରେ । ତେଣୁ ମୋର ଏହି ଡାକ ।

Digitized by srujanika@gmail.com

ହଁ । ବନ୍ଧୁ ଶରଣା ବାବୁଙ୍କର ଅନାବିଳ ଆତିଥ୍ୟ ପାଇବାକୁ ଯାଇ ତୁମଙ୍କୁ ପାଖରେ ଦେଖିବାର ସୌଭାଗ୍ୟ ବହୁଥର ପାଇଛି । ଥରେ ଅଧେ କଥା ବାର୍ତ୍ତାମଧ୍ୟର ସୁଯୋଗରୁ ମଧ୍ୟ ବଞ୍ଚିତ ହୋଇନି । କିନ୍ତୁ ଏସବୁ ସତ୍ତ୍ୱେ ମନ ଭିତରେ ଅଭାବର 'କିନ୍ତୁ' ଟିକିଏ କେଉଁଠି ରହିଗଲା ପରି ଲାଗୁଛି··· । ମାତ୍ର ସେ ଅଭାବ ଟିକିକ କଣ ତା ବ୍ୟାଖ୍ୟାର ପ୍ରୟୋଜନ ବୋଧହୁଏ ତୁମପରି ଶିକ୍ଷିତା—ରୂପସୀ—ଆଧୁନିକା ପାଖରେ ହେବନାହିଁ ।।

···ସେ ଦିନ । ଜାଣେ ନାହିଁ ଆଖିରେ କି ଅଞ୍ଜନ ଲାଗିଥିଲା । ଦେଖିଥିଲି ତୁମଙ୍କୁ ଦୂର୍ବାଶାର ନିଖିଳ ମାଧୁରୀ ରୂପରେ । ସେତେବେଳକୁ ଆଷାଢ଼ ମାସର ମେଘାଚ୍ଛନ୍ନ ଆକାଶ କଣ୍ଠରେ ବାଜି ଉଠୁଥିଲା 'ମେଘମଲ୍ଲାର' । ପ୍ରବେଶ କଲି ତୁମେ ତୁମ ଭାଇଙ୍କର ସେହି ଷ୍ଟେଟ କାମରାଟିରେ । ହାତରେ 'ଟି' କପ । ଦେଖି ମନେହେଲା—"ମେଘଦୂତର ଯକ୍ଷବଧୂ କିମ୍ବା ଓମରଖୈୟାମର ସାକୀ ।।" ନିମିଷକ ପାଇଁ ଆଖି ସ୍ଥିର ହୋଇଗଲା । ଭାବିଲି—'ସେଦିନ ବୋଧହୁଏ ଏହିପରି ଉଚ୍ଛୁଳା ଯୌବନ ନେଇ ତାପସ ବିଶ୍ୱାମିତ୍ରଙ୍କ ଆଗରେ ଦେଖାଦେଇଥିଲା ମେନକା । ଭଙ୍ଗ କରିଥିଲା ତପସ୍ୟା-ଆଣିଦେଇଥିଲା ଶକୁନ୍ତଳାଙ୍କୁ···।' ସେଦିନ ତୁମର ସେ ସୁନ୍ଦର ମୁଖଶ୍ରୀ, ସାରା ଶରୀରରେ ଛଳ ଛଳ ନୃତ୍ୟ ଛନ୍ଦ, ଆଖି ଦୁଇଟିରେ ଅକୁହା ଭାଷାର ନୀରବତା, ଶୁଭ୍ର ଓଠ ପାଖୁଡ଼ା ଦୁଇଟିର ମୃଦୁ କଂପନ ଦେଖି ମୋ ପିପାସିତ ଅନ୍ତର ଯେ କଣ ଚାହିଁଥିଲା ତାହା ଆଜି ଏଠାରେ ଜଣାଇବାକୁ ଭାଷା ପାଉନି । ଭାଷାର କୋଣାର୍କ ଗଢ଼ିବାରେ ପ୍ରୟୋଜନ ବା କ'ଣ ଯଦି ତୁମ ରୂପର କୋଣାର୍କ ଦ୍ୱାରେ ଠିଆ ହେବାର ସୌଭାଗ୍ୟ ନ ଆସେ···?

Digitized by srujanika@gmail.com

ବିଳାସ, ବ୍ୟସନ, ଧନମାନ, ରୂପ ବୟସ, ଆଧିପତ୍ୟ ସବୁ ମୋର ଅଛି । ଜୀବନରେ ଅଭାବ କଣ ଜାଣିନଥିଲି । କିନ୍ତୁ ଯେଉଁ ଦିନ ତୁମଙ୍କୁ ଆଷାଢ଼ ମାସର ମେଘତଳ କୋଠରି ଭିତରେ ଦେଖିଲି ସେହି ଦିନଠାରୁ ଏ ବୁକୁ ଭିତରେ ଅଭାବର ଏକ କରୁଣ ମୂର୍ଚ୍ଛନା କାନ୍ଦି ବୁଲୁଛି ।। କିନ୍ତୁ ସେ କ୍ରନ୍ଦନର ନିରସନ ନାହିଁ ଯେତେଦିନ ଯାଏ ତୁମର ଏକାନ୍ତ ଉପସ୍ଥିତି ନ ପାଉଛି···।

କେତେଥର ଭାବିଛି ତୁମ ପାଖେ ମରମ ବେଦନା ଜଣାଇ ତାର ସମାଧାନ ଗୃହିବ ବୋଲି । କିନ୍ତୁ ପାରିନି । କାରଣ ତୁମର ଏ କଅଁଳା ବୟସରେ ତୁମ ଗୃହ ପାଖରେ ଯେଉଁ କୃତ୍ରିମ ପରିବେଶ ସୃଷ୍ଟି କରି ଗୃହିଛ ତାକୁ ଦେଖିଲେ ମୋତେ ଭୟ ଲାଗେ । ଡରିଯି ପାରେନାହିଁ ମୋ ମନକଥା ତୁମଙ୍କୁ ଜଣାଇବା ଲାଗି । ମଣିଷ ଯେଉଁ ବୟସରେ ଜୀବନଟା ଉପଭୋଗ କରିବାପାଇଁ ପାଗଳ ହୋଇ ଉଠେ ସେ ବୟସରେ ତୁମେ ନିଃସଙ୍ଗ ରହିବାରେ ଯେ କି ସୁଖ ପାଅ ତାହା ତୁମେ ଜାଣ । ମାତ୍ର ମୁଁ ତୁମ ପାଖରୁ ଦୂରରେ ରହିଯାଏ ।

ସେ ଯାହାହେଉ ମୁଁ ଆଜି ନିଜକୁ ତୁମ ପାଖେ ଖୋଲି-ଦେଇଛି । ସେଦିନ ସେହି ବର୍ଷଣ ମୁଖର ରାତିରେ ତୁମେ ତୁମ ରୂପର ପନ୍ଧୁଆ ଖୋଲିଦେଇ ବୁକୁଭିତରେ ଯେଉଁ ଚଞ୍ଚଳତା ସୃଷ୍ଟି କରିଦେଲ ସେ ଆଜି ଆଉ ବାଧା ମାନେ ନା । ବନ୍ଧନ ଭାଙ୍ଗି ଉଚ୍ଛୁଳି ଆସୁଛି···। ତୁମେ କେବଳ ତାକୁ ସାର୍ଥକତା ଦେଇ ପାରିବ ।।

ତୁମପାଖେ ମୋର ଏ ଅରଜି ଦାଖଲରେ ସରଣାବାବୁଙ୍କର ଅନୁମୋଦନ ଅଛି । ଆଶା ମୋତେ ହତାଶ କରିବ ନାହିଁ । ତୁମ ସ୍ୱାମୀ ହେବାର ଯୋଗ୍ୟତା ମୋର ନଥିଲେ ତାର ଉପଯୋଗୀ ମୋତେ କରିନିଅ । କିନ୍ତୁ ଆଡ଼େଇ ଦିଅନାହିଁ । ଇତି

ତୁମ ପ୍ରଣୟ ପ୍ରୟାସୀ

ଅପଙ୍କ୍ତି ।

Digitized by srujanika@gmail.com

ଚଟିଟି ପଢ଼ା ସରିବା ସଙ୍ଗେ ସଙ୍ଗେ 'ଜଘନ୍ୟ' ବୋଲି କହି ଫୁଲର୍ ଚାହିଁଲା ପାରୁଲା ମୁହଁକୁ । ପାରୁଲା ଦେଖିଲା ଫୁଲର୍ ରାଗରେ ଫାଟି ପଡ଼ୁଛି । ସେ ବୁଝି ପାରିଲା ତା ମନକଥା । ବୁଝେଇ କହିଲା—"ଭାଇ ଆସନ୍ତୁ । ତାଙ୍କୁ ଏ ଚଟି ଦେଖାଇବା ।" ଫୁଲର୍ ଘୃଣାରେ କହିଲା—"ଆଉ କଣ ଦେଖାଇବ ? ଦେଖି ପାରିଲ ନାହିଁ ଗୋଟାଏ ବ୍ୟଭିଚାରୀ ଘରେ ପଶି ତରୁଣୀକୁ ଅପମାନ ଦେଉଥିଲା ବେଳେ ସେ କାପର ନିର୍ବିକାର ଭାବରେ ଠିଆ ହୋଇଥିଲେ ? ଆଜି ଯେଉଁ ହାତ ତାଙ୍କର ଟଙ୍କାନେଇ ବ୍ୟଭିଚାରୀର ବେକ ଉପରକୁ ଉଠିଥାନ୍ତା ସେହି ହାତ ଅନୁନୟରେ ଯୋଡ଼ିହୋଇ ପଛେ ପଛେ ଯାଉଛି ଅଗେଇ ଦେଇ ଆସିବାକୁ !! ଏହାଠାରୁ ବଳି ଏ ଓଡ଼ିଆ ମାଟିରେ ଆଉ କି ନପୁଂସକତା ଥାଇପାରେ···? ମୁଁ ଜାଣେ – ଅର୍ଥର ଲାଳସା, ନିର୍ଲଜ ବଡ଼ଲୋକୀ ସାଜିବାର ମୋହ ଭାଇଙ୍କୁ ଆଜି ନରକକୁ ଟାଣି ନେଇଛି । କିନ୍ତୁ ତରୁଣୀର ଚମଡ଼ା ବିକି ସେ ଏ ନିର୍ଲଜତା କିଣି-ପାରିବେ ନାହିଁ···!! ମୁଁ ଆଉ କେଉଁଠୁ ଉଡ଼ିଆସି ଏଠେଇଁ ବସା ବାନ୍ଧିନ । ମୁଁ ଏ ଓଡ଼ିଆ ମାଟିର ଝିଅ । ଏଠେଇଁ ଝିଅ, ତରୁଣୀର ଦେହ ବିକି କିଏ ବଡ଼ ହୋଇନ । ଯଦି କିଏ ହୋଇ-ଥାଏ ତେବେ ସେ ଓଡ଼ିଆ ନୁହେ—ମିଶା !! ମୁଁ ଏଠାରେ ଆଉ ରହିବାକୁ ଚାହେଁନାହିଁ । ସଭ୍ୟତାର ରୂପ ଦେଖି ପାରିଲି । ମୋତେ ନେଇ ମୋ ଅସଭ୍ୟ ଶବର ପଲ୍ଲୀରେ ଛାଡ଼ି ଦେଇ ଆସ ।" ଏତକ କହି ଫୁଲର୍ ରାଗରେ ସେଠାରୁ ଚାଲିଗଲା ।

ସେହି ଫୁଲର୍ । ଶେଷରେ ଫେରି ଆସିଲା ତାର ସେହି ନିତ୍ୟ-ନୃତ୍ୟ-ଶୀଳା ପ୍ରକୃତିର ଛୋଟିଆ କୋଳ ଭିଲ୍ଲ ପଲ୍ଲୀକୁ । ଜଣେଇ ଦେଇ ଆସିଲା ଅନ୍ତଃସାର ଶୂନ୍ୟ ଜଗତ ସଭ୍ୟତାକୁ ତାର ଶେଷ ଘୃଣିତ···। ତା ରୂପ-ଜ୍ୟୋତ୍ସ୍ନାର ଘରପାଖେ ବସି ମୁଗ୍ଧ

Digitized by srujanika@gmail.com

ତଳୁଣୀ ଢାଲ ପ୍ରେମର ଚେଉଁ କାଳନ୍ତକ କୋଣାର୍କ ଗଢ଼ିଚାଲିଥିଲେ ସେ ରହିଗଲା ଅସମାପ୍ତ । ସେ ତା ଶୈଶବର କ୍ରୀଡ଼ା ଭୂମିକୁ ଫେରି ଆସି ଫିଙ୍ଗିଦେଲା—ସ୍ଖଳନ ସଭ୍ୟତାର ମୁଖା । ଆବୋରି ନେଲା —ଏ ମାଟିରେ ଯାହା ନିତ୍ୟ ଅଭ ସୁନ୍ଦର । କିନ୍ତୁ ଛାଡ଼ି ପାରିଲାନି ସହଜାତ ନାରୀ ସୁଲଭତା—ପ୍ରେମ ରାଇଜରେ ବିଶ୍ୱାସ ଅବିଶ୍ୱାସ କରିବାର ଗୁଣ । ତେଣୁ ତାକୁ ସେଦିନ ଆକ୍ଷେପ କରି କହିଥିଲା ସୌମ୍ୟ ।

କିନ୍ତୁ ଏହି ସୌମ୍ୟ ଏକ ଲକ୍ଷଭ୍ରଷ୍ଟ ପକ୍ଷୀପରି ଉଡ଼ିଆସି ଆଶ୍ରୟ ନେଇଛନ୍ତି ଭିଲ୍ଲ ପଲ୍ଲୀରେ । କିନ୍ତୁ ସେ ଏହି ମାଟିର ଖାଣ୍ଟି ଓଡ଼ିଆ ପୁଅ । ନିମକ ହାରାମ ନୁହେଁ । ଦେଶ ଦ୍ରୋହୀତା କରି ବଡ଼ ହେବାର ବାସନା ତାହାର ନାହିଁ । ଦୁର୍ବିପାକ କେବଳ ଆଣି ତାଙ୍କୁ ଫୋପାଡ଼ି ଦେଇଥିଲା ସେଦିନ ମୃତ୍ୟୁ ମୁଖରେ—ସୋନୁଆ ଜଙ୍ଗଲରେ । ସେଠାରୁ ତାକୁ ଗୋଟାଇ ଆଣି ଆଶ୍ରା ଦେଇଥିଲା ପ୍ରାଣ-ମର୍ଯ୍ୟ-ଫୁଲରି । ସେହି-ଦିନଠାରୁ ସେ ଏଠାରେ । କିନ୍ତୁ ସରଳ ପ୍ରାଣ ଭିଲ୍ଲର ନିମକ ଖାଇ ସେ ନିମକହାରାମ ହୋଇନି । ସେ ଏହି ଅବହେଳିତ ଭିଲ୍ଲ ପଲ୍ଲୀକୁ ତା ସାଧନାର ପରମ ପୀଠ ରୂପେ ବରି ନେଇଛନ୍ତି । କାରଣ ସେ ଏ ମାଟିର ଶବର (ଆଦିବାସୀ) ଏବଂ ଓଡ଼ିଆଙ୍କୁ ଭିନ୍ନ ଆଖିରେ ଦେଖି ପାରିନି । ସେ ଜାଣେ ଦୁହେଁ ସମାନ । ଦୁହିଁଙ୍କୁ ନେଇ ଏ ମାଟିର ଇତିହାସ ଗଠିତ । ଦୁହିଁଙ୍କ ସଂସ୍କୃତିରେ ପରମ୍ପରର ସଂସ୍କାର ପ୍ରତିଫଳିତ । ଦୁହିଁଙ୍କ ବାହୁବଳରେ ଏ ମାଟିର ସୁନାଫସଲ ସମ୍ଭବ । ଦୁହିଁଙ୍କ ହସ କାନ୍ଦର ବାଣୀନେଇ ଏ ଦେଶର ଗାଉଁଲି କବିତା । ଜଗନ୍ନାଥହିଁ ଦୁହିଁଙ୍କର ପୂଜିତ ଦେବତା । ଏହି ଜଗନ୍ନାଥ ମାଟି ଖଣ୍ଡକହିଁ ଝାଡ଼ଖଣ୍ଡ । ଏଠି ରାଜନୀତି ଚାଲବାଜି ଝାଡ଼ଖଣ୍ଡର ପ୍ରଶ୍ନ ନାହିଁ । ଅଛି ଜୀବନ ସମାଧାନର ପ୍ରଶ୍ନ । ଦୁହିଁଙ୍କୁ ନେଇ ଏ ଜାତିର ପ୍ରଗତି ପଥ ତିଆରି

Digitized by srujanika@gmail.com

କରିବାକୁ ହେବ । ଏ ଜାତିର ଜାତୀୟତା ମନ୍ତ୍ରରେ ଦୁହିଁଙ୍କୁ ଉଜ୍ଜୀବିତ ହେବାକୁ ହେବ । ଏଠେଇଁ ସ୍ୱାର୍ଥଲାଗି ଆଦିବାସି ଖେଦଭାବ ସୃଷ୍ଟି କରି ତାଙ୍କୁ ଭିନ୍ନଭାବରେ ଦେଖିବାକୁ ହେବନାହିଁ । ବ୍ୟକ୍ତି ବିଶେଷ କିମ୍ବା ଦଳ ବିଶେଷର ସ୍ୱାର୍ଥଲାଗି ଏଣିକି ଓଡ଼ିଆ ପୁଅ ତା ଜାତିର ସ୍ୱାର୍ଥକୁ ବଳିଦେଇ ପାରିବ ନାହିଁ । ସେମାନଙ୍କୁ ଆମର ଭାଷା ଆମର ସଂସ୍କୃତି ଦେଇ ଗଢ଼ିବାକୁ ହେବ । ଅଖଣ୍ଡ ଭ୍ରାତୃତ୍ୱରେ ବାନ୍ଧି ହୋଇ ଏକ ଓଡ଼ିଆ ହୋଇ ଠିଆହେବାକୁ ହେବ । ଏ ମାଟିକୁ ଯେ 'ମା' ବୋଲି ଡାକି ପାରିଛି ତାର ସମସ୍ତ ଦାବି ଏମାଟିରୁ ପାଇବାକୁ ଅଛି ଆଜି ଯେ ତା କରି ପାରିନି ତାର ଏ ମାଟିରୁ କିଛି ପାଇବାର ନାହିଁ । ଆଦିବାସୀ ଆଉ ଓଡ଼ିଆ ଏକ ମାତାର ଦୁଇପୁଅ । ତାଙ୍କୁ ଏକାଠେଇଁ ଠିଆହୋଇ ମାତୃଭୂମି ଓଡ଼ିଶାର ନୂତନ ଇତିହାସ ରଚନା କରିବାକୁ ହେବ…।

ଏହି କଳ୍ପନା ନେଇ ସୌମ୍ୟ କାମ କରି ଚାଲିଛି ଶବର ପଲ୍ଲୀରେ । ବହୁ ଶବର ପଲ୍ଲୀର ପିଲାଙ୍କୁ ନେଇ ବିଦ୍ୟାଳୟ ଖୋଲିଛି, ସେମାନଙ୍କ ପ୍ରାଣରେ ଜାତୀୟତା-ମହାମନ୍ତ୍ରର ବୀଜ ବପନ କରିଛି, ତାଙ୍କ ମନରେ ସମାଜରେ ସଂସ୍କାର ଆଣିଛି, ବିଭିନ୍ନ ଶବର ଗୋଷ୍ଠୀକୁ ଏକ କରି ତାଙ୍କର ସାହାଯ୍ୟରେ ଚିକିତ୍ସାଳୟ, ରାସ୍ତା, କୂଅ ପୋଖରୀ କରେଇଛି । ଓଡ଼ିଆ ଜାତି କଣଥିଲା, କଣ ହୋଇଛି ଆଉ କଣ ହେବା ଉଚିତ ତାହାସବୁ ସଭା ସମିତି କରି ବୁଝେଇଛି । ସେମାନଙ୍କ ସରଳତାର ସୁଯୋଗ ନେଇ ପାଶ୍ଚାତ୍ୟପୁଞ୍ଜି କିପରି ସେମାନଙ୍କୁ ଧର୍ମାନ୍ତରିତ କରୁଛି ତାହା ସେମାନଙ୍କୁ ଭଲ ଭାବରେ ବୁଝାଇଛି । ଏହି ସବୁ ନେଇ ସେ କାମକରି ଆସିଛି ସେଠାରେ ସେ ରହିଲା ଦିନଠଉଁ ।

Digitized by srujanika@gmail.com

ଏହ ସୌମ୍ୟ କନ୍ତୁ ଅଜ ହୋଇ ଉଠିଛୁ ଫୁଲଗ୍ଚର ଉପାସ୍ୟ !

ଅପରାହ୍ନର ଆଲୁଅ ସେଦନ ଧୂସର ହୋଇ ଆସି ନ ଥିଲ । ଫୁଲରା ଯାଇଁ ବସିଥାଏ କାଦୁମ୍ବୀ ନଈ କୂଳର ଖଣ୍ଡିଏ ପଥର ଉପରେ । କୁକ୍ର କୁକ୍ର ହୋଇ କାଦମ୍ବରୀ ନଈର ପାଣି ବହ ଯାଉଥାଏ। କେତେ ପଶୁ ପକ୍ଷୀ ଆସି ପାଣି ପିଇ ଯାଉଥାନ୍ତି । ତେଣେ ଅଖି ନ ଥାଏ ଫୁଲ୍ରାର । ତା ମନ ପୂରା ବୁଡ଼ି ରହଥାଏ ଗତ ଦନର ଅବସ୍ମରଣୀୟ ଘଟଣା ଉପରେ । ରାତର ତା ଭାବକାନ୍ତ ମନଟିକୁ ଏପର୍ଯ୍ୟନ୍ତ କୌଣସି ଅଶ୍ୱାସନା ଦେଇ ସେ ଅଜ ଉଶ୍ୱାସ କର ପାରିଲନି। ଗତ ରାତରୁ ଏକେଇ ଭାବନାର ଆଲୋଡ଼ନ ତା ମନରେ ସୃଷ୍ଟି ହୋଇ ଚାଲିଛୁ—"କାହିଁକି ସୌମ୍ୟପ୍ରତି ତାର ଏତେ ଆସକ୍ତି । ଯିଏ ଦୌଲତର ବାଦସାହାକୁ ଗୋଡ଼ରେ ଆଡ଼େଇ ଦେଇ ଆସିଛୁ, ଯିଏ କେତେ ବଇଭବଶାଳୀ ସୁଦର୍ଶନ ଶିକ୍ଷିତ ଯୁବକଙ୍କ ନୀରବ ଯାଚନାକୁ ଉପେକ୍ଷା କର ଅସିଛୁ ସେ ଅଜ କାହିଁକି ତା ଅଶ୍ରୁ ବର୍ଜିତ ଏକ ଅପରଚିତ ପ୍ରତି ଏତେ ଅକୃଷ୍ଟ । କାହିଁକି ତା ପାଖରେ ଅଜ ତାର ମାନଅଭିମାନର ଏତେ ଅଭିନୟ । ସୌମ୍ୟ ତାର କିଏ । ମନ ଭିତରୁ ତା ଛବିଟିକି ସେ କାହିଁକି ପୋଛି ପାରୁନାହିଁ । ସେ ତାକୁ ଭଲପାଇବାକୁ ଶିଖିନଥାଇ ଭଲ ପାଇଛି ବୋଲି ସୌମ୍ୟ କଣ ଅଜ ତା ଅନ୍ତର ଭିତରେ ତା ଜୀବନ ରାଜାର ସିଂହାସନ ତିଅର କର ଅବୋର ବସିଛୁ···।" ଏହପର ଏଣୁତେଣୁ ଗୁଡ଼େ ଭାବ ଭାବ ଫୁଲରା ଯେତେବେଳେ ବାହ୍ୟ ଚେତନହର। ସେତିକି ବେଳେ ସେଠାରେ ପ୍ରବେଶ କଲ ସୌମ୍ୟ । ଦେଖିଲ—'ଫୁଲରା ମୁହଁର ପ୍ରତିରେଖା ଉପରେ ଫୁଟି ପଡ଼ୁଛି ଅନ୍ତର୍ଦ୍ୱନ୍ଦର ସକରୁଣ ଛବି । ଅଖିରେ ବେଦନା ଭରା ଅଶ୍ରୁର ଅତ୍ମପ୍ରକାଶ । ବୁଝି ଯାଇ

Digitized by srujanika@gmail.com

ହଜି ଯାଉଛି ସୀମାହୀନ ଦିଗ୍‌ବଳୟ ଦେହରେ । ସତେ ଯେପରି ମାହେଶ୍ୱେତାର ସେ ଗୋଟିଏ କରୁଣାତ୍ମକ ବିଗ୍ରହ...।' ଫୁଲରିର ଏ ଦୃଶ୍ୟ ସୌମ୍ୟଙ୍କୁ ବାଧିଲା । ସେ ପାଖେଇ ଯାଇ ଧୀର ଗଳାରେ ଡାକିଲା —"ଫୁଲରି ।" ଏ ଡାକରେ ଚମକି ପଡ଼ିଲା ଫୁଲରି । ଚାହିଁ ଦେଖିଲା—'ପାଖରେ ସୌମ୍ୟ' । ହସିବାକୁ ଚେଷ୍ଟାକରି ଅବସ୍ଥାକୁ ଘୋଡ଼ାଇ ବସିଲା ଫୁଲରି । ମାତ୍ର ପାରିଲାନି । ସୌମ୍ୟ ସେ କଥା ବୁଝି ପାରିଲା । ଫୁଲରିକୁ ଆଉ ଅପ୍ରତିଭ ହେବାକୁ ନ ଦେଇ କହିଲା—"ଆଜି ବଡ଼ ମଳିନ ଦେଖା ଯାଉଛ ଯେ ?" ମୁହଁ ପୋତି ଫୁଲରି ଉତ୍ତର ଦେଲା—"ଦେହଟା ଭଲ ଲାଗୁନାହିଁ ।" ଏକଥା ଶୁଣି ସୌମ୍ୟ ଟିକିଏ ହସିଲା । କହିଲା— "ଦେହ ଭଲ ନ ରହିଲେ ଲୋକେ କଣ ଏକଲା ନଈକୂଳରେ ବସି ଚିନ୍ତାମଗ୍ନ ହୁଅନ୍ତି ?" ଏକଥା ଲାଜ ଲାଗିଲା ଫୁଲରିକୁ । କୌଣସି ଗୋଟାଏ ଉତ୍ତର ଦେବାକୁ ହେବ ଭାବି କହିଲା—"ନିରୋଳା ଯାଗାରେ ଏକଲା ବସିଲେ ମନରେ ଟିକିଏ ଶାନ୍ତି ଆସେ...।" ହସିଲା ସୌମ୍ୟ । ଫୁଲରି ବସିଥିବା ପଥରର ଏକ ପାଖରେ ବସି ଫୁଲରିକୁ ଚାହିଁ ପଚାରିଲା— "ଶାନ୍ତି ତେବେ ତୁମର ପ୍ରୟୋଜନ ଥିଲା ?" ଫୁଲରି ପାଣିକୁ ଗୋଡ଼ ପଥର ଅନମନା ଭାବରେ ଫିଙ୍ଗୁ ଫିଙ୍ଗୁ କହିଲା—"ଶାନ୍ତି କାହାର ପ୍ରୟୋଜନ ହୁଏ ନାହିଁ ଶୁଣେ ?" "ଚମତ୍କାର ପ୍ରତ୍ୟୁତ୍ତର" କହି ସୌମ୍ୟ ଚାହିଁ ରହିଲା ଫୁଲରି ମୁହଁକୁ । ଫୁଲରି କିନ୍ତୁ ମୁହଁ ପୋତି ବସିଲା ।

ଗୋଟାଏ ଉଦ୍‌ଗତ ଦୀର୍ଘଶ୍ୱାସକୁ ଦବେଇ ରଖିବାକୁ ସତେ ଯେପରି ସେ ଚେଷ୍ଟା କରୁଥିଲା ।

ସୌମ୍ୟ ବୁଲେଇ ନେଲା ପରିସ୍ଥିତିର ମୋଡ଼ । ଧୀର ଗଳାରେ କହିଲା—"ଏହି କେତେଦିନ ହେଲା ତୁମଠାଇଁ ଗୋଟାଏ ବଳକ୍ଷଣ

Digitized by srujanika@gmail.com

ପରିବର୍ତ୍ତନ ଦେଖି ପାରୁଛ, ଫୁଲରା ।" ସୌମ୍ୟକୁ ନଚାହିଁ ଫୁଲରା ପ୍ରଶ୍ନକଲା—"ଦେହର ନା ମନର ?" ସୌମ୍ୟ କହିଲା—"ଉଭୟର ।" ସୌମ୍ୟଠାରୁ ଏକଥା ଶୁଣି ଫୁଲରା କିଛି ସମୟ ମନେ ମନେ କଣ ଭାବିଲା । ତାପରେ ଉତ୍ତର ଦେଲା—"ପରିବର୍ତ୍ତନ ଗତିଶୀଳ ଜୀବନର ଗୋଟାଏ ଧର୍ମ । ତାକୁ ବନ୍ଦ କରିବ କିଏ ?" ସୌମ୍ୟ କହିଲା—"ତା ମୁଁ ଅସ୍ୱୀକାର କରୁନି । କିନ୍ତୁ ଏଇଟା ବି ମଣିଷର ଗୋଟାଏ ଧର୍ମ ପରିବର୍ତ୍ତନର ନିର୍ମମ ଆଘାତରୁ ନିଜକୁ ବଞ୍ଚେଇବା । ବିନା ଆଶ୍ରୟରେ ନଈ ସୁଅରେ ନିଜକୁ ଭସେଇ ଦେଇ ଅପମୃତ୍ୟୁକୁ ବରଣ କଲେ ସେ ଅପରାଧ ତ ଆଉ ନଈର ହୁଏ ନାହିଁ···। ଜୀବନ-ଧର୍ମ ବଡ଼ ଜଟିଳ । ତାକୁ ଆମେ ଯେତେ ସରଳ କରିପାରିବା ସେତେ ମଙ୍ଗଳ । ତୁମପରି ଶିକ୍ଷିତା ଝିଅକୁ ଏସବୁ ବୁଝାଇବାକୁ ପଡ଼ିବ ବୋଲି ମୋର ମନେ ହେଉନାହିଁ ।" ସୌମ୍ୟର ଏ କଥା ଉପରେ ଆଉକଣି କହି ନିଜ ଅନ୍ତରର ଦୁର୍ବଳତା ଲୁଚେଇବ ତାକୁ ଖୋଜି ପାଇଲାନି ଫୁଲରା । ନିମିଷକ ପାଇଁ ବଡ଼ କରୁଣ ଭାବରେ ସୌମ୍ୟକୁ ଚାହିଁ ମୁହଁ ପୋତି ବସିଲା । ସୌମ୍ୟ ବୁଝିପାରିଲା ତା ଅନ୍ତର୍ଦ୍ୱନ୍ଦ । ଆଉ ଟିକିଏ ଘୁଞ୍ଚିଆସି ଆଦର କରି ଉଠେଇ ନେଲା ଫୁଲରାର କୁସୁମ କଳିତ ଗୋଟିଏ ହାତ । ପଚାରିଲା—"ତୁମକୁ କିଛି ପଚାରି ପାରେକି ?"

"ପଚାର ।" ଛୋଟିଆ ଉତ୍ତର ଦେଲା ଫୁଲରା ।

"ଜୀବନର ସରଳ ପଥରେ ଯାତ୍ରା କଲେ ଜୀବନର ଯାହା ସତ୍ୟ ଆଉ ସୁନ୍ଦର ତାହା ମିଳିଥାଏ । ଏ ଦୃଢ଼ ଧାରଣା ମୋରଅଛି । ଅନ୍ୟର ଥାଇ ପାରେ ନ ଥାଇପାରେ । ତେଣୁ ମୁଁ କହିବାକୁ ଚାହେଁ ନିଜକୁ ମୁକ୍ତକରି ବୁଝାସୁଝା କରିନେଲେ ଝୁଣ୍ଟି ପଡ଼ିବାର ବାଟ ନଥିବ । କଣ କହୁଛ ?"

Digitized by srujanika@gmail.com

"ମୁଁ କିଛି ବୁଝି ପାରୁନି, ସୌମ୍ୟ ।"

"ବୁଝି ନପାରିବାର ଏଥିରେ କିଛି ନାହିଁ, ଫୁଲ୍‌ରା ।"

"ତାହା ଆଜି ମୋ ପାଖରେ ଅବୋଧ । ମୁଁ ଆଜି ବଡ଼ ଦୁର୍ବଳ ।"

"ମନର ଅବରୁଦ୍ଧ ଚିନ୍ତାକୁ ମୁକ୍ତିଦିଅ । ଆପେ ସବୁ ସଜାଡ଼ି ହୋଇଯିବ ।"

ସୌମ୍ୟକୁ କି ଉତ୍ତର ଦେବ ଖୋଜି ପାଇଲାନି ଫୁଲ୍‌ରା । କେବଳ ଲୁହଭରା ଆଖିଦୁଇଟି ନେଇ ଚାହିଁ ରହିଲା ସୌମ୍ୟ ମୁହଁକୁ । ବଡ଼ କରୁଣ-ବଡ଼ ସରଳ ସେ ଚାହାଣି । ସେ ଚାହାଣି ଭିତରେ ସତେ ଯେପରି ସେ କାତର ପ୍ରାର୍ଥନା କରୁଥିଲା ସୌମ୍ୟକୁ—"ତୁମେ ବତାଇ ଦିଅ । ନାହିଁ ମନନେଇ ମୁଁ ସେ ରୁଦ୍ଧ ଚିନ୍ତାକୁ ଖୋଲି-ଦେଇ ପାରିବି ନାହିଁ ।" ତା ଚାହାଣିରୁ ଏହା ଇଙ୍ଗିତ ବୁଝି ପାରିଲା ସୌମ୍ୟ । ତେଣୁ ଆଦର କରି କହିଲା—"ତୁମକୁ ମୁଁ ସେହି ସରଳା ଫୁଲ୍‌ରା ରୂପରେ ଦେଖିବାକୁ ଚାହେଁ, ଫୁଲ୍‌ରା । ତୁମେ ସେଠାକୁ ଫେରିଆସ । ଯେପରି ସରଳ, ନିସଂକୋଚ ଭାବେ ମିଳାମିଶା କରୁଥିଲ ସେହିପରି କର । ସେଥିରେ କୌଣସି ଉଗ୍ରଗନ୍ଧ ନଥିଲା । ଥିଲା କେବଳ—ସରଳ ସୌନ୍ଦର୍ଯ୍ୟ । ଆଉ ଥିଲା—ଜୀବନକୁ ଜୀବନ-ନେଇ ଭଲ ପାଇବାର ଗୋଟାଏ ମିଠାଗନ୍ଧ··· । ଏହିଠାକୁ ଫେରି ଆସ । ଦେଖିବ—ତୁମ ମୁହଁରେ ସେହି ହସ ଫୁଟି ଉଠିବ । ସେହି ଜ୍ୟୋତି ଜଳି ଉଠିବ ତୁମ ନୟନରେ । ସେହି ନୃତ୍ୟଛନ୍ଦ ନାଚି ଉଠିବ ତୁମ ପଦତଳେ । ଛନ୍ଦି ହେବନାହିଁ । ପଡ଼ିବ ନାହିଁ । ତୁମର ଏ ପରିବର୍ତ୍ତନରେ ପଲ୍ଲୀର ସମସ୍ତଙ୍କ ମନରେ ଗୋଟାଏ କୌତୁହଳ । ତୁମର ଏ ଅ-ଳିପ୍ତ ଭାବ ମଧ୍ୟ ମୋତେ ଆଉ ଭଲ

Digitized by srujanika@gmail.com

ଲାଗୁନାହିଁ । ତୁମ ପାଖରୁ ମୋତେ ଦୂରକୁ ଠେଲି ନେଉଛି । ଫେରିଆସ ତୁମେ । ”

“ମୁଁ ଆଉ ସେଠାକୁ ଫେରି ଆସି ପାରୁନାହିଁ, ସୌମ୍ୟ ! ଫେରି ଆସିବାର ବାଟ ଭୁଲି ଯାଇଛି । ସେଠାକୁ ଫେରି ଯିବାପାଇଁ ମୋତେ ବ୍ୟର୍ଥ ଚେଷ୍ଟା କରିବାକୁ ହୁଏ ତେବେ ପ୍ରଥମେ ମୋତେ ଲଙ୍ଘିନେବାକୁ ହେବ ଆତ୍ମ ପ୍ରବଂଚନାର ଜଟିଳ ପଥ ଯାହାର ଦୁଇ ଧାରରେ ଦେଖିବାକୁ ପାଇବ—ମୋ'ର ଆଶା-ସୌଧର ଭଗ୍ନ ସ୍ତୁପ…!! ଯାହାର ଉପରେ ମୋର ଜୟଯାତ୍ରା ଦେଖିବାକୁ ତୁମେ କ'ଣ ଚାହଁ ?”

ଦୁହେଁ ନୀରବ ।

କିଛି ସମୟ ପରେ ଫୁଲରାକୁ ଚାହିଁ ଦେଖିଲା ସୌମ୍ୟ ସେ ଅନାଇ ରହିଛି ଦୂରକୁ, ବହୁ ଦୂରକୁ । ସତେ ଅବା ସେ ଉଡ଼ି ଚାଲିଛି ସେହି ରାଇଜକୁ ଯେଉଁଠି ଅତୀତ ଯୁଗର ସ୍ୱର୍ଣ୍ଣ ସିଂହାସନ ତଳେ ପ୍ରଣୟୀ ଆଜ ପ୍ରାଣର ନୀରବତା ପାଉଥିଲା —“ତା ବଞ୍ଚିବାର ଚରମ ସାର୍ଥକତା !! ”

ଦୁଇଟି ସବୁଜ ପ୍ରାଣରେ ଘନେଇ ଆସିଲା ଦୁଃସହ ଯନ୍ତ୍ରଣା । ନଦୀ କୂଳର ନିରୋଳା ପରିବେଶ । ଦୁହେଁ ବସିଛନ୍ତି । ବ୍ୟବଧାନ ନିମିତ ମାତ୍ର । ବେଳେ ବେଳେ ଫୁଲରାର ଦୁକୂଳ ପ୍ରାନ୍ତ ଉଡ଼ିଆସି ତା ପବନରେ ଆମୋଦିତ କରୁଛି ସୌମ୍ୟକୁ । ସୌମ୍ୟ ତାକୁ ଅଡ଼େଇ ଦେଲାବେଳେ ଶିହରି ଉଠୁଛି ଫୁଲରା । ଅଥଚ କାହା ମୁହଁରେ କଥା ନାହିଁ । ସେତିକିବେଳକୁ ମଧ୍ୟ ପ୍ରକୃତିର ମନଲୋଭା ଦୃଶ୍ୟ । ନିର୍ମେଘ ଆକାଶ ବୁକୁରେ ଲୁଣି ହୋଇ ଯାଇଥାଏ ବସନ୍ତ ଗୋଧୂଳିର ରଙ୍ଗ ! କାଦମ୍ବିନୀ ନଦୀ ବୁକୁରେ ନାଚ ଉଠୁଥାଏ ଶେଷ ଦିନର ରଶ୍ମି ରାଶି ଅବିରାମ । ଏ ପରିସ୍ଥିତି ଆଉ ଏ ଦୃଶ୍ୟ

Digitized by srujanika@gmail.com

ଚାହିଁଙ୍କ ମନରେ ଯେତେବେଳେ ବହୁ ପ୍ରଶ୍ନର କଦଳ ସୃଷ୍ଟି କରି ଚାଲିଥିଲା ଠିକ୍ ସେତିକିବେଳେ ଗୋଟିଏ ପକ୍ଷୀ ଦାଂପତ୍ୟର ଉଡ଼ିଯିବା ଛାଇ ପାଣିରେ ପଡ଼ିଲା । ଦୁହେଁ ଚାହିଁଲେ ଉପରକୁ । ଦେଖିଲେ ଦୁଇଟି ପକ୍ଷୀ ଡେଣାକୁ ଡେଣା ଲଗାଇ ଉଡ଼ି ଚାଲିଛନ୍ତି । ଥଣ୍ଟରେ ଅସ୍ପଷ୍ଟ କାକଳି । ଦୁହେଁ ଭାବିଲେ—ବୋଧହୁଏ 'ସେ ଦାଂପତ୍ୟ ଜୀବନର ଗୋପନ ଭାଷା⋯।' ସୌମ୍ୟକୁ ଏହିଠାରେ ସୁବିଧା ମିଳିଲା । ଫୁଲରାଣୀକୁ ଚାହିଁ କହିଲା— "ନୀଡ଼ର ବଡ଼ ଆକର୍ଷଣ । ନୁହେ ?" ଫୁଲରାଣୀ ଏ ପ୍ରଶ୍ନର ଉତ୍ତର ନଦେଇ ମୁହଁ ବୁଲେଇ ବସିଲା । କିନ୍ତୁ ତାର ପ୍ରବଳ ଇଚ୍ଛାଥିଲା କହିବାକୁ— 'ଆକର୍ଷଣ ନଥିଲେ ଜୀବନଟା ଅସ୍ୱାଦିତ ହୋଇ ପଡ଼ି ରହନ୍ତା⋯।' କିନ୍ତୁ ମୁହଁ ଖୋଲି ସେ ଏକଥା କହି ପାରିଲା ନାହିଁ । ନୀରବ ରହିଲା । ମାତ୍ର ଏ ନୀରବତା ଆଉ ସହ୍ୟକରି ପାରିଲାନି ସୌମ୍ୟ । ବାଧ୍ୟ ହୋଇ ସେ ଫୁଲରାଣୀକୁ ପ୍ରଶ୍ନକଲା— "ତୁମର ଆଜି କଣ ହୋଇଛି ଫୁଲରାଣୀ ? ବାରଂବାର ନୀରବ ରହୁଛ ? ସତ କହିବାକୁ ଗଲେ ତୁମର ଏ ଅ ଲିପ୍ତ ଭାବ ମୋତେ ବଡ଼ ବାଧୁଛି । ମୁଁ ଭାବୁଛି—ତୁମ ସାଥିରେ ମୋର ମିଳାମିଶାଟାକୁ ଆଜି ତୁମେ ଚାହୁଁନାହିଁ । ତେଣୁ ଆଡ଼େଇ ଚାଲିଛ ।" ସୌମ୍ୟ ଆଉ କଣ କହିଥାନ୍ତା । କିନ୍ତୁ ଗୋଟିଏ ଶ୍ଳେଷଟିଏ ଡାକରେ ସୌମ୍ୟ ନୀରବ ରହିଲା । ଫୁଲରାଣୀ ଡାକିଲା—"ସୌମ୍ୟ"। ସୌମ୍ୟ ଚାହିଁ ଦେଖିଲା ଫୁଲରାଣୀ ତାକୁ ବଡ଼ କରୁଣ ଭାବରେ ଚାହିଁଛି । ବୁକୁର କେତେ ଅକୁହା କଥା କଣ୍ଠ ପର୍ଯ୍ୟନ୍ତ ଆସୁଛି କିନ୍ତୁ ମୁହଁରେ ଫୁଟୁନାହିଁ । ତେଣୁ ସୌମ୍ୟ ଫୁଲରାଣୀ ମନରେ ପରିବର୍ତ୍ତନ ଆଣିବା ପାଇଁ କହିଲା—"ତୁମଙ୍କୁ ମୁଁ ଅବିଶ୍ୱାସ କରି ପାରୁନି ସତ କିନ୍ତୁ ତୁମଠାରୁ ଆଉ ସେ ମଧୁର ଆପ୍ୟାୟନ ପାଇ ପାରୁ ନଥିବାରୁ ପ୍ରାଣରେ ବଡ଼ ଧକ୍କା ଲାଗିଛି । ସେହିଠିକ ଯେ ମୋ ଜୀରସ

Digitized by srujanika@gmail.com

ଜୀବନର ସମ୍ବଳ ଥିଲା, ଫୁଲର୍‌...। ସେ ଯେ ଏତେ ଶୀଘ୍ର ହାତଛଡ଼ା ହୋଇଯିବ...”। “ଏ କଣ କହୁଛ ସୌମ୍ୟ ?” କହି ସୌମ୍ୟଙ୍କୁ ବାଧା ଦେଲା ଫୁଲର୍‌। ସେତେବେଳକୁ ଅଧିରତାରେ କଣ୍ଠ ତାର ଥରି ଉଠିଲାଣି। ସେ ଆଉ ନୀରବ ରହି ପାରିଲାନାହିଁ। ଦୁଇ ହାତରେ ମୁହଁ ଘୋଡ଼େଇ କହିଲା—“ତୁମେ ମୋତେ ଭୁଲ ବୁଝ-ନାହିଁ ସୌମ୍ୟ। ପରିପୂର୍ଣ୍ଣ ନିଃସଙ୍ଗତା ମୋ ପାଖେ ଏଣିକି ବଡ଼ ନିର୍ମମ ହୋଇ ଉଠୁଛି...।। ଆଉ କିଛି ନୁହେଁ...।।”

ସୌମ୍ୟ ପ୍ରାଣରେ ଉଚ୍ଛୁଳି ଉଠିଲା ଗର୍ବ ଆଉ ଆନନ୍ଦ। ହଠାତ୍ ତା ମୁହଁରୁ ବାହାରି ପଡ଼ିଲା—‘ଓ’ ଲଜ୍ଜ୍ୟାରେ ଝାଉଁଳି ପଡ଼ିଲା ଫୁଲରା।

ନତ ମୁଖୀ ସଂଧ୍ୟା ସେତେବେଳକୁ ପାହାଡ଼ ତଳକୁ ଓହ୍ଲାଇ ଆସୁଥିଲା। ସୌମ୍ୟ ଡାକିଲା ଫୁଲରାକୁ। ଦୁହେଁ ତଳକୁ ଓହ୍ଲାଇ ଆସିଲେ।

ଏହା ଭିତରେ କଟି ଯାଇଛି କେତୋଟି ଦିବସ। ସେଦିନ ଥିଲା ଶୀତର ଅପରାହ୍ନ। ଖୋଲା ଝରକା ଭିତର ଦେଇ ସୂର୍ଯ୍ୟର ମିଠା କିରଣ କେଇଟି ପଡ଼ିଥିଲା ସୌମ୍ୟର ଶୋଇବା ଘରେ। ବାହାରକୁ ଦେଖା ଯାଉଥିଲା—ସୌମ୍ୟ ବସିଛି ଭିଲ୍ଲ ପଲ୍ଲୀର କୁଟୀର ଶିଳ୍ପ ତିଆରି ଖଣ୍ଡିଏ ବେତ କୁରୁଚି ଉପରେ। ହାତରେ ବହି ଖଣ୍ଡିଏ। ବୁଡ଼ି ରହିଛି ପଢ଼ିବାରେ।

କିଛି ସମୟ ପରେ ପ୍ରବେଶ କଲା ଫୁଲରା। ଦୁଆର ମୁହଁରେ ଠିଆହୋଇ ପଚାରିଲା—“ଯାଇ ପାରେକି ?” ସୌମ୍ୟ ବହିରୁ ମୁହଁ ଉଠାଇ ଦେଖିଲା—‘ଫୁଲର୍‌ ଦୁଆର ମୁହଁରେ ଠିଆ ହୋଇ ହସୁଛି।’ ତେଣୁ ସେ ମଧ୍ୟ ଅଦବକାଇଦାରେ ଅଭିନନ୍ଦନ ଜଣାଇ-ବାକୁ ଯାଇ କହିଲା—“ସ୍ୱାଗତଂ।” ଫୁଲର୍‌ ଘରଭିତରକୁ ଗଲା।

Digitized by srujanika@gmail.com

ସୌମ୍ୟ ପୁଣି ବହି ପଢ଼ିବାକୁ ଆରମ୍ଭ କରୁକରୁ ବସିବାପାଇଁ ଫୁଲଝୁଙ୍କୁ ଇଙ୍ଗିତ କଲା । ଫୁଲଝୁ ଚୌକି ଖଣ୍ଡିଏ ଟାଣି ନେଇନେଇ ପଚାରିଲା— "ବହି ପଢ଼ିବାରେ ଭାରି ତନ୍ମୟ ଦେଖୁଛୁ । କଣ ନୂଆ ବହି ଖଣ୍ଡିଏ କି ?" ସୌମ୍ୟ ସେହିପରି ବହିରେ ମୁହଁ ରଖି କହିଲା—"ହଁ ନୂଆ ବହି, ଆଉ ମଧ୍ୟ ବକ୍ତବ୍ୟ ବସ୍ତୁର ନୂତନ ପରିବେଷଣ ! ଉଭୟର ସମାବେଶରେ ବହିଟି ଚମତ୍କାର ହୋଇଛି । ବହି ନାମକରଣରେ ମଧ୍ୟ ଆକର୍ଷଣ ଅଛି—'ଜୀବନ ଯୁଦ୍ଧ' । ଶୁଣିବ ଛନ୍ଦଟିଏ ? ଶୁଣ ।"

ଫୁଲଝୁର ହଁ ନାହିଁକୁ ଅପେକ୍ଷା ନକରି ସୌମ୍ୟ ପଢ଼ି ଶୁଣାଇଲା— 'ଆଗେ ଆମ ସମାଜ ପାଇଁ ଦରକାର ପଡ଼ିଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଖର୍ବ କରି ଯାଉଥିଲା । ବର୍ତ୍ତମାନ କିନ୍ତୁ ବ୍ୟକ୍ତିତ୍ୱର ଆଦର ହୋଇ ଉଠିଛି ବଡ଼ । ମାତ୍ର ସେଠାରେ ଦେଖା ହେଉନାହିଁ ସେ ବ୍ୟକ୍ତିତ୍ୱର ମୂଲ୍ୟ ଦେଶର ବା ଦଶର କଲ୍ୟାଣପାଇଁ କେତେ । ତାଙ୍କୁ ଉପେକ୍ଷା କରି ତାଙ୍କପାଇଁ କେବଳ କିଣା ଯାଉଛି ଫୁଲହାର, ରଚନା କରା ହେଉଛି ଭଡ଼ାଟିଆ ବନ୍ଦନା, ଫେନିଲ କରେଇ ଦିଆ ହେଉଛି ଶୟନର ତଳପ, କୁସୁମିତ କରା ହେଉଛି ତାଙ୍କ ଚଲାପଥ, ସମ୍ମାନ ଦିଆ ହେଉଛି ଜାତିର ଶ୍ରେଷ୍ଠ ଆସନ ଦେଇ...। କିନ୍ତୁ ତ୍ୟାଗଭିତରେ ଭୋଗ ପାଇବାକୁ—ଅଶ୍ରୁ ଭିତରେ ଆନନ୍ଦ ପାଇବାକୁ—ସଂଘର୍ଷ ଭିତରେ ଜାତୀୟତାର ମାନଦଣ୍ଡ ଟେକି ରଖିବାକୁ—ଜାତିର ଦୁର୍ଦ୍ଦିନରେ ନେତୃତ୍ୱ ଦେବାକୁ ଏମାନେ ଉପଯୁକ୍ତ କିମ୍ବା ଉପଯୁକ୍ତ ନୁହନ୍ତି ସେଇଟା ବିଚାରକୁ ଅଣ୍ଟନ୍ତି ନାହିଁ । ଅଣ୍ଟନ୍ତି—ତାଙ୍କ ହାତରେ ଥିବା କ୍ଷମତାର ବିଭୀଷିକା...। ଏଇଥି ପାଇଁ ତାଙ୍କ ପାଖରେ ସେମାନଙ୍କର ପୂଜା ହୋଇ ଉଠେ ଅନିବାର୍ଯ୍ୟ । କିନ୍ତୁ ପୂଜକ ଆଉ ପୂଜିତ ଗୋଷ୍ଠୀ ବୁଝି ପାରନ୍ତି ନାହିଁ ଜୀବନରେ ସଂଘର୍ଷ ନରହିଲେ ଆତ୍ମାର ସ୍ୱରୂପ ପ୍ରକାଶିତ ହୋଇପାରେନାହିଁ । ଇତିହାସର ଜୀର୍ଣ୍ଣପୃଷ୍ଠା

Digitized by srujanika@gmail.com

ଲେଉଟାଇଲେ ଦେଖାଯାଏ ଏହି ସଂଘର୍ଷହିଁ ବହୁ ବୀର, ନୃପତି, ସମ୍ରାଟର ଆତ୍ମାପ୍ରକାଶ କରାଇ ବହୁବାଦ ବିଶିଷ୍ଟ ରାଜ୍ୟ ସାମ୍ରାଜ୍ୟ ପ୍ରତିଷ୍ଠିତ କରାଇଥିଲା ଏବଂ ସଭ୍ୟତାର ବିପୁଳ ଆବର୍ତ୍ତନ ମଧ୍ୟ ଆଣିଥିଲା । ଆଜିର ଏ ବୈଜ୍ଞାନିକ ଯୁଗ ଯେତେବେଳେ ରହସ୍ୟମୟୀ ଆକାଶର ବୁକୁଚିରି ମଙ୍ଗଳଗ୍ରହ ଦେଖିବାକୁ ଯାଉଛି ସେତେବେଳେ ଆମେ ଯଦି ସଂଘର୍ଷକୁ ଭୟକରି ଜୀବନର ଉତ୍କର୍ଷ ସାଧନ ପଥରୁ ପଛେଇ ଯିବା ତେବେ ଚିର ଦୁର୍ଭାଗ୍ୟ ବରଣ କରି ପଡ଼ି ରହିବା ଛଡ଼ା ଆଉ କିଛି ଗତ୍ୟନ୍ତର ନାହିଁ । ତେଣୁ ଆଜି ଆମକୁ ଦେଖିବାକୁ ପଡ଼ିବ କାହା ପୀଠରେ କାହାକୁ ବଳିଦେବା । ବ୍ୟକ୍ତିତ୍ୱ ପୀଠରେ ଜାତୀୟତାକୁ ନା ଜାତୀୟତା ପୀଠରେ ବ୍ୟକ୍ତିତ୍ୱକୁ...।'

ଏହିଠେଇଁ ପଢ଼ା ବନ୍ଦକରି ଦେଇ ବହିଟିକୁ ଟେବୁଲ ଉପରେ ସୌମ୍ୟ ରଖିଦେଲା ଆଉ ଫୁଲରାକୁ ଚାହିଁ କହିଲା—"ଛୁଡ଼ା । ବର୍ତ୍ତମାନ ଆମ ଜୀବନ ସଂଘର୍ଷ କଥାପଢ଼ୁ । ବହୁଦିନ ହେଲା ମୋ ଛୋଟିଆ ଜୀବନ କାହାଣୀଟି ତୁମକୁ କହିବାର ସୁଯୋଗ ତୁମେ ଦେଇନଥିଲ । ଆଜି ପାଇଛି । ତାକୁ ଆଉ ଛୁଡ଼ିନପାରେ । କିନ୍ତୁ ଏ ଛୋଟ ଜୀବନର ଭୂମିକା ଭିତରେ ତୁମେ ଦେଖିବାକୁ ପାଇବ ନାହିଁ ନାଟକୀୟ ଅଭିବ୍ୟକ୍ତି, ସାସପେନ୍ସ, କ୍ଲାଇମାକ୍ସ କିମ୍ବା ରୋମାନ୍ସ । ପାଇବ କିନ୍ତୁ ହସ କାନ୍ଦର ବାଣୀ ।" ଏତକ କହି ସୌମ୍ୟ ଟିକିଏ ହସିଲା । ଫୁଲରା ସ୍ମିତହସ ଟିକିଏ ହସି ଈଷତ୍ ମୁଖନତ କଲା । ସୌମ୍ୟ କହି ଯିବାକୁ ଲାଗିଲା—"ଦେଖ । ଆଜି ଯାଏଁ ଆମେ ଦୁହେଁ ଗୋଟାଏ ମୋହନ ସ୍ୱପ୍ନର ନିଶାରେ ବୁଡ଼ି ରହିଥିଲେ । କିନ୍ତୁ ସେଥିରେ ବୁଡ଼ିରହି ନକଲେ ପ୍ରେମ ଅଭିନୟ କଲେ ହେବ ନାହିଁ । ସେଇଟା ଆଧୁନିକ ପ୍ଲାଷ୍ଟିକ ସଭ୍ୟତାର ଗୋଟାଏ ମସ୍ତବଡ଼ ବିଭ୍ରାନ୍ତି-ବିକାର । ସେଠେଇଁ ମୋହ ବନ୍ଧପାରେ ମାନବ ଜୀବନ ନୁହେ । ମୁଁ ସେଇଟାକୁ

Digitized by srujanika@gmail.com

ଗୃହେ ନାହିଁ । ଅଣାଙ୍କରେ ତୁମେ ବି ନୁହ । ବିଭ୍ରାନ୍ତିର କୁହୁଡ଼ି ଭିତରେ ଆମକୁ ଅଳ୍ପ ପାଖକୁ ଆସିବାକୁ ହେବ । ତେବେଯାଇ ଆମେ ଦୁହେଁ ପରସ୍ପରକୁ ଭଲଭାବରେ ଦେଖି ପାରିବା । ଆଉ ଆମ ଚଲାପଥରେ ଝୁଣ୍ଟି ପଡ଼ିବାର ଭୟ ନଥିବ । କିନ୍ତୁ ବାସ୍ତବତାକୁ ଭୟଙ୍କର ପ୍ରଣୟର ଅଭିନୟ କରିବାକୁ ଗଲେ ହୁଏତ ପାଇ ପାରିବା ସାମୟିକ ଦେହଭୋଗ । କିନ୍ତୁ ପ୍ରଣୟ ନୁହେଁ କିମ୍ବା ପ୍ରାଣ ନୁହେଁ । ତେଣୁ ମୁଁ ଗୃହେ ଖୋଲା ମନ । ମୁଁ ଯେତେଦୂର ଭଲ ଭାବରେ ଜାଣେ ତୁମେ ମୋ ପାଖରେ ଅଛପା ନାହିଁ । ମୁଁ କିନ୍ତୁ ତୁମ ପାଖରେ ଅଜାଣାଏଁ ଗୋଟାଏ ଝାପ୍‌ସା ଆବରଣ ତଳେ ରହି ଆସିଛି । ତୁମ ପାଖେ ମୋତେ ମୁକ୍ତ ହେବାକୁ ପଡ଼ିବ । ତେଣୁ...।" ଏହିଠାରେ ଫୁଲରି ବାଧାଦେଇ କହିଲା—"ତୁମେ ମୋତେ ଚିହ୍ନି ପାରୁଛ ଆଉ ମୁଁ କଣ ତୁମଙ୍କୁ ଚିହ୍ନି ପାରୁନାହିଁ ?" ସୌମ୍ୟ କହିଲା—"ଏ ସବୁ କେବଳ ମୁହଁ କଥା ନୁହେଁ, ଫୁଲରି । ଜୀବନର ସମାଧାନ ପାଇବାକୁ ହେଲେ ଖୋଲା ମନର ନିସ୍ପତ୍ତି ଦରକାର । ଏକଥା ତୁମେ ବୁଝୁନାହିଁ ।" ଏକଥା ଶୁଣି ଫୁଲରି କହିଲା—"ତେବେ ତୁମେ ମୋତେ ଅବିଶ୍ୱାସ କରୁଛ ?"

"କଦାପି ନୁହେଁ । କିନ୍ତୁ ତୁମ ପାଖେ ମତେ ଉନ୍ମୁକ୍ତ ହେବାକୁ ହେବ ।"

"ବାକି ସେପରି କିଛି ଥିଲାପରି କଣ ମନେ କରୁଛ ?"

"ବହୁତ ଅଛି । 'ମୁଁ କିଏ' ଏପର୍ଯ୍ୟନ୍ତ ତୁମେ ଜାଣିନାହଁ । ଏତିକି କେବଳ ଜାଣିଛ—ମୁଁ ତୁମ ଆଶ୍ରୟ ବର୍ଦ୍ଧିତ ଆଉ ତୁମକୁ ଭଲପାଏ । କିନ୍ତୁ ସେ ଭଲ ପାଇବାଟା ମୋ ସ୍ୱାର୍ଥ ଆଦାୟ କରିବା ପାଇଁ ତୁମପାଖେ ଅଭିନୟ କରିଥାଏ କିମ୍ବା ଅନ୍ତରରୁ ତାହା ତୁମେ ଜାଣି ନାହଁ । ନାରୀମନର ଗୋପନ ଖବର ଟିକିଏ ପାଇଲେ

Digitized by srujanika@gmail.com

ପୁରୁଷ ମନ ନାଚ ଉଠିଥାଏ ସୁବିଧା ପାଇଲେ ତାକୁ ନିଜ ସ୍ୱାର୍ଥ ଅଦାୟରେ ଲଗାଇବା ପାଇଁ । ତେଣୁ ମୁଁ କହିବାକୁ ଚାହେଁ ମୋ ପ୍ରକୃତ ଇତିହାସ ତୁମେ ନ ଜାଣିଲା ଯାଏ ମୁଁ କିଏ ତୁମେ ଜାଣି ପାରିବ ନାହିଁ । ମୁଁ ନିର୍ଭୁଲ କିମ୍ବା ନିର୍ଦ୍ଦୋଷ ପୁରୁଷ ନୁହେଁ । ପୁରୁଷକୁ ଏପରି ସରଳ ଭାବରେ ବିଶ୍ୱାସ କରିବା ଏ ଯୁଗର ନାରୀ-ମାନଙ୍କ ପକ୍ଷରେ ଶୋଭାପାଏ ନାହିଁ । ମଣିଷର ଭଲ ଚେହେରା ତା ବାହାରେ ନଥାଏ । ବାହାରଟା ଦେଖି ଭଲ ପାଇବାଟା ଉଚିତ ନୁହେଁ । କୌଣସି କାରଣରୁ ହେଉ ତୁମେ ମୋତେ ପ୍ରଥମରୁ ଭଲପାଇ ଆସିଛ ବୋଲି ମୋ ଭିତରେ କଣ ଅଛି ସେଇଟାକୁ ଦେଖିବାକୁ ଚାହୁଁନାହିଁ । ମୁଁ କିନ୍ତୁ ମୋ ଜୀବନଦାତ୍ରୀଙ୍କ ପାଖରେ ପ୍ରବଞ୍ଚନା କରି ପାରିବି ନାହିଁ । ତେଣୁ ଅନୁରୋଧ କରେ ମୋ ଜୀବନର କ୍ଷୁଦ୍ର କାହାଣୀଟି କହିବାକୁ ମୋତେ ଅବସର ଦେବ ।” ଏତିକ କହି ଫୁଲରୀକୁ ସୌମ୍ୟ ଚାହିଁଲା । ଏକଥା ଉତ୍ତରରେ କୌଣସି ପ୍ରତିବାଦ ଉଠାଇବାକୁ ଫୁଲରୀର ମଧ୍ୟ ଇଚ୍ଛା ହେଲାନାହିଁ । ଶିତଳ ହସ ଟିକିଏ ହସି ବସି ରହିଲା ।

ସୌମ୍ୟ ଟେବୁଲ ଉପରୁ ତଳୁ ଏକାଠେଇଁ ଗୁନ୍ଥା ହୋଇଥିବା କେତେଖଣ୍ଡି କାଗଜ ଆଣି ତାକୁ ଓଲଟପାଲଟ କରୁ କରୁ କହିଲା— "ଏହି କାଗଜଦେଖି ତୁମ ମନରେ ଯେଉଁଠାରୁ ଅବିଶ୍ୱାସ ଜନ୍ମିଥିଲା ସେହିଠାରୁ କଥାଟା କହିଲେ ତାର ଭିତରେ ସବୁ ଆସିଯିବ । ମୁଁ କିଏ ଜାଣି ପାରିବ ଆଉ ସେ ଝିଅଟି କିଏ ବୁଝିପାରିବ ।”

ଏ’କଥା ଶୁଣି ଫୁଲରୀ ଲାଜରେ ମୁହଁ ତଳକୁ କରି ବସିଲା । ସେ ଭାବି ପାରି ନଥିଲା—“ତା ଦୁର୍ବଳ ମନର ଗୋଟିଏ ଛୋଟିଆ ଘଟଣା ଉପରେ ସୌମ୍ୟ ଦିନେ ତା ଜୀବନ କଥାର ଭୂମିକା ରଚନା କରି ବସିବ ବୋଲି ।” ସୌମ୍ୟ ବୁଝି ପାରିଲା ଫୁଲରୀର ସଲ୍ଲଜତାର

Digitized by srujanika@gmail.com

କାରଣ । ଟିକିଏ ମୁରୁକି ହସି କହିଲି—"ଶୁଣ । ଏ ଜୀବନରେ ସେ ଦିନ କଣ ଗୋଟିଏ ଅଳସ ମୁହୂର୍ତ୍ତ ଥିଲା ଜାଣେନାହିଁ । ଇଚ୍ଛା ହେଲା କେବଳ ବସି ରହିବାକୁ । କିନ୍ତୁ ସେହି ବସି ରହିବାଟା ମଲ୍ଲିଦିନର ସ୍ମୃତିଗୁଡ଼ିକୁ ଗୋଟାକ ପରେ ଗୋଟାଏ ଆଣି ଆଖି ଆଗରେ ଧରିବସିଲା । ଫେରିଗଲି ସେହି ପୁରୁଣା ଦିନକୁ—କଲେଜ ପଢ଼ା, ଦେଶର ଭବିଷ୍ୟତ ନେଇ ବନ୍ଧୁ ମହଲରେ ଚର୍ଚ୍ଚା, ସାହିତ୍ୟ ସଭାରେ ଆମ ଦେଶର ବିଭିନ୍ନ ସାହିତ୍ୟର ମୂଳୋତ୍ପାଟନ କରିବା ବିଷୟରେ ତର୍କଣା ମୂଳକ ଭାଷଣ, ସାଂସ୍କୃତିକ ସଭାସମିତି । ଏହିପରି ଗୋଟିକ ପରେ ଗୋଟିଏ ସବୁ ମନେ ପଡ଼ିବାକୁ ଲାଗିଲା । କାହିଁକି କେଜାଣି କାଗଜ ପେନ୍‌ସିଲ୍ ନେଇ ଗାରେଇ ବସିଲି—'ପରେଶାକୁ ନେଇ ମୋ ଜୀବନରେ ଘଟିଯାଇଥିବା ଗୋଟିଏ ଶ୍ରେଷ୍ଠ ଅଭିନୟ ।' ମନେ ହେଉଥାଏ ସତେ ଯେପରି ପରେଶା ମୋର ଅତି ନିକଟରେ ରହି ସେଦିନ ପରି ସେ ସଂଳାପ ଗୁଡ଼ିକ ପ୍ରଶ୍ନୋତ୍ତର ଛଳରେ କହି ଅଭିନୟ କରି ଚାଲିଛି । ଭଙ୍ଗିମାମୟୀ ଥିଲା ପରେଶା । ସେ ଚାହିଁଥିଲା ସଂଳାପ ଅର୍ଥକୁ ଆମ ଦୁହିଁଙ୍କ ଜୀବନରେ ରୂପାୟିତ କରିବାକୁ । ମୁଁ କିନ୍ତୁ ଚାହିଁ ଥିଲି ତାର ନିଛକ ଅଭିନୟ ମାତ୍ର । ରଙ୍ଗମଞ୍ଚର ଅଭିନୟ ଭିତରେ ତାଙ୍କ ଭୂମିକା ଯେଉଁଟିକି ମୋଠାରେ ଦାବି କରୁଥିଲା. ସେତିକି ଦେବାଛଡ଼ା କୌଣସି ବନ୍ଧନରେ ବାନ୍ଧି ହେବାକୁ ମୁଁ ଚାହିଁ ନଥିଲି । କିନ୍ତୁ ପରେଶା ଚାହିଁଥିଲା ବିପରୀତ । ଦିନେ ସେ ମୁହଁ ଫିଟେଇ କହିଥିଲା—'ତୁମେ ଯଦି ମୋ ହୃଦୟ ମନ୍ଦିର ଦ୍ୱାର ଖୋଲି ପାରୁଛ ତେବେ ପ୍ରବେଶ ନ କରିବ କାହିଁକି ? ଏହିଠାକୁ କେବଳ ମଂଚଅଭିନୟ ନଭାବି ଯଦି ଜୀବନ ଅଭିନୟର ପର୍ଯ୍ୟାୟକୁ ଆଣି ପାରନ୍ତ ତେବେ ଜୀବନକୁ ମୁଁ ବଡ଼ ସାର୍ଥକ ମନେ କରନ୍ତି ।' ମୁଁ କିନ୍ତୁ ସେ ଭିତରେ ଧରା ଦେଇ ନଥିଲି ବୋଲି ସେ

Digitized by srujanika@gmail.com

ମୁଁ ପରେଶଙ୍କୁ ସୁଦ୍ଧା ପ୍ରତ୍ୟାଖ୍ୟାନ କରିପାରିଥିଲି ତା ନୁହେଁ । ଅଭିନୟ ସରିଥିଲା ସତ କିନ୍ତୁ ମୋ ଅନ୍ତର ଭିତରେ ତାର ଅଭିନୟ ଚାଲିଥିଲା ବହୁଦିନ ଧରି । ମନ ଭିତରେ ଏପରି ଗୋଟାଏ ଆଲୋଡ଼ନ ସୃଷ୍ଟି କରିଥିଲା ଯେ ମୋର ମନେ ହେଲା ଦିନେ ନା ଦିନେ ମୋତେ ତା ପାଖେ ସର୍ତ୍ତହୀନ ଭାବରେ ଆତ୍ମସମର୍ପଣ କରିବାକୁ ହେବ । କିନ୍ତୁ ଅନ୍ତର୍ଦ୍ୱନ୍ଦ ଓ ବହୁ ପ୍ରଲୋଭନ ସତ୍ତ୍ୱେ ନିଜକୁ ବଞ୍ଚେଇ ନେଇଥିଲି । ଏହି ବଞ୍ଚେଇ ନେବାର କୃତିତ୍ୱ ଯେ କେବଳ ମୋ ଆତ୍ମବଳର ତା ନୁହେଁ । ସେଥିରେ ବିଶେଷ ଭାଗ ଥିଲା ଏ ମାଟିର ଗୋଟିଏ କରୁଣ ଡାକରା । ସେହି ମୋତେ ଛଡ଼େଇ ନେଇପାରିଥିଲା ପାର୍ଥିବ ପ୍ରେମରୁ ବୃହତ୍ତର ପ୍ରେମର ସୀମାନ୍ତକୁ । ମୁଁ ସେଇଠି ଭୁଲି ଯାଇଥିଲି ରଙ୍ଗମଂଚ ଅଭିନୟର ରୂପାୟନକୁ... ।

ତୁମେ ଭାବୁଥିବ—'ଯେଉଁ ଝିଅ ମୋ ମନରେ ଗୋଟିଏ ସୁନ୍ଦର ରଚନା ଲେଖିଦେଇ ପାରିଥିଲା ଆଜି ଯାହାକୁ ନେଇ ପ୍ରଣୟ ଓ ପ୍ରାଣର ଏପରି ଏକ ଇଙ୍ଗିତ ଜଡ଼ିତ କୋମଳ ଭାଷାର କଥୋପ-କଥନ ଭିତରେ ଅଭିନୟ କରିଥିଲି ଏବଂ ଶେଷରେ ଯିଏ ମୋ ପାଖରେ ପ୍ରେମର ଯାଚନା କରିଥିଲା ମୁଁ ତାକୁ ପ୍ରତ୍ୟାଖ୍ୟାନ କରି ପାରିନି କେବଳ ପ୍ରତାରଣା କରୁଛି... ।' ଏଇଟା ଭାବିବା ସ୍ୱାଭାବିକ । କିନ୍ତୁ ଆମ ଭିତରେ ଏ ପ୍ରେମ ଯାଚନା ଥିଲା ଗୋଟିଏ ଅଭିନୟ ମାତ୍ର । ଅନୁଭୂତି ନୁହେଁ । ଆଧୁନିକ ସଭ୍ୟତାର ରଙ୍ଗମଂଚ ଉପରେ ଏହାର ଅଭିନୟ ଉତ୍ତରଜଣୀ ହୋଇପାରେ । କିନ୍ତୁ ଜୀବନପାଇଁ ନୁହେଁ । କାରଣ ପରିସ୍ଥିତି ଆଜି ପରିବେଶକୁ ଦୃଷ୍ଟି ନ ଦେଇ ଏ ଧରଣର ପ୍ରେମ ଯାଚନା ମୁଣ୍ଡ ଟେକିଥାଏ ବିକାର ଓ କୁ-ରୁଚିର ଅନ୍ତରାଳରୁ । ଛଳ ପ୍ରଣୟ ଭିତରେ ଦେହ

Digitized by srujanika@gmail.com

ଭୋଗ କରିବାର ଏ ଗୋଟାଏ ନିକୃଷ୍ଟ ପ୍ରଦର୍ଶନ । ଅଳ୍ପ କାଳର ଉଦୀୟମାନ ସଭ୍ୟତା ମଧ୍ୟ ଏଇଟାକୁ ସମାଦର କରି ଛାଡ଼ପତ୍ରର ସଂସ୍କାର ଏହା ଉପରେ ଆଣି ଥୋଇଲାଣି । ଅବସ୍ଥା ଏପରି ଚାଲିଲେ ଦିନେ ନା ଦିନେ ଚରମ ବ୍ୟଭିଚାରର ଅମ ଭିତରେ ଲୁଣ୍ଠି ହୋଇ ଉଠିବ !! ଏଇଟାକୁ ଆମେ ନ ରୋକିଲେ ସମୟ ଆମପାଇଁ ତାକୁ ରୋକି ଦେବନାହିଁ ।

ଛାଡ଼ା । ସେହି ପରେଶା କଥା ଶୁଣ । ସେ ଥିଲା ଏକ ଧନୀ ପରିବାରର ଦୁଲାଳୀ । ଅଯୁସ ତାର ନିତ୍ୟ ପଦ ଚୁମ୍ବନ କରୁଥିଲା । ତା ଆଖିରେ, ପଦ ଛନ୍ଦରେ, କଥାର ଶୈଳୀରେ ଫୁଟି ଉଠୁଥିଲା ଏକ ଗୋପନ ବୁଭୁକ୍ଷାର ଅଭିନବ ଲାସ୍ୟ···!! ସେ ଯେ ମୋ ପାଖରେ କେବଳ ଏ ଅଭିନୟ କରୁଥିଲା ତା ନୁହେଁ । କଲେଜର ବନ୍ଧୁ ଛାତ୍ରଙ୍କୁ ସେ ବିଭ୍ରାନ୍ତ କରି ପାରିଥିଲା ସେ ମୋତେ ଚାହିଁଥିଲା କେବଳ କ୍ଷଣିକ ଛଳ ବନ୍ଧନରେ ବାନ୍ଧି ମୋ ମାନବତାକୁ ପଦାଘାତ କରିବାକୁ । କିନ୍ତୁ ପାରିନଥିଲା । ସେହିଠାରେ ତା ଗର୍ବ ହୋଇ-ଥିଲା ଆହତ । ତେଣୁ ସେ ତାଚ୍ଛଲ୍ୟରେ ମୋ ପାଖକୁ ଲେଖିଥିଲା —'ଅପାତ୍ରରେ ହୃଦୟ ଅର୍ପଣ କରିବାକୁ ଯାଇ ମୋ ନାରୀତ୍ୱର ଅବମାନନା କରିବାକୁ ଯାଉଥିଲି । ତୁମ ସାମୟିକ ସ୍ପର୍ଶରୁ ନିଜକୁ, ବଞ୍ଚେଇ ପାରିଛି ଏଇଟା ମୋର ସୌଭାଗ୍ୟ !' ଏହିଥିରୁ ବୁଝି ପାରିବ ସେ କଣ ଆଉ ଚାହୁଁଥିଲା । କିନ୍ତୁ ତୁମଙ୍କୁ ଏତେଇ ଆଶ୍ଚର୍ଯ୍ୟ ଲାଗୁଥିବ ତା ସଙ୍ଗେ ମୋର କିପରି ଘନିଷ୍ଠତା ଆସିଲା । ପରେଶା ଆମରି କଲେଜରେ ସହଶିକ୍ଷା ପାଉଥିଲା ଆମରି ସାଥିରେ । ଅନ୍ୟର ମଧ୍ୟ କେତେକ ଛାତ୍ରୀ ଥାନ୍ତି । କିନ୍ତୁ ଏ ଥିଲା ବଡ଼ ଦେଖେୟୀ ଅତି ଅଧୁନିକା ବୋଲି ତା ମନରେ ଥାଏ ଗୋଟାଏ ବଡ଼ଗର୍ବ । ତେଣୁ

Digitized by srujanika@gmail.com

ଯଦିବା ରୂପସୀ ନୁହେଁ ତଥାପି ତା ଅଙ୍ଗ ସୌଷ୍ଠବରେ ଥିଲା ଗୋଟାଏ ମାଦକତା ଯାହାର ବଳରେ ଅମେରିକାର ପୁଞ୍ଜିପତି ସେ ଆକର୍ଷଣ କରି ପାରିଥିଲା ସମସ୍ତ ସହାଧ୍ୟାୟୀ ଓ ତରୁଣ କ୍ଳ...। ଅହଂକାର ଥିଲା ତା'ର ଏଟିକେଟ। ଭ୍ରୂପାଭଙ୍ଗ ଆଖିର ଲେଲିନ, ସରୁ ଓଠ ପାଖୁଡ଼ାରେ ଲଗେଇ ରଖିଥିବା ହସର ଦୀପ୍ତି ଆଉ ଅଧକୁହା ଅଧ-ଛୋଡ଼ା କଥା ଏସବୁ ଥିଲା ତା'ର ଗୋଟାଏ ଷ୍ଟାଇଲ। ଏହି ସବୁଥିରେ ସେ ଅନ୍ୟାନ୍ୟ ସହାଧ୍ୟାୟିନୀ ମାନଙ୍କ ଠାରୁ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖି ପାରିଥିଲା ଏବଂ ସମସ୍ତଙ୍କର ନଜରରେ ଆସି ପାରିଥିଲା। ମୁଁ କିନ୍ତୁ ଟିକିଏ ଅନ୍ୟ ଢଙ୍ଗର ଥିଲି। ତା ଆକର୍ଷଣ ପରିଧିର ବାହାରେ ମୋର ଚଳବୁଲ ଥିଲା। କିନ୍ତୁ ସେ ମୋର ଏ ଏକକତ୍ୱକୁ ସହ୍ୟ କରି ପାରୁନଥିଲା। କାରଣ ଅଜେୟକୁ ଜୟ କରିବାର ବଳବତୀ ଇଚ୍ଛା ବୀର ମାନଙ୍କର ଥିଲାପରି ତା'ର ଗୋଟାଏ ଜିଗର ଥିଲା କୌଣସି ପ୍ରକାରେ ମୋତେ ତା ପରିଧି ଭିତରକୁ ଟାଣିନେବ। କିନ୍ତୁ ସେ ସୁବିଧା ସେ ପାଇପାରୁ ନଥିଲା।

ସେ ବର୍ଷ, ମାନେ ଏହି ଦୁଇବର୍ଷ ତଳର କଥା, କଲେଜର ସାଂସ୍କୃତିକ ଅନୁଷ୍ଠାନରେ ଗୋଟିଏ ନାଟିକା ଅଭିନୀତ ହେବାର ସ୍ଥିର କରାଗଲା। ନାଟିକା ରଚନା କରିଥିଲେ ଜଣେ ସହାଧ୍ୟାୟୀ। ସେ ନାଟିକାର ନାୟକ ନାୟିକା ଭୂମିକାର ଅଂଶ ଗ୍ରହଣ କରିବା ପାଇଁ ମୋତେ ଆଉ ପରେଶାକୁ ଅନୁରୋଧ କରାଗଲା। ମୁଁ କିନ୍ତୁ ସେ ନାଟିକାର ଭାଷ୍ୟ ଏବଂ ବିଷୟ ବସ୍ତୁ ଦେଖି ସେଥିରେ ଯୋଗ ଦେବାପାଇଁ ମନାକଲି ଓ ମୋ ଅସମ୍ମତିର କାରଣ ଦେଖାଇ ସେ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କୁ ବୁଝାଇ କହିଲି—'କଲେଜ ହେଉଛି ଦେଶର ଶ୍ରେଷ୍ଠ ଶିକ୍ଷା ଓ ସାଂସ୍କୃତିକ ପୀଠ। ଏହି ଅନୁଷ୍ଠାନରୁ

Digitized by srujanika@gmail.com

ମହତ୍ତ୍ୱର ବାଣୀନେଇ ଦେଶବାସୀଙ୍କୁ ଆମକୁ ଶୁଣାଇବାକୁ ହେବ । ଉଚ୍ଚ ଆଦର୍ଶ ନେଇ ଜାତିକୁ ଅନୁପ୍ରାଣିତ କରିବାକୁ ହେବ । ଜାତି-ଯୂତା ଓ କର୍ମ ପ୍ରେରଣା ନେଇ ଜାତିକୁ ଉଠାଇବାକୁ ହେବ । ଦେଶରେ ଆମ କର୍ତ୍ତବ୍ୟର ପରିସର ବିରାଟ । ଆମେ ସବୁ ଭବିଷ୍ୟ--ଜାତି-ନିର୍ମାତା ବୋଲି ଦେଶ ଆମକୁ ଚାହିଁ ବସିଛି । ଆମକୁ ସବୁ ଦିଗରେ ବଳିଷ୍ଠ ନେତୃତ୍ୱ ନେଇ ଜାତିକୁ ଆଗଭର କରିବାକୁ ପଡ଼ିବ । ତେଣୁ ଅନ୍ୟକୁ ଗଢ଼ିବା ଆଗରୁ ଆମେ ନିଜେ ଗଢ଼ିହେବା ଦରକାର । ଆମେ ଦୂର ଦୃଷ୍ଟିହୀନ ହେଲେ ଚଳିବ ନାହିଁ । ଆମେ ଆଜି ଯଦି ଯୁବକ ସୁଲଭ ଫୁର୍ତ୍ତିଶିଆଳିଭାବ ନେଇ କିଛି ଗୋଟାଏ କରି ବସିବା ତେବେ ସେଇଟାର ପ୍ରଭାବ ପଡ଼ିବ ସମାଜ ଉପରେ । ଆମର ଅନୁଗାମୀ ପୁଅ ଝିଅ ଗୁଡ଼ିକ ଆଗପଛ ନ ବିଚାରି ଆମକୁ ଅନୁକରଣ କରିବେ । ଆମ କର୍ତ୍ତବ୍ୟର ଏଇଟା ହେବ ପରିପନ୍ଥୀ । ଭଲ ବିଷୟ କିଛି ପରିବେଷଣ କରାଯାଉ । ଏ ନଗ୍ନଚିତ୍ର କାହିଁକି ? ଏଥିରେ ଆମେ ସଂସ୍କାର ଆଣିବା ପରିବର୍ତ୍ତେ ସଂସ୍କାରକୁ କଳୁଷିତ କରୁଥାଇଁ । ଏ ସାଂସ୍କୃତିକ ଅନୁଷ୍ଠାନର ଏ ଅଭିନୟ ଦେଖିବାକୁ ଯେଉଁ ବୋହୂଝିଅ, ଭଦ୍ରବ୍ୟକ୍ତିମାନେ ଆସିବେ ସେମାନେ ଆମ ବିଷୟରେ ଗୋଟାଏ ଖରାପ ଧାରଣା କରିଯିବେ । ନିମନ୍ତ୍ରିତଙ୍କୁ ଆମୋଦ ପରିବେଷଣ କରିବା ବୋଲି ଯେପରି ଚରମ ନିର୍ଲ୍ଲଜତା କରି ନ ବସେଁ ।' କେହି କିନ୍ତୁ ମୋର ଏକଥା ଧ୍ୟାନ କଲେ-ନାହିଁ । ବରଂ ମୋ କଥା ଉପରେ ବିକଳ୍ପ ଯୁକ୍ତି ଦେଖାଇ କେତେ-ଜଣ କହିଗଲେ । ଏପରିକି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଭିତରୁ ଜଣେ ତରୁଣୀ ସଦସ୍ୟା କହିବାକୁ ଭୁଲିଲେ ନାହିଁ— '...ଅମୁକ କଲେ-ଜର ଛାତ୍ର ଛାତ୍ରୀମାନେ କିପରି ଲବଣ୍ୟବତୀଙ୍କ ସ୍ୱପ୍ନରଚନା ଦେଖାଇ-ବାକୁ ଯାଇ ଚନ୍ଦ୍ରଭାନୁ ମୁହଁରେ କୁହାଇଥିଲେ—

Digitized by srujanika@gmail.com

...ମୁଗ୍ଧ ମୁହିଁ, ଛବି ସୃଷ୍ଟିର କମ୍ପୋଜେ
ଅତ୍ମହରା, ଉଚ୍ଛୁଳା ସୌନ୍ଦର୍ଯ୍ୟେ...
ତେଣୁ ଗୃହେ ମୁହିଁ—
ଦେଇ ବିସର୍ଜନ ରାଜେଶ୍ୱର ଭୋଗେ—
ରଚିବାକୁ—
ତୁମରି ସୌନ୍ଦର୍ଯ୍ୟ ପୀଠେ—
ପ୍ରତିମୂର୍ତ୍ତିର ଶାଶ୍ୱତ-କୋଣାର୍କ...!!

ଏହାଠାରୁ ବଳି ଏ ନାଟିକାରେ ଏପରି କଣ ନଗ୍ନତା ଅଛି ଯେ ଆପଣ ଆପତ୍ତି କରୁଛନ୍ତି ? କେତେକ ଦରବାରୀଙ୍କ ମୁଢ଼ କଥା ଅବେଦନ ପରି ଆପଣଙ୍କର ଏସବୁ ଗୋଟାଏ ନିରର୍ଥକ ଯୁକ୍ତି । ଏ ଅଭିନୟଟି କରା ହେଉଛି ଆମୋଦ ପାଇଁ । ଏଥିରେ କିଏ କାହାର ନୈତିକ ମେରୁଦଣ୍ଡ ଉପରେ ହାମର ପିଟୁନାହିଁ...। ଧୂପର ସିଗ୍ଧ ଗନ୍ଧକୁ ଘଷିଧୂଆଁ ଦେଇ ହତ୍ୟା କରିବାକୁ ଆପଣ ଆଉ ଯା'ନ୍ତୁ-ନାହିଁ...।।' ଏତିକି କହି ସେ ସେଠାରୁ ଉଠି ଗୃଲିଗଲେ ଆଉ ତାଙ୍କୁ ଅନୁସରଣ କଲେ ଅନ୍ୟମାନେ । ମୁଁ କିନ୍ତୁ ମୁଢ଼ପରି ବସି ରହିଲି । ଭାବିଲି— 'ଏଇସବୁ ନେଇ କଣ ଆମ ଜାତି ନାରୀ ପ୍ରଗତିର ପଥ ରଚିତ ହେବାକୁ ଯାଉଛି...?' କିନ୍ତୁ ସେ ଯାହାହେଉ ଶେଷରେ ସେମାନେ ଜୟୀ ହେଲେ । କାରଣ ପ୍ରିନ୍‌ସିପାଲ ମହାଶୟଙ୍କ ଅନୁରୋଧ ମୁଁ ଏଡ଼ି ପାରିଲି ନାହିଁ । ସୌମ୍ୟ ଭୂମିକା ମୋତେ ନେବାକୁ ହେଲା । ପରେଶା ନେଲା ପରେଶା ଭୂମିକା । କିନ୍ତୁ ଶେଷରେ ଜାଣିଲି ପରେଶା ଇଙ୍ଗିତରେ ନାଟିକା ରଚନା ଓ ଭୂମିକା ନିର୍ବାଚନ । ଅଗରୁ ଜାଣି ପାରିଥିଲେ ପ୍ରିନ୍‌ସିପାଲ ମହାଶୟଙ୍କୁ ମୋ ଅସମ୍ମତିର କାରଣ ବୁଝାଇ କହି ଦେଇଥାନ୍ତି ।

Digitized by srujanika@gmail.com

ତା ପରଦିନଠଉଁ କଲେଜର ଛାତ୍ର ଛାତ୍ରୀ ମହଲରେ ଚାଲିଲା ଗୋଟାଏ ମୃଦୁ ଗୁଂଜନ—ମୁରୁକି ହସ, ରୋମାଣ୍ଟିକ ଆଲୋଚନା ନୟନାନ୍ତ ଚାହାଣି । କିନ୍ତୁ ଏଥିରେ ମୁଁ ମର୍ମାହତ ହୋଇଥିଲି ମାତ୍ର ପରେଶ ପାଇଥିଲା ଆତ୍ମତୃପ୍ତି ।

ସେଦିନ ସାଜଘରେ ସାଜକ ପାଖରେ ଆତ୍ମ ସମର୍ପଣ କରିଦେଇ ବସିଛି । ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ସାଜକ ମୋତେ ସଜେଇ ଚାଲିଛି ତାର ତୁଳି ଆଉ ରଙ୍ଗନେଇ । ମୁଁ କିନ୍ତୁ ଭାବିଚାଲି ଥାଏ—'ନିର୍ଦ୍ଦେଶକ ଅଭିନୟର ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାକୁ ମୁଁ ରଙ୍ଗମଂଚରେ ଫୁଟାଇବି ? ଏତ ଅଉ ସହ ଅଭିନେତାଙ୍କୁ ନେଇ ଶିଖିବା କଥା ନୁହେ । ବହୁ ଉଚ୍ଚ ଶିକ୍ଷିତ, ଶିକ୍ଷିତାଙ୍କ ଆଗରେ ଦେଖାଇବାକୁ ହେବ । ସେଠି ତରୁଣୀ ଥିବେ, ଗୃହିଣୀ ଥିବେ, ତାଙ୍କ ଆଗରେ କିପରି ପରେଶାର ପୁଷ୍ପିତ ତନୁ ଖଣ୍ଡିକ ବାହୁ ବେଷ୍ଟନୀ ଭିତରେ ରଖି ତା ରଂଜିତ ଓଠ ପାଖୁଡ଼ା ପାଖେ ସନତ ମୁଖ ରଖି କହିବି—

—'ବୁକୁ ଆସ୍ତରଣ ଖୋଲି—
କର ଚନ୍ଦ୍ରାତପ
ଲୁଚି ଯାଉ ଆକାଶ ପ୍ରଦୀପ
ଦୁହେଁ ବସି ତରଳ ଅନ୍ଧାରେ ତାର
ରଚିନେବା…'

ଛି । ମୁଁ ଏତେ ନିର୍ଲ୍ଲଜତା କରି ପାରିବି ନାହିଁ । ସେଥିରେ ପୁଣି 'ସହ ଅଭିନେତ୍ରୀ ଉଚ୍ଛୃଙ୍ଖଳା-ଯୌବନା-ପରେଶା । ଅଭିନୟରେ ସେ ଯଦି ଛନ୍ଦ ଭୁଲିଯାଇ କିଛି ଗୋଟେ କରିବସେ ତେବେ…?'

ଭାବନା ତେଣିକି ଆଉ ଆଗେଇ ପାରିଲା ନାହିଁ । ସୁସଜ୍ଜିତା ପରେଶା ଆସି ପାଖରେ ଠିଆହେଲା । ଅଧରେ ଥିଲା ତାର ସ୍ମିତ

Digitized by srujanika@gmail.com

ହାସ୍ୟର ମାଦକତା—ଅଙ୍ଗରେ ଥିଲା ସ୍ୱଗତରେ ସ୍ୱୀକୃତ...। ହାତ ବଢ଼ାଇ ଦେଲି କର ମର୍ଦ୍ଦନ ପାଇଁ । କି ଉଷ୍ମ ପରଶ ଥିଲା କେଜାଣି ଭୁଲିଗଲି ସବୁ । ସତ କହିବାକୁ ଗଲେ ଜୀବନରେ ମୁଁ ସେଇଠି ବଡ଼ ଦୁର୍ବଳ ହୋଇ ପଡ଼ିଥିଲି ।

ସଙ୍କେତ ଧ୍ୱନି ହେଲା ।

ପ୍ରେକ୍ଷା ଗୃହର ଆଲୋକ ଲିଭିଯିବା ସଙ୍ଗେ ସଙ୍ଗେ ରଙ୍ଗମଞ୍ଚରେ ଜଳି ଉଠିଲା ସ୍ନିଗ୍ଧ ଆଲୋକ । ସତେ ଅବା ଝରି ପଡ଼ୁଛି ଶୁଭ୍ର ଆଲୁଅ । ପ୍ରବେଶକଲା ପରେଶ। ଉଜ୍‌ବଳକସ୍ଥାନ ଅବୟବର ଏକ ଶୁଭ୍ର ପ୍ରଚ୍ଛଦ ପଟ ।। ଦୃଶ୍ୟପଟ ଖୋଲିବା ପୂର୍ବରୁ ପରେଶର କୁସୁମିତ ଅଙ୍ଗୁଳି ଗୁଚ୍ଛ ଖେଳିଗଲା ପିଅନୋର ସୁପ୍ତ ବୁକୁ ଉପରେ । ତେଇଁ ଉଠିଲା ସଙ୍ଗୀତର ସୁର ଲହରୀ । ଦୃଶ୍ୟ ଖୋଲିବା ସଙ୍ଗେ ସଙ୍ଗେ ସୁର ଧରି ଗାଇଲା ପରେଶ.—

ପ୍ରତ୍ୟୁଷ-କାନନୁ ମୋର କୁସୁମ ନେଇ
ଅର୍ଘ୍ୟ ସାଜୁଛି ପ୍ରିଅ ତୁମରି ପାଇଁ
ମୋର କୁଟୀର ଦ୍ୱାରେ
ଆସିବ ଧୀରେ
ସନ୍ଧ୍ୟା ଯେବେ ଆସିବ ନାଇଁ ।
ଥିଲେ ମଗନେ
ତୁମରି ଧ୍ୟାନେ
ଅଳସ ତନୁ ମୋ ଛୁଇଁ
ଦେବ ଜଗାଇ
ଶୁଭ ମିଳନ ପାଇଁ...।।

ଗୀତଟିର ଶେଷ ଧାଡ଼ି ମିଳେଇ ଯିବା ପୂର୍ବରୁ ଆସିଲା ମୋ ପାଳି । ଦୁଆରେ ବଳି କରାଘାତ । ତୁମେ ଦେଖିଥିବା ସଳାପର ଗୋଟାଏ ଦୁଇହା ବନମସ୍କୁ ପରେ ଦୁଆର ଖୋଲିଲା ପରେଶ । ମଞ୍ଚ ଉତ-

Digitized by srujanika@gmail.com

ରକୁ ଯାଇ ଦେଖିଲି 'ପିଆନୋ ଉପରେ ମୋ ଫୋଟୋଟିଏ ଥୁଆ । ତା ଉପରେ ପ୍ରଲମ୍ବିତ ଏକ ପୁଷ୍ପହାର ।' ଦର୍ଶକର ଏକୀଭୂତ ସହସ୍ର ଆଖି ଆଗରେ ପରେଶାର ଗୋଟିଏ ହାତ ଉଠେଇ ନେଇ ମୋତେ ଆରମ୍ଭ କରିବାକୁ ହେଲା ନାଟିକାର ସଂଳାପ । ଆମ ଦୁହିଁଙ୍କର ଗଦ୍ୟଛନ୍ଦ ଓ ସଂଳାପର ଶୈଳୀକ ଉଚ୍ଚାରଣରେ ମୁଗ୍ଧ ହେଲେ ଦର୍ଶକ । ଆମ ଦୁହିଁଙ୍କର ଅଭିନୟ ଥିଲା— ନିରୋଳା ପ୍ରାନ୍ତର କୋଳରେ ଏକ ହରିଣ ଦଂପତିର ମୁକ୍ତ କ୍ରୀଡ଼ାପରି ।। ହାସ୍ୟ, ଅଶ୍ରୁ, ମାନ ଅଭିମାନ ଭିତରେ ଦୃଶ୍ୟପରେ ଦୃଶ୍ୟ ଅଭିନୟ କରି ଯାଉଥିଲୁ ଏକ ପ୍ରଣୟୀ ଯୁଗଳର ଜୀବନ ଅଭିନୟ···!!

ମୁଁ କିନ୍ତୁ ବିସ୍ମିତ ହୋଇ ଯାଉଥିଲି ସୁସଭ୍ୟ ଦର୍ଶକଙ୍କର ଅଭିରୁଚି ଦେଖି । ମଝିରେ ମଝିରେ ପ୍ରଶଂସା ସୂଚକ ଆନନ୍ଦ ଧ୍ୱନି କରତାଳି ଗୁଞ୍ଜୁଥାଏ । ଅଭିନୟ ଶେଷରେ ହାତ ବ୍ୟଥିତ ହୋଇ ଯାଉଥିଲା ଦର୍ଶକଙ୍କର ଅଭିନନ୍ଦନ ଜ୍ଞାପନେ କର ମର୍ଦ୍ଦନରେ । ତଦ୍ରୂପ ପରେଶା କ୍ଳାନ୍ତ ହୋଇ ପଡ଼ିଥିଲା ନାରୀ ମହଲର ଶୁଭେଚ୍ଛା ଜ୍ଞାପନ କରମର୍ଦ୍ଦନ, ଆଲିଙ୍ଗନ, ଗାଲଚିପାରେ । ଏପରିକି ଏକ ଆଧୁନିକା ଚଳଚ୍ଚିତ୍ର ନାୟିକା ଭଙ୍ଗିମାରେ ପରେଶାର ହାତଧରି ଆସି ମୋ ପାଖେ ଠିଆକଲେ ଏବଂ କୋହଳ ହସ ଟିକିଏ ଓଠ ପାଖୁଡ଼ାରେ ଲଗାଇ କହିଲେ— 'ବାସ୍ତବିକ ଆପଣ ଦୁହେଁ ଆଜ ଯାହା ଦେଖାଇଲେ ତାହା ନାଟ୍ୟକଳାର ଚରମ ବିକାଶ ! ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଆମେ କେବେଁ ଭାବି ପାରିନୁ ତା ଏକ ଅଭିନୟ ବୋଲି·· !!' ଏତିକି କହି ସେ ମୁହଁରେ ରୁମାଲ ଦେଇ ହସିଲେ । ତାଙ୍କର ଏ ନିର୍ଲଜ୍ଜତାରେ ମୁଁ ମଧ ଟିକିଏ ନିର୍ଲଜ୍ଜତା ମିଶାଇ କହିଲି— 'ଅଭିନୟଠାରୁଁ ଆଜ ଅଧିକ କିଛି ଭାବନ୍ତୁ ନାହିଁ । ଆପଣ ପଚାରି ପାରନ୍ତି ମିସ୍ ପରେଶାଙ୍କୁ···!' ଦୁହେଁ ହସି ହସି ସେଠାରୁ

Digitized by srujanika@gmail.com

ଗୁଲ୍ଲଗଲେ । ଦର୍ଶକଙ୍କ ଓ ଆମ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତା-ମାନଙ୍କ ଉଚ୍ଛ୍ୱସିତ ପ୍ରଶଂସା ମୋ ମନରେ ଟିକିଏ ହେଲେ ଜୁଲ୍ଲାସର ରେଖାପାତ କଲାନାହିଁ । ଦଶଭାଗିଆ ମଜାଟା ନେଇ ଗୁଳିଲି ସାଜଘର ଭିତରକୁ ମୁହଁରୁ ରଙ୍ଗ ଛଡ଼ାଇବା ପାଇଁ । କାରଣ ସେ ଦାୟିତ୍ୱ ସାଜଙ୍କର କିମ୍ବା ନିର୍ଦ୍ଦେଶକଙ୍କର ନଥାଏ । ପାଣି ତେଲ ଓ ସାବୁନ ନଥିଲେ ରଙ୍ଗମଂଚର ସେ ସାକ୍ଷ୍ୟଟିକି ନେଇ ଘରକୁ ଫେରିବାକୁ ହୋଇଥାଏ ।

ସେହି ଦିନର ଅବଶେଷ ରାତିଟିକ । ବଡ଼ ବ୍ୟତିବ୍ୟସ୍ତତାର ସହ କଟାଇବାକୁ ହୋଇଥିଲା । ଦଳେ ଦଳେ ଆସି ମୋ ଶୋଇବା ଘର ଦୁଆରେ କରାଘାତ କରୁଥାନ୍ତି ନିର୍ଲ୍ଲଜ ଅଭିନନ୍ଦନ ଜଣାଇବା ପାଇଁ । ମୁଁ କିନ୍ତୁ ଦୁଆର ଖୋଲୁନଥାଏ । ବେଶୀ ପୀଡ଼ାପିଡ଼ି କରିବାରୁ ଦୁଆର ଖୋଲିଲି । ସେମାନେ ଆସି ଅଭିନନ୍ଦନ ଜଣାଇ ବସିଲେ । ମୋତେ ଭାରି ଖରାପ ଲାଗିଲା । କହିଲି—'ମୁଁ ଅଭିନନ୍ଦନ ପାଇବାର ମହାତ୍ମ୍ୟଟିକି ରଙ୍ଗମଂଚରେ ଛାଡ଼ି ଆସିଛି । ମୁହଁରୁ ରଙ୍ଗ ପୋଛିବା ସଙ୍ଗେ ସଙ୍ଗେ ସେ ନିର୍ଲ୍ଲଜତା ଟିକି ମଧ୍ୟ ପୋଛିଦେଇ ଆସିଛି ! ମୁଁ ବର୍ତ୍ତମାନ ରଙ୍ଗମଂଚର ପ୍ରେମୀକ—ଅଭିନେତା—ସୌମ୍ୟ ନୁହେଁ ! ମୋତେ ଆଉ ଲଜ୍ୟା ଦିଅନ୍ତୁ ନାହିଁ । ଭଦ୍ର ଘରର ଯୁବତୀ ଝିଅ ବୋହୂଙ୍କୁ ନେଇ ରଙ୍ଗମଂଚରେ ପ୍ରେମିକ ଅଭିନେତ୍ରୀ ସଜାଇ-ବାରେ ଏବଂ ତାଙ୍କ ସାଥିରେ ପ୍ରେମିକ ଅଭିନେତା ସାଜିବାରେ ଯେଉଁମାନେ ସଭ୍ୟତାର କିମ୍ବା କୃଷ୍ଟିର ସ୍ୱପ୍ନ ଦେଖୁଥାନ୍ତି ମୁଁ ସେ ଶ୍ରେଣୀର ନୁହେଁ । ମୁଁ ଏସବୁକୁ ନରକ ତୁଲ୍ୟ ଘୃଣାକରେ । ମୋ ଶିକ୍ଷାର ସଂସ୍କାରକୁ ମୁଁ ଜାଣିଶୁଣି ଏହିଠେଇଁ ହତ୍ୟା କରିଛି ! ମୋର ଜଣେ ପିତୃତୁଲ୍ୟ ଲୋକଙ୍କର ଅନୁରୋଧ ଏଡ଼ିନପାରି ଇଚ୍ଛାବିରୁଦ୍ଧରେ ନକଲି ପ୍ରେମୀକ ସାଜିଥିଲି । କିନ୍ତୁ ସେ ସାଜ ଖୋଲିଦେଇଛି !

Digitized by srujanika@gmail.com

କୌଣସି ଅଭିନନ୍ଦନ ମୋର ପ୍ରାପ୍ୟ ନୁହେ । ବରଂ ତିରସ୍କାର କରି ପାରନ୍ତି···।'

ମୋ ଠାରୁ ଏତିକି ଶୁଣି ସେମାନଙ୍କ ଭିତରୁ କିଏ କେତେ କଟୂକ୍ତି କରି ଚାଲିଗଲେ । ମୁଁ କିନ୍ତୁ ପଡ଼ିରହିଲି ଉନିଦ୍ର ହୋଇ । ବହୁ ଚେଷ୍ଟା ସତ୍ତ୍ୱେ ମଧ୍ୟ ଆଖିଦୁଇଟି କଷାପଡ଼ିଲା ନାହିଁ । ଭାବିବାକୁ ଲାଗିଲି—'ମୋ'ର ଯେଉଁ ଗୋଟାଏ ଧାରଣାଥିଲା ଆମ ଓଡ଼ିଆ ସମାଜରେ ନକଲି ସଭ୍ୟତା ତା ନଗ୍ନ ରୂପ ନେଇ ପ୍ରବେଶ କରି ପାରିବ ନାହିଁ ତେବେ ସେ ଧାରଣାଟା କଣ ମୋ ରକ୍ଷଣଶୀଳ ମନୋବୃତ୍ତି······? ସ୍ଲୋଗାନ ପରି ଆଜିକାଲି ସମସ୍ତଙ୍କ ମୁହଁରେ ଲାଗିରହିଛି 'ସଂସ୍କୃତି, ସଭ୍ୟତା'। କଥା କଥାକେ ତା'ର ଆବୃତ୍ତି; କିନ୍ତୁ ତା'ର ପରିଚୟ କାହିଁ ? ଏମାନେ ଯେ ତା'ର ଓଲଟା କରୁଛନ୍ତି । ସଂସ୍କାର ନ ଥାଇ ସଂସ୍କୃତି, ସଙ୍କୋଚିତ କାର୍ଯ୍ୟ ନଥାଇ ସଭ୍ୟତା କଣ ଆମ ନବ୍ୟ ସଭ୍ୟଙ୍କ ମାନଦଣ୍ଡ···?? ପରିଦା ଠେଲି ଆସି ବିଚ୍ ରାଜପଥରେ ଠିଆହୋଇ ବହୁ ନାୟକ ନାୟିକାଙ୍କରେ କେହି ସଂସ୍କାରର ସ୍ୱପ୍ନ ଦେଖେ ନାହିଁ । "ଉଦ୍ୟାନର ସବୁ ଫୁଲ ଉପରେ ମାଳୀର ସମ ଅଧିକାର", ଏ ନଗ୍ନ-ବାଦ ନଗ୍ନପନ୍ଥୀ ସମାଜରେ ସମ୍ଭବ ହୋଇପାରେ । ସେଠାରେ କୌଣସି ବିଚାର ନାହିଁ । ଅଛି ପଶୁତ୍ୱର ନିର୍ବିଚାର ବାଦ···। ଆଜିର ଏ ସଭ୍ୟ ସମାଜର (?) ଜୀବନ ଅଡ଼କୁ ଅନାଇବାର ଅବସର ନାହିଁ । ସେ ସବୁବେଳେ ଧାଇଁଛି ଇଉରୋପୀୟ ସଭ୍ୟତାର ଭୋଗବାଦ ଅଡ଼କୁ !! କିନ୍ତୁ ସେ ଜାଣେ ନାହିଁ ଶାନ୍ତି ସେଠାରେ ନିତ୍ୟ ଆହତ···? ? ସାଂସାରିକ ଜୀବନ ନିତ୍ୟ ସଂଘାତ ଭିତରେ କମ୍ପାୟିତ ?? ତେବେ ସେ ଭୋଗବାଦରେ ପର୍ଯ୍ୟାପ୍ତ ଭୋଗର ବା ଆସ୍ୱାଦ କାହିଁ ଯାହାଲାଗି ଏ କୃଷ୍ଟିମୟୀ ଭାରତର ମୋହଗ୍ରସ୍ତ

Digitized by srujanika@gmail.com

ଗୁଡ଼ିକ ଦଉଡ଼ୁଛନ୍ତି । ଯେଉଁ ସଭ୍ୟତାର ଅହମିକା ଓ ସଂସ୍କାର ମଦାନ୍ଧତା ଜୀବନର ସମାଧାନ ଛୁରୀମୁନରେ କିମ୍ବା ପିସ୍ତଲ ଗୁଳିରେ କରିବାକୁ ଯାଏ ସେଇଠି କଣ ଅମର ବରଣୀୟ ? ଏ ମହା ହତ୍ୟା କ୍ଷୁଧା ଏ ନବ ସଭ୍ୟତା ଏ ନବ ସଂସ୍କାରରେ ମେଣ୍ଟିପାରିବ ନାହିଁ ! ଏ ସଭ୍ୟତା ସଂସ୍କୃତିର ମହା ପଥରେ ସଭ୍ୟ ଓଡ଼ିଶାର ଏ ଯେଉଁ ଭ୍ରାନ୍ତ ପଦକ୍ଷେପ ତାହା ଜାତି ଜୀବନରେ ଆଣିଦେଇଛି ଭବିଷ୍ୟ ସମାଜପାଇଁ ଏକ ଭୟାବହ ସୂଚନା । ଏହାର ବିରୁଦ୍ଧାଚରଣ କରି ଅଟକେଇଲେ ଆଗରେ ମହା ବିପଦ—ରାହୁଗ୍ରାସ···?? ଏଥିରୁ ମୁକ୍ତି ନାହିଁ·········?' ଏହିପରି ଏଣୁତେଣୁ ଗୁଡ଼େ ଭାବି ଭାବି ସେଯରେ ପଡ଼ିଥାଏ । ସକାଳ ହେଲା, ଉଠି ଗଲି ।

ସେଦିନର ଅଭିନୟ ମୋ ସୁଖ୍ୟାତିର ଯେଉଁ ବାତାବରଣ ସୃଷ୍ଟି କରିଥିଲା ତାହା ଅଳ୍ପେ ଅଳ୍ପେ ଲିଭିବାକୁ ବସିଲା । କାରଣ ନାଟ୍ୟକଳାର ସ୍ତାବକମାନଙ୍କୁ ମୁଁ ସୁଯୋଗ ଦେଇ ନ ଥିଲି ମୋ ଅଭିନୟ ନିପୁଣତାର ସ୍ତବଗାନ କରିବାକୁ । ସେଥିରେ ଝୁନ୍ୟା ହେଲା ପରେଶା । କାରଣ ତା ସଙ୍ଗୀନୀ ମହଲ ଓ ତା ନିକଟବର୍ତ୍ତୀ ତା ଗୁଣ-ମୁଗ୍ଧ-ଦଳ ତାକୁ "ହତାଶ ପ୍ରେମିକା" ଆଖ୍ୟାଦେଇ ନାନାକଥା କହିଲେ । ସେଇଠି ସେ ଅଶାନ୍ତ ନଥିଲା । ସେ ଭାବିଥିଲା, 'ଅଭିନୟ ସାଫଲ୍ୟ ତା ଗଳାରେ ଯେଉଁ ଅଭିନନ୍ଦନ-ହାର ପିନ୍ଧାଇ ଦେଇଥିଲା ସେ ହାରର ପ୍ରତି ଫୁଲଦଳ ଚିରଦିନ ଜୀବନ୍ତ ରହିବ······।' କିନ୍ତୁ ସେ ଦେଖିଲା 'ସେ ହାରର ଫୁଲଗୁଡ଼ିକ ଅଚିରେ ଝରିପଡ଼ୁଛି ।' ତା ପ୍ରାଣରେ ବଡ଼ ଆଘାତ ଲାଗିଲା । ହେବାର କଥା; ଜଣକୁ ପାଇବାକୁ ଯାଇ ସେ ଯେତେବେଳେ ଦର୍ଶକଙ୍କ ସାକ୍ଷୀରଖି ତାର ଯୁବତୀବୁକୁର କଂପନ ପର୍ଯ୍ୟନ୍ତ ନିର୍ଲଜ୍ଜ ଭାବରେ ସେ ଜଣକୁ ଅର୍ପିଦେଇଥିଲା କିନ୍ତୁ

Digitized by srujanika@gmail.com

ପ୍ରତିଦାନ ଆଶାରେ ସେ ଯଦି ସେଠଠାରୁ କିଛି ନପାଉଛି ତା ପ୍ରାଣ ବିଦ୍ରୋହ କରିବା କଥା·········। ତା ମଧ୍ୟ ହେଲା । ଦିନେ ସେ ବିଦ୍ରୋହ—ଅଭିଯାନ ଆସି ମୋ ଦୁଆରେ କରାଘାତ କଲା । ସେତେବେଳକୁ ସନ୍ଧ୍ୟା । ମୁଁ ଅରାଧନାରୁ ସଦ୍ୟ ଉଠି ଜଳପାନ କରୁଛି । ଦୁଆର ମୁହଁରେ ପରେଶା କଣ୍ଠ ଶୁଣାଗଲା । ମୁହଁ ଦେଖିଲି ପରଦା ଅଢ଼ୁଆଳରେ ପରେଶା ଠିଆହୋଇ ମୋତେ ଲକ୍ଷକରି କହୁଛି 'ଭିତରକୁ ଯାଇପାରେ କି ?' ମୁଁ ହସି ହସି ସ୍ୱାଗତ ଜଣାଇଲି । ସେ ଭିତରକୁ ଆସି ମୋତେ ଶୁଭସନ୍ଧ୍ୟା ଜଣାଉ ଜଣାଉ କହିଲେ 'କ୍ଷମାକରିବେ । ଆପଣଙ୍କ ବହୁମୂଲ୍ୟ ସମୟରୁ ଟିକିଏ ଖର୍ଚ୍ଚ କରିବାକୁ ଆଜି ବାଧ ହେଉଛି ।' କଥାର କାଇଦା ଶୁଣି ହସଲାଗିଲା । ଦୁଇଟି ଚଉକି ଟାଣିନେଇ ଦୁହେଁ ମୁହାଁ ମୁହିଁ ବସିଲୁ । ତା'ପରେ ମୁଁ କହିଲି—'ହଉ, କପଟ ଭାବରେ ସମୟ ଖର୍ଚ୍ଚ କରିବାକୁ ଗୃହାନ୍ତି କରନ୍ତୁ ।' ସେ ଧନ୍ୟବାଦ ଦେଇ ପ୍ରଥମରୁ ପ୍ରଶ୍ନ ଆରମ୍ଭକଲେ—

"ଆପଣ କ'ଣ ମୋତେ କନ୍ଦାଇବାକୁ ସୁଖ ପାଆନ୍ତି ?"

ଏ ପ୍ରଶ୍ନରେ ମୁଁ ବିସ୍ମିତ ହୋଇ କହିଲି—

"ମୋ ପାଇଁ କାନ୍ଦିବାକୁ ମୋର ସଂସାରରେ କେହି ନାହିଁ, କିମ୍ବା ମୁଁ କାହାକୁ କନ୍ଦାଇବାକୁ ପାଉ ନାହିଁ ।"

"ଆପଣଙ୍କ ପାଇଁ ଜଣେ ଯେ ଅନ୍ତର ଭିତରେ ଅହରହ କାନ୍ଦୁଛି ସେଇଟା କଣ—?"

"କହିପାରିବନି ସେଇଟା କଣ । କିନ୍ତୁ ଏତିକି କହିପାରିବି ସେ ଯଦି କାନ୍ଦୁଥାଏ ତେବେ ମୋ ପାଇଁ ନୁହେ । ଅନ୍ୟ କିଛି ପାଇଁ······?"

Digitized by srujanika@gmail.com

"ତେବେ ତା'ର ଆନ୍ତରିକତାକୁ ଆପଣ ଅବିଶ୍ୱାସ କରୁଛନ୍ତି ?"

"ସେ ଆନ୍ତରିକତା କାହାର ଅନ୍ତରରୁ ଆସିଛି ତାହା ନ ଜାଣିବା ଯାଏ ଅବିଶ୍ୱାସ ବିଶ୍ୱାସର ପ୍ରଶ୍ନ ଉଠୁନି ।"

"ମୁଁ ଯଦି କହେ ସେଇଟା ମୋ ଅନ୍ତରରୁ ଆସିଛି ବୋଲି—?"

"ତେବେ ମୁଁ ନିଃସ୍ପୃଷ୍ଟ ଭାବରେ କହିପାରେ ସଂଦେହର ସେଠି ଯଥେଷ୍ଟ ଅବକାଶ ଅଛି ।"

ଏଇଠି ଯଦୁବେଶୀ କିଛି ସମୟ ନୀରବ ରହି ପୁଣି ପଚାରିଲା—

"ତେବେ ଆମ ଦୁହିଁଙ୍କ ଅଭିନୟ ସାର୍ଥକତା କେବଳ···"

ମୁଁ କଥା ଛଡ଼େଇ କହିଲି—

"କେବଳ ଅଭିନୟ ପାଇଁ । ଯବନିକାପାତ ସଙ୍ଗେ ସଙ୍ଗେ ତାର ଆତ୍ମ ଗୋପନ ।"

"ଆଉ କଣ କିଛି ସୂଚନା ଦେଉ ନଥିଲି ?"

"ମୁଁ ସେପରି କିଛି ଅନୁଭବ କରି ପାରିନି ।"

"ପାରିଥିବେ । କିନ୍ତୁ କହୁ ନାହାନ୍ତି । ମୁଁ ଯଦି କହେ ଆମ ଦୁହିଁଙ୍କ ଭବିଷ୍ୟ ମିଳନର ସେ ଯଥେଷ୍ଟ ସୂଚନା ଦେଉଥିଲି ବୋଲି, ତେବେ ?"

"ଆପଣ ତା ଭାବି ପାରିଥାନ୍ତି । ମାତ୍ର ମୁଁ ନୁହେ ।"

"କାହିଁକି ?"

"ମୁଁ କଳ୍ପନା କରି ପାରୁନି ଏକ ନାଟିକା ଅଭିନୟରୁ ଏହା କିପରି ଉଠି ପାରେ । ଭାବି ପାରୁନି ଏକ ମାନ୍ୟଗଣ୍ୟ ବିଭବଶାଳୀଙ୍କ ଉଚ୍ଚଶିକ୍ଷିତା—କନ୍ୟା କିପରି ଗୋଟାଏ ନିଃସ୍ୱ ଯୁବକ ପାଖେ ଏ ପ୍ରସ୍ତାବ ବାଢ଼ିପାରନ୍ତି । ଏତ ଥିଏଟ୍ର ଦ୍ୱୀପ୍‌ପୀକ ପ୍ରଦେଶର ମିଳନ ନୁହେ···!!"

Digitized by srujanika@gmail.com

"ମନ ମିଳନରେ ବାଧାବା କେଉଁଠି ଅଛି ?"

"ତା ନଥିଲେ ମିଳିସାରନ୍ତାଣି ।"

"ତା କେଉଁଠି ଅଛି ଟିକିଏ ଶୁଣିପାରେ କି ?"

"ଶୁଣିବାରେ ସେପରି କିଛି ପ୍ରୟୋଜନ ଅଛି ?"

"ଅଛି ।"

"ସେ ସବୁ କହିବାକୁ ମୋତେ ବାଧ କରନ୍ତୁ ନାହିଁ । ଆମ ଦୁହିଁଙ୍କ ଭିତରେ ପରିଚୟର ଯେଉଁ ସାମାନ୍ୟ ହାର୍ଦ୍ଦିକତା ଟିକିକ ଅଛି ସେତକ ବଳାତ୍କାର ହୋଇଯିବ । ଏତକ କେବଳ ଜାଣିରଖନ୍ତୁ ମରୁପଥ ଯାତ୍ରୀର ସାଥି ମରିଚୀକା । ଆଉ କେହି ନୁହେ । ସେଥିରେ ମଧ୍ୟ ତାର ଆନନ୍ଦ । ତା ଠଉଁ ଅଧିକ କିଛି ପାଇବାକୁ ଗଲେ ସେ ପାଇଥାଏ ବିଡ଼ମ୍ବନା··· । ଆପଣ ଜାଣନ୍ତି ମୋର କେହି ନାହିଁ । ଭବିଷ୍ୟ ଗଢ଼ିବାକୁ ହେଲେ ମୋତେ ଗଢ଼ିବାକୁ ହେବ । ଭାଙ୍ଗିବାକୁ ହେଲେ ମୋତେ ଭାଙ୍ଗିବାକୁ ହେବ । ସେଥିପାଇଁ ଦାୟୀ ହେବାକୁ ଦ୍ୱିତୀୟ କେହି ନାହିଁ । ଧୈବରଙ୍କ କଥାରେ କହିବାକୁ ଗଲେ— ମୋ ଜୀବନ ପରିକଳ୍ପନାର ପରିସର ଭିତରେ ଏ ମିଳନ କଥା ଆସୁନି···।।

ପରେଶ ଏହାଠି ଟିକିଏ ହସିଲା ଓ ଡିଲା କବରୀରେ ଟିକିଏ ସଂସ୍କାର ଦେବାପାଇଁ ହାତ ବୁଲାଇ ନେଉ ନେଉ କହିଲା—

"ଆମ ଦୁହିଙ୍କ ମିଳନ ଆପଣଙ୍କ ଭବିଷ୍ୟ ଜୀବନ ଗଢ଼ିବାରେ ସହାୟକ ହେବନାହିଁ ବୋଲି ଆପଣ କ'ଣ ଆଶଂକା କରୁଛନ୍ତି ?"

"କହିଛି—ଏ ଜୀବନରେ ମିଳନର କଳ୍ପନା କରିବାକୁ ସାହାସ କରି ପାରୁନ ।"

"କାହିଁକି ?"

"ଦୁଃଖ ପରିସ୍ଥିତିରେ ସୁଖର ସ୍ୱପ୍ନ ଦେଖି ହୁଏନାହିଁ ।"

Digitized by srujanika@gmail.com

"ମିଳନ ଯଦି ସେ ଅବସ୍ଥା ଘୁଞ୍ଚାଇ ଦିଏ ?"

"କ୍ଷମା କରିବେ । ମୁଁ କାହାର କ୍ରୀତଦାସ ହେବାକୁ ଚାହେଁ ନାହିଁ ।"

"ନିଜ ଗୋଡ଼ରେ ଯଦି ଠିଆ କରାଇ ଦିଆଯାଏ ?"

"ଏକା କଥା । କରାଇ ଦିଆହେବ ଅପରର କୃତିତ୍ୱରେ କିନ୍ତୁ ମୋ ବ୍ୟକ୍ତିତ୍ୱର ମୂଲ୍ୟଦେଇ ନୁହେଁ ।"

"ଏ ମୁନାଫା ଯୁଗର ସ୍ରୋତ ଓଲଟାଇବାକୁ ଯାଇ ଦୈନ୍ୟ ଭିତରେ ଲୁଚି ଯିବାଟାକୁ ଆପଣ କ'ଣ ପସନ୍ଦ କରନ୍ତି ?"

"ପସନ୍ଦ ଅପସନ୍ଦ କଥା ଏଠି ଉଠୁନାହିଁ । ଆମ ପସନ୍ଦ ଅପସନ୍ଦ କଥା ଉପରେ ରାଜନୀତି କିମ୍ବା ଅର୍ଥନୀତି ଚଳୁନାହିଁ । ଚଳୁଛି ମୁଷ୍ଟିମେୟଙ୍କ ପସନ୍ଦ ଅପସନ୍ଦ ଉପରେ । ସେ ପରିଧି ଭିତରକୁ ଟାଣି ହୋଇଯାଇ ପୁଷ୍ଟହେବାର ସୌଭାଗ୍ୟ ଆମର ଯେପରି ନହୁଏ···।।"

"ବଜାରରେ ଶାଗ ମୁଗ ବିକି କିମ୍ବା ଦୁଆର ଦୁଆର ବୁଲି ଟିଉସନ୍‌ରେ ତେବେ କ'ଣ ଆର୍ଥିକ ଉନ୍ନତି କରି ପାରିବେ ବୋଲି ଭାବୁଛନ୍ତି ?"

"ବଞ୍ଚି ରହିବା ପାଇଁ ବରଂ ସେହି ଭଲ । କିନ୍ତୁ ପଛରୁ ଜାତି ପିଠିରେ କିମ୍ବା କାହା ଗଳାରେ ଛୁରୀମାରି ଜଘନ୍ୟ ଭୋଗ ଚାହେ ନାହିଁ ।।"

"ତେବେ ଦୈନ୍ୟର ପୀଡ଼ନଟାହିଁ ଆପଣଙ୍କ ଆଦର୍ଶବାଦର ମୁଖ୍ୟ ଫଳମୂଲ୍ୟ ?"

"ସେହି ପୀଡ଼ନରେହିଁ ଜୀବନ ଯୁଦ୍ଧର ପ୍ରସ୍ତୁତି ଜନ୍ମ ନେଇ-ଥାଏ । ଇତିହାସ ଲେଉଟାଇ ଯାନ୍ତୁ ତା'ର ବହୁ ସାକ୍ଷ୍ୟ ପାଇବେ । ଇତିହାସ ଆଉ କାହାଣୀ ହୋଇ ପାରେନାହିଁ । ଅତୀତ ଅନୁଭୂତି

Digitized by srujanika@gmail.com

ଜୀବନର ଜ୍ୱଳନ୍ତ ସାକ୍ଷୀ·· !! ତା'ର ପୁନଃର୍ବୃତ୍ତ ଗଣ ଜୀବନରେ ଯଦି ସୁଖ ଆଣି ଦେଇପାରେ ତେବେ ସେହି ହେବ ଉପଭୋଗ୍ୟ !!

ହଁ, ଆଉ କିଛି ଆପଣଙ୍କର କହିବାକୁ ଅଛି ? ମୋ ସମସ୍ତ ଖର୍ଚ୍ଚ କରିବାକୁ ଆସି ଆପଣଙ୍କ ଛନ୍ଦ-ମୁଖର-ମୂର୍ତ୍ତି ଗୁଡ଼ିକୁ ହତ୍ୟା କରୁଛନ୍ତି ଯେ···!"

ପରେଶ ହସି ଉତ୍ତର ଦେଲା -

"କବିତ୍ୱର ତ ଅଭାବ ନାହିଁ···!"

"ଓଡ଼ିଆ ପରି ? ନଈ ବଢ଼ିରେ, ମରୁଡ଼ିରେ ସେ କବିତା ଲେଖେ-କାନ୍ଦଣାରେ ଛନ୍ଦ ଫୁଟାଏ—ଦୁଃଖରେ ଜଣାଣ ଲେଖେ···!! ଏ ଭାଗ୍ୟବାଦୀ ଓଡ଼ିଆ ଜାତିକୁ ଏଇଟିକି ଯେ ବଞ୍ଚେଇ ରଖିଛି···!"

"ଆପଣଙ୍କୁ ମୁଁ କଥାରେ ପାରିବି ନାହିଁ କିନ୍ତୁ···"

"ହାରିଗଲେ ଯେ । କହନ୍ତୁ !"

ଏଇଠି ପରେଶ ମୁହଁ ପୋତି ବସିଲା । କିଛି ସମୟ ପରେ କହିଲା—"କହିବାକୁ ସେପରି ଆଉ କିଛି ନାହିଁ । ତେବେ ମୋ ଜୀବନର ପ୍ରଥମ ସ୍ୱପ୍ନ ରଚନା ଯେପରି ବ୍ୟର୍ଥ ନହୁଏ···!"

ମୋତେ ଏଇଠି ବୁଝେଇ କହିବାକୁ ହେଲା—"ଭାବି ଦେଖନ୍ତୁ । ମୋ ପତିତ୍ୱରେ ଆପଣଙ୍କ ଆଶାପ୍ଲୁତ ଜୀବନଟା ନଷ୍ଟ ହୋଇ ଯିବାର ଯଥେଷ୍ଟ ସମ୍ଭାବନା ଅଛି । ଯେଉଁଠି ମତର ସାମଞ୍ଜସ୍ୟ ନାହିଁ, ମନର ମିଳନ ନାହିଁ , ଆର୍ଥିକତାର ଆକାଶ ପାତାଳ ତଫାତ ସେଠି ଦୁଇଟି ପ୍ରାଣ ଯୋଡ଼ି ହୋଇ ପାରେନା । ଅଧିକନ୍ତୁ ମଧ୍ୟ ସାମାଜିକତା ଦିଗରେ ଆପଣ ବହୁ ଦୂରକୁ ଚାଲି ଯାଇଛନ୍ତି । ଆମେ ବହୁତ ପଛରେ ପଡ଼ିଛୁ । ମୋ କହିବା ମାନେ—ଆପଣଙ୍କ ସମାଜ ପ୍ରଗତିର ଏତେ ଦୂରକୁ ଚାଲି ଯାଇଛି ଯେ ବାପ ମା ଥାଉ ଥାଉ ଯୁବତୀ ଝିଅ ତା ପତି ଅନ୍ୱେଷଣ କରିପାରେ । ସେ ସ୍ୱାଧୀନତା

Digitized by srujanika@gmail.com

ତାର ଅଛୁ । ଆମେ କିନ୍ତୁ ପଡ଼ି ରହିଛୁ ସେହି ଓଡ଼ିଆ ହୋଇ ! ଆମ ଝିଅ ଭଉଣୀ……”

ମୋ କଥାରେ ବାଧା ଦେଇ ପରେଶ କହିଲା—

‘ଏଇଟା କରିବା ଅବୈଧ ବୋଲି ଆପଣ କଣ ଭାବୁଛନ୍ତି ?”

“ଆପଣମାନେ ଯେତେବେଳେ ତାହା କରୁଛନ୍ତି ସେ କଥା କହିବାର ସାହାସ ଆମର କାହିଁ ? ଆମର କହିବା କଥା ହେଉଛି ଜାତିକୁ ଜାତି ହିସାବରେ ବଞ୍ଚାଇବାକୁ ହେଲେ…”

“ବୁଝିଲି । ଆପଣ କହିବାକୁ ଚାହାନ୍ତି ଝିଅମାନେ ଶିକ୍ଷା ନ ପାଇ ପାନ ଭାଙ୍ଗି ଜାଣିଲେ ଜାତିଟା ବଞ୍ଚିଯିବ…।”

“ଆପଣ ବିଦ୍ରୂପ କରି ପାରନ୍ତି, ମୁଁ କିନ୍ତୁ ସେ କଥା କହୁନାହିଁ । ଝିଅମାନେ ଶିକ୍ଷା ନ ପାଇଲେ ଜାତିର ଭବିଷ୍ୟ ନିର୍ମାତା ଗୁଡ଼ିକୁ ଗଢ଼ିବ କିଏ ? ଝିଅମାନେ କିନ୍ତୁ ମାତୃତ୍ୱ ମହିମାରେ ମହିମାନ୍ୱିତା ହୋଇ ପାରିଲା ଭଳି ଶିକ୍ଷା ପାଇବା ଉଚିତ । ତେବେ ଯାଇ ତାଙ୍କ କୋଳର ଦୁଲାଳ ଗୁଡ଼ିକୁ ଦେଶାତ୍ମବୋଧ ଶିକ୍ଷାଦେଇ କର୍ମପୀଠକୁ ଛାଡ଼ିଦେବେ । ସେମାନେ ଦେଶଦ୍ରୋହୀ ହୋଇ ପାରିବେ ନାହିଁ । ପୃଥିବୀର କୌଣସି ପ୍ରଲୋଭନ ତାଙ୍କ ମନୁଷ୍ୟତ୍ୱ କିଣି ପାରିବ ନାହିଁ !! ସର୍ବସ୍ୱ ହରାଇଲେ ମଧ ସେମାନେ ହରାଇବେ ନାହିଁ ଜାତିର ସମ୍ମାନ…!!। ସେହିପରି ସନ୍ତାନ ଆଜିର ଏ ଦୁର୍ଦ୍ଦିନରେ ଓଡ଼ିଶା ମାତା ଭିକ୍ଷାକରେ ! ଆଜିର ଶିକ୍ଷିତା ମା, ତାଙ୍କୁ କିନ୍ତୁ ଉଡ଼ନ୍ତା ପ୍ରଣୟିନୀ ଭୂମିକାରେ ମସଗୁଲ୍ ରହିଲେ ହେବ ନାହିଁ । ଜାତି ଗଢ଼ିବାର ବିରାଟ ଦାୟିତ୍ୱ ତାଙ୍କ ଉପରେ । ଆପଣ ଜାଣନ୍ତି ଶତ ଶତ ଦେଶପ୍ରେମୀର କଠୋର ସାଧନା ବଳରେ ଯେଉଁଦେଶ ଗଢ଼ିହୋଇ ଥାଏ ତାକୁ ଗୋଟିଏ ମାତ୍ର ଦେଶଦ୍ରୋହୀ

Digitized by srujanika@gmail.com

ଭାଙ୍ଗି ଦେଇ ପାରେ···!! ଏସବୁ ଦୃଷ୍ଟିରୁ ଆମର ଅଜ୍ଞ ଝିଅପୁଅଙ୍କର କି କର୍ତ୍ତବ୍ୟ······”

କଥା ଏଇଠି ବନ୍ଦ ହୋଇଗଲା । କାରଣ ପରେଶଙ୍କ ସୋଫାର ଆସି ପରେଶଙ୍କୁ ଡାକି ନେଇଗଲା । ସେ ଗଲାବେଳକୁ କିନ୍ତୁ ଏତିକି କହିଗଲେ—“ଆପଣଙ୍କ ମୂଲ୍ୟବାନ ବକ୍ତୃତା ଶୁଣିବାକୁ ଆଉ ସୁବିଧା କରି ପାରୁନି । ଧୈର୍ଯ୍ୟ ମଧ୍ୟ ଭାଙ୍ଗି ଆସିଥିଲା ।”

ତା ପରଠୁଁ ପରେଶ ସଙ୍ଗେ ଆଉ ଦେଖା ହୋଇନି । କିନ୍ତୁ ଏ ଘଟଣାର କିଛୁଦିନ ପରେ ସେ ଯେଉଁ ଚିଠି ଦେଇଥିଲା ସେ କଥା ତୁମକୁ କହୁଛି । ଏଥିରୁ ବୁଝି ପାରୁଥିବ ତା ସଙ୍ଗେ ମୋର କି ସମ୍ବନ୍ଧ ।

ଏତିକି କହି ଫୁଲରୀ ମୁହଁକୁ ଚାହିଁ ସୌମ୍ୟ ଟିକିଏ ହସିଲା ଏବଂ କହିଲା “ବର୍ତ୍ତମାନ ମୋ ଜୀବନ ଅଧ୍ୟାୟ ଟିକିଏ ଖୋଲୁଯାଉ । ଦେଖିବାକୁ ହେବ ସେଥିରେ କଣ ଅଛି ।” ଫୁଲରୀ କିନ୍ତୁ ଶୁଣିବାକୁ ଆପତ୍ତି କଲା । ମାତ୍ର ସୌମ୍ୟ ବୁଝାଇ କହିଲା—“ଦେଖ ଫୁଲରୀ । ତୁମର ଏସବୁ ଜାଣିବା ଉଚିତ । କାରଣ ଏ ମୁସାଫିର୍ ଖାନାରେ ଗୋଟିଏ ରାତିର ଜୀବନ ଯାପନ ନୁହେଁ କିମ୍ବା ରେଲଗାଡ଼ୀ ସହ ଯାତ୍ରୀର ସୌଖ୍ୟ ନୁହେଁ ···। ଦୁହିଁଙ୍କୁ ବଞ୍ଚିବାକୁ ହେବ ନୀଡ଼ ଭିତରେ ପକ୍ଷୀ ଦଂପତିର ଦେହଘଷା ଜୀବନ ନେଇ !! ଅଳ୍ପ ପ୍ରତାରଣା ରହିଲେ ଦୁଇଟି ଯାକ ଜୀବନ ନଷ୍ଟ ହୋଇଯିବ । ବିଶେଷତଃ ତୁମପରି ନାରୀ ପାଖରେ ଅଳ୍ପ ଗୋପନ କରିବା ମୋ ପକ୍ଷରେ ମହାପାପ···!!”

‘ବାରମ୍ବାର ତୁମେ ଏପରି ମୋତେ ଲଜ୍ୟା ଦିଅ ନାହିଁ, ସୌମ୍ୟ । ମୁଁ ଏପରି କଣ କରିଛି ଯେ···”

“ମହା ଜୀବନର ଠିକଣା ଦେଇ ପାରିଛ, ଫୁଲରୀ !”

Digitized by srujanika@gmail.com

"ଲୋକେ କଣ ନିଜର କର୍ତ୍ତବ୍ୟ କରନ୍ତି ନି ?"

"ମାତ୍ର କେତେଜଣ ତାହା ଆନ୍ତରିକତା ଦେଇ କରିଥାନ୍ତି ?"

"ମୁଁ ସେପରି ବଡ଼କାମ କରି ପାରିଛି ବୋଲି ମୋର ମନେ ହେଉନି ।"

"ତା ତୁମର ନ ହୋଇପାରେ । କିନ୍ତୁ ମୋ ନିକଟରେ ତୁମ ହାତର ସେ ଅଯାଚିତ ପରିଚର୍ଯ୍ୟାଟିକ ପରମ ଐଶ୍ୱର୍ଯ୍ୟ···। ଆଜି ପର୍ଯ୍ୟନ୍ତ ସେ ଅବିସ୍ମରଣୀୟ ମୁହୂର୍ତ୍ତର ସ୍ମୃତିଟିକି ନେଗେଟିଭ୍ ପ୍ରିଣ୍ଟ୍ ଭଳି ଏ ଛାତିରେ ଲାଗି ରହିଥିବ···।"

ଫୁଲରିଙ୍କୁ ବଡ଼ ଲାଜ ଲାଗିଲା । ଆଉ କିଛି କହିବା ପାଇଁ ସୌମ୍ୟକୁ ଅବସର ନଦେଇ ସେଠାରୁ ସେ ଦୌଡ଼ି ପଳାଇଲା । ସୌମ୍ୟକୁ ଖାଲି ଖାଲି ଲାଗିଲା । ତାର ମନେ ହେଲା ସତେ ଯେପରି ସେ ଘରଟିରେ ବିପୁଳ ଶୂନ୍ୟତା ଛାଡ଼ିଦେଇ ଫୁଲରି ଚାଲିଯାଇଛି···।

ତା ପର ଦିନର ଏକ ନିରୋଳା ସନ୍ଧ୍ୟା । ଫୁଲରି ପୁଣି ଆବିର୍ଭୂତା ହେଲା ସୌମ୍ୟର ସେହି ନିଃସଙ୍ଗ କୁଠୀରଟିରେ । ଫୁଲରିଙ୍କୁ ବକ୍ଷରେ ଧରି ଘରଟି ପୁଣି ହସି ଉଠିଲା । ଅଭିନନ୍ଦନ ଜଣାଇଲା ସୌମ୍ୟ । ଫୁଲରି ଆଜି କିନ୍ତୁ ବଡ଼ ଚଂଚଳ । ନବସି ଚୌକି ଉପରେ ହାତଦେଇ ଠିଆ ହୋଇ ରହିଲା । ମୁହଁରେ ତା'ର ସେ ନିତ୍ୟ ହସ ହସ ଭାବନାହିଁ । ସୌମ୍ୟ ଟିକିଏ ଶଂକିତ ହୋଇ କହିଲା—'ବସ'

"ଆଜି ବସିବାକୁ ଆସିନାହିଁ ସୌମ୍ୟ ।"

"ତେବେ ?"

"ଗୋଟିଏ କଥା କହିଯିବା ପାଇଁ ।"

"ଭୟ ନା ନିର୍ଭୟ···?"

Digitized by srujanika@gmail.com

"ତା ଜାଣେନା । ଭାଇ କିନ୍ତୁ କାଲି ଆସୁଛନ୍ତି···। ଚଠି ପାଇଲି ।"

ଏତକ କହି ଚାଲି ଯାଉଥିଲା । ପଛରୁ ଡାକିଲା ସୌମ୍ୟ । ଫୁଲରୀ ଫେରି ଚାହିଁ ଦେଖିଲା ସୌମ୍ୟ ତାକୁ ବଡ଼ କରୁଣ ଭାବରେ ଚାହିଁଛି । ସେଠୁଁ ଚାଲିଯିବା ପାଇଁ ଫୁଲରୀ ଗୋଡ଼ ଆଉ ଚଳିଲା ନାହିଁ । ସୌମ୍ୟକୁ ଚାହିଁ ରହି ପାରିଲା ନାହିଁ । ମୁହଁ ତଳକୁ କରି ଠିଆହେଲା । "ଭାଇ କାହିଁକି ଆସୁଛନ୍ତି" ବୋଲି ସୌମ୍ୟ ପଚାରିଲା । ସେହିପରି ମୁହଁ ତଳକୁ କରି ଫୁଲରୀ ଉତ୍ତର ଦେଲା—"ମୋ ବିବାହ ବିଷୟ ନେଇ ।" "ସୁସଂବାଦ" କହି ସୌମ୍ୟ ଫୁଲରୀକୁ ବୋଧେଇ କହିଲା "ଏଥିରେ ତୁମର ଖୁସୀ ହେବାର କଥା । କିନ୍ତୁ ଏପରି ବିମର୍ଷ କାହିଁକି ?" ଫୁଲରୀ ତା ଲୋତକ ଭରା ଆଖି ଦୁଇଟି ଉଠାଇ ସୌମ୍ୟକୁ କେବଳ ଚାହିଁ ରହିଲା । ଆଗେଇ ଆସିଲା ସୌମ୍ୟ । ପୋଛି ଦେଲା ତା ଜୀବନ ସଙ୍ଗିନୀର ଅଶ୍ରୁ । ପ୍ରବୋଧ ଦେଇ କହିଲା—"ଜୀବନ ସଂଗ୍ରାମରେ ମୁଖ ଦୁଃଖ ପ୍ରାପ୍ତ ନଥାଏ, ଫୁଲରୀ । ଗତ ରାତି ବଡ଼ କୁଣ୍ଠୀଳ । ଯାଅ- ଭିଜି ପଡ଼ନ···!!" ଆଖି ପୋଛି ପୋଛି ଫୁଲରୀ ଚାଲିଗଲା ।

ସେହି ଦିନର ରାତି ଉନିଦ୍ର ହୋଇ କଟାଇବାକୁ ସୌମ୍ୟକୁ ପଡ଼ିଥିଲା । ଭାବନାର ଶେଷନାହିଁ । ଶେଜରେ ପଡ଼ି ସେ ଭାବି ଚାଲିଛି—"ସରଣୀର ଜଘନ୍ୟ ପିପାସା ବିଷୟରେ ସେ ଦିନ ଖୋଲି ଖୋଲି ଭାବରେ ଫୁଲରୀ ତାକୁ ଯାହା କହିଥିଲା ତା କଣ ସତ୍ୟ ହୋଇପାରେ ? ଫୁଲରୀର ବିବାହ ବିଷୟ ନେଇ ତା ମା ପାଖକୁ ସରଣୀ ଯେତେ ଚିଠିଦେଇଛି ସବୁଥିରେ ତା'ର ସେହି ଜଘନ୍ୟ ଲାଳସାର ଆଭାସ ଥାଏ ବୋଲି ଫୁଲରୀ ମୋତେ କହି ଆସିଛି । ସତ ନ ହେବ ବା କାହିଁକି ? ଏ ମହୀର ମହାରଥୀମାନେ ଯେତେବେଳେ

Digitized by srujanika@gmail.com

'ସେବା, କାର୍ପଣ୍ୟ, ଦେବାଫଳେ' ବିଶ୍ୱଜୟୀ ହୋଇ ବସିଛନ୍ତି ସରଣୀପରି ଜୀବ ତାହାବା ନ ଗୃହୁଁଥିବ କାହିଁକି ? କିନ୍ତୁ ବିନା 'ଦେବାରେ' ସେ କଣ ଏ ଅର୍ଥ-ସାକୀ-ମାତାଲ ଯୁଗର ଦେବତାଙ୍କୁ ସନ୍ତୁଷ୍ଟ କରି ତା ସିଦ୍ଧିପାଇ ପାରିବ ?? ସେବା କାର୍ପଣ୍ୟରେ ବି ସେ ସିଦ୍ଧହସ୍ତ ନୁହେ । କିନ୍ତୁ ସେ 'ଦେବ' କଣ ? ଫୁଲିରିକୁ କେନ୍ଦ୍ର-କରି ସେ ଯେଉଁ ବିରାଟ ଆଶାର ସୌଧ ଗଢ଼ି ଗୃଲିଛି ତାହା କଣ ଫୁଲିରି ପରି ନାରୀକୁ ନେଇ ସମ୍ଭବ ହୋଇପାରେ···? ଛି । ଏ ହୀନ ଧାରଣା ମଣିଷ କି କରିପାରେ ? ବିଶେଷତଃ ଫୁଲିରିକୁ ନେଇ ଏ କଳ୍ପନା କରିଯାଇ ପାରେନା । ଯେଉଁ ଫୁଲିରି ସରଣୀର ଖଣ୍ଡିଏ ଚିଠି ଉପରେ ସେଦିନ କଥା ପଢ଼ୁ ପଢ଼ୁ ଆଖି ଛଳ ଛଳ କରି କହିଥିଲା—

'ମୋତେ ତୁମ ପାଖରୁ କେହି ଛଡ଼ାଇ ନେଇ ପାରିବେ ନାହିଁ, ସୌମ୍ୟ···। ଯଦି କିଏ ଯୋ'ର କରି ନିଏ ତେବେ ସେ ଫୁଲିରିର ମୃତ ଦେହ ଖଣ୍ଡିକ ନେବ-କିନ୍ତୁ ଫୁଲିରିକୁ ସୌମ୍ୟ ପାଖରୁ ନୁହେଁ···।' ତେବେ ? ନା, ତା ବିଷୟରେ ମୁଁ ଏ ହୀନ କଳ୍ପନା କରି ନପାରେ···।।"

ସୌମ୍ୟର ଆଶଂକା ଅମୂଳକ ନୁହେ । ସରଣୀ ଆସି ପହଞ୍ଚିଛି ଫୁଲିରୀର ବିବାହ ପ୍ରସ୍ତାବ ନେଇ । ଫୁଲିରୀର ଭାବି ସ୍ୱାମୀ ଗୃରୁଦ କୋଠୀ ତୁଙ୍ଗକର୍ତ୍ତ୍ୱଙ୍କର ଏକ ପୋଷ୍ୟଜୀବ !

ସରଣୀ, ତା-ମା, ଫୁଲିରୀ ତିନିହେଁ ବସିଛନ୍ତି ତାଙ୍କ ଘରର ଭିତର ଅଗଣାରେ । ସରଣୀ, ମା ଭଉଣୀ ଆଗରେ ଖୋଲି ଧରିଛି ଏକ ଲୋଭନୀୟ ଦୃଶ୍ୟ । ଫୁଲିରୀର ଭାବି ସ୍ୱାମୀ କିପରି ବଡ଼ ଗୃକିରି କରିଛି । ଭବିଷ୍ୟତ ତାର କିପରି ଉଜ୍ଜ୍ୱଳ । ଗୃକିରି କରୁ କରୁ ମଠରକାର କଣିବାର କିପରି ଯୋଗାଡ଼ ଗୃଲିଛି । ଗୃକିରିରେ ଭର୍ତ୍ତି ହେବା ଆଗରୁ ତା ପାଇଁ କିପରି ସାଜସଜଭରା ବଙ୍ଗଳାଘର ଠିକ

Digitized by srujanika@gmail.com

କରା ହୋଇଥିଲା । ଦୁର୍ଗାମେତ୍ର କାଞ୍ଜିଙ୍କ ପଣ୍ଡା ତା ଦେହେରା । ପାଠ ପଢ଼ାରେ କଲେଜରୁ ଫେରନ୍ତି । ସବୁ କଥାରେ ଭଲ । ତାଙ୍କ ଉଚ୍ଚ ପାହ୍ୟାକୁ ଖାପଖାଇ ଚଳିପାରିବା ଭଳି ଗୋଟାଏ ସୁଶ୍ରୀ ଶିକ୍ଷିତା ଝିଅକୁ ବିଭା କରିବାକୁ ସେ ଚାହାନ୍ତି । ଫୁଲରା କଥା ସେ କାହାଠାରୁ ଶୁଣିପାରି ବିବାହ ପ୍ରସ୍ତାବ ନେଇ ମୋ ପାଖକୁ ଆସିଥିଲେ । ତାଙ୍କର ସବୁକଥା ଭଲ ଜାଣିପାରି ସେ ପ୍ରସ୍ତାବରେ ମୁଁ ଏକ ପ୍ରକାର ରାଜିହୋଇ ଯାଇଛି । ବର୍ତ୍ତମାନ ବିବାହ ଦିନ ଠିକ କରିବା କଥା । ତୁ କ'ଣ କହୁଛୁ କୁହ । ସରଣୀ ଠାରୁ ଏସବୁ ଶୁଣି ଫୁଲରା ଉଠି ଚାଲିଗଲା । ମା ସରଣୀଙ୍କୁ ପଚାରିଲା "ତୁ କହୁଛୁ ସିଏ ଏତେବଡ଼ ଲୋକ । ତାଙ୍କ ସମାଜରେ କ'ଣ ସୁନ୍ଦରୀ ଶିକ୍ଷିତା ଝିଅ ନଥିଲେ ଯେ ସେ ଶବର ଝିଅକୁ ବାହା କରିବାକୁ କହୁଛନ୍ତି ? ଲୋକେ ତାଙ୍କୁ ବାଛନ୍ଦ କରିବେ ନାହିଁ ?" ସରଣୀ ବିରକ୍ତ ହୋଇ କହିଲା—"ତୁମ ମାଇପୀ ଜାତି ସମାଜଟିକୁ ଖାଲି ଚାହିଁଛି । ମଣିଷ ଚହ୍ନିନି । ସେ ଚାହୁଁନାହାନ୍ତି ସିମିତ ଝିଅ ଟିଏ ବିଭାହୋଇ ଆସି ଖାଲି ସ୍ତ୍ରୀ ହୋଇ ପଡ଼ି ରହିବ ।" ପୁଅ ଠାରୁଁ ଏକଥା ଶୁଣି ବୁଢ଼ୀ ତାଟକା ହୋଇଗଲା । ପଚାରିଲା—"ଇଏ କି କଥା କହୁଛୁ କରେ ସରଣୀ ? ଫୁଲରା ତାକୁ ବିଭାହେଲେ ଆଉକଣ ସ୍ତ୍ରୀ ହୋଇ ରହନ୍ତା ନାହିଁ...?" ସରଣୀ ମା-କୁ କୋଳେଇ କହିଲା— "ତୁ ବୁଝିପାରୁନୁ, ମା । ଫୁଲରା ଆଉ ଯାହାକୁ ବାହାହେବ ତା ଘରେଯାଇ ଅନ୍ୟାନ୍ୟଙ୍କ ପରି ଗୋଟିଏ ସାଧାରଣ ବୋହୂ ହୋଇ ପଡ଼ି ରହିବ । କିନ୍ତୁ ଏ ସୌଭାଗ୍ୟ ପାଇବ କେଉଁଠୁ ?" ପୁଅର ଏକଥା ଶୁଣି ମା ପଚାରିଲା—"ମୋ ଫୁଲରା ଆଉ କଣ ଗୋଟେ ରାଣୀହେବ ?" ସରଣୀ ହସି ହସି ଉତ୍ତର ଦେଲା—"ଆଉ ସେ ରାଣୀ ନାହାନ୍ତି । ଆମ ବୋହୂଝିଅଙ୍କ ପରି ସେ କରଣୀ ହୋଇ

Digitized by srujanika@gmail.com

ଯାଉଚଲେଣି । ଯେଉଁ ଦେଶରେ '**ଜନତାଗାଡ଼ି**' ଚାଲିଲା, ଗଣତନ୍ତ୍ର ହେଲା, **ଗଣତନ୍ତ୍ର ଶାସନ** ଚାଲିଲା ସେ ଦେଶରେ ଆଉ ରାଜା ରାଣୀ ଅସିବେ କୁଆଡ଼ୁ ? ଆମ ଫୁଲର ପାଇଁ ମୁଁ ଯେଉଁ ବରପାତ୍ର ଯୋଗାଡ଼ କରିଛି ତାଙ୍କ ସହିତ ଫୁଲରାର ବାହା ହେଲେ ସେ ରାଣୀ ଠଉଁ ବଡ଼ ହୋଇ ରହିବ....।" ପୁଅ କଥା କିଛି ବୁଝିନପାରି ମା କହିଲା—"ତୁ ଗୁଡ଼େ ବାହାପିଆ କଥା ମୋ ଆଗରେ ଆଉ କହନା ।" ସରଣା କହିଲା—"ମୁଁ ମିଛକଥା କହୁ ନାହିଁ, ମା ! କଥା ହେଉଛି କଣ ଜାଣୁ ? ଆଦିବାସୀ ଝିଅଟିଏ ବାହା କରିବାରେ ତାଙ୍କର ସ୍ୱାର୍ଥଅଛି ତା ସଙ୍ଗେ ଆମର ମଧ୍ୟ । ସମସ୍ତ ବଡ଼ବଡ଼ିଆଙ୍କ ଆଖି ଠାଣି ପାରିବେ । କେତେବେଳେ ଯେ କଣ ଗୋଟାଏ ବଡ଼ ହୋଇ ସେ ବସିବେ କହି ହେଉ ନାହିଁ । ଆଦିବାସୀ ଉନ୍ନୟନ ପରିକଳ୍ପନାରେ ସେ ଯଦି......" ମା କିଛି ବୁଝି ନପାରି କହିଲା—"ସେ ସବୁ ହେବନି, ବାପ । ସେ ବଡ଼ ବଡ଼ କଥାରେ ମୁଣ୍ଡ ପୂରାନା । ସୌମ୍ୟ **ଛଡ଼ା** ଫୁଲରା ଆଉ କାହାକୁ ବାହା କରିବାକୁ ନାହିଁ କରୁଛି । ପିଲାଟି ମଧ୍ୟ ଭଲ । ତାଙ୍କ ଚାଲିଚଳନ ଠିକ କରେ...।" ମା ଠାରୁ ଏକଥା ଶୁଣି ସରଣା ରାଗିଯାଇ କହିଲା—"ତାକୁ ବାହାଦେଇ ତୁ କଣ ପାଇବୁ ?" ମା କହିଲା—"ଝିଅ ଜୋଇଁ ପାଇବ । ଝିଅ ଦେଇ ମୁଁ ଘଇତି ବଢ଼ାଇବାକୁ ଚାହୁଁନାହିଁ । ତୋ ବାପ ଯାହା ରଖିଛି ସେଥିରେ ସୁଖରେ ହେଉ ବା ଦୁଃଖରେ ହେଉ ଦିନ କଟିଯିବ । ମୋ ଫୁଲରାକୁ ମୁଁ କଦେଇ ପାରିବ ନାହିଁ ।"

ସେଠାରୁ ରାଗରେ ଚାଲିଗଲା ସରଣା । ମାକୁ କହିଗଲା—"ମୁଁ ଦେଖିବି ସେ ଛଉଡ଼ା ଭିକାରୀକୁ ତୁ କିପରି ଝିଅକୁ ଦେବୁ !!" ଏତିକ କହି ସୌମ୍ୟ ଘର ଆଡ଼କୁ ଚାଲିଲା ।

ସରଣା ଯେତେବେଳେ ଯାଇ ସୌମ୍ୟଘରେ ପହଞ୍ଚିଲା ସୌମ୍ୟ ସେତେବେଳକୁ ବସିଥିଲା । କିଛି ଦୂରରେ ଠିଆ ହୋଇଥିଲା ଫୁଲରା

Digitized by srujanika@gmail.com

ଅଉ ତାର ଜଣେ ସଙ୍ଗିନୀ । କାହା ମୁହଁରେ କଥା ନ ଥାଏ । ଫୁଲରକୁ ସେଠାରେ ଦେଖି ସରଣା ଗର୍ଜି ଉଠିଲା । ସୌମ୍ୟକୁ ଲକ୍ଷ୍ୟକରି କହିଲା—"ଏଠାରେ ଗୋଟାଏ ଏଭଳି ଆଡ଼ା ଲଗାଇଛ ? କିନ୍ତୁ ସାବଧାନ କରାଇ ଦେଉଛି ଭବିଷ୍ୟତରେ ଏହାର ପୁନରାବୃତ୍ତି ଯେପରି ନ ହୁଏ...।"

ସରଣାର ଏପରି ଅଭଦ୍ରୋଚିତ ବ୍ୟବହାର ସୌମ୍ୟକୁ ବାଡ଼ି ବାଧିଲା । ସେ ସରଣାକୁ କହିଲା—

"ଆପଣଙ୍କ ଠାରୁ ଏପରି ବ୍ୟବହାର କେବେ ପାଇବି ବୋଲି ମୁଁ ଆଶଂକା କରି ନଥିଲି ମିଷ୍ଟର ସରଣା ।"

"କର୍ମ ନେଇ ମଣିଷ ପୂଜା କିମ୍ବା ଭର୍ତ୍ସନା ପାଇଥାଏ ।"

"ମୁଁ ପୂଜା ପାଇବା ଭଳି କିଛି ନ କରିଥିଲେ ମଧ୍ୟ ଭର୍ତ୍ସନା ପାଇବା ଭଳିତ ସେପରି କିଛି କରିନାହିଁ ।"

"ତେବେ ଏ ସବୁ କଣ ?"

"'ଏସବୁ' ବୋଇଲେ ଆପଣ କଣ କହିବାକୁ ଚାହାନ୍ତି ?"

ଫୁଲର ଅଉ ତା ସଙ୍ଗିନୀଟିକୁ ଉଦ୍ଦେଶ୍ୟ କରି ସରଣା କହିଲା—

"ଏଇଆ କହିବାକୁ ଚାହେଁ—ଏମାନଙ୍କୁ ନେଇ ତୁମେ କଣ ଏଠାରେ ରାସ କ୍ରୀଡ଼ାର ଦ୍ୱିତୀୟ ପର୍ବ ରଚନା କରିବାକୁ ଚାହ...?"

ହଠାତ୍ ସେଠାରେ ଭାଇକୁ ଦେଖି ଫୁଲର ଭୟରେ ଜଡ଼ସଡ଼ ହୋଇ ଯାଇଥିଲା । କିନ୍ତୁ ଭାଇର ଏପରି କଦର୍ଯ୍ୟ ଆକ୍ଷେପରେ ମର୍ମାହତା ହୋଇ ପାଟିକରି କହିଲା—"ଏ-କି ଜଘନ୍ୟ କଥା କହୁଛ ଭାଇ ?" "ଚୁପକର । ପାଠ ପଢ଼ିଛୁ ବୋଲି ଆଜି ତୋର ଏ ନିର୍ଲଜତା । ନଚେତ ଘରୁ ଭାଇ ପାଖରୁ ଉଠିଆସି ଏଠାରେ ଠିଆ

Digitized by srujanika@gmail.com

ହୋଇ ନଥାନ୍ତୁ ।” ସରଣୀ ଫୁଲସବୁ ଏତକ କହି ସୌମ୍ୟଙ୍କୁ ଚାହିଁଲା । ସୌମ୍ୟ ଧୀରସ୍ଥିର ଭାବରେ ସରଣୀକୁ କହିଲା—

"ମିଷ୍ଟର୍ ସରଣୀ । ଟିକଏ ଥଣ୍ଡା ହୋଇ କଥା କୁହନ୍ତୁ । ଏଠେଇ ନଗରୀ ସଭ୍ୟତାର ସେ ଉଗ୍ରଗନ୍ଧ ନାହିଁ ଯେ ହଜାର ୱାଟ ବତୀ ତଳେ ମଧ୍ୟ ବେପରୁଆ ରାସକ୍ରୀଡ଼ା ଚାଲି ପାରିବ । ଏଇଠା ଆପଣଙ୍କ ଶବର ପଲ୍ଲୀ ଯେଉଁଠି ବହୁ ଶତାବ୍ଦୀର ସଂସ୍କାର ସ୍ତ୍ରୀ ପୁରୁଷଙ୍କୁ ମିଳାମିଶାର ଅବାଧ ସ୍ୱାଧୀନତା ଦେଇଛି !! ଏ ମିଳାମିଶାରେ ପ୍ରାଣ ଅଛି ସୌଜନ୍ୟ ଅଛି କିନ୍ତୁ ମୋହ ନାହିଁ କିମ୍ବା ଅବୈଧତାର ଗନ୍ଧନାହିଁ…।।"

"ଖୁବ୍ ତର୍କ କରି ଅଧେ, ନା ?"

"ମୁଁ ଆପଣଙ୍କ ସାଥିରେ ତର୍କ କରି ସମୟ ଅପଚୟ କରିବାକୁ ଯିବି କାହିଁକି ?"

"ସରଳ ଶବର ପଲ୍ଲୀ ତୁମକୁ କ'ଣ ଏଠି ସ୍ଥାନ ଦେଇଛି ତାଙ୍କ ଝିଅ ପୁଅଙ୍କୁ ଅବାଧ କରି ଉଆର କରିବାକୁ ?"

"ଆପଣଙ୍କର ଏ ଅଭିଯୋଗ ସତ୍ୟ ବୋଲି ଆପଣଙ୍କ ଛଡ଼ା ଏଠା ସମସ୍ତ ଶବର ପଲ୍ଲୀର ଜଣେ କେହି ଯଦି କହି ଦିଅନ୍ତି ତେବେ ମୁଁ ସେହି ମୁହୂର୍ତ୍ତରେ ଏଠା ଛାଡ଼ି ଚାଲିଯିବି । ଆପଣ ଯାହାକୁ ପଚାରିବାକୁ ଚାହାନ୍ତି ତାଙ୍କ ପାଖକୁ ବର୍ତ୍ତମାନ ଚାଲନ୍ତୁ ।"

"ମୁଁ ଏଠାକୁ ତୁମ ସାଧୁତାର ପ୍ରମାଣ ନେବାକୁ ଆସିନାହିଁ ।"

"ତେବେ କୌଣସି ମୋହ ବଳରେ ତରସ୍କାର କରିବାକୁ ଆସିଛନ୍ତି ?"

"ମୁଁ ଜାଣେ—ତୁମେ ଆଜି ମୋ ଭଉଣୀକୁ ଅବାଧ କରି ଉଠେଇଛ !"

Digitized by srujanika@gmail.com

"ଆମ ଦେଶରେ ପିଲାଙ୍କ ମତ ସାହାସକୁ ବାପ ମା କେବେ କେବେ ଅବାଧ୍ୟତା ବୋଲି କହିଥାନ୍ତି । ଆପଣଙ୍କ ଭଉଣୀ ଆପଣଙ୍କର କେଉଁକଥା ରଖିବାରେ ଅବାଧ୍ୟ ହୋଇଛନ୍ତି ତାହା ମୁଁ ଜାଣେନା କିମ୍ବା ସେ ଘରେଇ କଥା ଜାଣିବାକୁ ଚାହେନାହିଁ । କିନ୍ତୁ ଦୃଢ଼ ଭାବରେ କହି ପାରିବି -- ଆପଣଙ୍କ କଥିତ ସେ ଅବାଧ୍ୟତା ମୋ ଶିକ୍ଷାନୁହେ ।"

"ଯୁକ୍ତି କରୁଛ ? କିନ୍ତୁ କହି ପାରିବ ତୁମଠେଇଁ ଏପରି କଣ ଅଛି ଯେ ଏକ ଐଶ୍ୱର୍ଯ୍ୟଶାଳୀ ଶିକ୍ଷିତ-ସୁନ୍ଦର-ଯୁବକକୁ ଛାଡ଼ି ତୁମକୁ ବିବାହ କରିବାକୁ ଫୁଲରା ଚାହୁଁଛି ?"

"ଏ ପ୍ରଶ୍ନର ଉତ୍ତର ଆପଣଙ୍କ ଭଉଣୀ ଦେଇ ପାରନ୍ତି । କିନ୍ତୁ ମୋ ବିଷୟରେ ଆପଣଙ୍କ ପ୍ରଶ୍ନର ଉତ୍ତର ଏତିକି—ବିଭବ ଯେତେବେଳେ ମୋର ନାହିଁ ସେତେବେଳେ ମୋର କିଛି ନାହିଁ ।।"

"ତେବେ ଏ ବିଷୟରେ ତୁମର କିଛି କହିବାକୁ ନାହିଁ, ଏଇତ ?"

"ସେ ସମ୍ପୂର୍ଣ୍ଣ ଆପଣଙ୍କ ଘରକଥା । ଅହୁରି ମଧ୍ୟ ଆପଣ ଓ ଆପଣଙ୍କ ଭଉଣୀଙ୍କର ଏ ପରିସ୍ଥିତି ବିଷୟରେ ଯଥେଷ୍ଟ ଜ୍ଞାନ ଅଛି ।"

"ଅଚ୍ଛା । ମୁଁ ଦେଖିବି ତୁମେ କିପରି ଦାବା ଖେଳ ଜାଣ···!!

ଆଉ ସେଠାରେ ରହିଲା ନାହିଁ ସରଣା । ମଠର ସାଇକେଲ ଚଢ଼ି ମହାନଗରୀ ପଥ ଧରି ଚାଲିଲା । କିଛି ସମୟ ବଡ଼ ଚିନ୍ତିତ ଭାବରେ ସେ ଗୋଟେ ଘରଟିରେ ଏପଟ ସେପଟ ହୋଇ ସୌମ୍ୟ ଫୁଲରାକୁ କହିଲା—"ସବୁତ ଶୁଣିଲ । ବର୍ତ୍ତମାନ ଘରକୁ ଯାଅ । ଭାଇଙ୍କ କଥା ମାନିଯାଅ ।" ଫୁଲରା ସୌମ୍ୟକୁ କୌଣସି ଉତ୍ତର ନଦେଇ କେବଳ କାନ୍ଦିଲା । ସୌମ୍ୟ ବୁଝେଇ କହିଲା "କାନ୍ଦନାହିଁ ।

Digitized by srujanika@gmail.com

ଧୀର ସ୍ଥିର ଭାବରେ କଥାଟାକୁ ବିଗୃର କର ଦେଖ । ମୁଁ ଯାହା କହୁଛି ସେ କିଛି ନୂଆ କଥା ନୁହେ । ଶହକେ ଅନେଶ୍ୱତଙ୍କ ଭାଗ୍ୟରେ ଏହା ଘଟିଥାଏ । ଉପନ୍ୟାସର ନଭେଲୀ ପ୍ରେମିକ ପ୍ରେମିକା କଥା ମୁଁ କହୁନାହିଁ । ଏ ସଂସାରରେ ସ୍ୱାମୀକୁ ହରେଇ ସ୍ତ୍ରୀ ବଞ୍ଚୁଛି । ପୁଅକୁ ହରେଇ ମା ବଞ୍ଚୁଛି । ପ୍ରଣୟୀକୁ ହରେଇ ପ୍ରଣୟିନୀ ଅନ୍ୟକୁ ଆବୋରି ନେଉଛି । ଆଜିକାଲି ନୁହେ । ଆଦମ କାଳରୁ ଏହା ଚାଲି ଆସିଛି । ମନ ଅଶାନ୍ତିର ସମାଧାନ ସମୟ କରିନଏ । ଆମ ବଡ଼ଦେଈ ଠା ଦୁହିଁଙ୍କୁ ଠିକ ଏ ବାନ୍ଧିବ । କିନ୍ତୁ ସମୟ ଭୁଲି ରହିବାର ପ୍ରଲେପ ଅଣିଦେବ । ତୁମେ ଆଉ କିଛି ନ ଭାବି ଭାଇଙ୍କ କଥାରେ ରାଜି ହୋଇଯାଅ ।" ସୌମ୍ୟଠାରୁ ଏତକ ଶୁଣି ଫୁଲର ଆଖିପୋଛି କହିଲା— "ହଉ । ତୁମଠାରୁ ଏତକ ଶୁଣିବାକୁ ବାକୀଥିଲା । ଦୀର୍ଘ ଜୀବନର ବ୍ୟର୍ଥତା ନେଇ ମୁଁ ଅପର ନିକଟରେ ପଡ଼ିରହେ ଅବା ମରେ ସେଥିରେ ତୁମର କିଛି ଯାଏ ଆସେନା । ଉପଦେଶ ଦେବାଟା ଆଜି ତୁମପାଖେ ବଡ଼ ହୋଇ ଉଠିଛି…।" ଏତକ କହି ଫୁଲର କାନ୍ଦି କାନ୍ଦି ଚାଲି ଯାଉଥିଲା । ସୌମ୍ୟ ପଛରୁ ଡାକିଲା । ଫୁଲର ମୁହିଁ ପୋତି ଠିଆହେଲା । ସୌମ୍ୟ ତା ପାଖକୁ ଯାଇ କରୁଣ ଭାବରେ ପ୍ରବୋଧି କହିଲା— "ମୁଁ ଆଜି ତୁମକୁ ଏଠାରେ ଯାହା କହୁଛି ସେଇଟା ମୋର ଆକ୍ଷେପ ବାଣୀ ନୁହେ । ଆଧୁନିକ ସଭ୍ୟତା ନିପିଡ଼ୀତ ମାନବର ମର୍ମବେଦନା । ଆଜିର ଏ ବସ୍ତୁବାଦୀ ସଭ୍ୟତା କେବଳ ଚାହେ 'ଜୀବନର ଶ୍ରେଷ୍ଠ ମୂଲ୍ୟ ବିନିମୟରେ ଖାଲି ଭୋଗ…।' ନୁହେ କିନ୍ତୁ ଜ୍ଞାନ କିମ୍ବା ଆଦର୍ଶ ! ସେ ସବୁ ବିସ୍ମୃତ ଇତିହାସ ପରି ମୃତ…। ତୁମେ ଆଜି ପାଇବାକୁ ଯାଉଛ ଶିକ୍ଷିତ-ସୁନ୍ଦର-ବିଭବଶାଳୀ ସ୍ୱାମୀ । ଏହିଥିରେ ସନ୍ତୁଷ୍ଟ ରୁହ…। ଭୋଗବାଦୀ ଦୁନିଆରେ ଏହିତ ଯଥେଷ୍ଟ…।"

Digitized by srujanika@gmail.com

ସୌମ୍ୟର ଏକଥା କେତେପଦ ଫୁଲରୀକୁ ବଡ଼ ବାଧିଲା । ସେ କହିଲା—"କହିଯାଅ । ଫୁଲରୀକୁ ଯେତେଦୂର ଆଘାତ ଦେଇ ପାରିବ ଦେଇଯାଅ ହୁଏତ ଆଉ ସୁବିଧା ପାଇବ ନାହିଁ ।" ଫୁଲରୀ-ଠାରୁ ଏକଥା ଶୁଣି ସୌମ୍ୟ ବଡ଼ ମର୍ମାହତ ହୋଇ କହିଲା—"ମୋ କଥାଟା ତୁମେ ବୁଝିବାକୁ ଚେଷ୍ଟା କଲନାହିଁ, ଫୁଲରୀ । ତୁମ ଭାଇ ବର୍ତ୍ତମାନ ଭୋଗ ପଛରେ । ସେ ତୁମଙ୍କୁ କେନ୍ଦ୍ର କରି ବିରାଟ ଅଟ୍ଟା ସୌଧ ଗଢ଼ି ବସିଛନ୍ତି । ମଣିଷ ଯେତେବେଳେ ଭୋଗପାଇଁ ପାଗଳ ହୋଇ ଉଠେ ସେତେବେଳେ ନୈତିକତା ତା ପାଖେ ହାରମାନେ । ତା ଅତୀତ କର୍ମର ସୁଖ୍ୟାତି ଯଦି କିଛି ଥାଏ ତାହାମଧ ସେ ଭୁଲି-ଯାଏ । ସମାଧି କୋଳକୁ ଠାଣିହୋଇ ଯାଉଥିବା ଖ୍ୟାତିମାନ ବୃଦ୍ଧ ମଧ୍ୟ ସବୁ ଭୁଲିଯାଇ ଏ ମାୟାମୟୀ ଭୋଗ ପଛରେ ଗୋଡ଼ାଏ । ତୁମ ଭାରତ ଯୁବକ । ଏ ବସ୍ତୁବାଦୀ ଯୁଗରେ ମଣିଷଠଉଁ ବଡ଼କିଛି ଆଶା କରିବା ବିଡ଼ମ୍ବନା ମାତ୍ର ।। ଯିଏ ଆମଙ୍କୁ ପଥ ଦେଖାନ୍ତେ ସେମାନେ ଆଜି ଏ ଭୋଗପାଇଁ ଜାତିୟତାକୁ ମଧ୍ୟ ବଳି ଦେଉଛନ୍ତି । ଦେଶଦ୍ରୋହୀ ହୋଇମଧ୍ୟ ଏ ଭୋଗଟିକ ପାଇଁ ସେମାନେ ନିର୍ଲ୍ଲଜ ଭାବରେ ଦେଶବାସୀ ଆଗରେ ମୁହଁ ଦେଖାଇ ବୁଲନ୍ତି···।। ଏ ଭୋଗର ମୋହ ମଣିଷକୁ ଆଜି ଏତେ ତଳକୁ ନେଇ ଯାଇଛି ଯେ ସବୁ ଷେତ୍ରରୁ ସେ ମୁନଫା ଉଠାଇ ଶେଷରେ ଯାଇଁ ହେଉଁଛିଲାଗି ଦୁଃସ୍ଥାନାଶ୍ରିର ଅଶ୍ରାୟୁ ପୀଠ 'ଆଶ୍ରମ'ରେ 'ହୋମ'ରେ । ଭାରତ ସରକାରଙ୍କ କର୍ତ୍ତୃକ ନିଯୁକ୍ତ 'ଆଡ଼ଭାଇସରୀ କମିଟି ଅନ୍ ସୋସିଆଲ୍ ଆଣ୍ଡ୍ ମୋରାଲ୍ ହାଇଜିନ୍' ଏ ବିଷୟରେ ଅପକର୍ମର ଯେଉଁ ସବୁ ଘଟଣା ତାଙ୍କ ରିପୋର୍ଟରେ ବର୍ଣ୍ଣନା କରିଛନ୍ତି ତାହା ଦେଖିଲେ ତୁମେ କେବେହେଁ ବିଶ୍ୱାସ କରି ପାରିବ ନାହିଁ—'ଏମାନେ ମଣିଷ···'।। ଏ ଦୁନିଆରେ ବିଶେଷତଃ ଆମର ଏହି ମାଟି ଖଣ୍ଡକରେ ଯେଉଁ

Digitized by srujanika@gmail.com

ସବୁ ଦୁଃନୀତି ଚାଲିଛି ତାକୁ ଭାବି ବସିଲେ ଅନ୍ତର କାନ୍ଦି ଉଠି କହେ—'ପ୍ରକୃତିର ସେହି ଅନିବାର୍ଯ୍ୟ ଝଡ଼ଝଞ୍ଜା, ପ୍ଲାବନ, ଭୂମିକଂପ ହେଲେ ଆସି ଏ ଗ୍ଲାନିଭରା ଧରଣୀର ବୁକୁ ଧୋଇ ଦେଇ ଯା'ନ୍ତା.....!!' ଏ ଭିତରକୁ ବୁଦ୍ଧ, ଗାନ୍ଧିଙ୍କୁ **ଟାଣି** ଆଣି କ'ଣ ହେବ ? ଏତେସବୁ ମଇଳା, ଗରଳ, ଆବର୍ଜନା ଉପରେ ମାନବତାର **ମହାମନ୍ଦିର** ଗଠନ କରାଯାଇ ପାରେନାହିଁ । ତେଣୁ ମୁଁ ତୁମଙ୍କୁ କହେ 'ତୁମ ଭାଇଙ୍କ କଥା ତୁମେ ମାନିନାଅ ।' କାରଣ ମୁଁ ଜାଣେ ତୁମ ଭାଇଙ୍କ କଥା ନରହିଲେ ତାଙ୍କ ଗୋଷ୍ଠୀ ଯାହା କରି ପାରିବେ ସେ ଅଭିଜ୍ଞତା ମୋର ଅଛି । ମୋ ଜୀବନ ସେ ସବୁ ବର୍ବରତାର ଏକ କରୁଣ ଇତିହାସ । ସୋନୁଆ ଜଙ୍ଗଲରୁ ମୋତେ ଯେଉଁ ପାଇଲ ତା ପଛରେ ଅଛି ଏକ କରୁଣାନ୍ତକ ଇତିବୃତ । ଶୁଣ-ଆଜି ତାହା କହୁଛି ।

କଲେଜ ପଢ଼ା ଶେଷ ହୋଇଥାଏ । ବିଶ୍ୱ ବିଦ୍ୟାଳୟର ପରିଚୟ ପତ୍ର ଖଣ୍ଡି ନେଇ ବାହାରି ପଡ଼ିଲି ଚାକିରି ବଜାରକୁ ନିଜର ଦରଦାମ କଷିନେବା ପାଇଁ । କିନ୍ତୁ ଦେଖିଲି ଅଣ ଓଡ଼ିଆ କ୍ରେତା ବିକ୍ରେତାଙ୍କ ଦର ସେଠି ବେଶୀ ।। ନିରୁତ୍ସାହ ହୋଇ କୁଡ଼ିଆକୁ ଫେରିଆସି ମୁଣ୍ଡରେ ହାତଦେଇ ପେଟ ଆଉ ମାଟି କଥା ଭାବୁଛି ଏତିକି ବେଳେ ଶୁଣିବାକୁ ପାଇଲି ଦଳେଇଘାଇ ଭସାଇ ନେଉଥିବା ଦୁଃସ୍ଥ ଜନତାର କରୁଣ ଡାକ । ଏଥିପାଇଁ ମୁଁ କଣ କରିପାରେ କଣ ନକରି ପାରେ ଭାବୁଛି ମହାତ୍ମା ଗୋପବନ୍ଧୁଙ୍କର ସଙ୍କରୁଣ ଚିତ୍ର ମୋ ଆଖି ଆଗରେ ଦେଖାଗଲା । ଆଉ ରହିପାରିଲି ନାହିଁ । ସେ ପୁଣ୍ୟାତ୍ମାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ବାହାରି ପଡ଼ିଲି । ସେବା କାର୍ଯ୍ୟରେ ଅଗ୍ରେଇବାର ଏହି ମୋର ପ୍ରଥମ ପଦକ୍ଷେପ । ଭାବିଥିଲି— 'ଆମରି ପ୍ରତିଷ୍ଠିତ ସରକାର ଆମରି ଏ ଦୁଃସ୍ଥ ଅବସ୍ଥାରେ ମୋ ପରି

Digitized by srujanika@gmail.com

ବହୁ ଲୋକର ସେବାକାର୍ଯ୍ୟକୁ ଉତ୍ସାହିତ କରିବେ ।' କିନ୍ତୁ ନିର୍ବାଣ ହେଲେ ମାନବ ମନୁଷ୍ୟଗ୍ରାହ୍ୟ ହୋଇ ନଥାଏ । ଦାନୀଙ୍କ ଠାରୁ ଯାହାକିଛି କିଛି ଦିଗାପଟା, ଚୂଡ଼ା ବିସ୍କୁଟ, ଔଷଧ ଯୋଗାଡ଼ କରିଥିଲି ତାକୁ ସମ୍ବଳ କରି ଆଗେଇ ଚାଲିଲି ।

କେତେ ମର୍ମାନ୍ତିକ ଦୃଶ୍ୟ—ମା କୋଳରେ ଶିଶୁନାହିଁ, ସ୍ତ୍ରୀ ପାଖେ ସ୍ୱାମୀନାହିଁ, ବୃଦ୍ଧ ପିତା ମାତାଙ୍କ ପାଖରେ ତାଙ୍କର ଶେଷ ସମ୍ବଳ ପୁଅନାହିଁ । ସମସ୍ତଙ୍କ ଆଖିରେ ଲୁହ—ବୁକୁରେ ବୁକୁଫଟା ହାହାକାର । ମମତାହୀନ ପ୍ରାଣ ନେଇ ସମସ୍ତେ ବର୍ଷାନ୍ତ ଆକାଶ-ତଳେ । କେଉଁଠି ମା'ର ବୁକୁତଳେ ହତଭାଗ୍ୟ ଶିଶୁ ଅଶ୍ରୁନେଇ କାନ୍ଦୁଛି । କିଏ କେଉଁଠି ପ୍ରିୟଜନର ବିଚ୍ଛେଦ ସହିନପାରି ନଈକୁ ଡେଇଁପଡ଼ି ସନ୍ତାପିତ ଜୀବନର ଅବସାନ ଘଟାଉଛି । କିଏ କେଉଁଠି ଗଛରେ ଲାଗି ରହିଛି । କେଉଁଠି କେଉଁଠି ପଶୁ ମଡ଼ାର ସ୍ତୂପ । ଚାଲିଛି ମୃତ୍ୟୁର ଏକ ବିଭତ୍ସଲୀଳା । ସେ ସବୁ ଦେଖି ମନେ ହେଉଥିଲା 'ବିଧାତା ସତେ ଯେପରି ସେଠାରେ ଏକ ଅଖଣ୍ଡ ନିର୍ଜ୍ଜାତନର ଉନ୍ମୁକ୍ତ ପ୍ରାଙ୍ଗଣ ସୃଷ୍ଟିକରି ଚାଲିଛନ୍ତି ।।' କିନ୍ତୁ ଦୁଃଖର ଏ ମହା ଅନ୍ଧକାର ଭିତରେ ମଧ୍ୟ ଓଡ଼ିଆ ଜାତିର ପ୍ରାଣ-ପ୍ରତିଷ୍ଠାର ଏକ ଜୀବନ୍ତ ସାକ୍ଷ୍ୟପାଇ ଅଭିଭୂତ ହୋଇ ଯାଉଥିଲି । ଭାବିଲି—'ଇତିହାସର ବିବର୍ତ୍ତନ ଭିତରେ ମୁସଲମାନ, ମରହଟ୍ଟା, ଇଂରେଜ ଏ ଜାତି ଉପରେ ଯେପରି ଶାସନ ଚଳାଇ ଯାଇଛନ୍ତି, ଆଉ ଏ ଜାତିର ଭାଷାକୁ ଲୁପ୍ତକରି ଦେବାପାଇଁ ଯେଉଁ ସୁକଳ୍ପିତ ବର୍ବରତା ଚାଲି ଆସିଥିଲା ସେ ଭିତରେ ବଞ୍ଚି ରହିବାପାଇଁ ଏ ଜାତିର ଯଦି ଜୀବନ ବୈଶିଷ୍ଟ୍ୟ ନଥାନ୍ତା ତେବେ ବହୁଦିନୁ ମରି ସାରନ୍ତାଣି...।' ମୁଣ୍ଡ ଉପରେ ଅବିଶ୍ରାନ୍ତ ବର୍ଷାଧାରା, ପାଦତଳେ କାଦୁଅ ପଂକ, ଦେହରେ ଜଳଭିଜା ସିକ୍ତବସ୍ତ୍ର, ପେଟରେ ଅଗ୍ନିସ୍ତୁ

Digitized by srujanika@gmail.com

ଗିରିର ଉତ୍ତାପ । ତଥାପି ଖାଦ୍ୟଦେଲେ ଖାଉନାହାନ୍ତି । ବସ୍ତ୍ରଦେଲେ ପିନ୍ଧୁନାହାନ୍ତି । ଝିଅ ବୋହୂଙ୍କୁ ବୁଝାଇ କହିବାରୁ ମୁହଁ ପୋତି କାନ୍ଦି କହୁଛନ୍ତି—'ହାତପତେଇ ମାଗିନେବାର ଦୁର୍ଭାଗ୍ୟ ଭଗବାନ କେବେ ଦେଇନଥିଲେ । ବଞ୍ଚି ରହିବାର ସମ୍ବଳ ସବୁ ଯାଇଛି । ମରିବା ପାଇଁ ପଥ ଖୋଲା ହୋଇ ରହିଛି । ଆଉ କେଉଁ ଲୋଭରେ ଏ ମାନଟିକ ବଳି ଦେବୁ···?'

ଏକଥା ଶୁଣି, ସେମାନଙ୍କର ସେତେବେଳର ଅବସ୍ଥା ଦେଖି ଆଖିରେ ଆଉ ଲୁହ ବହିଲା ନାହିଁ । ଚିତ୍କାର କରି କହିଉଠିଲି— 'ହେ ନିର୍ମମ ଭଗବାନ ! ହେ ରକ୍ତ ଶୋଷୀ ନାରକୀଦଳ !! ତୁମେ ଏ ଜାତିକୁ ଗରିବ କରି ପାରିଛ କିନ୍ତୁ ଭିକାରି କରିପାରି ନାହଁ···!!!'

ଏହାପରେ କେତେଦିନ ଗତ ହେବାପରେ ଦିନେ ଦେଖିଲି ପଦର ପୋଲ ବର୍ଟରେ ଗୋଟିଏ ଝିଅ ଏକ ପ୍ରକାର ବେ-ହୋସ ହୋଇ ପଡ଼ିଛି । ପଚିଲା ମଢ଼ା ଛଡ଼ା ସେଠାରେ ଆଉ କେହି ଜନପ୍ରାଣୀ ନାହିଁ । ତାକୁ ଉଠାଇ ମୁଁ ଯେଉଁଠି ଥାଏ ସେଠାକୁ ଉଠାଇ ନେବାକୁ ବସିଲି । କିନ୍ତୁ ତା'ର ହୋସ ଆସିବାରୁ ମୋ ସାଥିରେ ଯିବାପାଇଁ ମନା କଲା । କେବଳ କାନ୍ଦି କହିଲା—'ମୋ'ର ସମସ୍ତେ ଯାଇଛନ୍ତି । ମୋତେ ମରିବାକୁ ଦିଅ···।' ମୁଁ ତାକୁ ବହୁତ ବୁଝେଇ କହିଲି । ତା କଥାବାର୍ତ୍ତାରୁ ବୁଝିପାରିଲି ଝିଅଟି ଶିକ୍ଷିତା ତେଣୁ କହିଲି—'ଦେଖ ଭଉଣୀ ! ମରିବା ପାଇଁ ଏତେ ଅଧ୍ୟୋଜନ କାହିଁକି ? ଦିନେତ ମରିବା । କିନ୍ତୁ ମରିବା ପୂର୍ବରୁ ଜୀବନଟାକୁ ସାର୍ଥକ କଲାଭଳି କିଛି କରିଯିବା । ଆସ । ଏହି ଭୂଇଁ ଖଣ୍ଡକରେ ଯେଉଁଠି ମରଣର ଅଦେଖା ହାତଛଡ଼ା ଆଉ କାହାର ପ୍ରବେଶ ନାହିଁ, ଯେଉଁଠି ପଚିଲା ମଢ଼ାର ଦୁର୍ଗନ୍ଧ ଛଡ଼ା ସ୍ନେହ, ସେ'ଣ୍ଟର

Digitized by srujanika@gmail.com

ସୌରଭ ନାହିଁ, ଯେଉଁଠି କୁକୁପଟ୍ଟାର କରୁଣ କ୍ରନ୍ଦନ ଛଡ଼ା ବଙ୍ଗଳା ଦମ୍ପତିଙ୍କର (କୋଠାଘର ବାସିନ୍ଦା) ଖିଲ୍‌ଖିଲ୍‌ଆ ହସ ନାହିଁ, ଯେଉଁଠି ଭେକ୍ଲଙ୍କର ଜଟରେ ଜ୍ୱଳାଛଡ଼ା ଡ଼ଅସର ପଲଙ୍ଖିଆ ଶାନ୍ତି ନାହିଁ ସେଇଠି ଠିଆହୋଇ ସେହି ଏକେଛନବାଦୀର ବନ୍ଧାଙ୍କୁ ସାକ୍ଷୀରଖି ଶପଥ କରିବା— ଅମେ ମଣିଷ । ଆମଙ୍କୁ ଅମଣିଷ ଭଳେ ରଖି ଆମର ସ୍ୱାର୍ଥରେ ଯିଏ ମୁନାଫା ଉଠାଇବାକୁ ଯିବ ତାକୁ ଥାମେ ନି-ଚହ୍ନ କରିଦେବୁ । ଆମ ଭୂଇଁ ଖୋଳି ଯିଏ ହୀରାନେଇ ଆମ ପାଇଁ ଅଙ୍ଗାର ରଖିଦେବ ତାକୁ ଥାମେ ଅକ୍ଷତ ଛାଡ଼ିଦେବୁ ନାହିଁ···। ଆମଙ୍କୁ ଯେ ଶୋଷଣ କରୁଛନ୍ତି ଥାମେ ତାକୁ ନିଶୋଷିତ କରି ଛାଡ଼ିଦେବୁ ।। ବୁଦ୍ଧ, ଗାନ୍ଧିଙ୍କୁ ଆମ ଆଖି ଆଗରେ ରଖି ପଛରୁ ଯିଏ ହିଟଲରୀ ଚାବୁକ ଚଲେଇଛନ୍ତି ଥାମେ ତାକୁ ଆଉ ସହ୍ୟ କରି ପାରିବୁ ନାହିଁ···।।।

ସେହି ଝିଅଟି ଅଉ ଗୋଟିଏ ବୁଢ଼ୀକୁ ନେଇ ମୋତେ ଅସି ରହିବାକୁ ହେଲା ମହା ନଗରୀର ଏକ ଅବହେଳିତ ଯାଗାରେ । ଛଣ ଘରଟିଏ, ଭାରତର ଇନ୍ଦ୍ରପୁରୀ ଇନ୍ଦ୍ରପ୍ରସ୍ଥରେ ବସ୍ତି କୁଡ଼ିଆ ମହା ଦୈନ୍ୟନେଇ ଠିଆ ହେଲାପରି ଏହି ଛଣଘରଟି ଠିଆହୋଇଥାଏ ମହାନଦୀର କୂଳରେ । ଭବିଷ୍ୟତ କର୍ମପନ୍ଥା ଠିକ କଲାପରି ଏ ଅଦାର ନେଇଥାଏ କେତୋଟି ପିଲା ପଢ଼େଇବା ଦାୟିତ୍ୱ । ସେହି ସାମାନ୍ୟ ଉପାର୍ଜନରେ ଶାଗ ଭାତରେ ତିନୋଟି ପେଟର ଗୁଜୁରାଣ କୌଣସି ପ୍ରକାରେ ଚାଲିଯାଉଥାଏ । କିନ୍ତୁ ବଡ଼ ଭାବନା ଥାଏ ସେବତୀ (ସେ ଝିଅଟି) କୁ ନେଇ । ଦେଖୁ ଦେଖୁ କିଛିଦିନ ପରେ ସେ ଅବହେଳିତ ପ୍ରାନ୍ତରରେ ପଡ଼ିଲା ମହାମାନବ (?) ଙ୍କର ପଦରଜ । ବିପଦ ଗଣିଲି । କାରଣ ସେ ଜଘନ୍ୟ ପଶୁଗୁଡ଼ିକୁ ମୁଁ ଜାଣେ । ଦିନେ ସେମାନଙ୍କ ଭିତରୁ ଜଣକ ସାଥିରେ ମୋର ଝଗଡ଼ା ହେଲା ।

Digitized by srujanika@gmail.com

ସେ ରାଗିଯାଇ କହିଲା— 'ତୁମେ 'ସେବା' ନାମରେ ବନ୍ୟାଂଚଳକୁ ଯାଇ ବହୁ ବର୍ବରତା ସୃଷ୍ଟିକରି ଆସିଛୁ । ତାର ସମସ୍ତ ଖବର ପୋଲିସ ଥାନାରେ । ଯଦି ନିଜକୁ ବଞ୍ଚାଇବାକୁ ଚାହଁ ତେବେ ଯେଉଁ ଚିଠିକୁ ଚୋରେଇ ଆଣି ଏଠାରେ ରଖିଛ ତାକୁ ଛାଡ଼ିଦିଅ ।' ସେ ଏତିକି କହି ଚାଲିଗଲା । ମୁଁ କିନ୍ତୁ ବିପଦର ଆଶଂକା କଲି । ଜାଣି ପାରିଲି—ସେବତୀକୁ ନେଇ ମୋ ବିପକ୍ଷରେ କିଛିଗୋଟେ ଷଡ଼ଯନ୍ତ୍ର ଚାଲିଛି । ସତକୁ ସତ ଦିନେ ଥାନାରୁ ନିମନ୍ତ୍ରଣ ପାଇଲି । ସେବା (ସେବତୀ) ଏ ଖବର ପାଇ ଭୟରେ କଂପିବାକୁ ଲାଗିଲା । ସେ ଦିନ ସଂଜବେଳେ ନାନା ଦୁଶ୍ଚିନ୍ତା ନେଇ ବସିଛୁ । କ'ଣ କହିବା ପାଇଁ ସେବା ଆସି ପାଖରେ ବସିଲା । ଏତିକି ବେଳେ ପଡ଼ିଶା ଘର ଗୋଟିଏ ପିଲା ଚିଠି ଖଣ୍ଡିଏ ଦେଇ କହିଲା—'ଗୋଟେ ଲୋକ ସାଇକେଲ୍‌ରେ ଆସି ତୁମକୁ ଏ ଚିଠିଟା ଦେବାକୁ କହିଗଲା ।' ତର ତର ହୋଇ ଚିଠିଖୋଲି ଦେଖିଲି । ସେଥିରେ ଲେଖାଥିଲା— "କୋହିନୁରର ଜନ୍ମ ରାଜ ରାଜେଶ୍ୱରର ମୁକୁଟପାଇଁ । କିନ୍ତୁ ଗରିବ କୁଡ଼ିଆ ପାଇଁ ନୁହେଁ । ଅମୂଲ୍ୟ ସଂପଦ ବୋଲି ଗରିବ ତାକୁ ସାଇତି ରଖିଲେ ନିଜେ ଧ୍ୱଂସ ହୋଇଯିବ । ସେ ଧ୍ୱଂସକୁ ତୁମେ ଡାକ ଆଣିନାହିଁ···!! ଯେଉଁ ଅମୂଲ୍ୟ ସଂପଦ ତୁମେ ଚୋରାଇ ଆଣିଛ ତାକୁ ଦେଇଦିଅ । ଅମିରର ଦୌଲତରେ ଦୌଲତର ପୂଜାହେଉ···!!!" ତେଣିକି ଆଉକଣ ଲେଖାଥିଲା ନପଢ଼ି ରାଗ ଆଉ ଘୃଣାରେ ସେ ଚିଠିଟିକୁ ଫିଙ୍ଗିଦେଲି । ଏ 'ବର୍ବରତାର ପ୍ରତିକାର କଣ ହୋଇପାରେ' ରାଗରେ ଆଉକିଛି ଭାବି ଠିକ କରି ପାରିଲିନି । ସେଠାରୁ ଉଠି ଚାଲି ଯାଉଥିଲି । ସେବା ଡାକିଲା । ବସିଲି, ସେ ବଡ଼ କରୁଣ ଭାବରେ ମୋ ମୁହଁକୁ ଚାହିଁ କହିଲା—'ଏ ଚିଠିଟା ପଢି ପାରିବିକି ?' ସେ ମୋ ଭାବଭଙ୍ଗୀରୁ

Digitized by srujanika@gmail.com

କିଛି ବୁଝିନେଇ ଥିଲା । ମୁଁ ତାକୁ ମନା ନକରି କହିଲି—'ପଢ଼ି ପାରୁ।' ସେ ପଢ଼ିଲା । ଗୋଟାଏ ଦୀର୍ଘଶ୍ୱାସ ଛାଡ଼ି କହିଲା—'ମୋ ଲାଗି ତୁମେ ଆଉ ବିପଦକୁ ଡାକି ଆଣନା । ଆମେ ଆଜି ଗରିବ ବୋଲି ଏ ଦୁର୍ଭାବନା । ଯେତେଦିନ ଯାଏଁ ଗରିବ ତା ମୁଣ୍ଡ ନଟେକିଛି ସେତେଦିନ ଯାଏଁ ତାର ଏ ଦୁର୍ଗତି ରହିବ । ବିତ୍ତଵ-ଶାଳୀ ଆଜି ଭାବେ ବଞ୍ଚିବା ଭିତରେ ଯେତେ ଆନନ୍ଦ ଅଛି ସବୁଠାରୁ ବେଶୀ ଆନନ୍ଦ କ୍ଷମତାର ଅପବ୍ୟବହାର କରିବାରେ ଆଉ ଅର୍ଥର ଅସଦବ୍ୟବହାରରେ ଯା ହାତରେ କ୍ଷମତା ଆଉ ଅର୍ଥ ରହିଛି ସେ ଯୋଉଁ ଅପରାଧ ହେଲେ ମଧ୍ୟ ସବୁ କରିପାରେ । ଅସୁରମାନେ ଦେବତାଠାରୁ ବରପାଇ ସେହି ଦେବତା ଉପରେ ଅତ୍ୟାଚାର କଲାପରି ଆମର ଶୁଳ ଆଜି ଆମରି ପାଖକୁ ଫେରିଆସୁଛି···॥ ନିରୂପତା! ଆଜି ବିପନ୍ନ । ମୁଁ ଚାହେଁନାହିଁ ତୁମପରି ଜଣେ ଆଦର୍ଶ ନିଷ୍ଠାବାନ ଯୁବକ ଉଦ୍ଦେଶ୍ୟ ଭୁଲିଯାଇ ଲଭିଯାଉ । ମୋ ଲାଗି ତୁମ ମୂଲ୍ୟବାନ ଜୀବନ ବିପନ୍ନ କରନାହିଁ । ଯଦିବା ମୁଁ ଲଜ୍ଜିତା ତେବେ ମଧ୍ୟ କହିବାକୁ ମୁଁ ବାଧ ହେଉଛି—ମୋ ଦେହର ରୂପ ଖଣ୍ଡ ସେମାନଙ୍କ ବର୍ବର ଆତ୍ମାରେ ପଶୁତ୍ୱର ଧୂମ ଭରିଛି । ସେମାନେ ମୋତେ ଛଡ଼େଇ ନେବାପାଇଁ ତାଙ୍କର ସମସ୍ତ ବର୍ବର ଶକ୍ତି ଖଟାଇବେ । ମୁଁ ଉଡ଼ିଆ ଝିଅ । ମୋତେ ବଞ୍ଚାଅ ଭାଇ । ତୁମ ଗୋଡ଼ ଧରୁଛି । ମୋତେ ଠିକଏ ବିଷ ଆଣିଦିଅ···॥' ସେ ଆଉ କହି ପାରିଲା ନାହିଁ । କାନ୍ଦିଲା ଆଉ ମୋତେ କନ୍ଦେଇଲା । ତାକୁ ଆଣିବା ସମୟରେ ଦୁହେଁ ଯେଉଁ ପ୍ରତିଜ୍ଞା କରିଥିଲୁ ସେ କୁଆଡ଼େ ମିଳେଇ ଗଲା । ମୋର ଆଉ ତାର ନିଃସହାୟ ଅବସ୍ଥା ଜଣାଇ ମରିବା ପାଇଁ ସେ ଯେଉଁ କରୁଣ ନିବେଦନ କରିଥିଲା ସେ କଥା ଆଜି ମନେ ପଡ଼ିଲେ ବୁକୁଫାଟି ଯାଉଛି । ସେତେବେଳେ

Digitized by srujanika@gmail.com

ଇଚ୍ଛା ହେଉଥାଏ ସେ ବର୍ବର ଦଳଙ୍କୁ ପୋଛି ଲିଭେଇ ଦେବାପାଇଁ ।।’ କିନ୍ତୁ ଉପାୟ ନଥିଲା । ସତକୁ ସତ ମୁଁ ତାକୁ ରଖିପାରି ନଥିଲି । ହଠାତ୍ ଦିନେ ଅଧରାତରେ ସେବାର ଭୟକଂପିତ ଶରୀରଟିକୁ ମୋ କୌହବାହୁର ବେଷ୍ଟାଣୀ ଭିତରୁ ଛଡ଼େଇ ନେଇ ନପାରି ମୋତେ ଖୁବ୍ ମାଡ଼ ଦେଲେ । ତା ପରେ ତାକୁ ଛଡ଼େଇ ନେଲେ । ଆଉ ତାପରେ ତାର କଣ ହେଲା ମୁଁ ଜାଣେନା । ସେ ହତଭାଗିନୀ ଆଜି କେଉଁଠି ଅଛି କି ନାହିଁ ତା ମୁଁ କହି ପାରିବି ନାହିଁ । ମୁଁ କିନ୍ତୁ ଗୋଟାଇ ହୋଇ ଆସିଛି ସୋନୂଆ ଜଙ୍ଗଲରୁ···।।”

ସୌମ୍ୟ ଆଉ କହି ପାରିଲାନାହିଁ । ସେ ଦୁର୍ବଳ ମୁହୂର୍ତ୍ତରେ ସେ ନିଜକୁ ସମ୍ଭାଳି ପାରିଲା ନାହିଁ । ରୁମାଲରେ ଆଖି ଘୋଡ଼ାଇ କାନ୍ଦିବାକୁ ଲାଗିଲା । ଫୁଲରି ଏ ଦୃଶ୍ୟ ସହିପାରିଲା ନାହିଁ । ସୌମ୍ୟ ପାଖକୁ ଯାଇ ଶାନ୍ତ କଣ୍ଠରେ କହିଲା—“ମୋତେ ଚାହଁ ସୌମ୍ୟ ।” ସୌମ୍ୟ ଆଖି ପୋଛି ଫୁଲରିକୁ ଚାହିଁଲା । ଫୁଲରି କହିଲା—‘ସେ ସବୁ ଭାବି ଆଉ ଦୁଃଖ କରନା ସୌମ୍ୟ । ଆମ ଦୁହିଁଙ୍କ ଜୀବନର ଅତୀତ ଦିଗନ୍ତ ତଳେ ଯାହାଘଟି ଯାଇଛି ତା ଅକ୍ଷୟ ହୋଇ ରହୁ । ତା ପୁନରାବୃତ୍ତିର ଆଉ ପ୍ରୟୋଜନ ନାହିଁ । ଆଜି କିନ୍ତୁ ଏତିକି ମନେରଖ—ମୋତେ ତୁମ ପାଖରୁ କେହି ଛଡାଇ ନେଇ ପାରିବେ ନାହିଁ ।’ ଫୁଲରି କହୁ କହୁ ତା ଆଖି ଓଦା ହୋଇ ଆସିଲା । ଫୁଲରିର ଅବିନ୍ୟସ୍ତ ଚୂର୍ଣ୍ଣକୁନ୍ତଳ ଗୁଚ୍ଛ ତା ମୁହଁ ଉପରୁ ଆଡ଼େଇ ଦେଇ ଦେଇ ସୌମ୍ୟ କହିଲା—“ତୁମେ ବଡ଼ ସରଳ, ଫୁଲରି ! ତୁମେ ବୁଝି ପାରୁନାହିଁ । ଏ ଯୁଗରେ ଛଡ଼ାଇ ନେବା ଟା ବଡ଼କଥା ନୁହେଁ । ଫେରାଇ ଦେବାଟା ବଡ଼ । କିନ୍ତୁ ଏ ମୁନାଫା ଦୁନିଆରେ କେହି କାହାର ବଞ୍ଚିବାର ସୁଯୋଗ ଫେରାଇ ଦିଏନାହିଁ । ଛଡ଼ାଇ ନିଏ । ଛଡ଼ାଇ ନିଏ ତା ସ୍ୱାଧୀନତାର ଅଧିକାର—ଛଡ଼ାଇ ନିଏ ତା

Digitized by srujanika@gmail.com

ମୁଖର ଅଧାର—ଛଡ଼ାଇ ନିଏ ତା ବଞ୍ଚିବାର ଦାବୀ—ଛଡ଼ାଇ ନିଏ ପ୍ରଣୟୀ ବୁକୁରୁ ପ୍ରଣୟିନୀକୁ—ଛଡ଼ାଇ ନିଏ ଦୁର୍ବଳ ଜାତିକୁ ତା ଅଶ୍ରୁସିକ୍ତ ମାତୃଭୂମି କୋଳରୁ···!! ମଣିଷ ପାଖେ ଆଜି ବଡ଼ ହୋଇଛି—ସୁଖ ଏବଂ ଆଧିପତ୍ୟ ଭିତରେ ଜୀବନଟାକୁ ପୂର୍ଣ୍ଣ ଉପଭୋଗ କରି ଯିବାର ମୋହ··· !! ନୁହେ କିନ୍ତୁ ଭଗବାନ କିମ୍ବା ନୀତି । ତେଣୁ ଆମେ ନାଟ୍ୟର ଦଳ ଦେଖିବାକୁ ପାଉ— ଅଢ଼େଇ ହଜାର ବର୍ଷ ତଳର ଐତିହାସିକ ଯୋଗୀ-ସମ୍ରାଟ-ବୁଦ୍ଧଙ୍କ ରାଜକୀୟ ଆଡ଼ମ୍ବର ଭିତରେ ମହିମାକୀର୍ତ୍ତନ ! ବିଭବଶାଳୀର ଅଁକାଶ ଛୁଆଁ କୋଠାଘର ତଳ ଫୁଟପାଥ ଉପରେ ନିଃସ୍ୱର ମୃତ୍ୟୁ ଯନ୍ତ୍ରଣା ···!! ଅର୍ଥ ଆଉ କ୍ଷମତାର ମିଳନ ପୀଠରେ ସବୁହୋଇ ପାରେ ! ତୁମଙ୍କୁ ମୋ ପାଖରୁ କେହି ଛଡ଼ାଇ ନେଇ ପାରିବେ ନାହିଁ ବୋଲି ଯେଉଁ ସରଳ ଧାରଣା କରିଛ ତାହା ଭୁଲ । ତୁମ ଭାଇଙ୍କ କଥାରୁ କଣ ବୁଝିପାରିଲ ନାହିଁ ? ତେଣୁ ମୁଁ ତୁମଙ୍କୁ କହୁଛି ଭାଇଙ୍କ କଥା ମାନିନିଅ ।" ଏକଥା ଶୁଣି ଫୁଲରି ଆତଙ୍କିତା ହୋଇ ଉଠିଲା । ସୌମ୍ୟଙ୍କୁ ବଡ଼ କରୁଣ ଭାବରେ ଚାହିଁ କହିଲା—"ଏ କଣ କହୁଛ ସୌମ୍ୟ ? ଏକଥା ତୁମଠାରୁ ଶୁଣିବି ବୋଲି କେବେ ଆଶଂକା କରି ନଥିଲି । ତୁମ ପାଖରୁ ଫୁଲରିକୁ କେହି ଛଡ଼େଇ ନେଇ ପାରିବେ ନାହିଁ । ଯଦି କିଏ ନିଏ ତେବେ ଫୁଲରିର ମୃତ ଶରୀରଟାକୁ ନେବ । କିନ୍ତୁ ଫୁଲରିକୁ ନୁହେ···!" ସୌମ୍ୟ ବୁଝେଇ କହିଲା— "ପ୍ରବଣତା ଉପରେ କଥା କୁହନାହିଁ ଫୁଲରି । ତେବେ ତୁମେ ଜୀବନରେ ପାଇଲ କଣ ?" "ଜୀବନରେ ପାଇବା ନ ପାଇବାର ହିସାବ ଖାଲି ଅଙ୍କରେ କଷି ବସିଲେ ହେବନାହିଁ, ସୌମ୍ୟ ! ମୁଁ ଆଜି ତୁମଠାରୁ ମୋ ଶେଷ ପ୍ରଶ୍ନର ଉତ୍ତର ଚାହୁଁଛି । ସେଇଟିକି ପାଇଲେ ମୋର ଯଥେଷ୍ଟ । ମୁଁ ପଚାରିବାକୁ ଚାହେଁ—ତୁମେ କଣ ମୋତେ ହତ୍ୟା କରିବାକୁ ଚାହଁ ?"

Digitized by srujanika@gmail.com

"ଏ କି ପ୍ରଶ୍ନ ଫୁଲବୀ ?"

ବିସ୍ମିତ ହୋଇ ସୌମ୍ୟ ପଚାରିଲା ।

"ଏହି ପ୍ରଶ୍ନ ଆଜି ମୋ ମନରେ ବାରମ୍ବାର ଜାଗୁଛି, ସୌମ୍ୟ ! ନଚେତ ତୁମେ କାହିଁକି ମୋତେ କୁହନ୍ତ ଭାଇଙ୍କ କୁଅଭିଳାଷ ପାଖେ ଆତ୍ମ ସମର୍ପଣ କରିବାକୁ । ତୁମେ କଣ ଜାଣନା ମୋ ନାରୀତ୍ୱକୁ ହତ୍ୟା କରିବା ପାଇଁ ସେଠାରେ ସମସ୍ତ ୍ଯବସ୍ଥା କରାହୋଇ ଅଛି ?"

"ମୋ କହିବା କଥା ସେ ଯେତେବେଳେ ତୁମଭାଇ......"

"ଆଉ କହିବାକୁ ହେବ ନାହିଁ । ମୁଁ ଜାଣେ ସେ ମୋ ଭାଇ । ମୁଁ ଜାଣେ ସେ ମୋ ଦେହକୁ କେନ୍ଦ୍ରକରି ବାଭବର ସ୍ୱପ୍ନ ରଚନା କରି ଚାଲିଛନ୍ତି । ତେବେ ତୁମେ କଣ କହିବାକୁ ଚାହଁ ତାଙ୍କର ସେ ଜଘନ୍ୟ ଲାଳସା-ପୀଠରେ ମୋ ନାରୀତ୍ୱକୁ ବଳି ଦେବାକୁ ?"

ଫୁଲବୀର ଏ ପ୍ରଶ୍ନରେ ସୌମ୍ୟ କୌଣସି ଉତ୍ତର ଦେଇ ପାରିଲାନି । ବିବ୍ରତ ହୋଇ କେବଳ ଫୁଲବୀ ମୁହଁକୁ ଚାହିଁ ରହିଲା । ସେତେବେଳେ ଫୁଲବୀର ଆଖିରେ ଅଶ୍ରୁ ନଥିଲା । ଜଳୁଥିଲା ଦୁଇଟି ଅଗ୍ନି ଶିଖା । ସେ ସୌମ୍ୟର ସେତେବେଳର ଅବସ୍ଥା ଦେଖି କୋମଳ ହୋଇଗଲା । ନିଜକୁ ଫେରେଇ ନେଲା ପ୍ରଣୟିନୀ ଭୂମିକାକୁ । ସିକ୍ତ କଣ୍ଠରେ ପଚାରିଲା—

"କୁହ ସୌମ୍ୟ, ତୁମେ କଣ ମୋତେ ଟିକିଏ ଆଶ୍ରୟ ଦେଇ ପାରିବ ନାହିଁ ?"

"ତୁମକୁ ଅଦେୟ ହୋଇ ମୋର କିଛିନାହିଁ, ଫୁଲବୀ ! କିନ୍ତୁ......"

Digitized by srujanika@gmail.com

"ଆଉ କିଛି କଣ ?"

"ତୁମଙ୍କୁ ରକ୍ଷି ପାରିଲେଣି ?"

ଏ କଥା ଦପଦପ ବଡ଼ କରୁଣ ଶୁଣା ଯାଉଥିଲା ସୌମ୍ୟ କଣ୍ଠରେ । ଫୁଲରାକୁ ବଡ଼ ବାଧିଲା । ଅଶ୍ରୁଧାରା ଲୁହ ଖସି ପଡ଼ିଲା ଦୁଇ ଆଖିରୁ । ସୌମ୍ୟ ମୁହଁକୁ ଚାହିଁ କହିଲା—

"ମୋତେ ରକ୍ଷି ନ ପାରିଲେ ମୋ ସ୍ମୃତିଟିକି ତ ରକ୍ଷି ପାରିବ ? ସେଇ ହେବ ମୋ ଜୀବନରେ ପରମ ତୃପ୍ତି...।"

ଫୁଲରା ଆଉ କିଛି କହି ପାରିଲାନାହିଁ । ମୁହଁ ପୋତି କାନ୍ଦିବାକୁ ଲାଗିଲା । ବ୍ୟଥିତ ହୋଇ ଉଠିଲା ସୌମ୍ୟପ୍ରାଣ । ନିଜର ନିଃସହାୟ ଅବସ୍ଥାକୁ ସେ ଭୁଲିଗଲା । ଝଡ଼ ତରଙ୍ଗର ପରିବେଶ ଭିତରେ ଆସନ୍ନ ମୃତ୍ୟୁର ବିଭୀଷିକା ଦେଖି ମଧ୍ୟ ପ୍ରଣୟିନୀ ଲର୍ଡ଼-ଉଇଲନଙ୍କ କନ୍ୟାକୁ ମୁକ୍ତ ପ୍ରଣୟୀ ଅଲଭା ସର୍ଦ୍ଦାର ପୁନି ଶେଷଥର ପାଇଁ ବକ୍ଷରେ ଜଡ଼େଇ ଧରିଲାପରି ସୌମ୍ୟ ଫୁଲରାକୁ ଉଠାଇନେଲା ବକ୍ଷକୁ । ତା ଅଶ୍ରୁ ମଳିନ ମୁଖଟିକୁ ନିଜ ମୁହଁ ପାଖରେ ଟେକିଧରି କହିଲା—"ଆଜି ମୁଁ ତୁମଙ୍କୁ ପାଇଛି, ଫୁଲରା । ତୁମଙ୍କୁ ଖୋଜି ପାଇବାର ପଥ ତୁମେ ମୋତେ ଦେଖାଇ ଦେଇଛ । ଅଭିନନ୍ଦନ କରୁଛି ତୁମଙ୍କୁ । ଆଉ ଏଠାରେ ମୋ ପାଖରୁ ତୁମଙ୍କୁ ଛଡ଼ାଇ ନେବାର ପ୍ରଶ୍ନ ଆସୁନାହିଁ । ଆସ ।"

ପ୍ରାଣଦେଇ ପ୍ରଣୟିନୀକୁ ଛୁଇଁବା ସୌମ୍ୟର ହେଲା ଏଇ ପ୍ରଥମ ।। ଫୁଲରା ଫେରିଗଲା ଘରକୁ । ଘରେ ମନେହେଲା ସତେ ଯେପରି ସେ ନିଜକୁ ଆଜି ଆବିଷ୍କାର କରି ପାରିଛି କୌଣସି ଏକ ଅନ୍ଧକାର ଗହ୍ୱର ମଧ୍ୟରୁ...।।

ଏ ଭିତରେ କଟିଯାଇଛି କେତୋଟି ଦିନ । ନିଜର ଯୋଜନା ନେଇ କାମରେ ଲାଗି ପଡ଼ିଛି ସୌମ୍ୟ । କିନ୍ତୁ ଏ ଯୋଜନାରେ

Digitized by srujanika@gmail.com

କାହାଠାରୁ ଋଣ ଆଣିବାକୁ ପଡ଼ୁନାହିଁ କିମ୍ବା କର ବସାଇବାକୁ ପଡ଼ୁନାହିଁ । ଚୈନିକ ଜାତିର ଉତ୍ସାହ ନେଇ ଆଗେଇ ଚାଲିଛି ଭିଲ୍ଲ ପଲ୍ଲୀର କାର୍ଯ୍ୟ । ଭିଲ୍ଲଜାତିର ପ୍ରାଣରେ ଆଜି ଜାଗିଛି ନୂତନ ସ୍ପନ୍ଦନ । ସେମାନଙ୍କ ହାତ ପରଶରେ ହସି ଉଠୁଛି ଅବହେଳିତ ଶବର ଜାତିର ବନପ୍ରାନ୍ତର । ସୌମ୍ୟ ଆଜି ସେମାନଙ୍କର ପ୍ରଣମ୍ୟ । ତେଣୁ ତା'ର ଏକକ ନିର୍ଦ୍ଦେଶରେ ଗଢ଼ି ଉଠିଛି ଭିଲ୍ଲଜାତିର ଗଠନ କାର୍ଯ୍ୟ ।।

ମିଳନ ପାର୍ବଣର କିଛିଦିନ ପୂର୍ବକଥା । ଫୁଲରୀ ତା ସଙ୍ଗିନୀ ଗଣଙ୍କୁ ନେଇ ହସ ଖୁସିରେ ଗପ କରି ଚାଲିଛି । ଏତିକି ବେଳେ ମହାନଗରୀରୁ ଫେରି ଆସି ଫୁଲରୀ ହାତକୁ ଚିଠି ଖଣ୍ଡିଏ ବଢ଼େଇ ଦେଲା ମନୁଆ । ଭାଇ ହାତଲେଖା ଦେଖି ଫୁଲରୀ ଭୟରେ ମନୁଆ ମୁହଁକୁ ଚାହିଁଲା । ସରଣୀକୁ ଆସିବା ପାଇଁ ବହୁ ଚିଠି ଲେଖିବା ସତ୍ତ୍ୱେ ସେ ନଆସିବାରୁ ଫୁଲରୀ ମା ମନୁଆକୁ ପଠାଇଥିଲା ସରଣୀକୁ ଡାକି ଆଣିବାପାଇଁ । କିନ୍ତୁ ସରଣୀକୁ ବହୁ ଅନୁରୋଧ କରିବା ସତ୍ତ୍ୱେ ସେ ଆସିଲା ନାହିଁ । କିମ୍ବା ପାରୁଲାକୁ ଛାଡ଼ିଲା ନାହିଁ । ଶେଷରେ ଏହି ଚିଠିଟି ଲେଖି ପଠାଇ ଦେଲା ।

ଚିଠିଟିକୁ ଖୋଲିବାକୁ ଯାଇ ଖୋଲି ପାରୁନଥାଏ ଫୁଲରୀ । କେତେ ଭୟ ଆଶଂକା ମନରେ ଜମାଟ ବାନ୍ଧି ବସିଲା । ଥର ଥର ହାତରେ ଚିଠିଟିକୁ ଖୋଲି ଦେଖିଲା । ସରଣୀ ଲେଖିଛି—"ଫୁଲରୀ !

ଝିଅ ଆଜି ତୋ ବାପାଘରର କର୍ତ୍ତ୍ରୀ ହୋଇ ବସିଥାନ୍ତା ସେ ଆଜି ପାଉଛି 'ନିମନ୍ତ୍ରଣ' । ଏ ବଡ଼ ପାପ କରିବାରେ ବୋଧହୁଏ ତୋ'ର ଆଜି ତୋ ଦିଲରେ ସୁଖ ଅଛି । ସେ ଯାହାହେଉ ମୁଁ ଆଜିଠାରୁ ତୋର କେହି ନୁହେଁ । କିନ୍ତୁ ମନେରଖ—ଏଥିରେ ଶୁଭନାହିଁ । ଅଛି—ଅଭିଶାପ...।।

Digitized by srujanika@gmail.com

ଭେକିଲ ପିସ୍ତଲ ମୁହଁରେ ତୋ ପ୍ରଣୟୀକୁ ଯଦି ଠେଲି ଦେବାକୁ ଚାହୁଁ ତା ତୁ କରିପାରୁ । ମୋର କୌଣସି ଆପତ୍ତି ନାହିଁ । ସରଣୀ ”

ଚିଠି ଖଣ୍ଡି ଫୁଲରାଣୀ ହାତରୁ ଖସି ପଡ଼ିଲା । ଚାହିଁଆଡ଼ ଅନ୍ଧାର ଦେଖାଗଲା । ଦେଖୁ ଦେଖୁ ଅଶ୍ରୁର ବନ୍ୟା ବହି ଚାଲିଲା । ତା ସାଙ୍ଗସାଥି ଯେତିକି ବୁଝେଇ ବସିଲେ ସେ ସେତିକି କାନ୍ଦିବାକୁ ଲାଗିଲା । ଶେଷରେ ଉନ୍ମାଦିନୀଙ୍କ ପରି ଚିତ୍କାର କରି କହି ଉଠିଲା—“ମନୁ ଭାଇ ! ସୌମ୍ୟ ବାବୁଙ୍କୁ ତୁମେ ଏଠାରୁ ଲୁଚାଇ ନେଇ ଯାଅ । ମୁଁ ବଞ୍ଚି ଥାଉ ଥାଉ ତାଙ୍କ ଗୋଡ଼ରେ କଣ୍ଟାଟିଏ ବାଜିବାକୁ ଦେବି ନାହିଁ । ଠିଆ ହୋଇ ରହିଲ କାହିଁକି ? ତାଙ୍କୁ ଡାକି ଆଣି ଲୁଚାଇ ନିଅ । ଭେକିଲ ପିସ୍ତଲ ଧରି ବୁଲୁଛି ।।”

ଖବର ପାଇ କର୍ମ କେନ୍ଦ୍ରରୁ ସୌମ୍ୟ ଆସିଲା । ଫୁଲରାଣୀକୁ ବୁଝେଇ କହିଲା—“ଏପରି କ’ଣ ଗୋଟାଏ ହୋଇଛି ଯେ ତୁମେ କାନ୍ଦି ଅସ୍ଥିର ? ଏପରି କିଛି ଗୋଟାଏ ଘଟିବ ବୋଲି ମୁଁ ଆଗରୁ ଆଶଂକା କରିଥିଲି । ତୁମେ ଭାଙ୍ଗି ପଡ଼ିଲେ ଚଳିବ କିପରି ?” ଫୁଲ-ରାଣୀ ଏ କଥାରେ କିନ୍ତୁ ଅତୃପ୍ତ ହେଲାନାହିଁ । ସେ କହିଲା— “ତୁମେ ଏ କଥାକୁ ଏତେ ଲଘୁ ଭାବରେ ନିଅ ନାହିଁ । ମୋତେ ଛାଡ଼ି ତୁମେ ସେମାନଙ୍କ ଆଖି ଆଗରୁ କେଉଁଆଡ଼େ ଚାଲିଯାଅ । ତୁମେ ଥିଲେ ମୋର ସବୁ ଅଛି । ଯାହା ତୁମେ ମୋତେ ଦେଇଛ ସେହି ମୋର ପରମ ସଂପଦ । ତାକୁହିଁ ପୂଜା କରି ଅବଶିଷ୍ଟ ଜୀବନ କଟାଇ ଦେବି । ତୁମେ କିନ୍ତୁ ଅକ୍ଷତ ରୁହ...।। ଭେକିଲ ପିସ୍ତଲ ମୁହଁକୁ ମୁଁ ତୁମକୁ ଛାଡ଼ିଦେଇ ପାରିବି ନାହିଁ । ମୋ ଶତ ଜନ୍ମର ଆୟୁଷ ନେଇ ତୁମେ ବଞ୍ଚିରୁହ । କିନ୍ତୁ ତୁମେ ଏଠୁଁ ଚାଲିଯାଅ । ମୋତେ ଭୁଲିଯାଅ । ଭୁଲିଯାଅ...।” ଫୁଲରାଣୀ ଆଉ କିଛି କହି

Digitized by srujanika@gmail.com

ପାରିଲା ନାହିଁ । ଅଶ୍ରୁସିକ୍ତ ମୁଖଟିକୁ ସୌମ୍ୟ କାନ୍ଧ ଉପରେ ଲୁଗୁଛି ଛାଡ଼ିବାକୁ ଲାଗିଲା । ସଂଯମୀ ସୌମ୍ୟର ଆଖିପତା ଟି ବହିଗଲା ଦୁଇଟି ଅଶ୍ରୁଧାର । କମ୍ପିତ ଗଳାରେ କହିଲା—"ତୁମକୁ ଛାଡ଼ି ଆଉ କେଉଁଆଡ଼େ ଯିବ ଫୁଲରି ? କେଉଁଠି ବା ଯାଇ ଲୁଚିବ ? କେବଳ ମୋ ପଛରେ ନୁହେଁ । ଅନାଗତର ଭୟଙ୍କର ପିସ୍ତଲ ଆଜି ସାରା ଜଗତର ଜନତାର ପଛରେ ବୁଲି ଗୁଲୁଛି । ନାହିଁ ତା'ର ଶୀକାର । ଈଶ୍ୱରର ସବୁ ଆଶା ଯଦି ଅଶାରେହିଁ ରହିଯାଏ ତେବେ ଆମର ...ନ୍ତୁ... । କିନ୍ତୁ ଏଥିପାଇଁ ଭୟଙ୍କର ଜୀବନ ଯୁଦ୍ଧରୁ ପଳାଇବା ଛାଡ଼ିକି ? ମୁଁ ମୋ ଜୀବନ ଉପରେ ଏ ଭିଲ୍ଲପଲ୍ଲୀକୁ ଏବଂ ତୁମକୁ ଛାଡ଼ି କୁଆଡ଼େ ଯାଇ ପାରିବ ନାହିଁ । ତୁମକୁ ନେଇ ଜୀବନରେ ଗୋଟିଏ ଛୋଟିଆ ସୁନାର ନୀଡ଼ ରଚନା କରିବି ବୋଲି ଯେଉଁ ଭାବିଥିଲି ତାହା କରିବାକୁ ଯଦି...।" ସୌମ୍ୟ ଆଉ କହି ପାରିଲା ନାହିଁ । ଥପ ଥପ ହୋଇ ଅଶ୍ରୁ ଝରି ପଡ଼ିଲା ଫୁଲରିର ମୁଣ୍ଡ ଉପରେ । ଫୁଲରି ମୁହଁ ଉଠାଇ ଦେଖିଲା—ସୌମ୍ୟ କାନ୍ଦୁଛି । ସେ ସହି ପାରିଲାନି ସୌମ୍ୟ ଆଖିର ଲୁହ । ନିଜ ପଣତକାନିରେ ସୌମ୍ୟ ଆଖି ପୋଛି ଦେଉ ଦେଉ ଅଶ୍ରୁସିକ୍ତ ମୁଖଟିକୁ ସୌମ୍ୟ ମୁହଁ ପାଖରେ ରଖି କହିଲା—"ତୁମେ ଆଉ କାନ୍ଦନା । ମୁଁ ସବୁ ସହିପାରେ କିନ୍ତୁ ତୁମ ଆଖିର ଲୁହ ସହି ପାରିବିନି । ତୁମ ସଙ୍ଗରେ ଯଦି ନ ହେଲା ତେବେ ତୁମ ନିଃସଙ୍ଗରେ ମୋତେ ପୂଜା କରିବାକୁ ଦିଅ । ଖାଲି ପ୍ରେମ ଭିତରେ ସବୁ ପାଇବାର ଶେଷ ହୁଏ ନାହିଁ । ପ୍ରେମର ଚରମ ସାର୍ଥକତା ବିରହରେ ।। ତୁମର ସ୍ତ୍ରୀ ହୋଇ ଅହରହ ତୁମର ସାନିଧ୍ୟ ପାଇବାର ଭାଗ୍ୟ ଯଦି ଏ ଜୀବନରେ ନ ହେଲା ତେବେ ଦୂରରେ ରହି ଜୀବନର ସମସ୍ତ ମୂଲ୍ୟ ବିନିମୟରେ ତୁମକୁ ମୋତେ ପାଇବାକୁ ଦିଅ । ତୁମର ପରଶ ଏଣିକି ମୁଁ ଅନୁଭବ କରେ ପ୍ରତି

Digitized by srujanika@gmail.com

ରକ୍ତ କଣାର କ୍ରନ୍ଦନ ଭିତରେ...!! ଛୁରୁ ପଥର କରି ତୁମ ଅନୁପସ୍ଥିତି ମୁଁ ସହି ପାରିବି। କିନ୍ତୁ ମୋ ଲାଗି ତୁମ ଗୋଡ଼ରେ କଣ୍ଟା ବାଜିବାଟା ମୁଁ ସହି ପାରିବିନି। ବନ୍ଧୁର ଦଳର ଭୋଜିଲା ପିସ୍ତଲ ଆଗରୁ ତୁମେ ଲୁଚିଯାଅ । ମୋ'ର ଏ ଝୁଲ ଆଖିରେ ତୁମକୁ ଆଜି ଦେଖିବାକୁ ପାଇବି ନାହିଁ ସତ କିନ୍ତୁ ତୁମର ରୂପ ମୋ ଉଦ୍‌ଭାସିତ ସ୍ୱପ୍ନରେଖାର ପ୍ରତି ଧାରରେ ଝଲକି ଉଠିବ...।। ମୁଁ ତାକୁହିଁ ଦେଖି ଆଖି ଭରିବି। ପୂଜା କରିବି।। ତୁମେ ଚାଲିଯାଅ। ଦୂରର ପୂଜାରଣୀ ହୋଇ ରହିବାକୁ ମୋତେ ଦିଅ......।।”

ଫୁଲର ଆଉ କିଛି କହି ପାରିଲା ନାହିଁ କେବଳ କାନ୍ଦିବାକୁ ଲାଗିଲା। ସୌମ୍ୟ କ୍ରୋଧ ଦମନ କରି କହିଲା—“ତୁମକୁ ମୁଁ ଦିନେ ମୋ ପାଖରୁ ଚାଲି ଯିବାପାଇଁ କହିଥିଲି। କିନ୍ତୁ ମୁଁ ଆଜି ତୁମ ପାଖରୁ ଯାଇ ପାରୁନାହିଁ। କାହାର ପିସ୍ତଲ ଯଦି ମୋତେ ନିଚିହ୍ନ କରିପାରେ ତେବେ କରୁ କିନ୍ତୁ କୌଣସି ପ୍ରକାରେ ମୁଁ ତୁମକୁ ଛାଡ଼ି ଯାଇ ପାରୁନାହିଁ। ଏ ଅଶାନ୍ତ ଦୁନିଆରେ ମୁଁ ଆଜି ଟିକିଏ ଶାନ୍ତି ଚାହେଁ। ନିମିଷକ ପାଇଁ ହେଉପଛେ ତୁମର ହାତରେ ମୁଁ ଐଶ୍ୱର୍ଯ୍ୟର ସିଂହାସନ ଗଢ଼ିଦେଇ ଯିବି ଯେଉଁଠି ପ୍ରଣୟର ବର୍ତ୍ତିର ଶାଶ୍ୱତ ହୋଇ ରହିବ।। ତୁମକୁ ଛାଡ଼ି ଭୀରୁପରି ଜୀବନ ନେଇ ଲୁଚି ରହିବା ପାଇଁ ଆଜି ଚାହୁଁନାହିଁ। ତୁମର ଆଖିର ଦୁଇବିନ୍ଦୁ ଅଶ୍ରୁ ଆଗରେ ଯଦି ମୋର ଶେଷଚିହ୍ନ ହଜିଯାଏ ତେବେ ସେଥିରେ ମୋର...।” “ଏ କଣ କହୁଛ” କହି ଫୁଲର ସୌମ୍ୟ ମୁହଁରେ ହାତଦେଲା। ସେ ଅମଙ୍ଗଳ କଥା ସୌମ୍ୟକୁ କୁହାଇ ଦେଲାନାହିଁ। ତା ନାରୀ ଚିତ୍ତ ଅମଙ୍ଗଳ ଆଶଂକାରେ ଥରି ଉଠିଲା। ସେ କିଛି ଆଉ କହି ପାରିଲା ନାହିଁ। ଅଶ୍ରୁକ୍ଲାନ୍ତ ମୁହଁଟି ନେଇ ବଡ଼ କରୁଣ ଭାବରେ ସୌମ୍ୟ ମୁହଁକୁ ଚାହିଁ ରହିଲା। ସୌମ୍ୟ ସହି ପାରିଲାନି

Digitized by srujanika@gmail.com

ତା ଅତି ଆଦରଣୀ ଫୁଲସ୍ୱର ସେ କରୁଣ ଗୁହାରୀ । ନିଜ ବୁକୁରେ ଲୁଚାଇ ରଖିଲା ଫୁଲସ୍ୱର ମୁହଁଟିକୁ ।

ଏ କରୁଣ ଦୃଶ୍ୟ ବଡ଼ ଅସୁହା ହେଲା ମନୁଆକୁ । ସେ ସେଠାରୁ ଚାଲିଗଲା । ଗାଁ ବରଗଛ ବେଦୀ ମୂଳେ ଠିଆ ହୋଇ ପିଟିଲା ନିଶାଣ ନାଗରା । ରୁଣ୍ଡ ହୋଇଗଲେ ପଲ୍ଲୀର ଆବାଳ ବୃଦ୍ଧ ବନିତା । ଦୃଢ଼ କଣ୍ଠରେ କହିଲା—"ଆମ ନବଜୀବନ ଦାତା ସୌମ୍ୟ ଭାଇଙ୍କୁ ଆମ ପାଖରୁ ଛଡ଼ାଇ ନେବାପାଇଁ ହୁକୁମି ଆସୁଛି । ଆମର ସ୍ନେହର ଭଉଣୀ ଫୁଲସ୍ୱ ସାଥିରେ ତାଙ୍କର ବିବାହ କରାଇ ଦେବେନାହିଁ ବୋଲି ପିସ୍ତଲର ଭୟ ଦେଖାଉଛନ୍ତି । କିନ୍ତୁ ସେମାନେ ଭୁଲି ଯାଇଛନ୍ତି—ଶବର ଜାତିର ମୁହଁରେ ଯିଏ ଭାଷା ଦେଇଛନ୍ତି, ବୁକୁରେ ସାହାସ ଦେଇଛନ୍ତି, ପେଟକୁ ଭାତ ଯୋଗାଇ ଦେଇଛନ୍ତି, ପିନ୍ଧିବାକୁ ବାସ ଯୋଗାଇଛନ୍ତି ତା ପାଇଁ ସେମାନେ ରକ୍ତ ଦେବାକୁ ପ୍ରସ୍ତୁତ ଅଛନ୍ତି । ଶବର ଜାତି ବିଶ୍ୱାସ ଘାତକ ହୋଇ-ପାରେ ନାହିଁ । ସେମାନଙ୍କ ବିଭାଘର ପାଇଁ ଯେଉଁସବୁ ଆୟୋଜନ ଚାଲିଥିଲା ସେ ସବୁ କରିଚାଲ । ଦେଖିବା କିଏ ତାଙ୍କୁ ଅଲଗା କରିଦିଏ । ଅବହେଳିତ ଶବର ଜାତିର ଏ ମାଟି ସଙ୍ଗେ ଯୁଦ୍ଧ କରି ମାଟିସମ ମୂକ-ସୁପ୍ତ ଏ ଶବର ଜାତିକୁ ଯିଏ ମଣିଷ କରି ଛାଡ଼ିଦେଇଛନ୍ତି ତାଙ୍କୁ, ଶବର ଜାତିର ହେହ ଭାଇଙ୍କୁ, ଆଜି ସେମାନେ ଚାହୁଁଛନ୍ତି—ମାଟିର ଏ ମନ୍ଦିରରୁ କାଢ଼ି ନେବାକୁ । ଶବର ଜାତି ଏହା କଦାପି ସହି ପାରିବ ନାହିଁ ।"

ସମସ୍ତେ ପାଟିକରି ଉଠିଲେ—"କଦାପି ନୁହେ ।"

ସେ ଦିନକୁ ବିଭାଘର ଆଉ ଦୁଇଟିଦିନ ମାତ୍ର ବାକିଥାଏ । ଗାଁ ମୁଣ୍ଡ ମିଳନ ପଡ଼ିଆଟି (ଖେଳକୁଦ, ସଭାସମିତି ପାଇଁ ଏହି ପଡ଼ିଆଟି ସୌମ୍ୟ ନିର୍ଦ୍ଦେଶରେ ତିଆରି) ସୁନ୍ଦର ଭାବରେ ସଜ୍ଜିତ ।

Digitized by srujanika@gmail.com

ମଣ୍ଡପ ଉପରେ ଠିଆହୋଇ ଗ୍ରାମ ଉନ୍ନୟନର ଭବିଷ୍ୟ କର୍ମ ପନ୍ଥା ବିଷୟରେ କହୁଛନ୍ତି ସୌମ୍ୟ । ଗୃହଳଶ ପଚିଶ ଖଣ୍ଡ ଭିକ୍ଷାପଲ୍ଲୀର ସ୍ତ୍ରୀ ପୁରୁଷ ସେଠାରେ ରୁଣ୍ଡ । ଧୀର ସ୍ଥିର ଭାବରେ ତାଙ୍କ ପ୍ରିୟ ନେତାଙ୍କ କଥା ଶୁଣି ଯାଉଛନ୍ତି । ଏତିକି ବେଳେ ହାତରେ ଖଣ୍ଡେ ଚିଠିଧରି ଭୀତା ଚକିତା ଭାବରେ ଫୁଲରି ଉଠିଗଲା ମଣ୍ଡପ ଉପରକୁ । ଚିଠି ଖଣ୍ଡି ସୌମ୍ୟ ହାତକୁ ବଢ଼ାଇ ଦେଇ ସେହି ମଣ୍ଡପ ଉପରେ ଲଥିକିନା ବସି ପଡ଼ିଲା । ସୌମ୍ୟ ତା କହିବା ବନ୍ଦକରି ଚିଠିଟି ପଢ଼ି ଟିକିଏ ହସିଲା ତାପରେ ଫୁଲରିକୁ କହିଲା—"ଭୟ କରିବାର କିଛି ନାହିଁ । ତୁମେ ଘରକୁ ଯାଅ ।" ଫୁଲରି କିନ୍ତୁ ସେଠାରୁ ଉଠିଲା ନାହିଁ । ସମସ୍ତେ ଜିଜ୍ଞାସୁ ଭାବରେ ଚାହିଁ ରହିଥାନ୍ତି ସୌମ୍ୟ ଆଉ ଫୁଲରିକୁ । ଜାଣିବାକୁ ଚାହୁଁଥାନ୍ତି ସେ ଚିଠିରେ କ'ଣ ଲେଖାଅଛି । ଜନତା ଭିତରୁ ମନୁଆ ଉଠିଆସି ସୌମ୍ୟକୁ ସେ ଚିଠିକଥା ପଚାରିଲା । ସୌମ୍ୟ ଜନତାକୁ ଉଦ୍ଦେଶ୍ୟ କରି କହିଲା— "ବୋଧହୁଏ ମୋତେ ଏଠାରେ ସେମାନେ ଆଉ ରଖେଇ ଦେବେ ନାହିଁ ।" କ'ଣ ବୋଲି ଜନତା ଚାହୁଁଥିଲା ବେଳେ ମଟର ହର୍ଣ୍ଣ ଶୁଣାଗଲା । ସମସ୍ତେ ଚାହିଁ ଦେଖିଲେ ଗୋଟାଏ ଜିପ୍‌ଗାଡ଼ୀ ସେହି ଆଡ଼କୁ ଆସୁଛି । ସୌମ୍ୟ ମ୍ଳାନ ହସ ହସି କହିଲା—"ନିମନ୍ତ୍ରଣ ବୋଧହୁଏ ଆସିଗଲା ।"

ଜିପ୍‌ଗାଡ଼ୀ ଠିଆକରି ପୋଲିସ ସଦଳ ବଳେ ଆଗେଇ ଆସିଲା ମଣ୍ଡପ ଆଡ଼କୁ । ସାଥିରେ ବନ୍ଧୁକଧାରୀ । ପୋଲିସ ସୌମ୍ୟ ପାଖକୁ ଆଗେ ଯାଇ ପଚାରିଲା—"ଆପଣଙ୍କ ନାମ ସୌମ୍ୟ ?" ସୌମ୍ୟ ସମ୍ମତି ଜଣାଇଲା । ସୌମ୍ୟ ବିପକ୍ଷରେ ହୋଇଥିବା ଅଭିଯୋଗ ପୋଲିସ ସୌମ୍ୟକୁ ଜଣାଇ ଥାନାକୁ ଯିବାପାଇଁ କହିଲେ । ସେତେବେଳକୁ ଜନତା ଘେରି ଗଲାଣି ମଣ୍ଡପକୁ । ସୌମ୍ୟକୁ

Digitized by srujanika@gmail.com

ଥାନାକୁ ନେବା କଥା ଶୁଣିବା ମାତ୍ରେ ଜନତା ଭିତରେ ଉତ୍ତେଜନା ଦେଖାଦେଲା । ଜନତାକୁ ଶାନ୍ତ ହୋଇ ବସିବାକୁ ଇଙ୍ଗିତ ଦେଇ ସୌମ୍ୟ କହିବାକୁ ଆରମ୍ଭ କଲା—"ଆପଣମାନେ ଧୀରସ୍ଥିର ଭାବରେ ବସନ୍ତୁ" ଏ ଚିଠିରେ କଣ ଲେଖାଥିଲା ତାହା ଆପଣମାନଙ୍କୁ କହିବା ଆଗରୁ ପୋଲିସ ଆସିଗଲେ । ଚିଠିରେ ଲେଖାଥିଲା ମୋ ନାମରେ ନାରୀ ଧର୍ଷଣ ଅଭିଯୋଗ ସୃଷ୍ଟିକରି ହୋଇ ମକଦମା ଚଳାଇବାର ସମସ୍ତ ଯୋଗାଡ଼ ଚାଲିଛି । ମୋତେ ବାନ୍ଧିନେବା ପାଇଁ ପୋଲିସ ଯାଇ ପାରନ୍ତି । ଏ ଚିଠିରେ ଲେଖାଅଛି ଧର୍ଷଣ ନାରୀ ହେଉଛନ୍ତି ଉଠାପଲ୍ଲୀ ଧନୁଆଁଙ୍କ ସ୍ତ୍ରୀ ଗାଙ୍ଗୀ । ସେ ସ୍ୱାମୀ ସ୍ତ୍ରୀ ଦୁହିଁଙ୍କୁ ନେଇ ମହାନଗରୀରେ ରଖା ଯାଇଛି । ଗାଙ୍ଗୀ ଏ ସବୁ ମିଥ୍ୟା ଅଭିଯୋଗ କରିବ ନାହିଁ କହିବାରୁ ତାଙ୍କୁ ଭୟଦେଖା ହୋଇଛି ଆହୁରି ମଧ୍ୟ ନୋଟ ତୋଡା ଲାଞ୍ଚ ଦିଆ ହୋଇଛି । ତଥାପି ସେ ସ୍ୱାମୀ ସ୍ତ୍ରୀ ମାଙ୍ଗିନଥିଲେ । କେବଳ ଅତ୍ୟାଚାରର ଭୟରେ ମିଛ କହି ମୁଦେଇ ହୋଇଛନ୍ତି । କେବଳ ଏତିକିରେ ସେମାନେ ସନ୍ତୁଷ୍ଟ ନୁହନ୍ତି । ଏହାପରେ ମୋ ନାମରେ ଆଉ ଗୋଟିଏ ଅଭିଯୋଗ ତିଆରି ହେଉଛି ଯେ ମୁଁ ଏଠାରେ ରହି ଅଶିକ୍ଷିତ ଲୋକମାନଙ୍କୁ ମତେଇ ସରକାରଙ୍କ ବିପକ୍ଷରେ ନାନା ଷଡ଼ଯନ୍ତ୍ର କରୁଛି ଇତ୍ୟାଦି । ଏ ଚିଠି ଆସିଛି ଏକ ବିଶ୍ୱସ୍ତ ଯାଗାରୁ । ଆହୁରି ମଧ୍ୟ ପୁଲିସ ବାବୁ ଆସି ପ୍ରଥମ ଅଭିଯୋଗରେ ମୁଦାଲା କରି ମୋତେ ନେବାକୁ କହୁଥିବାରୁ ଏ ଚିଠି ସତବୋଲି ପ୍ରମାଣିତ ହେଉଛି ।" ସୌମ୍ୟଠାରୁ ଏକଥା ଶୁଣି ଜନତା ଚିତ୍କାର କରି କହି ଉଠିଲେ—"କିଏ ସେ ଏଠାରୁ ଆପଣଙ୍କୁ ନେବ ଆମେ ଦେଖିବୁ । ଏ ପଶୁପ୍ତ ଖଣ୍ଡ ପଲ୍ଲୀର ଗୋଟାଏ ପିଲା ବଞ୍ଚିଥିଲା ଯାଏଁ ଆମେ ଛାଡ଼ିଦେବୁ ନାହିଁ ।"

Digitized by srujanika@gmail.com

ସେମାନଙ୍କର ଉତ୍ତ୍ୟକ୍ତ ଅବସ୍ଥା ବୁଝିପାରି ସୌମ୍ୟ ବୁଝେଇ କହିଲା—"ପିସ୍ତଲ ଭୟ ଦେଖିଆ ହୋଇଥିଲା । ସେ ବୋଧହୁଏ କାର୍ଯ୍ୟକାରୀ ହୋଇ ନ ପାରିବାରୁ ଏ ହୀନ ଷଡ଼ଯନ୍ତ୍ର । ଆପଣମାନେ ଧୀରସ୍ଥିର ରୁହନ୍ତୁ । ଏ ମଧ୍ୟ ଅକାମୀ ହୋଇଯିବ । ସତ ହେଉ ଅବା ମିଛହେଉ ମୋତେ ଯିବାକୁ ହେବ । ନ୍ୟାୟର ମର୍ଯ୍ୟାଦା ଆମେ ରକ୍ଷିବା । ସରକାରଙ୍କ ଶାସନ ଯାହାକରୁ ଆମେ ଅହିଂସା ନୀତିରେ ଚାଲିବା । ଏ ଷଡ଼ଯନ୍ତ୍ର କାହାକୁ କେନ୍ଦ୍ରକରି ହୋଇଛି, କିଏ କରୁଛି ଆଉ ତାହା କାହିଁକି କରା ହୋଇଛି ଆପଣମାନେ ସବୁ ବୁଝି ପାରୁଥିବେ । କିନ୍ତୁ ଆପଣମାନେ ଏଥିପାଇଁ ବିଚଳିତ ହୁଅନ୍ତୁ ନାହିଁ । ଏ ଅବହେଳିତ ଶବର ପଲ୍ଲୀରେ ଗଠନ କାର୍ଯ୍ୟର ଯେଉଁ ସୁମହାନ କୀର୍ତ୍ତି ସ୍ଥାପନ କରି ଆପଣମାନେ ଆଗେଇ ଚାଲିଛନ୍ତି ତାହା ପୂରଣ କରନ୍ତୁ । କୋଣାର୍କକୁ ଠିଆ କରାଇବା ପାଇଁ ସେତେବେଳ ଓଡ଼ିଶାର ତେରବର୍ଷର ରାଜସ୍ୱ ଖର୍ଚ୍ଚ ହୋଇଥିଲା । ରାଜାର ହୁକୁମ ବଢ଼େଇକୁଳଙ୍କୁ ଆତଙ୍କିତ କରିଥିଲା । ଦୀର୍ଘ ତେର-ବର୍ଷକାଳ ସ୍ତ୍ରୀ, ପୁଅ ଝିଅଙ୍କଠାରୁ ବିଚ୍ଛେଦ ହୋଇ ବାଲି ଉପରେ ଯନ୍ତ୍ର ବଢ଼େଇ କୁଳ ଲହଣି ମୁଗୁର ନେଇ ପଥର ସଙ୍ଗେ ଯୁଦ୍ଧ କରିଥିଲେ । କିନ୍ତୁ ଆପଣମାନେ ଜାତିର କଲ୍ୟାଣ ପାଇଁ ସ୍ତ୍ରୀ ପୁତ୍ର-ଙ୍କ ସହ ହସି ହସି ମାଟିର କୋଣାର୍କ ଗଢ଼ି ଚାଲିଛନ୍ତି । ଏଥିରେ ରାଜସ୍ୱ ଖର୍ଚ୍ଚ ନାହିଁ । କାହାର ହୁକୁମ ନାହିଁ କିମ୍ବା ଗଠନକାରୀଙ୍କ ମୁଣ୍ଡ କଟାର ଭୟ ନାହିଁ । ପଥରର କୋଣାର୍କ ଦେହରେ ଓଡ଼ିଆର କଳା, ସ୍ଥାପତ୍ୟର ମହିମା ଛଡ଼ା ଜୀବନ ଯୁଦ୍ଧର ମହିମା ନଥିଲା । କିନ୍ତୁ ଆପଣମାନେ ବଞ୍ଚି ଅନ୍ୟକୁ ବଞ୍ଚିବାକୁ ଦେବା, ଗଢ଼ି ଅନ୍ୟକୁ ଗଢ଼ିବା ପାଇଁ ପ୍ରେରଣା ଦେବାର ଯେଉଁ ନୀତି ଧରି କାର୍ଯ୍ୟକରି ଚାଲିଛନ୍ତି ସେଥିରେ ଜୀବନର ସମସ୍ତ ମହିମା ନିହିତ ଅଛି । ଆଗେଇ

Digitized by srujanika@gmail.com

ଗୁଲନ୍ତୁ । ଜୟ ସୁନିଶ୍ଚିତ । ଆପଣମାନଙ୍କଠାରୁ ବିଦାୟ ନେଇ ଯିବା ପୂର୍ବରୁ ଆପଣମାନଙ୍କ ଠାରେ ମୋର ଏହି ଅଳି······।"

ଶେଷକଥା ଶୁଣି ସମସ୍ତେ କାନ୍ଦି ଉଠିଲେ । ଏପର୍ଯ୍ୟନ୍ତ ଫୁଲରୀ ଶୁଣିଯାଉଥିଲା । କିନ୍ତୁ 'ବିଦାୟ' ଶବ୍ଦଟି ଶୁଣିବା ମାତ୍ରେ ଚମକି ଉଠିଲା । ଉଠିପଡ଼ି ସୌମ୍ୟଙ୍କୁ ଅଶ୍ରୁଭରା ଆଖିରେ ଚାହିଁ ପଚାରିଲା— "ଏ କଣ କହୁଛ ସୌମ୍ୟ ? ତୁମଙ୍କୁ କିଏ ବିଦାୟ ଦେବ ?" ସୌମ୍ୟ ଫୁଲରୀକୁ ସାନ୍ତ୍ୱନା ଦେଲା । କହିଲା—"ତୁମ ସମସ୍ତଙ୍କୁ ମୋତେ ବିଦାୟ ଦେବାକୁ ହେବ । ସରକାର ଘର ନାଗପାଶ ମୋତେ ଛାଡ଼ିବ ନାହିଁ । ସେମାନେ ଧୋଷାରି ନେବା ଅପେକ୍ଷା ତୁମେ ମାନେ ମୋତେ ପାଛୋଟି ଦେଇ ଆସିଲେ ସୁଖୀ ହେବି । ମୋ ବିପକ୍ଷରେ ଗୋଟାକ ପରେ ଗୋଟାଏ ହୀନ ଷଡ଼ଯନ୍ତ୍ରର ଯେଉଁ ଶର ଖଞ୍ଜାହୋଇ ରହିଛି ସେଥିରୁ ସହଜରେ ମୁକୁଳି ତୁମମାନଙ୍କ ପାଖକୁ ଶୀଘ୍ର ଫେରିବାର ଆଶା ନାହିଁ । ତୁମ ମାନଙ୍କର ସ୍ନେହ ସୌହାର୍ଦ୍ଦ୍ୟ, ଭାତପାଣି ଅଳିଠାରୁ ବୋଧହୁଏ ମୋତେ ହରେଇ ବାକୁ ପଡ଼ିବ······।" ସୌମ୍ୟ କଣ୍ଠ ଏଇଠି ଥରି ଉଠିଲା । ଆଖି ଫାଟି ଲୁହ ଗଡ଼ି ଆସିଲା । କିନ୍ତୁ ସଙ୍ଗେ ସଙ୍ଗେ ସେ ନିଜକୁ ସଂଯତକରି ନେଇ ବଡ଼ କରୁଣ ଭାବରେ ଫୁଲରୀକୁ କହିଲା— "ଘରକୁ ଯାଅ ଫୁଲରୀ । ମୁଁ କେତେଦିନ ପାଇଁ ତୁମଙ୍କୁ ଛାଡ଼ି ଯାଉଛି କହି ପାରୁନି···।" ଫୁଲରୀ କିଛି କହି ପାରିଲା ନାହିଁ । କେବଳ ପିଲାଙ୍କ ପରି କୁଇଁ ଉଠାଇ କାନ୍ଦିଲା । ସମବେତ ଜନତା ମଧ୍ୟ । ସମସ୍ତଙ୍କୁ ବୁଝେଇ ସୌମ୍ୟ କହିଲା—

"ତୁମେସବୁ ଅଳି କାନ୍ଦୁଛ । କିନ୍ତୁ ସାରା ଓଡ଼ିଶା ଏପରି ବୁକୁଫଟେଇ କାନ୍ଦିଲେ ମଧ୍ୟ ଏ ସବୁ ଜଘନ୍ୟ ଅନ୍ୟାୟକୁ ସୁଧାରି ପାରିବ ନାହିଁ ।। ଏସବୁ ଅନ୍ୟାୟ ଅତ୍ୟାଚାରର ଏ ମାଟିରୁ ପୋଛି

Digitized by srujanika@gmail.com

ଦେବାପାଇଁ ଅଖିରୁ ଲୁହ ପୋଛୁ ଆଗେଇ ଆସିବାକୁ ହେବ। ଜୀବନକୁ ଖୋଜି ନେବାକୁ ହେବ। ସେଦିନ ତୁମମାନଙ୍କ ହାତଲେଖା 'ଯୁଗଯାତ୍ରୀ' ପତ୍ରିକାରେ ମନୁଅ ଠିକ ଲେଖିଥିଲେ—

'ମରଣର ତୀରେ ବସି ଜୀବନର ମହାବ୍ୟର୍ଥ ଗାନ—
ଆଉ ଗାଅନା, ଅଭାଗା ଜନ...।
ଏନୁହେ ତୋ ଜୀବନର ପରମ ସାଧନ...॥
ଉ'ଠୁ ଉଠ।
ଦେ'ଖ ଦେଖ।
ତେବେଯାଇଁ—
ଯୁଗଯାତ୍ରୀ ଅସିବେରେ ଧାଇଁ
(ତ୍ରୈଗନ୍ଧକ ସୀମାପାର ହୋଇ)
ପାଇବାକୁ ଜୀବନ ସନ୍ଧାନ...॥'

ଖାଲି କାନ୍ଦରେ କିଛି ହେବନାହିଁ। ଅଜି ତୁମେ ଏଠାରେ କାନ୍ଦୁଛ, ସ୍ୱତନ୍ତ୍ରକେନ୍ଦ୍ରରେ ଭାଷା କାନ୍ଦୁଛି, ଭୁତୁମାରେ ଝରଣା କାନ୍ଦୁଛି, ପଡ଼ିଶା ଓଳାତଳେ ମା' କାନ୍ଦୁଛି, ମା'ର ଶୁଖିଲା ସ୍ତନରେ ମୁହଁ ଦେଇ ଭୋକିଲା ପିଲା କାନ୍ଦୁଛି, ସଭା ସମିତିରେ ଦେଶ ପ୍ରେମୀ କାନ୍ଦୁଛି, ସରଗରେ ଗୋପବନ୍ଧୁ କାନ୍ଦୁଛି, ଭୁଖା ଓଡ଼ିଆ ଚିଲ୍କାଙ୍କ ଦରଖାସ୍ତ ସରକାରଙ୍କ ଫାଇଲ ତଳେ କାନ୍ଦୁଛି, ଆଉ ଏକଛତ୍ର ଦୁଆରେ ଗଣତନ୍ତ୍ର ମଧ୍ୟ କାନ୍ଦୁଛି...। କିନ୍ତୁ ଏ କାନ୍ଦରେ ଜୀବନର ମହାସତ୍ୟ ପାଇବ ନାହିଁ। ଏ କାନ୍ଦରେ ବର୍ବର ଦଳର ହୃଦୟ ପରିବର୍ତ୍ତନ କରି ପାରିବ ନାହିଁ। ତୁମ କାନ୍ଦରେ ସେମାନଙ୍କ ହସ ଫୁଟେ। ଯେଉଁ ଓଡ଼ିଶା ଦରିଦ୍ରର ଓଡ଼ିଶା, କ୍ଷୁଧିତର ଓଡ଼ିଶା, ଅର୍ଦ୍ଧନଗ୍ନ ନରନାରୀ ଓ ଶିଶୁର ଓଡ଼ିଶା ସେହି ଓଡ଼ିଶାର ନୂତନ ପ୍ରାଣ ସଂଗ୍ରହ କରିବାରେ ଆପଣା-

Digitized by srujanika@gmail.com

ମାନେ ଆଗେଇ ଆସନ୍ତୁ । ଦେଖିବେ ସେତେବେଳେ ମହାକାଳ ପଥ ଛାଡ଼ିଦେବ ।। ଆଜି ଯେଉଁ ବର୍ବର, ଅତ୍ୟାଚାରୀମାନେ ଏ ପବିତ୍ର ଭୂଇଁରେ କଳଙ୍କ ବୋଳି, ଏ ଜାତିକୁ ନିଃଶୋଷିତକରି ଚାଲିଛନ୍ତି ସେହିମାନେହିଁ ନିଜ ନିଜର ସମାଧି ଖୋଳିନେବେ···।! ଇତିହାସ ସେମାନଙ୍କପାଇଁ ଏକ ଘୃଣିତ ପୃଷ୍ଠା ଛାଡ଼ିଦେବ ! କିନ୍ତୁ ସ୍ୱର୍ଣ୍ଣାକ୍ଷରେ ଲେଖା ରହିବ ପୂଜିତ ଦେଶସେବୀର ଜୀବନୀ । ମଧୁ, ଗୋପବନ୍ଧୁ, ଫକିର ମୋହନ, ଗୋଦାବରୀଶ ଚାଲି ଯାଇଛନ୍ତି । କିନ୍ତୁ ରଖି-ଯାଇଛନ୍ତି ସ୍ୱର୍ଣ୍ଣ ଇତିହାସ ।। ସେ ଲିଭିବ ନାହିଁ । ସେମାନେ ଆଜି ଜାତିର ଗୋଟିଏ ଗୋଟିଏ ପବିତ୍ର ଅନୁଷ୍ଠାନ । କୋଣାର୍କର ମହିମାଠାରୁ ସେମାନେ ଅଧିକ ମହିମାନ୍ୱିତ । ଗୋଟିଏ ଗୋଟିଏ ଜୀବନ୍ତ କୋଣାର୍କ ସେମାନେ । କୋଣାର୍କର ଭଙ୍ଗା ପଥର ଖଣ୍ଡ ଏ ଜାତି ଦୁଆରେ ଆଜି ପୂଜିତ ହେଲାପରି ଆପଣମାନେ ଆଜି ଯେଉଁ ମାଟିର କୋଣାର୍କ ଗଢ଼ି ଚାଲିଛନ୍ତି ତା'ର ଧୂଳିମାଟି ପୂଜା ପାଇବ । ଦେଶର କଲ୍ୟାଣ ପାଇଁ ଜୀବନ ପଣକରି ଲାଗି ପଡ଼ନ୍ତୁ । ଦେଖିବେ, ଦିନେ ଏହି ଶୋକାତୁରା ମାଟିର ଧରଣୀ ହସି ଉଠିବ···।। ଏତିକି ମୋର ଆପଣଙ୍କ ପାଖେ ନିବେଦନ । ବର୍ତ୍ତମାନ ମୋତେ ବିଦାୟ ଦିଅନ୍ତୁ ··।"

ଏତିକି କହି ସୌମ୍ୟ ଚାହିଁଲା ଫୁଲବାକୁ । ଖବରରେ ଚାମେଲି ଝାଉଁଳିଲା ପରି ସେତେବେଳକୁ ଫୁଲବା ଝାଉଁଳି ପଡ଼ିଥିଲା । ବଡ଼ କରୁଣ ଭାବରେ ସେ ସୌମ୍ୟକୁ ଚାହିଁଲା । ସୌମ୍ୟ ପ୍ରାଣରେ ବଡ଼ ଆଘାତ ଲାଗିଲା । ପ୍ରାଣଠାରୁ ସେ ବେଶୀ ଭଲପାଉଥିଲା ଫୁଲବାକୁ । ସେ ତାକୁ କି ଛାଡ଼ି ଯାଉଥିବାବେଳେ ତା'ର ଏ ଅବସ୍ଥା ଦେଖି କାନ୍ଦି ପକାଇଲା । ଫୁଲବାକୁ ଜଡ଼େଇ ଧରି ସୋଲିସଙ୍କ ଉଦ୍ଦେଶ୍ୟ କରି କହିଲା—"ଆପଣମାନେ ଏହି ପବିତ୍ର ମାଟିର ସନ୍ତାନ । କିନ୍ତୁ

Digitized by srujanika@gmail.com

ଦେଖିଯାଂନ୍ତୁ ଏଠାରେ କପଟ ବର୍ବରତା ଚାଲିଛି । ଏହି ଝିଅଟିକୁ (ଫୁଲରୀକୁ ଦେଖାଇ) ପାଇବା ପାଇଁ ମୋ ବିପକ୍ଷରେ କେତେ ହୀନ ଷଡ଼ଯନ୍ତ୍ର ଚାଲିଛି । ସେମାନେ କ'ଣ ଭାବୁଛନ୍ତି ତାଙ୍କ ଭୋଗ ପାଇଁ ଗଙ୍ଗବଂଶର ଝିଅବୋହୂ ମଧ୍ୟ ଉଦ୍ଦିଷ୍ଟ ? ସେମାନେ କଣ ଏଇଥି ପାଇଁ ଗଙ୍ଗବଂଶକୁ ଚିର ଦଳିତ କରି ରଖିବାକୁ ଚାହାନ୍ତି ? ବରୁଣେଇ ପାହାଡ଼ର ସାନ୍ଦ୍ର ବନଭିତରେ ଇଂରେଜର ତୋପଧ୍ୱନି ପରଠାଉଁ ଯେଉଁ ଦେଶରେ ଲିଖିତ ହୋଇଥିଲା ଭାରତର ପ୍ରଥମ ମୁକ୍ତି ଇତିହାସ ଆଜି ସେହି ଦେଶ ବର୍ବରତା ଓ ଦେଶଦ୍ରୋହିତାର ମୁଖ୍ୟପୀଠ ହୋଇ ଉଠିଛି ।। ଗଙ୍ଗବଂଶ ଜୀବନ-ସିନ୍ଧୁ ମନ୍ଥନ କରାହୋଇ ଚାଲିଛି । କିନ୍ତୁ ସେହି ପ୍ରଳୟ ପୟୋଧି ଜଳ ମଧ୍ୟରୁ ଯେତେବେଳେ କୂର୍ମ, ବରାହ, ନୃସିଂହ ଅବତାର ଜାଗି ଉଠିବ ସେତେବେଳେ ଦେଶ କାଳ ପାତ୍ରର ସୀମା ପାରହୋଇ ଦେଖା-ଦେବ—ଅଖଣ୍ଡ ଶିବ···।। ଏହି ସତ୍ୟକୁ କେହି ଯେପରି ଭୁଲି ନଯାଏ···।।” ଏତକ କହିସାରି ଫୁଲରୀକୁ ବହୁ ସାନ୍ତ୍ୱନା ଦେଲେ ସୌମ୍ୟ । ଫୁଲରୀ କିନ୍ତୁ ଅଶ୍ରୁଭରା ନୟନ ଦୁଇଟି ନେଇ ମୂକ ଭାବରେ ସୌମ୍ୟଙ୍କୁ ଚାହିଁ ରହିଥାଏ । ଲୋତକ କେବଳ ତା ମର୍ମ ବେଦନା ସୌମ୍ୟଙ୍କୁ ଜଣାଇ ଦେଉଥାଏ ! ସୌମ୍ୟ ଯେତେବେଳେ ତାକୁ ଛାଡ଼ିଦେଲେ ସେ ଆଉ ଠିଆ ହୋଇ ରହି ପାରିଲା ନାହିଁ । ମଣ୍ଡପ ଉପରେ କରୁଣ ହୋଇ ପଡ଼ିଲା । ସୌମ୍ୟ ଆଖି ପୋଛି ପୋଛି ମନୁଆକୁ କହିଲେ—‘ ତୁମ ଉପରେ ଫୁଲରୀର ଭାର ରହିଲା । ତାକୁ ବୁଝାସୁଝା କରେଇ କର୍ମମୟ ଜୀବନକୁ ଫେରେଇ ନେବ । ତୁମ ମାନଙ୍କ ଉପରେ ମୋର ପୂର୍ଣ୍ଣ ବିଶ୍ୱାସ । ଗଠନ କାର୍ଯ୍ୟ ପଛେଇ ଦେବନାହିଁ । ମୁଁ ଚାଲିଲି । ବିଦାୟ···।”

Digitized by srujanika@gmail.com

ସୌମ୍ୟକୁ ନେଇ କାର୍ ଦୌଡ଼ିଲା ମହାନଗରୀ ଅଭିମୁଖେ । ଜନତା ତା ପ୍ରିୟ ନେତାଙ୍କୁ ହରାଇ କାନ୍ଦି ଉଠିଲା ।

*

ଏ ଭିତରେ କିଛିଦିନ ବିତି ଯାଇଛି । ସୌମ୍ୟ ବନ୍ଦୀ । ସରକାରଙ୍କ ହାଜତରେ । ଫୁଲରି ବନ୍ଦିନୀ ସେହି ଘରେ ଯେଉଁଠି ଦିନେ ଅପକୀର୍ତ୍ତିର କଳୁଷିତ ହାତ ଛୁଇଁଥିଲା ତା ସଦ୍ୟ ବିକଶିତ ତନୁବଲ୍ଲରୀକୁ ! କିନ୍ତୁ ଦୁହିଁଙ୍କ ପ୍ରାଣ ବନ୍ଦୀଘର [ବାହାରେ— ପରସ୍ପର ଚିନ୍ତାରେ ।

ସୌମ୍ୟର ବିଦାୟ ପରଠୁଁ ଫୁଲରି ଲିଭିଉଛି ଜୀବନର ଆଶା । ଖାଇବା ପିଇବା ତାର ଏକ ପ୍ରକାର ବନ୍ଦ । ଦିନକୁ ଦିନ ଶୀର୍ଣ୍ଣ ହୋଇ ଚାଲିଛି ସେ । ତା ମା'ର ଆଖିପାଣି କିମ୍ବା ସାଙ୍ଗସାଥି ଅବା ମନୁଅର ସାନ୍ତ୍ୱନା ବାଣୀ ତା ମନର ଗଭୀର କ୍ଷତରେ ଲଗାଇ ପାରୁନଥିଲେ ଶାନ୍ତିର ପ୍ରଲେପ । ସେ ସୌମ୍ୟକୁ ଖୋଜି ଚାଲିଥାଏ ତା ପ୍ରତି ରକ୍ତକଣିକାର ସ୍ପନ୍ଦନ ଭିତରେ...!!

ସେ ଦିନ ଗଭୀର ରାତିର ଏକ ନିଦବେଳା ମୁହୂର୍ତ୍ତ । ବଣ ପାହାଡ଼ ଘେରି ଭିଲ୍ଲ ପଲ୍ଲୀକୁ ଘୋଡ଼େଇ ରଖିଥାଏ ନୈଶର ନିଶବ୍ଦତା । କେବଳ ଝିଙ୍କାରିର ଅବିରାମ ଚେଁ ଚେଁ ଶବ୍ଦ ଛଡ଼ା ଆଉ କୌଣସି ଜୀବ ଚେତନାର ଚିହ୍ନ ନଥାଏ । ଏହି ଅବସରରେ ସରଣୀ ଆସି ସେଠାରେ ପହଞ୍ଚିଲା । ସାଥିରେ ଅପକୀର୍ତ୍ତିର କା'ର ଓ ତା ସୋଫର ମଟରଟିକୁ ଆଲୋକ ହୀନ କରି ଅସ୍ତେ ଅସ୍ତେ ଚଳେଇ ନେଇ ଠିଆ କରେଇଲେ ଫୁଲରି ଘର ଦୁଆରେ । କଳା ରଙ୍ଗର ମଟରଟି ନିଜ ରଙ୍ଗର ସ୍ୱାତନ୍ତ୍ର୍ୟ ହରାଇ ମିଶି ଯାଇଥାଏ କୃଷ୍ଣ ପକ୍ଷର ଗଭୀର ରାତ୍ରି ସଙ୍ଗେ

Digitized by srujanika@gmail.com

ଢଳା ପୋଷାକ ଧାଶ୍ରି ସରଣା ଏବଂ ସୋଫାର ବରଣ୍ଡା ଉପରକୁ ଉଠିଗଲେ । ସରଣା କବାଟ ଉପରେ ଠିକଏ କରାଘାତ କରି ଧୀର ଗଳାରେ ଡାକିଲା—'ମା' । ଫୁଲସ୍ତିର ଏ ଶୋଚନୀୟ ଅବସ୍ଥା ଯୋଗୁଁ ସରଣା ମା'ର ନିଦ ନଥାଏ । କିଏ ଡାକୁଛି ଭାବି ଦୁଆର ଖୋଲି ବୁଢ଼ୀ ଦେଖିଲା ପୁଅ ସରଣା । ପୁଅକୁ ଦେଖି ବୁଢ଼ୀ ଗୁଡ଼େ କାନ୍ଦିଲା । ସରଣା ସୋଫାରକୁ ନେଇ ଘର ଭିତରକୁ ଯାଇ ମାକୁ ସାନ୍ତ୍ୱନା ଦେଇ ବୁଝେଇ କହିଲା—"ଯାହା ହେବାର ହୋଇ-ଯାଇଛି । ସେ କଥା ଭାବି କାନ୍ଦିବାରେ କିଛି ଲାଭ ନାହିଁ । ସୌମ୍ୟକୁ ରକ୍ଷା କରିବାକୁ ସବୁ ପ୍ରକାର ଚେଷ୍ଟା ଚାଲିଛି । କିନ୍ତୁ ସୌମ୍ୟର ମୁକ୍ତି ଫୁଲିଙ୍କ ଉପରେ ନିର୍ଭର କରୁଛି । ସେ ଯଦି କଚେରିରେ କାଲି ପହଞ୍ଚିପାରେ ତେବେ ବାସ୍ତବରେ ତା ଠାରୁ କେତେକ କଥା ବୁଝି ସୌମ୍ୟକୁ ଛାଡ଼ି ଦେବେ । ତୁ ଆଉ କିଛି ଭା'ବେନା, ମୋ ସାଥିରେ ଫୁଲିକୁ ଛାଡ଼େ । ମଠର ଦୁଆର ମୁହଁରେ ।" ସରଳ ଶବର ପଲ୍ଲୀର ବୁଢ଼ୀ ଇଂରେଜୀ ପଢ଼ୁଆ ପୁଅ କଥାରେ ବିଶ୍ୱାସ କରି 'ହଁ' ଭରିଲା ।

ସୌମ୍ୟ ବିଦାୟ ନେଇ ଗଲା ଦିନଠାରୁ ଫୁଲିର ଆଖିରୁ ନିଦ ମଧ୍ୟ ବିଦାୟ ନେଇ ଥାଏ । ସେ ନଖାଇଲେ ମା ବୁଢ଼ୀ ନଖାଇ କାଳେଁ ମରିଯିବ ଏହି ଭୟରେ ଫୁଲିର ମା ପାଖେ ବସି ବେଳେ ବେଳେ କ'ଣ ଦିଟା ପାଟିକୁ ନିଏ । କିନ୍ତୁ ସେ ପେଟକୁ ଯାଏ କି ନାହିଁ ଫୁଲିସ ନିଜେ ଜାଣେନା । ସରଣା ସେଦିନ ପହଞ୍ଚିବା ଦୁଇଘଣ୍ଟା ଆଗରୁ ମନୁଆ ଫୁଲିକୁ ନିଦ ଔଷଧ ଯୋ'ର କରି ଖୁଆଇ ଦେଇ ଯାଇଥାଏ । 'ଗାଢ ନିଦ୍ରାହେଲେ ମନରେ ଶାନ୍ତି ଆସିବ ଏବଂ ଅସ୍ତେ ଅସ୍ତେ ସୌମ୍ୟକୁ ଭୁଲିଯିବ' ଏହିପରି ଭାବି ମନୁଆ ତାକୁ ଔଷଧ ଖଆଇ ଯାଇଥିଲା । ସରଣା ଯେତେବେଳେ ଫୁଲିର୍ ଶେଜ

Digitized by srujanika@gmail.com

ପାଖରେ ଯାଇ ପହଞ୍ଚିଲା, ଫୁଲବୁ ସେତେବେଳକୁ ଗାଢ଼ ନିଦ୍ରାରେ । ମାଙ୍କୁ କହି ଏହି ସୁଯୋଗରେ ସେ ଫୁଲବୁକୁ ଉଠାଇ ନେଇ ମନ୍ଦିରରେ ଶୁଆଇ ଦେଲା । ଲୁହ ପୋଛୁ ପୋଛୁ ବୁଢ଼ୀ ବଡ଼ କରୁଣ ଭାବରେ ମନ୍ଦିର ଭିତରେ ଝିଅକୁ ଚାହିଁଲା । ସରଣୀର ଓଠଧରି କହିଲା—"ବାପରେ ! ସୌମ୍ୟ ଫୁଲବୁକୁ ମୋତେ ଫେରେଇ ଦେବୁ । ନହେଲେ ବଞ୍ଚିବ ନାହିଁ...।" ବୁଢ଼ୀ ଘରକୁ ଯାଇ ଦୁଆର ବନ୍ଦ କଲା । ମନ୍ଦିର ଚାଲିଲା ମହାନଗରୀ ଅଭିମୁଖେ ।

ଫୁଲବୁର ଯେତେବେଳେ ଆଖି ଖୋଲିଲା ସେ ଦେଖିଲା ସେ ଆସି ମହାନଗରୀରେ—ତା ଘର ପରିଚିତ ତା ଭାଇ ବସାରେ । ଭୟରେ ତା ବୁକୁ ଥରିଗଲା । ସେ ଭାବିଲା—"ଆଉ କଣ ମନୁଆ ଛଳନାରେ ତାକୁ ଆଣି ଏଠାରେ ଛାଡ଼ିଦେଇ ଯାଇଛି ? ହୋଇ-ପାରେ । କାଲିଯେ ସେ ମୋତେ ଶୋଇବା ଔଷଧ ଖୁଆଇ ଥିଲା । ମୋତେ ଅଚେତା କରି ଏଠାକୁ ନେଇଆସି ଛାଡ଼ିଦେଇ ଯାଇଛି । ଏତେ ଜଘନ୍ୟ ମନୁଆ...?" ସେ ଆଉ ଭାବି ପାରିଲାନି । ମୁହଁରେ ଲୁଗା ଦେଇ କୋହ ଉଠେଇ କାନ୍ଦିଲା ।

ପରଦା ଆଢ଼ୁଆଳରେ ରହି ପାରୁଲା ଲକ୍ଷ କରୁଥିଲା । ଫୁଲବୁକୁ କାନ୍ଦିବା ଦେଖି ତା ପାଖକୁ ଆସି ଠିଆହେଲା । ଭାଉଜକୁ ଦେଖି ଫୁଲବୁର କୋହ ଅଧିକ ଉଚ୍ଛୁଳି ଉଠିଲା । ପାରୁଲାକୁ କୁଣ୍ଢେଇ ପକାଇ ପିଲାଙ୍କ ପରି କାନ୍ଦି ଉଠିଲା ଏବଂ ପଚାରିଲା—"ମୋତେ ଏଠାକୁ କିଏ ଆଣିଲା ଭାଉଜ ? ମୁଁ କାହାର କି ଅପରାଧ କରିଥିଲି ଯେ ମୋ ଜୀବନଟା ନେଇ ତୁମେ ସବୁ ନିମିତ୍ତ ଖେଳୁଛ ?" ପାରୁଲା ତା ବୁକୁଉପରେ ଫୁଲବୁ ମୁହଁଟି ଚାକି ଧରି ବଡ଼ ଛଳଛଳ କଣ୍ଠରେ କହିଲା—"ଆଉ କାନ୍ଦନା ଭଉଣୀ ।" ପାରୁଲା କିନ୍ତୁ ଆଉ କିଛି କହି ପାରିଲା ନାହିଁ । ଅଶ୍ରୁ ଆବେଗରେ ତା କଣ୍ଠ ରୁଦ୍ଧ ହୋଇ-

Digitized by srujanika@gmail.com

ଗଲା । ଫୁଲରକୁ ବସେଇ ଖଟ ଉପରେ ନିଜେ ବସିଲା । ଶୋକାତୁର ଶିଶୁ ମା କୋଳରେ ପଡ଼ି ରହିଲା ପରି ଫୁଲରୀ ତା ଭଉଜ କୋଳରେ ମୁହଁ ଲୁଚେଇ ପଡ଼ି ରହିଲା । ଆଖିରୁ ଲୁହ ବହି ଚାଲିଥାଏ । କୋହରେ ଦେହ ଥରି ଉଠୁଥାଏ । ଅତି ଆଦର ନଣନ୍ଦର ଏ ଅବସ୍ଥା ଦେଖି ପାରୁଲାର ନାରୀ ଅନ୍ତର କାନ୍ଦି ଉଠିଲା । ନିଜକୁ ସେ ସମ୍ଭାଳି ପାରିଲା ନାହିଁ । ଝିଅର କଷ୍ଟରେ ମା ବୁକୁଫଟେଇ କାନ୍ଦିଲା ପରି ସେ ନଣନ୍ଦର ଏ ଅବସ୍ଥାରେ କାନ୍ଦି ଉଠିଲା ଏବଂ ଫୁଲରୀକୁ ନିଜ ବୁକୁଉପରକୁ ଉଠାଇ ନେଇ ତା ଗାଲରେ ନିଜ ଗାଲଟିକୁ ରଖି ଜଡ଼େଇ ଧରିଲା । ଦୁହିଁଙ୍କର ବ୍ୟଥିତ ଅଶ୍ରୁ ଦୁହିଁଙ୍କୁ ସିକ୍ତ କଲା । ତୁଡ଼େ ଲୁହ ବହିଯିବା ପରେ ପାରୁଲା ଟିକିଏ ଶାନ୍ତ ହେଲା ଏବଂ ନିଜ ପଣତରେ ଫୁଲରୀ ମୁହଁ ପୋଛି ଦେଲା ।

ଦୁହେଁ କିଛି ସମୟ ନୀରବ ରହିବା ପରେ ପାରୁଲା ପଚାରିଲା ସେ ଦେଇଥିବା ଚିଠି ସେମାନେ ପାଇଥିଲେ କି ନାହିଁ । ଫୁଲରୀ ବଡ଼ କରୁଣ କଣ୍ଠରେ ଉତ୍ତର ଦେଲା—"ପାଇଥିଲୁ । କିନ୍ତୁ ଚିଠି ପାଇଲା ବେଳକୁ ପୋଲିସ ଯାଇ ପହଞ୍ଚିଥିଲେ । ପୋଲିସ ନଯାଇ ଥିଲେ ମଧ୍ୟ ସେ ଲୁଚି ନଥାନ୍ତେ ।" ଏ କଥା ଶୁଣି ପାରୁଲା ଦୀର୍ଘଶ୍ୱାସ ଛାଡ଼ିଲା । ଫୁଲରୀ ପଚାରିଲା—"ସତ କହିବ ଭାଉଜ·····"

ଫୁଲରୀ କଣ ପଚାରିବ ପାରୁଲା ବୁଝି ପାରିଲା । ତେଣୁ ଆଉ ତାକୁ କହିବାକୁ ନଦେଇ କହିଲା—"ମିଛ କହି ସତ୍ୟକୁ ଘୋଡ଼ାଇବାର ଆଉ ଉପାୟ ନାହିଁ, ଫୁଲରୀ । ତୁମେ ଅବା ଆଉ କଣ ପଚାରିବ ? ଗୋଟିଏ ପ୍ରଶ୍ନ ଛଡ଼ା ଦ୍ୱିତୀୟ ପ୍ରଶ୍ନ ବର୍ତ୍ତମାନ ତୁମ ମନରେ ଜାଗି ନ ପାରେ । ସେହି ପ୍ରଶ୍ନର ଉତ୍ତର ମୁଁ ଆଗରୁ କହି ରଖୁଛି । ଶୁଣ—କ୍ରୀତଦାସ ଭାଇ ତୁମର ଏ ଜଘନ୍ୟତା ପଛରେ ଅପକର୍ତ୍ତୀର ଲାଞ୍ଛରେ ବନ୍ଧା ହୋଇ ରହିଛନ୍ତି···।" ଏକଥା ଶୁଣିବା ମାତ୍ରେ

Digitized by srujanika@gmail.com

ଫୁଲସ୍ ଚମକି ପଡ଼ିଲା । ମୁହଁରୁ କୌଣସି କଥା ଫୁଟିଲା ନାହିଁ । କଣ କହିବାକୁ ଯାଉଥାଏ ଅଥଚ କହିପାରୁ ନଥାଏ । କେବଳ ନିର୍ବାକ ଭାବରେ ଚାହିଁ ରହିଥାଏ ପାରୁଲା ମୁହଁକୁ । ଫୁଲସର ଏ ଅବସ୍ଥା ବୁଝିପାରି ପାରୁଲା କହିଲା—"ତୁମ ଭାଇ ଆଉ ମଣିଷ ହୋଇ ନାହାନ୍ତି । ପଦ ଆଉ ଅର୍ଥଲାଳସା ତାଙ୍କୁ ଏତେ ମୋହଗ୍ରସ୍ତ କରିଛି ଯେ ମଣିଷର କୋମଳ ପ୍ରକୃତି ଆଡ଼କୁ ଦୃଷ୍ଟି ଦେବାର ଅବସର ତାଙ୍କର ଆଉ ନାହିଁ । ପରୁ ମାଉଁଶ ପଛରେ କୁକୁର ମଧ୍ୟ ଏତେ ଗୋଡ଼େଇବ ନାହିଁ ।" ପାରୁଲା ଏସବୁ କହି ଯାଉଥିଲା ବେଳେ ତା ଭ୍ରୂ କୁଞ୍ଚିତ ହୋଇ ଉଠୁଥିଲା । ଘୃଣାର ବ୍ୟଞ୍ଜନା ଫୁଟି ପଡ଼ୁଥିଲା ତା ଆଖିରୁ ଆଉ ମୁହଁ କଥାରୁ । ଫୁଲସ ଏସବୁ ଦେଖି ଶୁଣି ବିପଦ ଗଣିଲା । ସେ ବୁଝି ପାରିଲା—'ଏଥର ଆଉ ତାର ରକ୍ଷା ନାହିଁ ।' ତେଣୁ ସେ ଭୟୁ ଭୟୁରେ ପାରୁଲାକୁ ପଚାରିଲା—"ତେବେ ଭାଇ କଣ ମୋତେ ନେଇ······।" ପାରୁଲା ଫୁଲସକୁ ଆଉ କହିବାକୁ ନଦେଇ ଘୃଣାରେ ଉତ୍ତର ଦେଲା—"ତୁମକୁ ନେଇ ପଛଦୁଆର ବାଟେ ଅପକାରୀକୁ ସମର୍ପଣ କରିବେ···!!" ଫୁଲସ୍ ପାରୁଲା ଠାରୁଁ ଏକଥା ଶୁଣି ଭୟରେ ଚିତ୍କାର କରି କହିଲା "ଏ କଣ କହୁଛ ଭାଉଜ ?" "ଠିକ୍ କହୁଛି ଫୁଲସ୍ । ମୁଁ ମୁର୍ଖ । ତୁମେ ପାଠ ପଢ଼ିଛ । କିନ୍ତୁ ଏ ଓଡ଼ିଆ ମାଟିର ସଂସ୍କାର ଦୃଗରେ ମୁଁ ମୂର୍ଖ ନୁହେ । ମୋ ମନ ଭିତରେ ସଂସ୍କାର କହୁଛି ଯାହାର ମହତକୁ ଅନ୍ତର ଦେଇ ଉପଲବ୍ଧି କରିବାର ଶିକ୍ଷା ନାହିଁ ତା ପାଖେ ଧର୍ମ ଅଧର୍ମ, ଯଶ ଅପଯଶ ସବୁ ସମାନ । ଏ ଦୁନିଆରେ ଏପରି କିଛି ଅପକର୍ମ ନାହିଁ ଯାହା ସେ ନିଜ ଲାଳସା ମେଣ୍ଟାଇବା ପାଇଁ କରି ନପାରେ···।। ଭୟ କମ୍ପା ଅଶିର ଲୁହ ତୁମକୁ ଏ ବିପଦରୁ ରକ୍ଷା କରିପାରିବ ନାହିଁ ।"

Digitized by srujanika@gmail.com

ଏତକ କହି ତଥାପି ପାରୁଳାଙ୍କୁ ଅନ୍ୟ ଆଡ଼େ ବୁଲାଇ ନେଇ ପାରୁଲା । ଫୁଲରାର ହାତ ଧରି ଟିକିଏ କରାଇ କହିଲା—'ଚାଲ, ତୁମକୁ ଗାଧୋଇ ଖୁଆଇ ପାରିଲେ ପ୍ରାଣରେ ଟିକିଏ ଶାନ୍ତି ପାଇବି ।" ସ୍ନେହମୟୀ ଭାଉଜର ଏକଥା ଶୁଣି ଫୁଲରା କାନ୍ଦି ପକାଇଲା । କହିଲା—"ଆଉ ଖାଇ କେଉଁଥିପାଇଁ ବଞ୍ଚିବି ଭାଉଜ ?" ପାରୁଲା ଟିକିଏ ହସିଦେଇ ଉତ୍ତର ଦେଲା—"ମଣିଷ ଯେଉଁଥି ପାଇଁ ବଞ୍ଚେ । ତୁମେ ପାଠ ପଢ଼ିବା ଝିଅ । ଏତେ ଅଳ୍ପକେ ଭାଙ୍ଗି ପଡ଼ୁଛ । ଶିକାର କରିବାରେ ଏତେ ବଡ଼ ନାମ କରିଥିଲ ଏବେ କଣ ସେଇଟା ଭୁଲି ଗଲଣି ?" ଏଠେଇ ଏକଥା କହିବାର ମାନେ କଣ ଫୁଲରା କିଛି ବୁଝିପାରିଲା ନାହିଁ । କେବଳ ଅବୋଧ ଭାବରେ ପାରୁଲା ମୁହଁକୁ ଚାହିଁ ରହିଲା । ଟିକିଏ ମୁରୁକି ହସଦେଇ ପାରୁଲା କହିଲା — "ବୁଝି ପାରୁନ ? ପାଠ ପଢ଼ିଛତ ? ଭଗବାନଙ୍କ ପାଖକୁ ଖଣ୍ଡେ ଚିଠି ଲେଖି ପଠେଇ ଦିଅ ଯେ ତୁମେ ଯିବା ଆଗରୁ ସେ ତୁମ ପାଇଁ ଯେପରି ନରକ ଦୁଆରେ ଦି ମାଠିଆ ପାଣି, ଖଣ୍ଡେ ସାଢ଼େ ଛଅଣିଆ ଟୁଥିଲ ଆଉ କାରବୋଲିକ୍ ସାବୁନ ମୁଣ୍ଡାଟେ ଥୋଇଥାନ୍ତୁ ? ଯିବା ମାତ୍ରେ ହାତ ଧୋଇ ନେବ......।।"

ଫୁଲରାକୁ ଆଉ କୌଣସି କଥା କହିବାକୁ ଅବସର ନଦେଇ ପାରୁଲା ତାକୁ ଭିତରକୁ ଟାଣି ନେଲା ।

ଏଭିତରେ ଦୁଇ ଚାରିଦିନ ବିତିଯାଇଛି । ବିଭରେ ପ୍ରଥମ ପ୍ରହର । ଖୁସୀ ହୋଇ ସରଣୀ ବାହାରକୁ ଚାଲି ଯାଉଥାଏ । କାରଣ ବଡ଼ଲୋକଙ୍କୁ ବିବାହ କରିବା ବିଷୟରେ ଫୁଲରାକୁ ସେ ବହୁତ ବୁଝାଇଥିଲା ଏବଂ ଫୁଲରା ପାରୁଳାର ଉପଦେଶ ଅନୁସାରେ ସରଣୀର କୌଣସି କଥାରେ ପ୍ରତିବାଦ କରି ନଥିଲା । ସେଥିପାଇଁ ସରଣୀ

Digitized by srujanika@gmail.com

ଧରି ନେଇଥିଲା ଯେ ଫୁଲରୀ ତା ପ୍ରସ୍ତାବରେ ରାଜି ଅଛି । ତେଣୁ ସରଣା ଭାରି ଖୁସି ।

ସରଣା ବାହାର କୁ ଚାଲିଯିବାର କିଛିକ୍ଷଣ ପରେ ଫୁଲରୀ ପାଖେ ଦେଖାଦେଲା ଧନୁଆର ସ୍ତ୍ରୀ ଗାଙ୍ଗୀ । ଫୁଲରୀ ତାକୁ ଦେଖି ଘୃଣାରେ ମୁହଁ ବୁଲେଇ ବସିଲା । କିନ୍ତୁ ଗାଙ୍ଗୀ କାନ୍ଦି କାନ୍ଦି ସବୁ ଘଟଣା କହିଲା । ତାକୁ କିପରି ପଇସା ଲୋଭ ଦେଖାଇଲେ । ସେଥିରେ ସେ ରାଜି ନହେବାରୁ ତା ସ୍ୱାମୀକୁ ମାରିଦେବାର ଭୟ ଦେଖାଇଲେ । ଅପକାର୍ତ୍ତି ସାହେବଙ୍କ ସାଥିରେ ସରଣା ଯାଇ ସେ ସ୍ୱାମୀ ସ୍ତ୍ରୀ ଦୁହିଁଙ୍କୁ ଏଠାକୁ ଧରିଆଣି କିପରି ଭୟ ଏବଂ ଅଭୟ ଦେଖାଇଲେ । ମିଛ ନକହିଲେ କିପରି ଶାସ୍ତି ଦେବେ... ଇତ୍ୟାଦି ସବୁ ଗୋଟି ଗୋଟି କରି କହି ଫୁଲରୀର କରୁଣା ଭିକ୍ଷା କଲା । ଫୁଲରୀର ବଡ଼ ଦୟା ହେଲା ଗାଙ୍ଗୀ ଉପରେ । ସେ ଦେଖିଲା ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ଗାଙ୍ଗୀ ସ୍ତ୍ରୀର କର୍ତ୍ତବ୍ୟ ପାଳନ କରିଛି । ନଚେତ ବର୍ବର ଅତ୍ୟାଚାରୀ ହାତରୁ ଆଉ କୌଣସି ଉପାୟରେ ସେ ତା ସ୍ୱାମୀକୁ ବଞ୍ଚାଇ ପାରିନଥାନ୍ତା ।

କିଛି ସମୟ ପରେ ପାରୁଲା ସେଠାରେ ପହଞ୍ଚି ଫୁଲରୀକୁ କହିଲା—"ବାହାରକୁ କିଛି ସମୟ ପାଇଁ ମୁଁ ଯାଉଛି । ତୁମ ଭାଇ ଏଦି ପରୁଚନ୍ତି କହିଦେବ ପଡ଼ଶା ଘରକୁ ଯାଇଛି ବୋଲି । ବୋଧହୁଏ ମୁଁ ଫେରିବା ଆଗରୁ ସେ ଆସିନଥିବେ ।" ଏତିକି କହି ଗାଙ୍ଗୀକୁ ଧରି ପାରୁଲା ବାହାରି ପଡ଼ିଲା ।

ଅନ୍ଧାରିଆ ଗଳିପଥ ଦେଇ ଚାଲିଥାନ୍ତି ଦୁହେଁ । କୁଆଡ଼େ କିଛି ଟେ ହେଲେ ସଙ୍କେତ ଚତରେ ଏଣେତେଣେ ଚାହୁଁଥାନ୍ତି । ସେମାନେ ଯେତେବେଳେ ଯାଇଁ ମାଜିଷ୍ଟ୍ରେଟ ସାହେବଙ୍କ ବଙ୍ଗଳା ପାଖେ ପହଞ୍ଚିଲେ ସେତେବେଳେ ଯାଇଁ ତାଙ୍କ ଛାତିରେ ଦମ୍ଭ

Digitized by srujanika@gmail.com

ଆସିଲା । ସେତେବେଳକୁ ମାଜିଷ୍ଟ୍ରେଟ ସାହେବ ବାହାର ବାରଣ୍ଡାରେ ବସି ତାଙ୍କ ଟିଅଙ୍କ ସାଥିରେ କଣ କଥାବାର୍ତ୍ତା କରୁଥାନ୍ତି । ଭିତରକୁ ଯିବାପାଇଁ ଜଗୁଆଳୀ ଏ ଦୁହିଁଙ୍କୁ ଛାଡ଼ିଦେଲା ନାହିଁ । କିନ୍ତୁ ମାଜିଷ୍ଟ୍ରେଟ ସାହେବଙ୍କ ଦୃଷ୍ଟି ପଡ଼ିବାରୁ ସେ ଦୁହିଁଙ୍କୁ ଭିତରକୁ ଛାଡ଼ିଦେବାପାଇଁ ଜଗୁଆଳୀକୁ କହିଲେ । ଏ ଦୁହେଁ ଭିତରକୁ ଯାଇ ମାଜିଷ୍ଟ୍ରେଟ ସାହେବଙ୍କୁ ପ୍ରଣାମ କଲେ ଏବଂ ପାରୁଲା ନିବେଦନ କରି କହିଲା—"ଦୟା କରି ଭିତରକୁ ଯାଇ ଦୁଃଖ କାହାଣୀ ଶୁଣିବାକୁ ଟିକିଏ ଅନୁଗ୍ରହ କରନ୍ତୁ ।" ସମସ୍ତେ ଭିତରକୁ ଗଲେ । ପାରୁଲା ନିବେଦନ କରି କହିଲା—"ମୁଁ ମାନ୍ୟବର ବିଚାରପତିଙ୍କ ନ୍ୟାୟ ବିଚାର ଉପରେ କୌଣସି ଆଞ୍ଚ ଆଣି ପାରିବି ବୋଲି ଧୃଷ୍ଟତା ରଖି ଆସିନାହିଁ । ଆସିଛି ବିଚାରପତିଙ୍କ ସୁବିଚାର ପଥରେ କିଛି ଆଲୋକ ପକାଇ ପାରିବି ବୋଲି । ଧୃଷ୍ଟତା ଥିଲେ କ୍ଷମା ଦେବେ ।" ଏଥିକି କହି ସୌମ୍ୟ, ଫୁଲରି, ଧନୁଆ, ଗାଙ୍ଗୀ କଥାସବୁ ଗୋଟି ଗୋଟି କରି କହିଗଲା । ଅପକୀର୍ତ୍ତିର ପ୍ରେମ ନିବେଦନ କରି ଚିଠି ଏବଂ ସରଣୀର ଭୟ ଦେଖାଇ ଦେଇଥିବା ଚିଠି ଦୁଇଟି ସେ ମାଜିଷ୍ଟ୍ରେଟଙ୍କୁ ଦେଖାଇଲା । ଏ ଚିଠି ଦୁଇଟି କାର୍ଯ୍ୟରେ ଲାଗିବ ବୋଲି ଭାବି ତାକୁ ଲୋକ ପଠାଇ ଫୁଲରି ପାଖରୁ ନେଇ ଆସିଥିଲା । ମାଜିଷ୍ଟ୍ରେଟ ସାହେବ ସେ ଚିଠି ଦୁଇଟି ଦେଖି ଏବଂ ପାରୁଲା, ଗାଙ୍ଗୀଠାରୁ ସବୁ ବିଷୟ ଶୁଣି ବଡ଼ ଦୁଃଖିତ ହେଲେ ଏବଂ ପାରୁଲାକୁ କହିଲେ—"ତୁମେ ଯାଅ । ନ୍ୟାୟ କେବେହେଁ ଅନ୍ୟାୟ ପଥରେ ଯିବନାହିଁ । ଦରକାର ହେଲେ ମୁଁ ତୁମଙ୍କୁ ଖବର ଦେବି । ସେହି ଅନୁସାରେ କାମ କରିବ । ଅବଶ୍ୟ ଅଦାଲତରେ ହାଜର ହେବାକୁ ତୁମଙ୍କୁ ପଡ଼ିବ ନାହିଁ ।" ପାରୁଲା ଓ ଗାଙ୍ଗୀ ମାଜିଷ୍ଟ୍ରେଟଙ୍କୁ ପ୍ରଣାମ କରି ଚାଲିଗଲେ ।

Digitized by srujanika@gmail.com

ଦୁଇଦାନ ପରକଥା ।

ମାଜିଷ୍ଟ୍ରେଟ ସାହେବଙ୍କଠାରୁ ଗୋପନରେ ଖବର ପାଇ ଭୟ ଓ ଆନନ୍ଦରେ ପାରୁଲା ଅସ୍ଥିର । ତାକୁ ତା ପ୍ରିୟ ନଣନ୍ଦର ଗୋଡ଼ କଢ଼େଇବାକୁ ହେବ—'ତା ଶେଷ ଅଭିସାର ପଥେ···।' କିଏ ଜାଣେ ସେଠାରେ ତା ପାଇଁ ମୃତ୍ୟୁ ଅପେକ୍ଷା କରିଛି କି ମିଳନ ଅପେକ୍ଷା କରିଛି···।।

ପାରୁଲାଠାରୁ ସମସ୍ତ କଥା ଶୁଣିବାପରେ ମାଜିଷ୍ଟ୍ରେଟସାହେବ ଉଚିତ ମନେ କରିଥିଲେ ନିଜେ ସେ ଷଡ଼ଯନ୍ତ୍ରଟିର ସତ୍ୟାସତ୍ୟ କିଛି ବୁଝିବା ପାଇଁ । ତେଣୁ ସେ ଜେଲ ସୁପେରିଂଟେନ୍‌ଡେଣ୍ଟଙ୍କୁ ଏବଂ ପାରୁଲାକୁ ଖବର ଦେଇ ପଠାଇଲେ । ଏଣେ ମଧ୍ୟ ଦୁଇଟି ସ୍ଥାନର ଅଧସ୍ତନରେ ବାହାରବାର ନିରାପତ୍ତା ଦୃଷ୍ଟିରୁ ପୋଲିସଙ୍କୁ ସତର୍କ ରହିବା ପାଇଁ ପୋଲିସ ଅଧ୍ୟକ୍ଷଙ୍କ ପାଖକୁ ଗୁପ୍ତ ଖବର ପଠାଇଲେ ।

ରାତି ପ୍ରାୟ ବାରଟା । ଫୁଲରାକୁ ନେଇ କାରାଗାର ପଥରେ ପାଦ କାଢ଼ିନେଲା ପାରୁଲା । ଦୁହେଁ ଛଦ୍ମ ବେଶିନୀ ।

ଜେଲ ଫାଟକ ପାଖକୁ ଯାଇ ପହଞ୍ଚି ପାରୁଲା ଦେଖିଲା—ଫାଟକ ପାଖରେ ସାଧାରଣ ପୋଷାକ ପିନ୍ଧି ମାଜିଷ୍ଟ୍ରେଟ ସାହେବଙ୍କ ସହ ଆଉଜଣେ କିଏ ଠିଆ ହୋଇଛନ୍ତି । ମାଜିଷ୍ଟ୍ରେଟ ସାହେବଙ୍କ ଗତି କଥା ମନେ ପଡ଼ିଗଲା ସେ ଭାବିନେଲା ଦ୍ୱିତୀୟ ବ୍ୟକ୍ତି ଜେଲ ସୁପେରିଂଟେନ୍‌ଡେଣ୍ଟ ।

ଫାଟକ ଖୋଲିଗଲା । ଫୁଲରାକୁ ନେଇ ଭିତରେ ପ୍ରବେଶ କଲା ପାରୁଲା । ଫାଟକ ବନ୍ଦ ହୋଇଗଲା ଏବଂ ଫାଟକ ଦୁଆର ମୁହଁ ଆଲୁଅ ଲିଭିଗଲା । ଅନ୍ଧାରେ ଅଦୃଶ୍ୟ ଭାବରେ ଠିଆ ହେଲେ ବରୁଣପତି ଏବଂ ଜେଲ ସୁପେରିଂଟେନ୍‌ଡେଣ୍ଟ

Digitized by srujanika@gmail.com

ପୂର୍ବ ନିର୍ଦ୍ଦେଶ ଅନୁସାରେ ଫୁଲରାକୁ ଠିଆ କରାଇ ଦେଇ ଜଗୁଆଳୀ ସାଥିରେ ପାରୁଳା ଗଲା ସୌମ୍ୟ ପାଖକୁ । ପାରୁଳା ଇଙ୍ଗିତରେ ସୌମ୍ୟ ବାହାରକୁ ଆସି ଶୁଣିଲା—"ଫୁଲରା ତାକୁ ଅପେକ୍ଷା କରୁଛି ।" ସେ ଏ କଥାଟାକୁ ବିଶ୍ୱାସ କରି ନପାରୁଥିଲେ ମଧ୍ୟ ପାରୁଳା କଥାକୁ ଅବିଶ୍ୱାସ କରି ପାରିଲାନି । ମନ୍ତ୍ର ମୁଗ୍ଧ ପରି ପାରୁଳା ପଛେ ପଛେ ଆସିଲା । ପାରୁଳା ବାହାରକୁ ଗଲାଆସିଲା । ଫୁଲରା ସୌମ୍ୟକୁ ଦେଖି ଛଦ୍ମ ବେଶ ଖୋଲିଦେଲା । ସୌମ୍ୟର ପାଦ ଦୁଇଟି ତାକୁ ଟାଣିନେଲା ତା ଅତି ଆଦରଣୀ-ବିଚ୍ଛେଦ କାତର-ଫୁଲରା ପାଖକୁ । ଫୁଲରା ସବୁ ଭୁଲିଯାଇ ତା ପ୍ରିୟ ସୌମ୍ୟ ବୁକୁ ଉପରେ ମୁହଁ ଲୁଚେଇ କାନ୍ଦିଲା । ସୌମ୍ୟ ନିଜର ଉଦ୍‌ଗତ କନ୍ଦନୋଚ୍ଛ୍ୱାସକୁ ଚପିରଖି ଫୁଲରାକୁ ଆଦର କରୁ କରୁ ପଚାରିଲା—"ଏଠାକୁ କିଏ ତୁମକୁ ଆଣିଲା, ଫୁଲରା ?" ଫୁଲରା ସେହିପରି ତା ବୁକୁରେ ମୁହଁଟି ରଖି ଗୋଟିଏ ଶ୍ଲେଟିଆ ଉତ୍ତର ଦେଲା—"ତୁମର ଡାକ ।" ସୌମ୍ୟ ଫୁଲରାର ଅଶ୍ରୁସିକ୍ତ ମୁହଁଟିକୁ ନିଜ ମୁହଁ ପାଖରେ ଟେକିଧରି ପ୍ରାଣଭରି କିଛି ସମୟ ଚାହିଁ ରହିଲା । ତାପରେ ପଚାରିଲା—"ତୁମେ ଏଠାକୁ କାହିଁକି ଆସିଲ ?" ଫୁଲରା ବଡ଼ କରୁଣ ଭାବରେ କହିଲା—"ଆଉ କେଉଁଠି ରହନ୍ତି ? ତୁମେ ବା ମୋ ପାଇଁ ଆଉ କେଉଁଠାରେ ଯାଗା କରିଦେଇ ଆସିଥିଲ ?" "ତୁମ ପାଇଁ ଏ ବୁକୁଛଡ଼ା ଆଉ କୌଣସିଠାରେ ଯାଗା କରି ପାରିନାହିଁ, ଫୁଲରା···।"

"ମୋତେ ଆଉ ଦରକାର ନାହିଁ । ମୁଁ ତୁମର ସେହି ବୁକୁ ଛାୟା ତଳେ ଟିକିଏ ଆଶ୍ରୟ ନେବାକୁ ଆସିଛି···।"

"କିନ୍ତୁ ଏ ମାଟିଖଣ୍ଡିକ ଯେ ଦୁର୍ଭାଗାର ବାସସ୍ଥଳ ।"

Digitized by srujanika@gmail.com

"କେଉଁ ସୌଭାଗ୍ୟ ନେଇ ମୁଁ ବା ବଞ୍ଚିଛି ? ତୁମେ ଯେ ସେ ସୌଭାଗ୍ୟ ଟିକକ କାଢ଼ିନେଇ ଅସିଛ...।"

ଏତକ କହି ଫୁଲର ସୌମ୍ୟ ବୁକୁରେ ମୁହଁ ଲୁଚାଇ ଫେଁ'ରେ କାନ୍ଦିବାକୁ ଲାଗିଲା । ସୌମ୍ୟ ତାକୁ ସାନ୍ତ୍ୱନା ଦେବାପାଇଁ କେତେ ବୁଝାଇଲା । କିନ୍ତୁ ନାରୀର ଅବୋଧମନ ଏ ବାଣୀ ପ୍ରଲେପରେ ସାନ୍ତ୍ୱନା ପାଉଛି କେଉଁଠୁ ? ତେଣୁ ସେ କାନ୍ଦି କାନ୍ଦି କହିଲା— "ଦେଖୁଛ ମରଣ ଛଡ଼ା ମୋର ଆଉ କେଉଁଠି ଆଶ୍ରୟ ନାହିଁ, ସୌମ୍ୟ । ଅଚେତା ଥିବାବେଳେ ମଠର କରି ଅଧ ରାତରେ ଭାଇ ମୋତେ ଏଠାକୁ ଲୁଚାଇ ଆଣିଛନ୍ତି । ହୁଏତ ଆଉ ଦିନେ ଦୁଇଦିନ ପରେ ମୋତେ ସେହି ପାପୀ ହାତରେ ଟେକି ଦେବେ । ତା ପୂର୍ବରୁ ଯଦି ମୋର ମରଣ ହୁଅନ୍ତା...।" ଆଉ କିଛି କହି ପାରିଲା ନାହିଁ କେବଳ କାନ୍ଦିବାକୁ ଲାଗିଲା । ନିଜର ଉଦ୍‌ଗତ ଅଶ୍ରୁକୁ ଦମନ କରି ସୌମ୍ୟ କହିଲା— "ଆଉ କାନ୍ଦନା ଫୁଲରୀ ।" ଫୁଲରୀ କାନ୍ଦି କାନ୍ଦି ଉତ୍ତର ଦେଲା— "କାନ୍ଦି କାନ୍ଦି ମରିବା ପାଇଁ ଯାହାକୁ ଛାଡ଼ିଦେଇ କରିଛ ନକାନ୍ଦିବା ପାଇଁ ତାକୁ ସାନ୍ତ୍ୱନା ଦେଉଛ କିପରି ?"

ଦୁହିଁଙ୍କ ମୁହଁରେ ଆଉ କଥା ଫୁଟିଲା ନାହିଁ । ଫୁଲରୀ ସୌମ୍ୟ ବୁକୁରେ ଶୋକାକ୍ରାନ୍ତ ମୁହଁଟି ରଖି ଅନୁଭବ କରୁଥିଲା ପ୍ରିୟର ଉଷ୍ମ ପରଶ । ଶୁଣୁଥିଲା ବୁକୁର କଂପନ । କିନ୍ତୁ ସୌମ୍ୟ ବୁକୁର ଅଧୀର କଂପନରେ ଫୁଲରୀ ମୁହଁ ଉଠାଇ ଦେଖିଲା—ସୌମ୍ୟ କାନ୍ଦୁଛି । ଆଖି ଦୁଇଟି ବନ୍ଦ । ଘନ ଘନ କଂପୁଛି ଓଠ ଦୁଇଟି । ଫମ୍ପନୀ ପ୍ରିୟ ସୌମ୍ୟର ଏ ଅବସ୍ଥା ତାକୁ ଅଧିକ ଆଘାତ କଲା । ସେ ସୌମ୍ୟର ଆଖି ପୋଛି ଦେଇ ତା ଗାଲ ଦୁଇଟିକୁ ନିଜର କଂପିତ ହାତ ପାପୁଲି ଦୁଇଟିରେ ଧରି କହିଲା—"ତୁମ ପଦତଳେ ଛଡ଼ା ହୋଇ ମରିବା ଅଗରୁ ମୁଁ କଣ ଏଇଥିପାଇଁ ଦେଖିବାକୁ ବଞ୍ଚି ରହିଥିଲି

Digitized by srujanika@gmail.com

ସୌମ୍ୟ ? ମୁଁ ଆଉ କଣ ନେଇ ପରପାରକୁ ଯିବ ?" ସୌମ୍ୟ ନିଜର ସ୍ପନ୍ଦିତ ବୁକୁଉପରେ ଫୁଲରର ମୁହଁଟିକୁ ଜଡ଼େଇଧରି କହିଲା— "ଏକଥା କହନାହିଁ ଫୁଲର୍ । ତୁମକୁ ଛାଡ଼ି ମୁଁ ବଞ୍ଚିପାରିବି ନାହିଁ.............।"

ଅଶ୍ରୁ ନେଇ ଦୁହେଁ ରହିଲେ ନୀରବ । କିଛି ସମୟ ବିତିଯିବା ପରେ ଫୁଲର୍ ପଚାରିଲା—"ତୁମେ କାହିଁକି ବିଚାରପତିଙ୍କ ଆଗରେ ଏ ଷଡ଼ଯନ୍ତ୍ର କଥା କହିଲ ନାହିଁ ?"

"ବିଚାରପତି ମୋତେ ଯାହା ପଚାରିଥିଲେ ମୁଁ ତାର ଉତ୍ତର ଦେଇଛି, ଫୁଲର୍ ।"

"କଣ ପଚାରିଥିଲେ ?"

"ମୁଁ ଦୋଷୀ କି ନିର୍ଦ୍ଦୋଷ । ମୁଁ ଉତ୍ତରଦେଲି ମୁଁ ନିର୍ଦ୍ଦୋଷ ।"

"ଏତିକି କି ଯଥେଷ୍ଟ ଥିଲା ?"

"ମୁଁ ନିର୍ଦ୍ଦୋଷ ବୋଲିତ ପ୍ରମାଣ କରିବାକୁ ଯାଉନଥିଲି । ମୁଁ ଯେ ନିର୍ଦ୍ଦୋଷ ।"

"ତା ସମସ୍ତେ ଜାଣନ୍ତି । କିନ୍ତୁ ବିଚାରପତି ଜାଣିଲେ କିପରି ?"

"ବିଚାର ପତିଙ୍କର ସେହି ଜାଣିବାଟିକରେ ବୈଶିଷ୍ଟ୍ୟ ଥାଏ, ଫୁଲର୍ । ହଂସ ପାଣି ଦେହରୁ ଦୁଧଟିକ ଅଲଗା କରିନେଲାପରି ମିଥ୍ୟା ଭିତରୁ ସତ୍ୟ ଟିକକ ବିଚାରପତି କାଢ଼ିନେଇ ପାରନ୍ତି । ମୋ ଜାତିର ବିଚାର ପତିଙ୍କଠାରେ ସେ ମହିମା ଟିକକ ଅଛିବୋଲି ମୋର ଦୃଢ଼ ବିଶ୍ୱାସ ।"

"କିନ୍ତୁ.........।"

"'କିନ୍ତୁ' କିଛିନାହିଁ, ଫୁଲର୍ । ତୁମକୁ ମୋ ପାଖରୁ ଛଡ଼ାଇ ନେବାପାଇଁ ମୋ ନାଁରେ ଏ ଯେଉଁ ଜଘନ୍ୟ ମିଥ୍ୟା ଅଭିଯୋଗ

Digitized by srujanika@gmail.com

କରାହୋଇଛି ତାର ବିଗ୍ରହଟିର ମୋତେ ଯଦି କାହା ବରଣ କରିବାକୁ ପଡ଼େ ତେବେ ତା କରିବି । କିନ୍ତୁ ଜାତିର ଗଠନ କାର୍ଯ୍ୟ ଯେପରି ବନ୍ଦ ନ ହୁଏ । ମୋ ଲାଗି ସେ କୋଣାର୍କର ମୁକ୍ତିମନ୍ତ୍ର ଯେପରି ଅଟକି ନ ଯାଏ···। ”

"ଧର୍ମପଦ ଅଭାବରେ ବାରଣ ବଢ଼େଇର ପ୍ରାଣ ଯେ ଯିବା ଉପରେ···। ”

"ମୃତ୍ୟୁର ଡାକ ଭେଦକରି ଧର୍ମପଦ ପୁଣି ଦୌଡ଼ି ଆସିବ । ଧର୍ମପଦ ଏବଂ ବାରଣ ବଢ଼େଇ ଏ ମାଟିର ଅମୃତ ସନ୍ତାନ । ଯୁଗେ ଯୁଗେ ସେମାନେ ଅମର । କୌଣସି ଦଳନୀତିର ସ୍ୱାର୍ଥ ଦୃଷ୍ଟିରୁ ତୁମମାନଙ୍କ ଗଠନ କାର୍ଯ୍ୟ ଯଦି ଏହି ବର୍ଗର ଅଭିସନ୍ଧିପ୍ରସୂ ଦଳଙ୍କ ଦ୍ୱାରା ବ୍ୟାହତ ହୁଏ ତେବେ ବୁଝିବାକୁହେବ ସେଇଟା ଜାତିର ଦୁର୍ଭାଗ୍ୟ···।। କିନ୍ତୁ ତୁମମାନଙ୍କ ଅମର କୀର୍ତ୍ତି କେହି ଲିଭାଇ ଦେଇ ପାରିବେ ନାହିଁ । ମାଟିର କୋଣାର୍କ ମାଟିରେ ମିଶିଯାଇ ପାରେ । କିନ୍ତୁ ତା ଭାସ୍କରର ଆତ୍ମସ୍ଫୁର୍ତ୍ତି ଭାସ୍କର୍ଯ୍ୟ ଚିର ଜାଜୁଲ୍ୟ ରହିବ । ସେହି ହେବ—ଆଗତ ଜାତିର ପ୍ରେରଣା ପୀଠ ଏବଂ ତାର ପ୍ରତିଧୂଳିକଣା ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେବ— ଜାତି-ହନ୍ତକ-ଦଳ କୁନୀତିର କୁପରିଣତି···।।”

"କିନ୍ତୁ ମୁଁ ଯେ ସେ ପୂଜ୍ୟ ପୀଠର ସନନ୍ଦରେ ସ୍ୱାକ୍ଷର ଦେଇ ପାରୁନି । ମୋତେ ଛଡ଼ାଇ ନେବାପାଇଁ ସବୁ ଆୟୋଜନ ହୋଇ ଚାଲିଛି । ମୋତେ ଏ ଆତ୍ମହତ୍ୟାରୁ କିଏ ବଞ୍ଚାଇବ, ସୌମ୍ୟ ?”

"ମୁଁ ଆଜି ବଡ଼ ନିଃସହାୟ, ଫୁଲର । କେବଳ ଏତିକି ତୁମ ବନ୍ଦୀ ସୌମ୍ୟଠାରୁ ନେଇ ଯାଇପାର—ତାର ଶୁଭାଶିଷ—ତାର ଶୁଭେଚ୍ଛା···। ”

Digitized by srujanika@gmail.com

ଏତିକି ବେଳେ ଇଙ୍ଗିତ ହେବାରୁ ସୌମ୍ୟକୁ ବନ୍ଦୀଶାଳାକୁ ନିବାପାଇଁ ଜଗୁଆଳୀ କହିଲେ । ସୌମ୍ୟ ଫୁଲରାଙ୍କୁ ବୁକୁ ଉପରୁ ଉଠେଇ ଧରି କହିଲା –"ଯାଅ ଫୁଲରା । ହୁଏତ ଏହି ଆଜି ଆମ ଦେହ ମିଳନର ଶେଷ ପର୍ବ । କିନ୍ତୁ ଆତ୍ମ ମିଳନରୁ ଆମଙ୍କୁ କେହି ଅଲଗା କରି ପାରିବେ ନାହିଁ । ତୁମେ ଦିନେ ଯାହା କହିଥିଲ ମୁଁ ଆଜି ସେହିକଥା ଏଠାରେ କହୁଛି—ତୁମଙ୍କ ପ୍ରତିରକ୍ତ କଣାର କ୍ରନ୍ଦନ ଭିତରେ ମୋତେ ଖୋଜିବାକୁ ଦିଅ···।।"

ଏତିକି କହି ସୌମ୍ୟ କ୍ଷିପ୍ର ଗତିରେ ଭିତରକୁ ଚାଲିଗଲା । କରୁଣ ହୋଇ ତଳେ ପଡ଼ିଗଲା ଫୁଲରା । ପାରୁଲା ଭିତରକୁ ଯାଇ ଉଠାଇ ଧରିଲା ଫୁଲରାକୁ । ତାପରେ ମାଜିଷ୍ଟ୍ରେଟ ସାହେବଙ୍କ ନିର୍ଦ୍ଦେଶ ଅନୁସାରେ ପାରୁଲା ଏବଂ ଫୁଲରାକୁ ତାଙ୍କ ମଠରରେ ବସାଇ ସୋଫାର ଛାଡ଼ିଦେଇ ଆସିଲା ।

ସେହିଦିନ ଶେଷ ରାତିରେ ଖବର ପାଇଛି ଅପକାନ୍ତୀ । କିନ୍ତୁ ସେଥିପ୍ରତି ତାର ଭ୍ରୂକ୍ଷେପ ନ ଥିଲା । ବରଂ ହସିଥିଲା ବିଦ୍ରୂପ କରି ।

ତାଡ଼ିତା-ଭର୍ତ୍ସିତା-ପାରୁଲା ବନ୍ଦିନୀ ଏକ ଅନ୍ଧକାର କୋଠରୀ ଭିତରେ । ନିରାଶ୍ରିତା ଫୁଲରା ଆଖିରେ ଅଶ୍ରୁନେଇ ଅନାହାରେ ସ୍ୱାଗତ କରୁଛି ମରଣକୁ । କିନ୍ତୁ ମରଣ ଆସୁନି ତାଙ୍କୁ ମୁକ୍ତି ଦେବାକୁ । ସେ ଯେପରି ଉପହାସ କରି ରହିଛି ଏ ଗଣିତଙ୍କ ହୁଇଁର ଅପକାନ୍ତୀର ଲାଲ ଚାବୁକକୁ···।।

ଦୁଃସ୍ୱପ୍ନର ମର୍ମାନ୍ତିକ କାଳିମା ନେଇ ସେ ଦିନର ରାତିଟି ଘନେଇ ଆସିଲା ଫୁଲରା ପାଖକୁ । ଶଂଖନାହିଁ, ହୁଳହୁଳି ନାହିଁ, ଶଂଖୁଳା ନାହିଁ, ବନ୍ଧାଣ ନାହିଁ କି ବନ୍ଧାପନା ନାହିଁ । କିଛିନାହିଁ ।

Digitized by srujanika@gmail.com

କିନ୍ତୁ ବଭ୍ରୁଘର କାନେ କାନେ ଶୁଣା ଯାଉଥିଲା—"ଆଜି ମଙ୍ଗଳ, ଆଜି ବଭ୍ରୁ, ଆଜି ବାହାର । ଆଜି ସବୁ...।"

ଆଧୁନିକ ସାଜସଜାଟରେ ଘରଟି ଜୀବନ୍ତ । ତାର ଏକ ସଜ୍ଜିତ ପଲଙ୍କଟରେ ବସିଥାଏ ଫୁଲସ୍ରୀ । ତାକୁ ଘେରି ବସି କେତୋଟି ମହିଳା ଠାହିଠାପୁଲି କରି ତା ଦେହ ସଜେଇ ଚାଲିଥାନ୍ତି । କିନ୍ତୁ ସେଥିପ୍ରତି ଫୁଲସ୍ରୀର ଧ୍ୟାନ ନ ଥାଏ କିମ୍ବା ଧାରଣା ନ ଥାଏ । ସେ ବସିଥାଏ ପାର୍ଥିବ ସ୍ପର୍ଶର ବାହାରେ । ତା ଅନ୍ତର ଭିତରେ ହାହାକାର କରି ବୁଲି ଚାଲିଥାଏ ଏକ ଦୀର୍ଘଶ୍ୱାସ । ତା ମନକୁ ଘୋଡ଼ାଇ ରଖିଥାଏ ଏକ ମହା ଅନ୍ଧକାର ॥

ଅଳଂକାର ପିନ୍ଧାଇ ସାରି, ସୁବେଶ କରି ମହିଳାମାନେ ସେ ଘରୁ ଚାଲିଗଲେ । ଧଳାବତୀ ଲିଭିଯାଇ ତା ଜାଗାରେ ଜଳି ଉଠିଲା ସ୍ନିଗ୍ଧ ଗୁଲ୍ଲାବୀର ଫ୍ଲୋରସେଣ୍ଟ ବତୀ । ସତେ ଯେପରି ଶୁକ୍ଳା ଦଶମୀର ସ୍ନିଗ୍ଧ ଚନ୍ଦ୍ର ଅଧୀର ହୋଇ ଉଠିଥିଲା ଫୁଲସ୍ରୀର ପୁଷ୍ପଶଯ୍ୟାକୁ ଛୁଇଁ ଦେଇ, ତା ମନରେ ବାସରର ପ୍ରଣୟ ଗନ୍ଧ ଲଗାଇ ଦେଇ ଯିବ ବୋଲି...॥

କିନ୍ତୁ......?

ଆସିଲା ସେ ନିଦାରୁଣ ମୁହୂର୍ତ୍ତ । ଫୁଲସ୍ରୀର ଜୀବନଭିତ୍ତି ଚମକାଇ ଦେଇ ଶୁଣାଗଲା ଗାଙ୍ଗୀର ଆର୍ତ୍ତନାଦ—"ଗସ୍ତିବର ଦେବତାକୁ କେହି ବଞ୍ଚାଇ ଦେଲେନାହିଁ।... ଓହୋ । ସୌମ୍ୟ-ବାବୁ । ତୁମେ ଆମକୁ ଛାଡ଼ି କୁଆଡ଼େ ଚାଲିଗଲ...? ମୁକ୍ତିର ଆଦେଶ ଶୁଣିବା ଆଗରୁ ମୁକ୍ତି ନେଇ କୁଆଡ଼େ ଗଲ...।"

"ଗାଙ୍ଗୀ" ବୋଲି ଚିତ୍କାର କରି ବାହାରକୁ ଦୌଡ଼ି ଆସିଲା ଫୁଲସ୍ରୀ । ବାଧା ଦେଲା ସରଣୀ । କିନ୍ତୁ ଠେଲି ଦେଇ ଚାଲିଗଲା

Digitized by srujanika@gmail.com

ଫୁଲବ୍ । ଉଚ୍ଛୁଳା ନଦୀ ସମୁଦ୍ରରେ ମିଶିବା ପାଇଁ ଦୌଡ଼ିଲା ପରି ଫୁଲବ୍ ଦୌଡ଼ିଲା ଜେଲ ଅଡ଼କୁ । କେଶ ବାସ ଅସମ୍ଭାଳ ।

ଫୁଲବ୍ ଜେଲ ଫାଟକ ପାଖରେ ପହଞ୍ଚିଲା ବେଳକୁ ଡାକ୍ତର ବାବୁ ଡେଥ ସାର୍ଟିଫିକେଟ ଦେଇ ଫେରୁଥିଲେ । ଜଗୁଆଳୀ ଫୁଲ-ବକୁ ଭିତରକୁ ଛାଡ଼ିଦେଲେ ନାହିଁ । ନିର୍ମମ ଲୌହ ଦ୍ୱାରକୁ କରା-ଘାତ କରି ସୌମ୍ୟ ଉନ୍ମାଦିନୀ-ଫୁଲବ୍ "ସୌମ୍ୟ, ସୌମ୍ୟ" ବୁକୁ ଫଟେଇ ଡାକିଲା ବେଳକୁ ଭିତରୁ ଶୁଣାଗଲା -"ହରିବୋଲ ।" ଫୁଲବ୍ ପଡ଼ିଗଲା ତଳେ । ଆଉ ସେ ଉଠିଲା ନାହିଁ । ଧରଣୀକୁ ସେହି ତାର ଶେଷ ଚୁମ୍ବନ···।।

ବାସର ଶଯ୍ୟାରେ ନୁହେ । ମରଣ ଶଯ୍ୟାରେ ଶୋଇଲେ ମୃତ ପ୍ରଣୟୀ ଯୁଗଳ—ନିଷ୍ପ୍ରାଣ ମାଟିର କୋଣାର୍କ ।

ଘନେଇ ଆସିଲା ନିର୍ମମ ଅନ୍ଧକାର । ଯେଉଁ ଅନ୍ଧକାର ସମାପ୍ତିର – ଯେଉଁ ଅନ୍ଧକାର ମୃତ୍ୟୁର···।।

Digitized by srujanika@gmail.com